
ସମାରୋହ
ଏପ୍ରିଲ୍ ୨୦୧୬
www.samaroha.in

# KALINGA COMMERCIAL CORPORATION LTD

KCC
KALINGA COMMERCIAL CORPORATION LTD
BHUBANESWAR

## A Leading Turnkey Service Provider for Mining Sector

(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

With Best Complements From



The No.1 Outdoor Media in the State of Odisha

**torrent**
**ADVERTISERS**

R.Shed No.37,Rasulgarh Ind. Estate
Bhubaneswar - 751010, Odisha

Mob - 9437021015
Email - torrentadv1 @gmail.com

Branch Office
Cuttack, Sambalpur, Rourkela, Behrampur, Puri

- Deals In -
Hoarding, Bulletin, Kiosks, Backlit, Mobile Van
Hi-tech Bus Shelters

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 35 Issue - 7**
**April - 2026**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ଉତ୍କଳ ସମ୍ମିଳନୀ ଓ ଓଡ଼ିଶା** ଜୟଶ୍ରୀ ପଟ୍ଟନାୟକ..........୬
**ପଣାସଂକ୍ରାନ୍ତି ଓ ହନୁମାନ ଉପାସନା** ବିଜୟଲକ୍ଷ୍ମୀ ସାହୁ...୮


### କଥା ଓ କାହାଣୀ


**ଅପରିବର୍ତ୍ତନ** ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ.......୧୦
**ମହାରାଣୀ ମନ୍ଦୋଦରୀ** ଋମ୍‌ଝୁମ୍ ନାୟକ.............୧୪
**ଶେଷ ଚିଠି** ଜିତେନ୍ଦ୍ର ପରିଡା..............୧୮
**ଅନାମିକା ଦାସ** ପ୍ର. ଗିରିଜା ଶଙ୍କର ଶର୍ମା......୨୨
**ନଗଡ଼ାର ଲୁହ** ବିନୋଦ.....................୨୪
**ନୀଳନୟନା** କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ...........୨୭
**ଉପହାର** ଲେଖିକା:- ପଦ୍ମିନୀ ସିଂହ
ମୂଳଭାଷା:- ହିନ୍ଦୀ
ଅନୁବାଦ - ସମ୍ବେଦନା ମିଶ୍ର...............୩୦
**ଶେଷ ଇଚ୍ଛା** ବିଷ୍ଣୁ ପ୍ରସାଦ ଦାସ............୩୩
**ଅପହଂଚ** ରୀତାଞ୍ଜଳି ସାହୁ..............୩୬
**ବୁନ୍ଦାଏ ଲୁହ** ମୂଳହିନ୍ଦୀ - ଚଣ୍ଡିଦତ୍ତ ଶୁକ୍ଳ
ନଗେନ୍ଦ୍ର ନାଥ ପଟ୍ଟନାୟକ....୩୮


### କବିତା


**ଭାବରେ ଭାବରେ** ସୌଭାଗ୍ୟବନ୍ତ ମହାରଣା......୪୧
**ବୁଢ଼ା ଶବ୍ଦ** ଡଃ. ଗୋପବନ୍ଧୁ ଦାଶ.........୪୧
**ବିଷଦ ବିଷାଦ** ଡକ୍ଟର ନାରାୟଣ ପଣ୍ଡା........୪୨
**ସ୍ୱପ୍ନଭୁକ୍** ଡ. ବିଦ୍ୟୁତ ପ୍ରଭା ଗନ୍ତାୟତ...୪୨
**ଆକାଶ** କ୍ଷମାନିଧି ଭୋଇ.............୪୨
**ତୁମେ ହିଁ ସଳିତା ଅଳିଭା ଦୀପର** ବିଷ୍ଣୁ ମୋହନ...........୪୩
**ହେ ! ସମୟ** ଡାଃ ମନୋରଞ୍ଜନ ଦାଶ.......୪୪
**ଛେଳି** ମୋହନ କୁମାର ସ୍ୱାଇଁ........୪୪
**ଏଥର ତମେ ଆସ** ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ.....୪୪
**ଆଶାଛନ୍ନ** ଭାନୁମତୀ ସାହୁ..............୪୫
**ଦେବଦୂତ** ରାହାସ କୁମାର ବେହେରା....୪୬
**ଶୀତ ସକାଳ** ଡାକ୍ତର କୃଷ୍ଣ ଚନ୍ଦ୍ର ରଥ........୪୬
**ତୁମ ପାଇଁ କବିତା** ଗୋପାଳ ଚନ୍ଦ୍ର ମିଶ୍ର..........୪୭
**ଶବ୍ଦ ଅସ୍ତ୍ର** ନୃସିଂହ ବେହେରା...........୪୮
**ଅନ୍ଧାରଘେରା ଆଲୁଅ** ପଲ୍ଲବୀ ଦାସ.................୪୮
**ଉତ୍କଳିକା** ଡଃ. ସଞ୍ଜୟ କୁମାର ତ୍ରିପାଠୀ..୪୯

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ୱା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ୱା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ୱଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ୱଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**

**- ଡା. ଅମରେନ୍ଦ୍ରନାଥ ଦାସ**

**- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**

**- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**


**ମାଗୁଛି ମୁଁ ଜୀବନ ଟେ ଆଉ** ସରୋଜକାନ୍ତ ଚୌଧୁରୀ...... ୪୯

**ବତୀଘର** ଶର୍ମିଷ୍ଠା ପାଣିଗ୍ରାହୀ............ ୫୦

**ଭାବାନ୍ତର** ଶିବ ଶଙ୍କର ସାହୁ............ ୫୧

**ପ୍ରତିଶ୍ରୁତି** ସୁଜିତ କୁମାର ମିଶ୍ର.......... ୫୧

**ଗାଁ ଅନୁଭୂତି** ଅମରନାଥ ବାରିକ୍........... ୫୨

**ସମୟକୁ ଅପେକ୍ଷା** ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ.......... ୫୨


## ରମ୍ୟରଚନା


**ସ୍ୱାମୀ ନିର୍ଯ୍ୟାତନା ବିରୋଧୀ ମକଦ୍ଦମା**

ପ୍ରଭାତ କୁମାର ମହାପାତ୍ର..... ୫୩


## ତନ୍ମାତ୍ର


**ଓଡ଼ିଆ ଚଳଚ୍ଚିତ୍ର "ଆପା"**.......................................୫୬


## ଖେଳ ଓ ଖେଳାଳୀ


**ଫୁଟବଲ୍ ମହାକୁମ୍ଭ : ଫିଫା ବିଶ୍ୱକପ୍ ୨୦୨୬**.............୫୭



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**





**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁ୍ୟପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

E-mail: thesamaroha@gmail.com


| | | |
|---|---|---|
| **ସମାରୋହର ଦେୟ** | ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ..............ଟ. ୬୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ | ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

ପ୍ରବନ୍ଧ

# ଉତ୍କଳ ସମ୍ମିଳନୀ ଓ ଓଡ଼ିଶା

**ଜୟଶ୍ରୀ ପଟ୍ଟନାୟକ**

ଓଡ଼ିଶାର ସ୍ୱତନ୍ତ୍ର ଦିବସ ଉତ୍କଳ ଦିବସ ୧୯୩୬ ମସିହା ଏପ୍ରିଲ ଏକ ତାରିଖ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଅଛି। ଏହି ଦିବସଟି ଓଡିଶାବାସୀଙ୍କ ପାଇଁ ଏକ ପବିତ୍ର ଦିନ। ଓଡ଼ିଶାବାସୀଙ୍କୁ ଜାତୀୟତାବାଦ, ଐକ୍ୟ, ସଂହତି ସୂତ୍ରରେ ବାନ୍ଧି ରଖିଥିବାରୁ ଏହାର ଅଖଣ୍ଡତା ଓ ଏକତା ପାଇଁ ସଂକଳ୍ପବଦ୍ଧ ହୋଇ ପ୍ରତ୍ୟେକ ଓଡ଼ିଆ ଖୁବ ଆନନ୍ଦ ଓ ଉଲ୍ଲାସର ସହିତ ଏହି ଦିନଟିକୁ ପାଳନ କରନ୍ତି। ଏହା ଓଡିଆ ଜାତିର ଗର୍ବ ଓ ଗୌରବର ପରିଚୟ ଦିଏ। ଉତ୍କଳ ଥିଲା କଳା, ସଂସ୍କୃତି ଓ ସ୍ଥାପତ୍ୟର ଗନ୍ତାଘର। ଏହାର ଭୌଗଳିକ ପରିସୀମା ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣ ଭାରତର ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଉତ୍କଳର ହିନ୍ଦୁ ନରପତି ମୁକୁନ୍ଦଦେବଙ୍କର ପରାଜୟ ହେଲା ଗୋହିରାଟିକିରି ରଣକ୍ଷେତ୍ରରେ ଫଳରେ ଓଡିଶାର ସ୍ୱାଧୀନତା ରବି ଅସ୍ତମିତ ହୋଇ ପରିଶେଷରେ ୧୮୦୩ ମସିହାରେ ଇଂରେଜମାନଙ୍କ ଦ୍ୱାରା ଶାସିତ ହେଲା। ଓଡିଶାର ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ପରିବେଶ ଶୋଚନୀୟ ହୋଇଯାଇଥିଲା। ଓଡିଶାର ଭୌଗଳିକ ସୀମା ବିଚ୍ଛିନ୍ନତା ସମସ୍ତଙ୍କ ମନରେ ଗଭୀର ରେଖାପାତ କରିଥିଲା। ଏହି ସମୟରେ ଗଞ୍ଜାମ, ଜୟପୁର, ପାରଳାଖେମୁଣ୍ଡି ସମେତ ଦକ୍ଷିଣ ଓଡ଼ିଶାର ବହୁ ଅଞ୍ଚଳ ମାନ୍ଦ୍ରାଜ ପ୍ରଦେଶରେ ରହିଥିଲା ପଶ୍ଚିମରେ ସମ୍ବଲପୁର ସମେତ ଅନ୍ୟାନ୍ୟ ଅଞ୍ଚଳ କେନ୍ଦ୍ରୀୟ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା। ଉତ୍ତରରେ ମେଦିନାପୁର ସମେତ ଓଡ଼ିଶାର କେତେକ ଅଞ୍ଚଳ ବଙ୍ଗପ୍ରଦେଶ ମଧ୍ୟରେ ରହିଥିଲା। ଏହିପରି ଭାବରେ ଓଡ଼ିଶାର ବହୁ ଅଞ୍ଚଳ ଓ ଓଡ଼ିଆ ଭାଷା ଭାଷୀ ଲୋକମାନେ ବିଭିନ୍ନ ପ୍ରଦେଶରେ ବିଚ୍ଛିନ୍ନ ଭାବରେ ରହିଥିଲେ।

ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏକ ଜନଆନ୍ଦୋଳନ ସୃଷ୍ଟି ହୋଇଥିଲା। ୧୯୦୩ ମସିହାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବଳିଷ୍ଠ ନେତୃତ୍ୱରେ ଜନ୍ମ ଲାଭ କରିଥିଲା ଉତ୍କଳ ସମ୍ମିଳନୀ ଯାହାର ମୂଳଲକ୍ଷ୍ୟ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ। ମଧୁସୂଦନଙ୍କ ଆପ୍ରାଣ ଉଦ୍ୟମରେ ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହୋଇ ଓଡ଼ିଶାରେ ମିଶିଲା। ଉତ୍କଳ ସମ୍ମିଳନୀର ସଦସ୍ୟ ମାନେ ଥିଲେ ମଧୁସୂଦନ, କବିବର ରାଧାନାଥ ରାୟ, ପଣ୍ଡିତ ନୀଳକଣ୍ଠ ପ୍ରମୁଖ। ଏହି ସମ୍ମିଳନୀର ପ୍ରଥମ ଅଧିବେଶନ କଟକ ଠାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଢ଼ି ତୋଳିବା ଏହାର ଲକ୍ଷ୍ୟ ଥିଲା। ୧୯୧୭ ରେ ବଡଲାଟ ଚେମ୍ସଫୋର୍ଡ଼ ଓ ମଣ୍ଟେଗୁଙ୍କୁ ଦାବିପତ୍ର ଦିଆଯାଇ ଓଡ଼ିଶା ଭାଷାଭାଷୀ ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ କରିବାର ମୂଳଲକ୍ଷ୍ୟ ଥିଲା। ଏହି ପୃଷ୍ଠଭୂମିରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଢ଼ି ତୋଳିବା ପାଇଁ ଆପ୍ରାଣ ଉଦ୍ୟମ କରି ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ ଗୁଡ଼ିକର ମିଶ୍ରଣ ତଥା ଗଞ୍ଜାମ ଜିଲ୍ଲାକୁ ମାନ୍ଦ୍ରାଜ ପ୍ରଦେଶରୁ ଅଲଗା କରି ଓଡ଼ିଶାରେ ମିଶାଇବା ପାଇଁ ଚେଷ୍ଟା କରିଥିଲେ। ଏଥିପାଇଁ ସେ ପାରଳାଖେମୁଣ୍ଡି ଠାରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ୧୯୧୪

ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏକ ଜନଆନ୍ଦୋଳନ ସୃଷ୍ଟି ହୋଇଥିଲା। ୧୯୦୩ ମସିହାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବଳିଷ୍ଠ ନେତୃତ୍ୱରେ ଜନ୍ମ ଲାଭ କରିଥିଲା ଉତ୍କଳ ସମ୍ମିଳନୀ ଯାହାର ମୂଳଲକ୍ଷ୍ୟ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ। ମଧୁସୂଦନଙ୍କ ଆପ୍ରାଣ ଉଦ୍ୟମରେ ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହୋଇ ଓଡ଼ିଶାରେ ମିଶିଲା। ଉତ୍କଳ ସମ୍ମିଳନୀର ସଦସ୍ୟ ମାନେ ଥିଲେ ମଧୁସୂଦନ, କବିବର ରାଧାନାଥ ରାୟ, ପଣ୍ଡିତ ନୀଳକଣ୍ଠ ପ୍ରମୁଖ।

# ସଂପାଦକୀୟ


ବୋଧହୁଏ ପ୍ରତି ମନୁଷ୍ୟର ଅନ୍ତରରେ କିଛି ତତ୍ତ୍ୱ ଲୁପ୍ତ ଭାବରେ ରହିଛି। ସମୟ ଆସିଲେ ଆଗ୍ନେୟଗିରିରୁ ଉଦ୍‌ଗୀରଣ ହେଲାଭଳି ଚତୁର୍ଦ୍ଦିଗକୁ ବ୍ୟସ୍ତ ବିବ୍ରତ କରି ବିକ୍ଷୁବ୍‌ଧ କରିବାକୁ ଉପାୟ ଚାଲିଆସେ। ଶାନ୍ତି, ଶାନ୍ତି, ଶାନ୍ତି ଖୋଜୁ ଖୋଜୁ ବିପରୀତ ବୋଧକ ଶବ୍ଦ ଅଶାନ୍ତି ବା ଯୁଦ୍ଧ ସାମ୍ନାକୁ ଚାଲିଆସେ। ପୃଥିବୀର କୋଣ ଅନୁକୋଣରୁ ପ୍ରତି ସ୍ଥାନରେ ଏହିପରି କିଛି କିଛି ଘଟଣା ଘଟିବାରେ ଲାଗିଛି। ଯେପରି ସେ ଯୁଗରେ ପବିତ୍ର କୁରୁକ୍ଷେତ୍ରରେ (ଯେଉଁ କ୍ଷେତ୍ରରେ ଯାଗଯଜ୍ଞ ଆଦି ଚାଲିଥିଲା।) ସେଥିରେ ଦୁଇଭାଇଙ୍କର ପିଲାମାନେ କୁରୁ ପାଣ୍ଡବ ହୋଇ ଯୁଦ୍ଧ କରିବାକୁ ବଦ୍ଧ ପରିକର ହୋଇଗଲେ। ସେକଥା ତ କେଉଁ ଯୁଗର କଥା, ବର୍ତ୍ତମାନ ଆମ ସାମ୍ନାକୁ ଆସୁଛି ଯୁଦ୍ଧ। ଏ ପର୍ଯ୍ୟନ୍ତ ଜଣା ପଡୁନଥିଲା କେହି କାହାର ଶତ୍ରୁ ଥିଲେ ବୋଲି। ଆମେରିକାରେ ଟ୍ରମ୍ପ ଶାସନ ଆସିଲା ପରେ ଚର୍ଚ୍ଚା ହୋଇଥିଲା ବାଇୟା ଆସିଲା କ'ଣ ଗୁଡ଼ାଏ ଏପଟ ସେପଟ କରିଦେବ। ଆମର ତ କଥାରେ ଥିଲା "ଝିମିଟି ଖେଳରୁ ମହାଭାରତ ଆରମ୍ଭ"। ସେ ଯୁଗର ଯୁଦ୍ଧ ସମୟରେ କୃତ୍ରିମ ବୁଦ୍ଧିମତ୍ତା ନଥିଲା, ସେଇ ନୂଆ ଶବ୍ଦଟି ଆସିଲା ପରେ ପ୍ରତି ମୁହୂର୍ତ୍ତରେ ପୃଥିବୀ ସାରା ଧ୍ୱସ୍ତ ବିଧ୍ୱସ୍ତ ହୋଇ ଚାଲିଛି। ଶାନ୍ତିର ବାତାବରଣ କେଉଁଠାରେ ଦେଖିବାକୁ ମିଳୁନାହିଁ। ଗତାନୁଗତିକ ଗତିରେ ପୃଥିବୀ ଚାଲି ରହିଛି, ଆମ ଅହଂକାରର ପ୍ରକୋପରେ ସାରା ବିଶ୍ୱ ଦୁଲୁକୁଛି ଆମେ ନିଜେ ଜାଣିପାରୁନୁ। ଭାଇ ଭାଇ ଭିତରେ, ଘର ଘର ଭିତରେ, ସାହି ସାହି ଭିତରେ, ଦେଶ ଦେଶ ଭିତରେ ଶତ୍ରୁତା ବଢ଼ିଚାଲିଛି। ସେଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ବର୍ତ୍ତମାନ ଭସ୍ମାସୁର ପରି ସେ ଆଗେଇ ଆସୁଛି। ତା'କୁ ରୋକିବାକୁ କୌଣସି ରାଜ୍ୟରେ, ଦେଶରେ, ମହାଦେଶରେ କାହାରି ଶକ୍ତି ନାହିଁ। ଆଜିର ପୃଥିବୀକୁ ଦେଖିଲେ ସବୁକିଛି ପରିଷ୍କାର ଦେଖାଯାଉଛି। ସଙ୍କଟ ଦେଇ ଗତି କରୁଛି ତଥାପି ବୁଝିପାରୁନାହିଁ। ନିଜର ପ୍ରାଧାନ୍ୟ ଦେଖାଇବାକୁ ଯାଇ ଇଚ୍ଛା ମାର୍ଗରେ ଗତି କରିଚାଲିଛି। ବୋଧହୁଏ ପୃଥିବୀର ସମସ୍ତ ମନୁଷ୍ୟ ସେହି ରୋଗରେ ଆକ୍ରାନ୍ତ ହୋଇସାରିଛନ୍ତି। ତେଣୁ ଶୁଭ ବୁଦ୍ଧି କାହାରି ହୃଦୟରୁ ନିର୍ଗତ ହୋଇ ପାରୁନାହିଁ। ବହୁ ସଭ୍ୟତା ଯୁଗ ଯୁଗ ଧରି ଆସିଛି ଓ ତାର ଅବକ୍ଷୟ ଘଟିଛି। ପୁଣି ନୂତନ ସଭ୍ୟତା ଆସିଛି ଓ ଆଜି ପର୍ଯ୍ୟନ୍ତ ଚାଲିଛି ଏହି ଧାରା।

ଭାରତ ବର୍ଷ ପରାଧିନତାରେ ଥିଲାବେଳେ କିଛି ଲୋକ ମୁଷ୍ଟି ବଦ୍ଧ ହୋଇ ତାହାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିଲେ। କେତେ ସଫଳ ହୋଇଥିଲେ ଜଣାନାହିଁ। ଆଜି ମଧ୍ୟ ଏତେବର୍ଷର ସ୍ୱାଧୀନତା ସମସ୍ତେ ପାଇସାରିବା ପରେ ନିଜକୁ ସମ୍ପୂର୍ଣ୍ଣ ସ୍ୱାଧୀନ ବୋଲି ଚିନ୍ତା କରିବା ଅସମ୍ଭବ ହୋଇପଡ଼ିଛି। ସେଥିପାଇଁ ଭାଗବତରେ ଅଛି, "ଯୁଗକୁ ଯୁଗ ଏହି ମତେ, ପରମାନନ୍ଦ ଏ ଜଗତେ।" କିଏ ପରମାନନ୍ଦ ହୋଇଛି କିଏ ପରମ ବିଷାଦରେ ବୁଡ଼ି ରହିଛି। ତା ହୋଇନଥିଲେ ଭଗବତ୍ ଗୀତାର ପ୍ରଥମ ଅଧ୍ୟାୟକୁ "ଅର୍ଜ୍ଜୁନ ବିଷାଦ ଯୋଗ" କୁହାଯାଇନଥା'ନ୍ତା। ନିଜକୁ ବୁଝନ୍ତୁ, ନ ବୁଝନ୍ତୁ, ଚିହ୍ନନ୍ତୁ ନ ଚିହ୍ନନ୍ତୁ ଅଖଣ୍ଡ ଆନନ୍ଦ ପ୍ରାପ୍ତହେବା କାହାରି ସୌଭାଗ୍ୟରେ ନାହିଁ। କାରଣ ନିରନ୍ତର ଅସନ୍ତୁଷ୍ଟ ମନ ତା'କୁ ପଥଚ୍ୟୁତ କରିଚାଲିଛି। ଗୋଟି ପୋକର ଖୋଳପା ଛାଡ଼ି ପ୍ରଜାପତି ପରି ଦୁଇ ଡେଣା ମେଲାଇ ଆନନ୍ଦରେ ଉଡ଼ିବା ପରି ତାହାର ଆଉ ଶକ୍ତି ସାମର୍ଥ୍ୟ ନାହିଁ। କାରଣ ଆମେ ନିଜକୁ ନଦେଖି ଅନ୍ୟମାନଙ୍କୁ ଦେଖୁ। ସେ ଦେଖାରେ ବହୁ ପାର୍ଥକ୍ୟ ରହିଥାଏ। ଯେଉଁଥିରେ ବାରମ୍ବାର ବିଶୃଙ୍ଖଳା ଘଟି ଚାଲିଥାଏ। ଆଗ ପଛ ନ ବିଚାରି କରୁଥିବା କର୍ତ୍ତବ୍ୟ କେବଳ ଏକ କାର୍ଯ୍ୟରେ ପରିଣତ ହୁଏ। କର୍ତ୍ତବ୍ୟ ନୁହେଁ, ତେଣୁ ପୃଥିବୀରେ ଯାହା ଘଟିବା କଥା ଘଟି ଚାଲିଛି। କେଉଁଠାରେ ହତ୍ୟା, କେଉଁଠି ଯୁଦ୍ଧ, କେଉଁଠି ଅତଡ଼ା ଖସିବା ଏହିପରି ବିଭିନ୍ନ ପ୍ରକାରର ଦୁର୍ଘଟଣା ଘଟିଚାଲିଛି। ଆମେ ଯଦି ଅନ୍ୟମାନଙ୍କୁ ନିଜର ଭାବି ନିଜର କରିପାରନ୍ତୁ, ବୋଧହୁଏ ଏ ପ୍ରକାରର ଦୁର୍ଘଟଣା ଘଟନ୍ତା ନାହିଁ।

କୁହା ଯାଉଥିଲା ଯୁଗ ପରେ ଯୁଗ ଆସିବ। କଳିଯୁଗ ଯାଇ ସତ୍ୟ ଯୁଗ ଆସିବ। ବର୍ତ୍ତମାନ ଘୋର କଳିରେ ପୃଥିବୀ ଧ୍ୱସ୍ତ ବିଧ୍ୱସ୍ତ ହୋଇଚାଲିଛି। ଯଦି ଆଗକୁ ସତ୍ୟଯୁଗ ଆସିବ ନିଶ୍ଚିତ ପରିବର୍ତ୍ତନ ହେବ ଏତିକି ଆଶା ରଖି ଆଜିର ସମ୍ପାଦକୀୟ ଇତି କରୁଛି।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ



ମସିହାରେ ଆୟୋଜନ କରିଥିଲେ। ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ବିଶ୍ୱନାଥ କର, ଗୋଦାବରୀଶ ମିଶ୍ର, ଶଶିଭୂଷଣ ରଥ ଓ ଜଗବନ୍ଧୁ ସିଂହ ଆଦି ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଯୋଗ ଦେଇଥିଲେ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡିଆ ଭାଷାରେ ପ୍ରକାଶିତ ସମ୍ବାଦପତ୍ର ଓ ପତ୍ରପତ୍ରିକାର ଭୂମିକା ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଭାଷା ଆନ୍ଦୋଳନ ଫଳରେ ପ୍ରାୟ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୋଟିଏ ପ୍ରଦେଶରେ ପରିଣତ ହୋଇଥିଲା। ୧୮୬୬ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ଓଡ଼ିଆ ଇତିହାସକୁ ପ୍ରଭାବିତ କରିଛନ୍ତି ଏହି ପତ୍ରପତ୍ରିକା। ଏହି ସମୟରେ ଉତ୍କଳଦୀପିକା, ସମ୍ବାଦବାହିକା, ଉତ୍କଳ ଦର୍ପଣ, ହିତୈଷିଣୀ, ଉତ୍କଳ ସାହିତ୍ୟ, ମୁକୁର ,ସତ୍ୟବାଦୀ, ପ୍ରଜାତନ୍ତ୍ର ଆହୁରି ଅନେକ ପତ୍ରପତ୍ରିକା ଓଡ଼ିଆ ଭାଷାକୁ ସୁରକ୍ଷା ଦେଇଥିଲା। ୧୯୨୪ ମସିହାରେ ଇଂରେଜ ସରକାର ଫିଲିପ୍ –ଡଫ କମିଟି ଗଞ୍ଜାମ ଜିଲ୍ଲାକୁ ଓଡ଼ିଶାରେ ମିଶାଇବା ପାଇଁ ଚାପର ସାମ୍ନା କରିଥିଲେ। ୧୯୨୭ ମସିହାରେ ପଣ୍ଡିତ ନୀଳକଣ୍ଠ ଦାସ ସେଣ୍ଟ୍ରାଲ କାଉନସିଲରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ସମ୍ବନ୍ଧୀୟ ପ୍ରସ୍ତାବ ଆଗତ କରିଥିଲେ। ୧୯୨୮ ମସିହାରେ ସାଇମନ କମିଶନଙ୍କୁ ଭାରତର ସର୍ବତ୍ର ବାସନ୍ଦ କରିଲାବେଳକୁ ଉତ୍କଳ ସମ୍ମିଳନୀ ତରଫରୁ ମଧୁସୂଦନଙ୍କ ନେତୃତ୍ୱରେ ବିହାର ଓଡ଼ିଶା ରାଜଧାନୀ ପାଟନା ଠାରେ ବିପୁଳ ସମ୍ବର୍ଦ୍ଧନା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବିପତ୍ର ଦିଆଯାଇଥିଲା। ୧୯୩୦ ମସିହାରେ ଆହୂତ ପ୍ରଥମ ଗୋଲଟେବୁଲ ବୈଠକରେ ଯୋଗଦାନ ପାଇଁ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଲଣ୍ଡନ ଯାତ୍ରା କରିଥିଲେ। ସେଠାରେ ସେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଢିବା ପାଇଁ ଯୁକ୍ତି ଉପସ୍ଥାପନ କରିଥିଲେ। ୧୯୩୧ ମସିହାରେ ପୁନର୍ବାର ଗୋଲଟେବୁଲ ବୈଠକରେ ଓଡିଶା ସ୍ୱତନ୍ତ ପ୍ରଦେଶ ଓଡିଆ ମାନଙ୍କର ଜୀବନ ମରଣର ପ୍ରଶ୍ନ ବୋଲି ଦାବୀ କରିଥିଲେ। ୧୯୩୧ ମାସରେ ଗଠିତ ଓ ଡନେଲ ସୀମା ନିର୍ଦ୍ଧାରଣ କମିଟିର ସୁପାରିଶ ଅନୁଯାୟୀ କମିଟି ଘୋଷଣା କଲା ଓଡ଼ିଶା ଡିଭିଜନ କଟକ, ପୁରୀ, ବାଲେଶ୍ୱର ଓ ସମ୍ବଲପୁର ଜିଲ୍ଲା, ଅନୁଗୁଳ, ପଦ୍ମପୁର, ଖଡ଼ିଆଳ, ଗଞ୍ଜାମ ଜିଲ୍ଲାର ମୁଖ୍ୟ ଅଂଶ ଓ ବିଶାଖାପାଟଣା ଏଜେନ୍ସି ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଯିବ। ପାରଳାଖେମୁଣ୍ଡି ଓ ଜୟପୁର ମିଶ୍ରଣ ସମ୍ପର୍କରେ କମିଟି କିଛି ସୂଚନା ଦେଇନଥିବାରୁ ଏହା ଓଡ଼ିଆମାନଙ୍କ ପାଇଁ ନୈରାଶ୍ୟପ୍ରଦ ଥିଲା। ୧୯୩୨ ଲଣ୍ଡନ ଠାରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ ବୈଠକରେ ଜୟପୁର ଓ ପାରଳାଖେମୁଣ୍ଡି ଜମିଦାରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ଅନ୍ତର୍ଭୁକ୍ତ ନ କରିବା ପାଇଁ ଘୋଷଣା କରିଥିଲେ ଫଳରେ ଓଡିଆମାନଙ୍କ ମଧ୍ୟରେ ପ୍ରବଳ ଆଲୋଡନ ସୃଷ୍ଟି ହୋଇଥିଲା ପରିଶେଷରେ ଭାରତର ଭାବୀ ବଡଲାଟ ଲର୍ଡ ଲିନ୍ ଲିଥଗୋଙ୍କ ବ୍ୟକ୍ତିଗତ ସମ୍ପର୍କ ଯୋଗୁ ଜୟପୁର ଓ ପାରଳାଖେମୁଣ୍ଡି ଜମିଦାରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ମିଶିବା ସମ୍ଭବପର ହୋଇଥିଲା। ୧୯୩୫ ମସିହା ଫେବୃଆରୀ ମାସରେ ସେକ୍ରେଟାରୀ ଅଫ ଷ୍ଟେଟସ ବ୍ରିଟିଶ ପାର୍ଲାମେଣ୍ଟରେ ଏକ ବିଲ ଆଗତ କରିଥିଲେ, ଏହା ଅଗଷ୍ଟ ୪ ରେ ଅନୁମୋଦିତ ହେଲା। ୧୯୩୬ ମସିହା ଅପ୍ରେଲ ପହିଲା ଦିନ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ, କୋରାପୁଟ ଆଦି ୬ଟି ଜିଲ୍ଲା ସହ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା। ଅନୁଗୁଳକୁ ଦୁଇ ଭାଗ କରି କଟକ ଓ ଗଞ୍ଜାମ ସହିତ ମିଶାଇ ଦିଆଗଲା । ମଧ୍ୟ ପ୍ରଦେଶରୁ ଖଡ଼ିଆଳ, ପଦ୍ମପୁର, ବିଶାଖାପାଟଣା ରୁ ଜୟପୁର ପଟାଙ୍ଗୀ, ମାନ୍ଦ୍ରାଜରୁ ଘୁମୁସର, ଆସ୍କା ସୋରଡ଼ା, କୋଦଳା ଛତ୍ରପୁର ଆଣି ଓଡ଼ିଶା ସହ ମିଶା ଯାଇଥିଲା । ଏହି ନୂତନ ପ୍ରଦେଶର ଲାଟ ପଦରେ ସାର୍ ଜନ ଅଷ୍ଟିନ ହବାକ୍ ନିଯୁକ୍ତ ହୋଇଥିଲେ।

୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଢ଼ି ତୋଳିବା ପାଇଁ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଯଥେଷ୍ଟ ଥିଲା। ପାରଳା ରାଜାଙ୍କର ଶେଷଯୁଦ୍ଧ ଓଡ଼ିଶାକୁ ଏକ ବିଜୟୀ ରାଜ୍ୟରେ ପରିଣତ କରିଥିଲା ଉତ୍କଳ ଜନନୀ ତାର ହୃତଗୌରବକୁ ଫେରିପାଇଥିଲା। ଏବେବି କିଛି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡିଶା ବାହାରେ ରହିଛି। ତାହାର ପୁନର୍ଗଠନ ହେବା ନିହାତି ଜରୁରୀ। ମହାରାଜା କୃଷ୍ଣଚନ୍ଦ୍ର ଥିଲେ ସ୍ୱତନ୍ତ୍ର ଉତ୍କଳର ପ୍ରଥମ ପ୍ରଧାନମନ୍ତ୍ରୀ। ତାଙ୍କରି ପ୍ରଚେଷ୍ଟାରେ ଅନେକ ଲୋକ ହିତକର କାର୍ଯ୍ୟ ଓଡ଼ିଶାରେ ସମ୍ପାଦିତ ହୋଇଥିଲା। ଗୋଟିଏ ବିଶ୍ୱ ବିଦ୍ୟାଳୟ, ଗୋଟିଏ ମେଡ଼ିକାଲ କଲେଜ ଓ ଗୋଟିଏ ଉଚ୍ଚ ନ୍ୟାୟାଳୟର ପ୍ରତିଷ୍ଠା ପାଇଁ ଉଦ୍ୟମ କରି ସେ ସଫଳ ହୋଇଥିଲେ। ଓଡ଼ିଶାରେ କୃଷି ବିକାଶ ପାଇଁ କଟକର ବିଦ୍ୟାଧରପୁର ଠାରେ ଏକ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ପାରଳାଖେମୁଣ୍ଡିରେ କୃଷିର ଉନ୍ନତି ପାଇଁ କେନାଲ ବ୍ୟବସ୍ଥା କରିଥିଲେ ଓ ସ୍କୁଲ କଲେଜମାନ ଖୋଲିଥିଲେ। ସେ ଆନ୍ଧ୍ରର ନୌପଡ଼ା ଠାରୁ ଗୁଣୁପୁର ପର୍ଯ୍ୟନ୍ତ ରେଳରାସ୍ତା ପକାଇଥିଲେ। ବ୍ରହ୍ମପୁର ମେଡିକାଲ ତାଙ୍କରି ପ୍ରଚେଷ୍ଟାରେ ହୋଇଛି। କୃଷ୍ଣଚନ୍ଦ୍ର ଗଜପତି ଉତ୍କଳ ଗୌରବ ମଧୁସୂଦନଙ୍କ ନିଲାମ ହୋଇ ଯାଇଥିବା ଗୃହ, ଗ୍ରନ୍ଥାଘର, ଉତ୍କଳ ଟ୍ୟାନେରୀର ସମସ୍ତ ଟଙ୍କା ଫେରସ୍ତ କରିଥିଲେ। ଉତ୍କଳ ଓ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ତାଙ୍କୁ ଡକ୍ଟରେଟ୍ ଉପାଧିରେ ଭୂଷିତ କରିଥିଲେ। ବାସ୍ତବିକ ସେ ଥିଲେ ଉତ୍କଳ ମାତାର ଯୋଗ୍ୟତମ ସନ୍ତାନ। ଓଡ଼ିଶାବାସୀଙ୍କ ପାଇଁ ସେ ସଦା ସର୍ବଦା ନମସ୍ୟ ହୋଇ ରହିଥିବେ।

ବନ୍ଦେ ଉତ୍କଳ ଜନନୀ ।

***ଭୁବନେଶ୍ୱର***

***ଦୂରଭାଷ: ୭୯୭୮୧୧୦୪୭୪***

# ପଣାସଂକ୍ରାନ୍ତି ଓ ହନୁମାନ ଉପାସନା

ବିଜୟଲକ୍ଷ୍ମୀ ସାହୁ

ସଂକ୍ରାନ୍ତି ରାଶି ନକ୍ଷତ୍ରକୁ ନେଇ ସଂକ୍ରାନ୍ତି ଗଣନା କରାଯାଏ। କିନ୍ତୁ ମୀନ ସଂକ୍ରାନ୍ତି ପରେ ବସନ୍ତ ଋତୁରେ ପଡ଼େ ତାହାକୁ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ବା ଠେକି ବସା ସଂକ୍ରାନ୍ତି କୁହାଯାଏ। ଏହିଦିନ ଗ୍ରାମରୁ ସହର ବା ମନ୍ଦିର ମାନଙ୍କରେ ଏହି ଉତ୍ସବ ପରି ହନୁମାନ ଜୟନ୍ତୀ ପାଳନ କରାଯାଏ। ସୌର ବର୍ଷର ପ୍ରଥମ ମାସ ଏହି ଠାରୁ ଆରମ୍ଭ ହୋଇଯାଏ। ଧିରେ ଧିରେ ଏହି ଦିନଠାରୁ ସୂର୍ଯ୍ୟଙ୍କର ଉତ୍ତାପ ବଢ଼େ ଜ୍ୟୋତିର୍ବିଦ ବରାହ ମିହିର ସୁକୃତ ବୃହତ୍ ସଂହିତାରେ ଲେଖିଲେ-

"ଜୟତି ଜଗତଃ ପ୍ରସୁତି
ବିଶ୍ୱାତ୍ମୟ ସହଜ ଭୂଷଣଂ ନଭସଃ
ଦ୍ୱଜ କନକ ସଦୃଶ ଦଶଶତ
ମୟୁଖମାଳୀଚିତଃ ସବିତା ॥"

ଜଗତର ଏହି ବିଶ୍ୱର ସୃଷ୍ଟିକର୍ତ୍ତା ଜଗତର ଆତ୍ମା ଆକାଶର ଅଳଙ୍କାର ହେଉଛନ୍ତି ସୂର୍ଯ୍ୟ ଯିଏ ସହସ୍ର କିରଣ ଶୋଭିତ ତଥା ଗଳିତ ସୁବର୍ଣ୍ଣ ତୁଲ୍ୟ। ଏହି ମହାଶକ୍ତିର ଆଧାର ସୂର୍ଯ୍ୟ ଦେବଙ୍କ ଆରାଧନା ବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ଦିନ ହୁଏ। ଏହି ଦିନ ପ୍ରତ୍ୟକ ଘର ବା ମନ୍ଦିରରେ ପୂଜା କରାଯାଏ ଚଉରା ମାନଙ୍କରେ ଠେକିରେ ଜଳରଖି ବା ପଣା ଭରି ଛିଦ୍ର କରି ଚାଞ୍ଚେରା ବନ୍ଧା ଯାଇ ଠେକି ଟଙ୍ଗା ଯାଏ। ସେଥିରେ ଜଳ ବିନ୍ଦୁ ବିନ୍ଦୁ ଝରି ବୃନ୍ଦାବତୀଙ୍କୁ ସ୍ନାନ କରାଯାଏ। ଏହି ବିଷୁବ ସଂକ୍ରାନ୍ତି ଦିନ ଦିବାରାତ୍ର ସମାନ ହୁଏ, ବର୍ଷ ଆରମ୍ଭ ହୁଏ ଏହା ଭାରତୀୟ ଜ୍ୟୋତିର୍ବିଜ୍ଞାନୀ ମାନେ ହିଁ ଆବିଷ୍କାର କରିଥିଲେ। ମେଷ ସଂକ୍ରାନ୍ତି ଦିନ ସୂର୍ଯ୍ୟଦେବ ଉତ୍ତରାୟଣ ହୋଇ ବିଷୁବରେଖାର ଉତ୍ତରରେ ଥିବା ଭାରତ ଆଡ଼କୁ ଗତି କରନ୍ତି। ଫଳରେ ଧିରେ ଧିରେ ଉତ୍ତାପ ବଢ଼େ ବା ଭାରତରେ ଅଧିକ ଗରମ ଅନୁଭୂତ ହୁଏ। ଏହି ବିଷୁବ ସଂକ୍ରାନ୍ତି ଦିନ ମନ୍ଦିରରେ ପଣା ପ୍ରସ୍ତୁତ କରାଯାଇ ବଣ୍ଟାଯାଏ। ଏହି ପଣାରେ କ୍ଷୀର, ଛେନା ବିଭିନ୍ନ ପ୍ରକାର ଫଳ, ପାଚିଲା ଆମ୍ବ, ଛତୁଆ ଭୋଗ କରାଯାଏ ଏବଂ ହନୁମାନଙ୍କୁ ନୂଆ ବସ୍ତ୍ର ଲାଗି କରାଯାଏ ବା ପିନ୍ଧିଯାଏ। ଏହି ସଂକ୍ରାନ୍ତି ଦିନ ପଣା କରାଯାଇ ପ୍ରତ୍ୟେକ ତୃଷାର୍ତ୍ତଙ୍କୁ ଓ ବ୍ରାହ୍ମଣମାନଙ୍କୁ ଦିଆଯାଏ ତା'ଛଡ଼ା ଛତା, ଲୁଗା, ବିଞ୍ଚଣା ଆଦି ଦାନ କରାଯାଏ। ବୃକ୍ଷକୁ ଜଳ ଦାନ କରି ମନୁଷ୍ୟମାନେ ଧର୍ମ ଅର୍ଜନ କରନ୍ତି।

ଜଗତର ଏହି ବିଶ୍ୱର ସୃଷ୍ଟିକର୍ତ୍ତା ଜଗତର ଆତ୍ମା ଆକାଶର ଅଳଙ୍କାର ହେଉଛନ୍ତି ସୂର୍ଯ୍ୟ ଯିଏ ସହସ୍ର କିରଣ ଶୋଭିତ ତଥା ଗଳିତ ସୁବର୍ଣ୍ଣ ତୁଲ୍ୟ। ଏହି ମହାଶକ୍ତିର ଆଧାର ସୂର୍ଯ୍ୟ ଦେବଙ୍କ ଆରାଧନା ବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ଦିନ ହୁଏ। ଏହି ଦିନ ପ୍ରତ୍ୟକ ଘର ବା ମନ୍ଦିରରେ ପୂଜା କରାଯାଏ।

ଶ୍ରୀକ୍ଷେତ୍ରରେ ହନୁମାନ ଉପାସନା ନିଆରା ଯାହା ବହୁ ଆଡ଼ମ୍ବର ସହକରେ ପାଳନ କରାଯାଏ। କହିବାକୁ ଗଲେ ହନୁମାନ ହେଉଛନ୍ତି ମହାବୀର, ମହାଜ୍ଞାନୀ ବ୍ରହ୍ମଚାରୀ ଭକ୍ତ ଶ୍ରେଷ୍ଠ ସେ ଶ୍ରୀରାମ ସେବକ ଓ ଶ୍ରୀରାମଙ୍କ ଅନୁଗାମୀ। ଶ୍ରୀ ଜଗନ୍ନାଥଙ୍କ ରଥକୁ ନନ୍ଦିଘୋଷ ଗରୁଡ଼ଧ୍ୱଜ ଓ କପିଧ୍ୱଜ କୁହାଯାଏ। ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀମନ୍ଦିର ଚୂଡ଼ା ଦେଶ ସମେତ ବାଇଶି ଗୋଟି ସ୍ଥାନରେ ହନୁମାନଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ଯେଉଁଠାରେ ରାମ ସେହିଠାରେ ହନୁମାନ ଶୋଭା ପାଆନ୍ତି। ଶ୍ରୀକ୍ଷେତ୍ରରେ ଓ ଶ୍ରୀମନ୍ଦିରରେ ରକ୍ଷକ ରୂପେ ହନୁମାନଙ୍କର ଅନେକ ମୂର୍ତ୍ତି ରହିଅଛି। ଆଉ ଗୋଟିଏ ବିଶେଷତ୍ୱ- ଶ୍ରୀକ୍ଷେତ୍ରରେ ଜାଗାଘର ମଠମାନଙ୍କରେ ହନୁମାନଙ୍କ ବିଗ୍ରହ ପୂଜା ପାଇଥାଏ। ଶ୍ରୀମନ୍ଦିରର ଚାରି ପାଖରେ ଚାରି ଗୋଟି ଶିବିର ବା ମଠ ଯାନିଯାତ୍ରାରେ ମନ୍ଦିରକୁ ସହାୟତା କରିବାକୁ ରହିଅଛି। ଗଜପତି ପ୍ରତାପରୁଦ୍ର ଦେବ ଶ୍ରୀମନ୍ଦିରର ମେଘନାଦ ପାଚେରୀ ଚାରି କୋଣରେ ଚାରିଗୋଟି ଶିବିର ନିର୍ମାଣ କରିଥିଲେ ସେଥି ମଧ୍ୟରୁ ମରିଚିକୋଟ, ବଳରାମ କୋଟ, ନରସିଂହ କୋଟ, ଭଗବତୀ କୋଟ, ନାଗା କୋଟ, ଇନ୍ଦ୍ରଦ୍ୟୁମ୍ନ କୋଟ ଗୁଡ଼ିକ ଶ୍ରୀକ୍ଷେତ୍ର ରକ୍ଷା ପାଇଁ ସ୍ଥାପନ କରାଯାଇଥିଲା। ଅନେକ ଆଖେଡ଼ା ଯଥା ବାଘ ଆଖେଡ଼ା, ପଥର ଆଖେଡ଼ା, ବଡ଼ ଆଖେଡ଼ା ଏବଂ ସାତ ସାହିରେ ଜାଗା ମଧ୍ୟ ପ୍ରତିଷ୍ଠା କରାଯାଇଥିଲା। ସେହି ଜାଗାଘର ମଧ୍ୟରୁ ଲୁହା ଗଡ଼ ଜାଗା, କଦମ୍ବ ଗଡ଼ ଜାଗା ଆହୁରି ଅନେକ ଜାଗାରେ

ସୈନ୍ୟ, ସାମନ୍ତ ଛାଉଣୀର ପୀଠ ଥିଲା। ଏହି ଜାଗା ମାନଙ୍କରେ ପ୍ରସିଦ୍ଧ ଠାକୁର ହନୁମାନ ଅଟନ୍ତି। ଏହି ହନୁମାନଙ୍କ ନାମନେଇ ରଣକୌଶଳ ଶିକ୍ଷା କରନ୍ତି। ଶ୍ରୀକ୍ଷେତ୍ରର ଅନ୍ୟ ଏକ ସଂସ୍କୃତି ସାହି ଯାତରେ ଗୋଟିଏ ସାହି ଜାଗା ସହିତ ଅନ୍ୟ ଏକ ସାହିର ଜାଗା ଘରର ପ୍ରତିଯୋଗିତା ହୁଏ। ଏହି ଯାତ ରାମ ନବମୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ପରଦିନ ଯାଏ ଚାଲେ। ହନୁମାନଙ୍କୁ ଏହି ଦିନ ପୂଜା ଅର୍ଚ୍ଚନା କରି ଯାତ ବାହାର କରନ୍ତି। ପଣା ସଂକ୍ରାନ୍ତି ଦିନ ହନୁମାନ ଜୟନ୍ତୀ ପାଳନ କରାଯାଏ। ହନୁମାନ ଠାକୁରଙ୍କୁ ନାଗା ବେଶ କରାଯାଏ। ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଥିବା ମହାବୀରଙ୍କୁ ଜଗନ୍ନାଥ ବଲ୍ଲଭ ମଠକୁ ଅଣାଯାଇ ପଣାଭୋଗ ପରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଏ। ଶ୍ରୀହନୁମାନ ସବୁ ଯୁଗରେ ଭକ୍ତର ମାନ ରକ୍ଷା କରିଥାନ୍ତି। ଭକ୍ତ ଓ ଭଗବାନଙ୍କର ଲୀଳା ନିବିଡ଼। ଭଗବାନ ଯେଉଁଠି ଥିଲେ ବି ଭକ୍ତର ଆକୁଳ ନିବେଦନକୁ କର୍ଣ୍ଣଡେରିଥାନ୍ତି। ଯୁଗେ ଯୁଗେ ପ୍ରଭୁ ନିଜର ଅବତାରୀ ଲୀଳା ମାଧ୍ୟମରେ ତାହା ପ୍ରକାଶ କରିଥାନ୍ତି। ଭଗବାନ ଅବତାରୀ ଗୋଟିଏ ଯୁଗର କିନ୍ତୁ ଭକ୍ତଟି ଭଗବାନଙ୍କ ପାଇଁ ଯୁଗ ଯୁଗର ଓ ସବୁ ଯୁଗର। ଏହାର ଦୃଷ୍ଟାନ୍ତ କେବଳ ପୁରାଣ ଓ କିମ୍ବଦନ୍ତୀରେ ଲିପିବଦ୍ଧ ହୋଇ ରହିନାହିଁ ଏହାର ପ୍ରମାଣ ସବୁ ଯୁଗରେ ରହିଅଛି। ପ୍ରଭୁ ଶ୍ରୀରାମଙ୍କ ତ୍ରେତୟା ଯୁଗରେ ହନୁମାନ ଏକନିଷ୍ଠ ଭକ୍ତ ଥିଲେ। ସନ୍ଥ ତୁଳସୀ ଦାସ ଲେଖିଛନ୍ତି ଶ୍ରୀ ହନୁମାନ ଚାଳିଶାରେ-

"ଚରୋଁ ଯୁଗ ପରତା ତୁମହାରା
ହେ ପରସିଦ୍ଧ ଜଗତ ଉଜିୟାରା"

ହେ ଭକ୍ତ ହନୁମାନ ମୁଁ ଏହି ଯୁଗର ଅବତାରୀ ଅଂଶ ମାତ୍ର ତୁମେ ଚିରଞ୍ଜୀବୀ ଆଉ ସବୁ ଯୁଗରେ ତୁମେ ରହିବ। ହନୁମାନ ଏପରି ଠାକୁର ଯେ ତ୍ରେତୟା, ସତ୍ୟ, ଦ୍ୱାପର, କଳି ଯୁଗରେ ନିଜର ସ୍ଥିତିକୁ ପ୍ରକାଶ କରିଛନ୍ତି। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କୁ ପଡ଼ିଥିବା ଘୋର ବିପଦ ସମୟରେ ସହସ୍ର ଯୋଜନ ସମୁଦ୍ରକୁ ଲଙ୍ଘନ କରି ମା ସୀତାଙ୍କୁ ପ୍ରଭୁ ରାମଙ୍କ ସନ୍ଦେଶ ଦେବା ସହ ରାବଣକୁ ଚେତାବନୀ ଦେଇ ଲଙ୍କାକୁ ଛାରଖାର କରିଥିଲେ। ନିଜର ବୁଦ୍ଧି ବଳରେ ଲକ୍ଷ୍ମଣଙ୍କର ଜୀବନ ରକ୍ଷା କରିଥିଲେ। ସେହିପରି ଦ୍ୱାପର ଯୁଗରେ ଭଗବାନଙ୍କ କୃଷ୍ଣଙ୍କ ଅବତାରରେ ଲୀଳା ସମୟରେ ପରମ ପୁରୁଷ କୃଷ୍ଣ ସତ୍ୟ ଧର୍ମ ନ୍ୟାୟ ପକ୍ଷ ଦେଇ ପାଣ୍ଡବଙ୍କ ସପକ୍ଷରେ ଲଢ଼ିଲା ବେଳେ ହନୁମାନଙ୍କ ଆଶିଷରୁ ପାଣ୍ଡବମାନେ ସତ୍ୟ ଧର୍ମ ପଥରେ ଯାଇ ବିଜୟ ଲାଭ କରିଥିଲେ। ଯେତେବେଳେ କର୍ଣ୍ଣ ଅର୍ଜୁନଙ୍କ ଯୁଦ୍ଧ ହୋଇଥିଲା କର୍ଣ୍ଣଙ୍କ ତୀରରେ ଅର୍ଜୁନଙ୍କ ରଥ ଘୁଞ୍ଚି ଯାଉଥିଲା। କିନ୍ତୁ ଅର୍ଜୁନଙ୍କ ତୀର ନିକ୍ଷେପକରେ କର୍ଣ୍ଣଙ୍କ ରଥ ଅଧିକ ଦୂର ଘୁଞ୍ଚିଯାଉଥିଲା। ଅର୍ଜୁନ କୃଷ୍ଣଙ୍କୁ ପ୍ରଶ୍ନ ପଚାରିଥିଲେ କର୍ଣ୍ଣଙ୍କ ରଥ ଅନେକ ଗଜ ଦୂରକୁ ଯାଉଛି ତାଙ୍କର ତୀର ନିକ୍ଷେପରେ କିନ୍ତୁ କର୍ଣ୍ଣଙ୍କ ତୀର ନିକ୍ଷେପରେ ମୋ ରଥ କିଛି ମାତ୍ର ଗଜ ଘୁଞ୍ଚିଯାଉଛି। ଆପଣ କପଟୀ ମୋତେ ପ୍ରଶଂସା ନକରି କର୍ଣ୍ଣଙ୍କୁ ପ୍ରଶଂସା କରୁଛନ୍ତି। ଏହା ଶୁଣି ବାସୁଦେବ ହସି ହସି କହିଲେ ହେ ପଣ୍ଡୁପୁତ୍ର ଅର୍ଜୁନ ତୁମ୍ଭେ ବୁଝିପାରୁନ ତୁମ୍ଭ ରଥ ଉପରେ ପ୍ରବଳ ପ୍ରତାପୀ ମହା ଶକ୍ତିଶାଳୀ ମହାବୀର ହନୁମାନ ବିରାଜମାନ। ଏହି କଥା ଶୁଣି ଅର୍ଜୁନଙ୍କ ପ୍ରଜ୍ଞା ନେତ୍ର ଖୋଲିଗଲା। ଯୁଦ୍ଧକ୍ଷେତ୍ରରେ ଶ୍ରୀକୃଷ୍ଣଙ୍କ ଚରଣରେ ସମର୍ପିତ ହୋଇ ସେ ଭକ୍ତରାଜ ହନୁମାନଙ୍କୁ ସ୍ତୁତି କଲେ ଏବଂ ଯୁଦ୍ଧରେ ଜୟଲାଭ କରିଥିଲେ। ସତ୍ୟ ଯୁଗରେ ମଧ୍ୟ ଭଗବାନ ନରସିଂ ରୂପେ ଅବତୀର୍ଣ୍ଣ ହୋଇ ଭକ୍ତ ପ୍ରହଲାଦକୁ ରକ୍ଷା କରି ଦୁଷ୍ଟଶକ୍ତି ହିରଣ୍ୟକସ୍ୟପୁକୁ ସଂହାର କରିଥିଲେ। ସେହିପରି କଳି ଯୁଗରେ ଜୀବନ୍ତ ଭଗବାନ ହେଉଛନ୍ତି ଶ୍ରୀ ହନୁମାନ। କଳିଯୁଗରେ ସମସ୍ତ ପ୍ରତିକୂଳ ପରିସ୍ଥିତି ବାଧକ, ବିପତ୍ତି ବିଘ୍ନନାଶନ କରିବା ପାଇଁ ହନୁମାନଙ୍କୁ ପୂଜାକଲେ ସୁଫଳ ମିଳେ। କଳିଯୁଗରେ ପ୍ରାକୃତିକ ଦୁର୍ଘଟଣା ମନୁଷ୍ୟ ଏଡ଼େଇ ଯାଏ କେବଳ ହନୁମାନଙ୍କ କୃପାରୁ। ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ହନୁମାନଙ୍କୁ ସୁମରଣା କରି ଶ୍ରୀମନ୍ଦିର ଭିତରକୁ ଭକ୍ତ ପ୍ରବେଶ କରେ। ଶ୍ରୀମନ୍ଦିରର ଚାରିପଟେ ହନୁମାନ ପୂଜିତ ହେଉଛନ୍ତି। ପୂର୍ବଦ୍ୱାର ସିଂହଦ୍ୱାର ନିକଟରେ ଗଂଜେ ହନୁମାନ, ପଶ୍ଚିମ ଦ୍ୱାରରେ ବୀର ହନୁମାନ, ଉତ୍ତର ଦ୍ୱାରରେ ପେସୀ ହନୁମାନ ଓ ଦକ୍ଷିଣ ଦ୍ୱାରରେ ବୀରଭାୟା ହନୁମାନ ବିରାଜିତ। ପ୍ରଭୁ ହନୁମାନ ମୂର୍ତ୍ତି ଦଣ୍ଡାୟମାନ ହୋଇ ଦକ୍ଷିଣ ଦିଗକୁ ମୁହଁ କରି କାନ ପାତି ଥିବାରୁ ତାଙ୍କୁ କାନପତା ହନୁମାନ କହନ୍ତି। ପ୍ରଭୁ ଭଗବାନ ଜଗନ୍ନାଥଙ୍କ ନିଦ୍ରା ଯେପରି ସମୁଦ୍ର ଗର୍ଜନ ଶବ୍ଦରେ ଭାଙ୍ଗିବ ନାହିଁ, ହନୁମାନ ସେହିଦିନଠାରୁ କାନପାତି ଦକ୍ଷିଣ ଦ୍ୱାରରେ ରହିଛନ୍ତି। ସେହିଦିନଠାରୁ ସମୁଦ୍ର ଗର୍ଜନ ଶ୍ରୀକ୍ଷେତ୍ରର ଚାରିଆଡ଼କୁ ଶୁଭିଲେ ମଧ୍ୟ ଶ୍ରୀମନ୍ଦିର ଭିତରକୁ ଶୁଭେ ନାହିଁ। ଶ୍ରୀଲୋକନାଥ ମନ୍ଦିର ରାସ୍ତାରେ ଏହି ମନ୍ଦିର ଅବସ୍ଥିତ। ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ହନୁମାନ ପୀଠ ବର୍ଗୀ ହନୁମାନଙ୍କ ନାମରେ ନାମିତ। ଜନଶ୍ରୁତି ଅନୁସାରେ ମରହଟ୍ଟା ରାଜତ୍ୱ ସମୟରେ ମହାରାଷ୍ଟ୍ରରୁ ମରହଟ୍ଟାମାନେ ବା ବର୍ଗୀମାନେ ଅଶ୍ୱପୃଷ୍ଠରେ ଆସି ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଓ ଜନସାଧାରଣମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଥିଲେ। ମରହଟ୍ଟାମାନେ ମାନଙ୍କ ଭକ୍ତ ହୋଇଥିବାରୁ ସେମାନଙ୍କ ମନରେ ଭକ୍ତି ଭାବ ଜାଗ୍ରତ କରାଇବା ପାଇଁ ସେମାନଙ୍କ ଆସିବା ପଥରେ ହନୁମାନ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ଫଳରେ ଶ୍ରୀକ୍ଷେତ୍ର ବର୍ଗୀମାନଙ୍କ ଆକ୍ରମଣରୁ ରକ୍ଷା ପାଇଥିଲା।

ଶ୍ରୀକ୍ଷେତ୍ରର ଚକ୍ର ନିକଟରେ ବେଢ଼ି ହନୁମାନ ଅବସ୍ଥିତ ଅଛନ୍ତି। ପୂର୍ବରେ ଶ୍ରୀକ୍ଷେତ୍ରକୁ ସମୁଦ୍ର ମାଡ଼ି ଆସିବାରୁ ଭକ୍ତମାନେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରି ପ୍ରତିକାର ଭିକ୍ଷାକଲେ। ମହାପ୍ରଭୁ ଜଗନ୍ନାଥ ହନୁମାନଙ୍କୁ ଡକାଇ ସମୁଦ୍ର କିପରି ଶ୍ରୀକ୍ଷେତ୍ର ମଧ୍ୟକୁ ନପଶିବ ତାହା ଜଗିବାକୁ ନିର୍ଦ୍ଦେଶ ଦେଇଥିଲେ।

ଗୁଣ୍ଡିଚା ମନ୍ଦିର ପଛ ପାର୍ଶ୍ୱରେ ତାଳ ବଗିଚା ନିକଟରେ ସିଦ୍ଧ ମହାବୀର ମନ୍ଦିର ରହିଅଛି। ଏଠାରେ ହନୁମାନ ସିଦ୍ଧ ମହାବୀର ରୂପେ ପୂଜା ପାଆନ୍ତି। ସେହିପରି ଜଗନ୍ନାଥ ବଲ୍ଲଭ ମଠ ଭିତରେ ସୁଡ଼ଙ୍ଗ ହନୁମାନ ପୂଜା ପାଉଛନ୍ତି। ଆଉ ମଧ୍ୟ ଅଠରନଳା ନିକଟରେ ମକରଧ୍ୱଜ ହନୁମାନ ପୂଜା ପାଉଛନ୍ତି। ଶ୍ରୀକ୍ଷେତ୍ରର ମଙ୍ଗଳା ଘାଟରେ ଉଡ଼ନ୍ତା ହନୁମାନ ପୂଜିତ ଅଛନ୍ତି। ସତ୍ୟ ହନୁମାନ, ଦିଶ ହନୁମାନ ସଙ୍କଟ ମୋଚନ ହନୁମାନ ଶ୍ରୀକ୍ଷେତ୍ରର ଚାରିପଟେ ରହି ପୂଜା ପାଉଛନ୍ତି। ଆହୁରି ମଧ୍ୟ ଶ୍ରୀକ୍ଷେତ୍ରର ବିଭିନ୍ନ ଜିଲ୍ଲାରେ ଚନ୍ଦନପୁର, ପିପିଲି, ବାଲିଅନ୍ତା ପ୍ରଭୃତି ଗ୍ରାମ ମାନଙ୍କରେ ପୂଜିତ ଅଛନ୍ତି। କ୍ଷେତ୍ରରାଜ ପୁରୁଷୋତ୍ତମ କ୍ଷେତ୍ର ସଂଲଗ୍ନ ଯେତେ ସଂଖ୍ୟକ ହନୁମାନ ମୂର୍ତ୍ତି ପୂଜା ହୁଅନ୍ତି ତାହା ଭାରତର ଅନ୍ୟ କୌଣସି କ୍ଷେତ୍ରରେ ପ୍ରାୟତଃ ଦେଖାଯାଏ ନାହିଁ। ହନୁମାନଙ୍କ ଉପାସନା ଶ୍ରୀକ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଅଛି ଏବଂ ହନୁମାନଙ୍କ ପୂଜା ବିଶେଷତଃ ପଣାସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତିରେ ମହାଆଡ଼ମ୍ବର ସହକାରେ କରାଯାଏ।

*ଷ୍ଟେଟ୍‌ବ୍ୟାଙ୍କ କଲୋନୀ, କେଶୁରା, ଭୁବନେଶ୍ୱର-୨*
*ଦୂରଭାଷ: ୭୯୭୮୩୭୪୨୦୫*

କଥା ଓ କାହାଣୀ

# ଅପରିବର୍ତ୍ତନ

**ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ**

ପବିତ୍ର ବାବୁଙ୍କ ବୟସ ଷାଠିଏରୁ ଊର୍ଦ୍ଧ୍ୱ ହେବ। ସରକାରୀ ଚାକିରିରୁ କିଛି ଦିନ ପୂର୍ବରୁ ଅବସର ନେଇ ସାରିଲେଣି। କିନ୍ତୁ ସେ ଆଦୌ ବୟସ୍କ ଦିଶନ୍ତି ନାହିଁ। ତାଙ୍କ ସାଙ୍ଗମାନେ ତାଙ୍କୁ ଚିର ସବୁଜ ଦେବାନନ୍ଦ ବୋଲି ଉପହାସ କରନ୍ତି।

ପବିତ୍ର ବାବୁ ଚାକିରିରେ ଥିବାବେଳୁ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଘରଟିଏ ତୋଳାଇ ସାରିଥିଲେ। ଖୁବ୍ ବେଶି ବଡ଼ ଘରଟାଏ ନ ହେଲେ ବି ତାଙ୍କ ପରିବାର ଚଳିବା ପାଇଁ ସେ ଘରଟି ବେଶ୍ ପ୍ରଶସ୍ତ ଥିଲା। ସେହି ଘରେ ସେ ଅବସର ପରେ ରହୁଛନ୍ତି।

ଅବସର ନେବା ପରେ ବି ପବିତ୍ର ବାବୁଙ୍କ ପାଖରେ ପରିବ୍ୟାପ୍ତ ସମୟ ନଥାଏ। ଲେଖା ପଢ଼ାରେ ତାଙ୍କର ଅନେକ ସମୟ ବିତେ। ତଥାପି ତା'ରି ଭିତରୁ ସମୟ କାଢ଼ି ପ୍ରତିଟି ସାମାଜିକ କର୍ମକୁ ପ୍ରାଧାନ୍ୟ ଦେଇଥାଆନ୍ତି ସେ।

> ସେହି ରାସ୍ତା କଡ଼ରେ ଛକ ଛକ ସ୍ଥାନ ଦେଖି କୋଲକାତାର ଛୋଟ ଛୋଟ ବେଶ୍ୟାପଡାର ବେଶ୍ୟାଙ୍କ ପରି ସୁନ୍ଦର ଲୋଭନୀୟ ଶାଢ଼ୀ ପିନ୍ଧି, ମୁହଁରେ ପାଉଡର, ଫାଉଣ୍ଡେସନ ମେକ୍‌ଅପ୍ ହୋଇ ଓଠରେ ଲିପ୍‌ଷ୍ଟିକ୍ ଲଗାଇ ନିଜକୁ ବେଶ୍ ଆକର୍ଷଣୀୟ କରି ଜାଗାକୁ ଜାଗା ଛିଡ଼ା ହୋଇ ରାସ୍ତାଗଲା ପୁରୁଷମାନଙ୍କୁ ଇଙ୍ଗିତରେ ତାଳି ବାଡେଇ ନିଜ ପାଖକୁ ନିମନ୍ତ୍ରଣ ଜଣାଇ ବେଶ୍ ଅଶ୍ଳୀଳ ପ୍ରଲୋଭନ ଦେଖାଇବାର ଦୃଶ୍ୟ ଦେଖି ପବିତ୍ର ବାବୁ ବିସ୍ମୟରେ ଆନମନା ହୋଇପଡିଲେ।

ସେଦିନ ଥିଲା ରବିବାର। ପବିତ୍ର ବାବୁ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ସୌରୀବନ୍ଧୁ ବାବୁଙ୍କ ଘରକୁ ସେଦିନ ସନ୍ଧ୍ୟାରେ ଯାଇଥିଲେ।

ବନ୍ଧୁ ସୌରୀବନ୍ଧୁ ଓ ତାଙ୍କ ପତ୍ନୀ ଶଶୀକଳାଙ୍କ ସହିତ ଆହ୍ଲାଦମୟ ସାକ୍ଷାତ ହେଲା। ପବିତ୍ର ବାବୁଙ୍କ ସହିତ ସାକ୍ଷାତରେ ଉଭୟ ସୌରୀବନ୍ଧୁ ବାବୁ ଓ ତାଙ୍କ ପତ୍ନୀ ଉଲ୍ଲସିତ ହେଲେ। ଅନେକ ସମୟ ଧରି ନାନାଦି ପ୍ରସଙ୍ଗରେ ଆଳାପ ଆଲୋଚନା ହେଲା। ରାଜନୀତିଠାରୁ ସମାଜନୀତି ଯାଏ ଅନେକ ପ୍ରସଙ୍ଗ ତାଙ୍କ ଆଳାପ ପରିସରକୁ ଆସିଲା।

ଆଳାପ ଥମି ଆସିଲା ପରେ ଶଶୀକଳା ରୋଷେଇ ଘରକୁ ଯାଇ ପବିତ୍ର ବାବୁଙ୍କ ପାଇଁ ମିଠା, କାକରା ପିଠା ଓ ପାଚିଲା କଦଳୀ ସହିତ କିଛି ବାଦାମ ଓ କାଜୁ ଧରି ଆସିଲେ।

ଏତେ ଗୁଡାଏ ଜଳଖିଆ ଦେଖି ପବିତ୍ର ବାବୁ ଶଶୀକଳାଙ୍କୁ ଆକ୍ଷେପ କରି କହିଲେ - ଏ ଜଳଖିଆ ଆମ ତିନିଜଣଙ୍କ ପାଇଁ ଟି ?

- ନା ଆମେ ସବୁ ଚା', ଜଳଖିଆ ଖାଇ ସାରିଛୁ। ଏହା କେବଳ ଆପଣଙ୍କ ପାଇଁ।

ହସି ହସି ଉତ୍ତର ଦେଲେ ଶଶୀକଳା। ଶଶୀକଳାଙ୍କର ଉତ୍ତରରେ ଅଧିକ ବିସ୍ମିତ ହୋଇ ପବିତ୍ରବାବୁ କହିଲେ - ମୁଁ ଏକାକୀ ଏତେ ଜଳଖିଆ ଖାଇବି ? ମୋର ଏଇଟା ପେଟ ନା, ବୈତରଣୀ ଆନିକଟ ?

ସୌରୀବନ୍ଧୁ ବାବୁ ପବିତ୍ର ବାବୁଙ୍କର ଏ ପ୍ରକାର କଥା ଶୁଣି ହସି ଉଠିଲେ। ତା' ପରେ ଅନୁଚ୍ଚ ସ୍ୱରରେ କହିଲେ - ଠିକ୍ ଅଛି ତୁ ଯାହା ଖାଇବା କଥା ଖାଆ। ଯାହା ବଳିବ, ସେଇ ପ୍ଲେଟ୍‌ରେ ଥାଉ।

ପବିତ୍ର ବାବୁ ସେ ପ୍ଲେଟ୍‌ରୁ କିଛି ଖାଇଲେ। ତାଙ୍କ ଖାଇବା ଶେଷ ହେବା ପୂର୍ବରୁ ଶଶୀକଳା ଦେବୀ ତିନିଜଣଙ୍କ ପାଇଁ ତିନିକପ୍ କଫି ଆଣି ସାରିଥିଲେ।

କଫି ପିଉ ପିଉ ପବିତ୍ର ବାବୁ ଶଶୀକଳାଙ୍କ ଉଦ୍ଦେଶ୍ୟରେ କହିଲେ - ଯାହାକୁହ ଭାଉଜ ! ତୁମକୁ ପୂରା ମାନିବାକୁ ପଡ଼ିବ।

- ମାନେ ?

- ତୁମେ ହେଉଛ ଜଣେ ପ୍ରକୃତ ସୁଗୃହିଣୀ।

- କେମିତି ?

- ଅତିଥି ଚର୍ଚ୍ଚାରେ ତୁମକୁ କେହି ବଳେଇ ଯିବେନି।

- ତୁମେ ବେଶି ଗୋଟାଏ ଅତିରଂଜିତ କରି କଥା କହୁଛ।

- ନା, ଅତିରଂଜିତ ନୁହେଁ, ସତ କଥା।

ପବିତ୍ର ବାବୁ ଓ ଶଶୀକଳାଙ୍କ ଉକ୍ତି ପ୍ରତ୍ୟୁକ୍ତି ମଧ୍ୟରେ ହଠାତ୍ କହି ଉଠିଲେ ସୌରୀବନ୍ଧୁ ବାବୁ – ଆରେ ବାବୁ ସେହି କଥାକୁ ନେଇ ଏତେ ଖୋଳତାଡ଼ କାହିଁକି ? ସତ ହେଉ ବା ଅତିରଂଜିତ ହେଉ, ପବିତ୍ର ତୁମକୁ ପ୍ରଶଂସା କରୁଛି ମାନେ ତ ତୁମର ଉଲ୍ଲସିତ ହେବା କଥା। ବୃଥାଟାରେ ଏତେ ବାକ୍ ବିତଣ୍ଡା କାହିଁକି ? ଆଚ୍ଛା ଛାଡ ସେକଥା। ଏବେ କହତ ତୋର ପରବର୍ତ୍ତୀ ପୁସ୍ତକ କେବେ ପ୍ରକାଶ ପାଉଛି ?

- ମୋର ଏକେ ଦୁଇଟି ବହି ପ୍ରକାଶ ପାଇବ। ଗୋଟିଏ କବିତା ସଂକଳନ ଏବଂ ଅନ୍ୟଟି ନାଟକ। ଦୁଇଜଣ ପ୍ରକାଶକ ଅତ୍ୟନ୍ତ ନିଷ୍ଠାର ସହ ବହି ଦୁଇଟି ପ୍ରକାଶରେ ଲାଗି ପଡ଼ିଛନ୍ତି। ଭାବୁଛି, ମୋର ଆଗାମୀ ଜନ୍ମ ଦିନ ବେଳକୁ ବହି ଦୁଇଟି ବାହାରି ସାରିଥିବ।

- ତେବେ ତୋର ସେହି ଜନ୍ମ ଜୟନ୍ତୀ ଉତ୍ସବରେ ଲୋକାର୍ପଣ କରିଦେବୁ ?

- ହଁ ସେହି କଥା ତ ଭାବିଛି। ହେଲେ ତୁମେ ଦୁହେଁ ତ ଗତବର୍ଷ ଜନ୍ମ ଦିନ ଉତ୍ସବକୁ ଆସିନଥିଲା। ଏଥର ଯେପରି ତାହାର ପୁନରାବୃତ୍ତି ନହୁଏ।

- ନା, ନା, ସେପରି କେବେ ବି ହେବ ନାହିଁ। ମୋର ନିହାତି ଅସୁବିଧା ନଥିଲେ, ତୋ ଜନ୍ମଦିନ କେବେବି ମିସ୍ କରେ ନାହିଁ।

ଆଳାପରେ ପୂର୍ଣ୍ଣଚ୍ଛେଦ ପକାଇ ଯିବାକୁ ଉଠିଲେ ପବିତ୍ର ବାବୁ। ସୌରୀବନ୍ଧୁ ବାବୁ ଶଶୀକଳାଙ୍କଠାରୁ ବିଦାୟ ନେଇ ଘରୁ ଗୋଡ କାଢ଼ିଲେ ସେ। ତାଙ୍କୁ ବଳେଇ ଦେବାକୁ ବାହାର ଫାଟକ ଯାଏ ଆସିଲେ ସୌରୀବନ୍ଧୁ ବାବୁ।

ସୌରୀବନ୍ଧୁ ବାବୁଙ୍କ ଘରଠାରୁ ପବିତ୍ର ବାବୁଙ୍କ ଘରର ଦୂରତା ମାତ୍ର ଗୋଟାଏ କିଲୋମିଟରରୁ ଅଳ୍ପ କିଛି ଅଧିକ ହେବ।

ପବିତ୍ର ବାବୁ କିଛି ଯାନବାହନ ନେଇ ଆସିନଥିଲେ। ତାହା ଥିଲା ତାଙ୍କର ସାନ୍ଧ୍ୟ ଭ୍ରମଣ।

ଆସିଥିଲେ ପାଦରେ ଚାଲି ଚାଲି। ଫେରି ଯିବେ ସେହିପରି ଚାଲି ଚାଲି। ଏହା ଦ୍ୱାରା ତାଙ୍କର ବନ୍ଧୁ ଦର୍ଶନ ହେଲା, ସାନ୍ଧ୍ୟ ଭ୍ରମଣ ବି ହେଲା।

ସୌରୀବନ୍ଧୁ ବାବୁଙ୍କ ଘରଠାରୁ ପବିତ୍ର ବାବୁଙ୍କ ଘର ପର୍ଯ୍ୟନ୍ତ ଜାତୀୟ ରାଜପଥ ହେଲେ ମଧ୍ୟ ରାସ୍ତାକଡର ପରିବେଶ ଖୁବ୍ ନିଛାଟିଆ।

ଦୁଇପଟରେ ଗହଳ କଣ୍ଟାଝଟାର ବଣ। ତା' ଭିତରକୁ ଭିତର ସୁଡଙ୍ଗ ପରି ରାସ୍ତା ଲମ୍ବିଛି।

ସେହି ରାସ୍ତା କଡ଼ରେ ଛକ ଛକ ସ୍ଥାନ ଦେଖି କୋଲକାତାର ଛୋଟ ଛୋଟ ବେଶ୍ୟାପଡାର ବେଶ୍ୟାଙ୍କ ପରି ସୁନ୍ଦର ଲୋଭନୀୟ ଶାଢ଼ୀ ପିନ୍ଧି, ମୁହଁରେ ପାଉଡର, ଫାଉଣ୍ଡେସନ ମେକ୍ଅପ୍ ହୋଇ ଓଠରେ ଲିପଷ୍ଟିକ୍ ଲଗାଇ ନିଜକୁ ବେଶ୍ ଆକର୍ଷଣୀୟ କରି ଜାଗାକୁ ଜାଗା ଛିଡ଼ା ହୋଇ ରାସ୍ତାଗଲା ପୁରୁଷମାନଙ୍କୁ ଇଙ୍ଗିତରେ ତାଳି ବାଡେଇ ନିଜ ପାଖକୁ ନିମନ୍ତ୍ରଣ ଜଣାଇ ବେଶ୍ ଅଶ୍ଳୀଳ ପ୍ରଲୋଭନ ଦେଖାଇବାର ଦୃଶ୍ୟ ଦେଖି ପବିତ୍ର ବାବୁ ବିସ୍ମୟରେ ଆନମନା ହୋଇପଡିଲେ। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ସେ ଏପରି ଦୃଶ୍ୟ ପୂର୍ବରୁ ଦେଖିଲା ପରି ତାଙ୍କର ମନେ ହେଉନଥିଲା।

ପ୍ରଥମ ଛକରେ ଜନୈକା ସେହି ନାରୀ ରୂପରେ ଭୂଷିତା ହୋଇ ଆଖିରେ ଚମକ ଖେଳାଇ ପବିତ୍ର ବାବୁଙ୍କୁ ତୀର୍ଯ୍ୟକ ଠାଣିରେ ନିମନ୍ତ୍ରଣର ସୂଚନା ଦେଇଥିଲେ ମଧ୍ୟ କବିତ୍ର ବାବୁ ତା'ର ଆହ୍ୱାନକୁ ଭୃକ୍ଷେପ ନକରି ସେ ସ୍ଥାନ ଅତିକ୍ରମ କରି ଆଗକୁ ଆଗେଇ ଆସିଥିଲେ। ତା'ପରେ ଦଶ ମିଟର ରାସ୍ତା ଯାଇଛନ୍ତି କି ନାହିଁ, ଭେଟିଲେ ସେହିପରି ଆଉ ଏକ ନାରୀ ରୂପରେ ସଜ୍ଜିତା ଯେ କି ଦୁଇ ହାତରେ ତାଳି ବଜାଇ ପବିତ୍ର ବାବୁଙ୍କୁ ଡାକିବାର ଇଙ୍ଗିତ ଦେଲା।

ତା' ନିମନ୍ତ୍ରଣକୁ ଭୃକ୍ଷେପ ନକରି ତା'ଠାରୁ ବି ନିବର୍ତ୍ତି ଆସିଥିଲେ ପବିତ୍ର ବାବୁ।

ତା' ପର ଛକରେ ଆଉ ଏକ ନାରୀରୂପୀ ହିଂଜଡା ତାଳି ବାଡ଼େଇ ଆସି ପବିତ୍ର ବାବୁଙ୍କ ହାତଧରି ଅନ୍ଧାର ବଣକୁ ଟାଣି ନେବାକୁ ଚେଷ୍ଟା କରନ୍ତେ ପବିତ୍ର ବାବୁ ତା'ର ହାତକୁ ଜୋରରେ ଛାଟି ଦେଇ ମୁକୁଳି ଆସିଲେ।

ଏପରି ଘଟଣାକୁ ବିଶ୍ୱାସ କରି ପାରୁନଥିଲେ ପବିତ୍ର ବାବୁ।

ଯେ ସବୁ କି ଦୃଶ୍ୟର ସମ୍ମୁଖୀନ ହେଉଛନ୍ତି ସେ। ତାଙ୍କ ଘର ତଥାପି ଆଉରି ପାଖାପାଖି ଅଧା କିଲୋମିଟର ହେବ।

ସେମାନଙ୍କୁ ନଚାହିଁ ଆଗକୁ ଦ୍ରୁତ ଗତିରେ ଚାଲିଲେ ପବିତ୍ର ବାବୁ। ପୁଣି ୧୦୦ ମିଟର ରାସ୍ତା ଅତିକ୍ରମ କରିନାହାନ୍ତି ଆଉ ଏକ ତରୁଣ ରୂପସୀ ସାଜିଥିବା ପିଲାର ସମ୍ମୁଖୀନ ହେଲେ ସେ।

ସେ ନିଜେ କିଛି କହିବା ପୂର୍ବରୁ ଅନ୍ୟ ଏକ ଯୁବକ ନିକଟସ୍ଥ ଅନ୍ଧକାର ଗଳି ଭିତରୁ ବାହାରି ଆସି ପବିତ୍ର ବାବୁଙ୍କ ଉଦ୍ଦେଶ୍ୟରେ କହି ଉଠିଲେ – କ'ଣ ଆଜ୍ଞା ସୁଖ ଚାହୁଁଛନ୍ତି କି ?

- ସୁଖ ? କି ସୁଖ କଥା କହୁଛ ?

- ଏଇ ଦେହ ସୁଖ। ଯୌନ ସୁଖ।

- ତୁମେ କାହାକୁ କ'ଣ କହୁଛ, ଜାଣିପାରୁଛ ?

- ହଁ ଆଜ୍ଞା ! ଆପଣ ଆମଠାରୁ ଯଥେଷ୍ଟ ବୟସ୍କ। କିନ୍ତୁ ଆପଣଙ୍କ ଦେହ ମନରୁ ଯୌବନର ଚପଳତା ତ ହଜି ଯାଇନି ନିଶ୍ଚୟ। ଏବେ ବି ସୁନ୍ଦର ଦିଶୁଛନ୍ତି। ଆପଣଙ୍କ ମନ ଯେ ସଂଭୋଗ ଚାହୁଁଥିବ, ଏଥିରେ ସଂଦେହ ନାହିଁ।

ଯୁବକଟିର ସାହସ ଓ ଆସ୍ଫାଳନ ଦେଖି ବିସ୍ମିତ ହେଲେ ପବିତ୍ର ବାବୁ। କଠୋର ଗଳାରେ ସେ ଯୁବକ ଉଦ୍ଦେଶ୍ୟରେ କହିଲେ – ତୁମେ କ'ଣ କରୁଛ ?

- ମୁଁ ଗୋଟାଏ କମ୍ପାନୀରେ ଚାକିରି କରେ।

- ତୁମ ଘର

- କୋରାପୁଟ,

- କୋରାପୁଟରୁ ଆସି ଏମାନଙ୍କ ସପକ୍ଷରେ ଓକିଲାତି କରି ଦଲାଲ ସାଜିଛ ?

- ନାହିଁ ଆଜ୍ଞା ମୁଁ ଦଲାଲ ନୁହେଁ। ଏମାନଙ୍କ ସହିତ ମୋର ବନ୍ଧୁତା ଅଛି। ତାଙ୍କୁ ସହାୟତା ପ୍ରଦର୍ଶନ କରେ।

- ସହାୟତା ? ତାଙ୍କ ପାଇଁ ସହାୟତା ? ଏମିତି ତୁମର ତାଙ୍କ ପାଇଁ ଦରଦ ବହି ପଡୁଛି ?

ପବିତ୍ର ବାବୁଙ୍କର ଏ ପ୍ରକାର ଆକ୍ଷେପ ଶୁଣି ସେ ଯୁବକ ଜଣକ ଆଉ କିଛି ଉତ୍ତର ନ ଦେଇ ଚାଲି ଯାଇଥିଲା ଆଗକୁ ଆଗକୁ।

ରୂପସୀ ସାଜିଥିବା ସେ ହିଂଜଡାଟି ମଧ୍ୟ ଆଉ କୌଣସି ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ପବିତ୍ରବାବୁଙ୍କୁ ତା ଆଡକୁ ଟାଣିବାକୁ ସାହସ କରି ପାରିନଥିଲା।

ଘୃଣା ଚକ୍ଷୁରେ ଦୃଷ୍ଟିପାତ କରି ତାକୁ ଆଉ କିଛି ନ କହି ବାଟକାଟି ଚାଲି ଯାଇଥିଲେ ପବିତ୍ର ବାବୁ।

ପୁଣି କିଛି ବାଟ ଯିବା ପରେ ଆଉ ଏକ ଛକରେ ଅନ୍ଧାର ଭିତରୁ ଆଉ ଏକ ସୁସଜ୍ଜିତା ରୂପସୀ ବୋଲାଉଥିବା ହିଂଜାଡ଼ା ଦୁଇ ହାତରେ ତାଳି ବାଡ଼େଇ ରାସ୍ତାକୁ ଉଠି ଆସି ପବିତ୍ର ବାବୁଙ୍କୁ କୌଣସି ଅଶ୍ଳୀଳ ଇଙ୍ଗିତ ନ ଦେଇ ନମସ୍କାର କରି କହିଲା – ଆପଣ ଯଥେଷ୍ଟ ବୟସ୍କ। ମୁଁ ଆପଣଙ୍କୁ ବାଧ୍ୟ କରୁନାହିଁ। ଯଦି କିଛି ସୁଖ ଚାହୁଁ ଥାଆନ୍ତି, ଯଦି ଦେହ ଭୋଗର କାମନା ଥାଏ, ତେବେ ସେହି ଅନ୍ଧାର ଗଳି ମଧ୍ୟକୁ ଆସି ପାରନ୍ତି। ବେଶି କିଛି ଦେବାକୁ ପଡିବ ନାହିଁ। ଶହେ କି ଦୁଇଶହ ଟଙ୍କା ଦେଲେ ଚଳିବ।

ସେହି ଯୁବାରୂପୀ ହିଂଜଡ଼ାର ଏ ପ୍ରକାର ସଂଳାପ ଶୁଣି କି ଉତ୍ତର ଦେବେ ପ୍ରଥମେ ଭାବି ପାରିଲେ ନାହିଁ ପବିତ୍ର ବାବୁ। କେତୋଟି ମୁହୂର୍ତ୍ତର ନୀରବତା ଘରେ ଅନୁଚ୍ଚ ସ୍ୱରରେ ପ୍ରଶ୍ନ କଲେ ପବିତ୍ର ବାବୁ।

–ତୁମେ କ'ଣ ପାଇଁ ଏ ପ୍ରକାର ବେଉସା କରୁଛ ? କ'ଣ କେବଳ ଟଙ୍କା ରୋଜଗାର ପାଇଁ ତ ?

- ଟଙ୍କା ରୋଜଗାର ପାଇଁ ନୁହେଁ, କେବଳ ଏ ପେଟ ପୋଷିବା ପାଇଁ ?

- ପେଟ ପୋଷିବା ପାଇଁ ? ପେଟ ପୋଷିବା ପାଇଁ କ'ଣ ଆଉ କିଛି ବୃତ୍ତି ନାହିଁ ?

- ଆଉ କି ବୃତ୍ତି ଆମକୁ ମିଳିବ ? ଆମେ ତ ପୁରୁଷ ପଣରେ ନୁହେଁ କି ନାରୀ ପଣରେ ଗଣା ନୁହେଁ। ଏହିପରି ଦି ପଇସା ରେଜଗାର କରି ବଂଚିବା କଥା।

- ଏ ବୃତ୍ତି କରି ସୁରୁଖୁରୁରେ ଚଳି ଯାଉଛ ?

- ହଁ ଆଜ୍ଞା, ଭଲରେ ଖାଇ ପିଇ ରହିପାରୁଛୁ। ଆମର କେତେ ପ୍ରକାର ଗରାଖ ଅଛନ୍ତି।

- କେତେ ପ୍ରକାର ?ମାନେ ?

- ମାନେ ? ଆମ ପାଖକୁ ବିଭିନ୍ନ ଶ୍ରେଣୀ ଲୋକ ଆସନ୍ତି ?

- ବିଭିନ୍ନ ଶ୍ରେଣୀର ମାନେ ?

- ଏଇ ଡ୍ରାଇଭର, ବ୍ୟବସାୟୀ, ପେଟି କଣ୍ଟ୍ରାକ୍ଟର କେତେ ଜାତିର ଲୋକ। ତାଙ୍କୁ କାହାକୁ ଡାକିବାକୁ ପଡ଼େନାହିଁ। ସେ ନିଜକୁ ନିଜେ ଆସନ୍ତି। ଖୁସି ଲାଭ କରନ୍ତି। ଯାଚିକି ଆମ ହାତରେ ଟଙ୍କା ଗୁଂଜି ଦେଇ ଯାଆନ୍ତି। କେବଳ ଆପଣମାନଙ୍କ ପରି ବାବୁମାନଙ୍କୁ ହିଁ ଆମକୁ ଡାକିବାକୁ ପଡ଼େ।

ତା'ଠାରୁ ଏ ପ୍ରକାର ଉତ୍ତର ପାଇ ଅନ୍ୟମନସ୍କ ହୋଇପଡ଼ିଲେ ପବିତ୍ର ବାବୁ। ମନକୁ ମନ ଭାବିଲେ, ହାୟ ପେଟ ଚାଖଣ୍ଡକ ପାଇଁଏମାନଙ୍କର ଏତେ ହଟହଟା ? ଏତେ ଅଭିନୟ ?

କେମିତି ଏକ ଅଜ୍ଞାତ ସମେବେଦନାରେ ଦ୍ରବିଭୂତ ହୋଇ ଯାଉଥିଲେ ପବିତ୍ର ବାବୁ। ଦୁଃଖ ଓ ଅନୁଶୋଚନାରେ ସେ ନିଜେ ଯେମିତି ଦ୍ରବିଭୂତ ହୋଇ ଯାଉଥିଲେ। ତା'ପରେ ତାକୁ କୋମଳ ଦରଦ କଣ୍ଠରେ ପ୍ରଶ୍ନ କଲେ। ତୁମକୁ ଯଦି ମୁଁ ଗୋଟାଏ ଚାକିରି ଦିଏ, ତୁମ ଭରଣ ପୋଷଣର ସମସ୍ତ ଦାୟିତ୍ୱ ବହନ କରେ, ତେବେ ତୁମେ ଏହି ବୃତ୍ତି ଛାଡ଼ି ଦେଇପାରିବ ?

ହଠାତ୍ ପବିତ୍ର ବାବୁଙ୍କଠାରୁ ଅଗତ୍ୟା ଏ ପ୍ରକାର ଏକ ଅପ୍ରତ୍ୟାଶିତ ପ୍ରଶ୍ନ ଶୁଣି ପ୍ରଥମେ ଟିକିଏ ଘାବୁରେଇ ଗଲା ସେ।

ପୁନର୍ବାର ପ୍ରଶ୍ନ କଲେ ପବିତ୍ର ବାବୁ – କ'ଣ କିଛି ଉତ୍ତର ଦେଲେ ନାହିଁ ଯେ ? ଏବେ ଏଇ ବର୍ତ୍ତମାନ ତୁମେ ମୋ ସହିତ ଆମ ଘରକୁ ଯାଇ ପାରିବ ? ତୁମ ପେଟ ଚିନ୍ତା ଆଉ ତୁମର ରହିବ ନାହିଁ। ମୁଁ ତୁମକୁ ଭିନ୍ନ ଭାବରେ ବେଶ୍ ମର୍ଯ୍ୟାଦାବନ୍ତ କରି ଗଢ଼ିବି।

ଆଉ କିଛି ସମୟ ଚିନ୍ତା କଲା ସେ।

ତା'ପରେ ଉତ୍ତର ଦେଇ କହିଲା – ଆପଣ ମୋ ପାଇଁ ଅଯଥାରେ କାହିଁକି ଏତେ ହଇରାଣ ହେବେ। ଆପଣ ସିନା ଆପଣଙ୍କ ମହତ୍ ପଣରେଏପରି ମହାନୁଭବତା ଦେଖାଇ ମୋତେ ସମବେଦନା ଦେଖାଉଛନ୍ତି, କିନ୍ତୁ ଆପଣଙ୍କ ଘରେ ସମସ୍ତେ ମୋତେ ଘୃଣା କରିବେ। ଆପଣଙ୍କୁ ସେମାନେ ଖରାପ ଭାବିବେ। ଅଯଥାରେ ଆପଣ କାହିଁକି ମୋ ପାଇଁ ଉପହସିତ ହେବେ ?

- ନା, ନା, ମୋ ପାଇଁ ତୁମେ ଚିନ୍ତା କରନାହିଁ। ମୁଁ ମୋ ଘରର ଗୃହକର୍ତ୍ତା। ମୋତେ କେହି ବି ଅଙ୍ଗୁଳି ନିର୍ଦ୍ଦେଶ କରିପାରିବେ ନାହିଁ। ତୁମେ ଚାଲ। ତୁମର ଅବସ୍ଥା ବଦଳି ଯିବ। ତୁମେ ପୁନର୍ଜୀବନ ଲାଭ କରିବ। ତୁମର ତ ବୟସ ଖୁବ୍ ବେଶି ନୁହେଁ। ତୁମର ଶିକ୍ଷା ବ୍ୟବସ୍ଥା ବି ମୁଁ କରିବି। ଶିକ୍ଷାଲାଭ କରି ତୁମେ ଚାକିରି ବି କରିପାରିବ।

କିଛି ସମୟ ଚିନ୍ତା କରି ସେ କ'ଣ ଭାବିଲା କେଜାଣି ନମ୍ର ସ୍ୱରରେ କହିଲା – ହଁ ମୁଁ ଆପଣଙ୍କ ପ୍ରସ୍ତାବରେ ରାଜି।

ତା' କଥା ଶୁଣି ଖୁସି ହୋଇଗଲେ ପବିତ୍ର ବାବୁ। ତା' ପରେ ତାକୁ ପ୍ରଶ୍ନ କଲେ – ତୁମ ନାମ କ'ଣ ?

- ସାଧନା

- ନା, ସାଧନା ନୁହେଁ, ଆଜିଠାରୁ ତୁମ ନାମ ହେଲା ସାଧନ।

ତା' ପରେ କଥା ବଦଳାଇ ପବିତ୍ର ବାବୁ ସାଧନ ଉଦ୍ଦେଶ୍ୟରେ କହିଲେ – ଆଉ ବିଳମ୍ବ କରନାହିଁ। ଚାଲ ମୋ ସହିତ ଆମ ଘରକୁ ଚାଲ।

- ମୋ ଲୁଗାପଟା ତ ମୋ ବସାରେ ଅଛି, ଆପଣଙ୍କ ଘରକୁ ଯାଉଥିବା

କଥା ତ ମୋ ସାଙ୍ଗମାନେ କେହି ଜାଣିନାହାନ୍ତି।

– ନା ଜାଣନ୍ତୁ। ତାଙ୍କର ଜାଣିବା ଦରକାର ନାହିଁ। ଲୁଗାପଟା ପାଇଁ ବ୍ୟସ୍ତ ହୁଅନାହିଁ। ତୁମର ଯାହା ଯାହା ଦରକାର, ମୁଁ ସବୁ ଯୋଗାଇ ଦେବି।

ଆଉ କିଛି ପ୍ରତ୍ୟୁତ୍ତର ଦେବାର ନଥିଲା ସାଧନର। ବାଧ୍ୟ ବ୍ୟକ୍ତିଟିଏ ପରି ସାଧନ ଅତ୍ୟନ୍ତ ନମ୍ର ଭାବରେ ପବିତ୍ର ବାବୁଙ୍କ ସହିତ ଯାଉଥିଲା ତାଙ୍କ ବାସଭବନକୁ।

ପବିତ୍ର ବାବୁଙ୍କ ଘରେ ସାଧନକୁ ସବୁ ଅଲଗା ଅଲଗା ଲାଗିଲା। ତଥାପି ସେ ସେହିପରି ପରିବେଶରେ ଖାପ ଖୁଆଇ ପ୍ରଥମେ ପ୍ରଥମେ ଚଳିବାକୁ ଚେଷ୍ଟା କଲା।

ଘରକୁ ଗୋଟାଏ ହିଂଜଡ଼ାକୁ ନେଇ ଆସିଥିବାରୁ ପବିତ୍ର ବାବୁଙ୍କ ପତ୍ନୀ ଚନ୍ଦନା ଦେବୀ ପ୍ରଥମେ ପ୍ରତିବାଦ କରି ନିଜର ବିଶେଷ ଅସନ୍ତୋଷ ଭାବ ପ୍ରଦର୍ଶନ କରିଥିଲେ ମଧ୍ୟ ପବିତ୍ର ବାବୁଙ୍କ ନିଷ୍ପତ୍ତିକୁ ବଦଳାଇବା ଭଳି କ୍ଷମତା ନଥିଲା ଚନ୍ଦନାଙ୍କର।

ସାଧନ କେତୋଟି ଦିନ ମାଡି ଜାକି ହୋଇ ପବିତ୍ର ବାବୁଙ୍କ ଘରେ ରହିଥିଲେ ମଧ୍ୟ ପବିତ୍ର ବାବୁଙ୍କ ପରି ଉଚ୍ଚସ୍ତରରେ ପରିବାର ମଧ୍ୟରେ, ଏକ ଉଚ୍ଚାଙ୍ଗ ପରିବେଶରେ ସୁଖରେ ରହିବା ସାଧନ ପକ୍ଷରେ ସମ୍ଭବ ହୋଇନଥିଲା।

ସାଧନ ପବିତ୍ର ବାବୁଙ୍କ ବାସ ଭବନରେ ପନ୍ଦରଟି ଦିନ କଷ୍ଟେମଷ୍ଟେ ବିତାଇବା ପରେ ହଠାତ୍ ଏକ ଛୁଟି ଦିନ ଦେଖି ଏକ ଶୀତଳ ସନ୍ଧ୍ୟାରେ ବାହାରୁ ଆସୁଛି ବୋଲି କହି ସେ ପଳାଇ ଯାଇଥିଲା ତାଙ୍କ ଗୋଷ୍ଠୀକୁ। ଭିନ୍ନ ଏକ ଦୂରବର୍ତ୍ତୀ ସ୍ଥାନରେ ରହି ସେ ପୂର୍ବ ଆଚରଣ ସହ ପୂର୍ବ ବୃତ୍ତିରେ ନିଜକୁ ନିମଗ୍ନ ରଖିଲା।

ସାଧନାକୁ ନିଖୋଜ ହେବାର ଦେଖି ପବିତ୍ର ଭୀଷଣ ଅସନ୍ତୋଷ ଅନୁଭବ କଲେ। ସେ ଯିବାର ଦିନକ ପରେ ବାଧ୍ୟ ହୋଇ ତା'ର କୌଣସି ଖୋଜ ଖବର ନ ପାଇ ପୋଲିସ୍‌ରେ ଏକ ଏତଲା ଦେବାକୁ ବାଧ୍ୟ ହୋଇଥିଲେ।

କିଛି ଦିନ ବିତିଗଲା। ସାଧନା ବିଷୟରେ ପବିତ୍ର ବାବୁ ଭୁଲିବାକୁ ଆରମ୍ଭ କରୁଥିବାବେଳେ ହଠାତ୍ ଦୈନିକ ସମ୍ବାଦପତ୍ରରେ ସେଦିନ ସାଧନାର ଫଟୋ ସହ ଏକ ଅପରାଧ ମୂଳକ ସମ୍ବାଦ ପଢ଼ି ହତବାକ୍ ହୋଇ ଯାଇଥିଲେ।

ସମ୍ବାଦଟିରେ ଲେଖାଥିଲା

**ଏକ ତୃତୀୟ ଲିଙ୍ଗିର ହଟଚମଟ**

ସାଧନା ନାମକ ଏକ ତୃତୀୟ ଲିଙ୍ଗି ଜଣେ ଯୁବକକୁ ବଳାତ୍କାର କରି ତା' ପାଖରୁ ସୁନାହାର, ହାତଘଣ୍ଟା ଓ ନଗଦ ଟଙ୍କା ହରଣଚାଲ କରି ପୋଲିସ ଦ୍ୱାରା ଗିରଫ ହୋଇଛି ଏବଂ ତାକୁ ଚନ୍ଦ୍ରଶେଖରପୁର ଥାନା ହାଜତରେ ରଖାଯାଇଛି।

ସମ୍ବାଦଟି ପଢ଼ି ପବିତ୍ରବାବୁ ଦୁଃଖରେ ହତବାକ୍ ହୋଇଗଲେ। ପ୍ରକୃତି ଓ ସ୍ୱଭାବ ମଣିଷର ମୃତ୍ୟୁ ପର୍ଯ୍ୟନ୍ତ ବଦଳେ ନାହିଁ ବୋଲି ସେ ଜାଣିଥିଲେ, ଆଜି ତା'ର ଏକ ଜ୍ୱଳନ୍ତ ପ୍ରମାଣ ପାଇଗଲେ।

ସାଧନାକୁ ପୁର୍ନଜୀବନ ଦେଇ ଗଢ଼ି ତୋଳିବାର ସ୍ୱପ୍ନ ତାଙ୍କର ସ୍ୱପ୍ନରେ ହିଁ ରହିଗଲା।

*ଚିତ୍ରକଳା, ଏଲ୍ -୧୦୨, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ,*
*ଭୁବନେଶ୍ୱର-୩*
*ଦୂରଭାଷ: ୬୩୭୦୨୪୪୮୦୯*

ପଢ଼ନ୍ତୁ ! ପ୍ରକାଶ ପାଇଛି !

କଥାଶିଳ୍ପୀ **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କର

**ଗଳ୍ପ ସମଗ୍ର**
**(ପ୍ରଥମ ଭାଗ)**

ପ୍ରକାଶକ - ବିଦ୍ୟା ପବ୍ଲିଶିଂ
ଟରଣ୍ଟୋ, କାନାଡ଼ା

# ମହାରାଣୀ ମନ୍ଦୋଦରୀ

ରୁମ୍‌ଝୁମ୍ ନାୟକ

ସେଦିନର ତିଥି ବାର କ'ଣ ଥିଲା କେଜାଣି ? ଆକାଶ ସାରା ଚନ୍ଦ୍ରମାର ଜ୍ୟୋତ୍ସ୍ନା ବିହାର । ମନ୍ଦ ମନ୍ଦ ମଳୟ ପବନର ଶୀତଳ ଛୁଆଁ । ଘନ କାନନ, ସୁଦୀର୍ଘ ସବୁଜ ପ୍ରାନ୍ତରରେ ମୃଦୁ ମୃଦୁ କମ୍ପନ, ଉଲ୍ଲସିତ ଧରିତ୍ରୀ । ବନ୍ୟ ଝରଣାର କୁଳୁକୁଳୁ ତାନରେ ଏକ ଅପୂର୍ବ ରାଗିଣୀ । ଉତ୍ଫୁଲ୍ଲିତ ନଦୀଧାର । ସତେ କି ଏହି ମହୀମଣ୍ଡଳ ପୂର୍ଣ୍ଣ ବସନ୍ତ ରାଗରେ ଆହ୍ଲାଦିତ ।

ଦୀର୍ଘଦିନ ଧରି ଶିବ ପାର୍ବତୀଙ୍କ ଆରାଧନାରତ ଦାନବ ସ୍ଥପତି ମୟ ଏବଂ ପତ୍ନୀ ହେମାଙ୍କର ଶରୀର ଓ ଆତ୍ମାରେ ଧୀର କମ୍ପନ । କାହାର ଏ କ୍ରନ୍ଦନ ଧ୍ୱନି ? କେଉଁଠାରୁ ଗୁଞ୍ଜରି ଆସୁଛି ଏ ହୃଦୟ ବିଦାରକ ଶବ୍ଦ ? ମା' ମା' ସ୍ୱରର ପ୍ରତିଧ୍ୱନି । ଇତସ୍ତତଃ ହୋଇ ଖୋଜି ବୁଲିଲେ ମୟ ଦମ୍ପତି । ହେମାଙ୍କର ଚକ୍ଷୁ ଲୋତକାପ୍ଲୁତ । ସମ୍ମୁଖରେ ଏକ ଗଭୀର କୂପ ମଧ୍ୟରୁ ଉଠିଆସୁଛି କ୍ରନ୍ଦନ ଧ୍ୱନି । ମାୟାବୀ ମୟଙ୍କର ମାୟାରେ ଉଠି ଆସିଲା ଶିଶୁକନ୍ୟାଟିଏ ଉପରକୁ । ଅପରୂପ ଚପଳଛନ୍ଦରେ ଅପୂର୍ବ ସୌନ୍ଦର୍ଯ୍ୟଭରା ପୁଷ୍ପ କଢ଼ ସଦୃଶ ମୁଖମଣ୍ଡଳରେ ସ୍ୱର୍ଗମଣ୍ଡଳର ଆଭା । ଢଳଢଳ କମଳ ନୟନ ମେଲି ଅପଲକ ଦୃଷ୍ଟିରେ ଚାହିଁ ରହିଛି ଶିଶୁକନ୍ୟାଟି ହେମାଙ୍କ ମୁହଁକୁ । ଆନନ୍ଦାତିଶଯ୍ୟରେ ଶିଶୁକନ୍ୟାଟିକୁ ହୃଦୟ ସଂଲଗ୍ନ କରିଥିଲେ ଦୁଇଟି ପୁତ୍ରର ଜନନୀ ହେମା । ଅଭିଳଷିତ କନ୍ୟାରତ୍ନଟିକୁ ଈଶ୍ୱର ପାର୍ବତୀଙ୍କ ଅସୀମା କୃପା ଭାବରେ ଆଦରି ନେଇଥିଲେ ମୟଦମ୍ପତି । ମୟ ଦାନବଙ୍କର ସ୍ୱର୍ଣ୍ଣ, ହୀରକ, ମଣିମୟ ଖଚିତ ଦିବ୍ୟ ପ୍ରାସାଦ କନ୍ୟାର ଆଗମନରେ ଉତ୍ସବମୁଖର ହୋଇ ଉଠିଥିଲା । ପିତାମାତା ଶ୍ରଦ୍ଧାରେ ନାମ ଦେଇଥିଲେ ମନ୍ଦୋଦରୀ । ବାଲ୍ୟକାଳରୁ ହିଁ ବାଳିକା ମନ୍ଦୋଦରୀ ଶିବପାର୍ବତୀଙ୍କୁ ଆରାଧନା କରିବାକୁ ଭଲ ପାଉଥିଲେ । ଏକଦା କିଶୋରୀ ମନ୍ଦୋଦରୀଙ୍କର ନିଷ୍ପାପର ଭକ୍ତିରେ ପ୍ରସନ୍ନ ହୋଇ ଦେବଦେବ ମହାଦେବ ଏବଂ ମାତା ପାର୍ବତୀ ତାଙ୍କୁ ଚିରଯୌବନା ଅନିନ୍ଦ୍ୟ ରୂପବତୀ ହେବା ସହ ଅହିସୁଲକ୍ଷଣୀ ସୌଭାଗ୍ୟବତୀ ହେବାର ଆଶୀର୍ବାଦ ପ୍ରଦାନ କରିଥିଲେ । ବାଲ୍ୟକାଳରୁ ହିଁ ବିଦୂଷୀ ମନ୍ଦୋଦରୀ ବେଦାଧ୍ୟୟନ, ଚିତ୍ରକଳା, ଯୁଦ୍ଧକୌଶଳ ରଣନୀତି ଏବଂ କୂଟନୀତି ବିଶାରଦ ହେବା ସଙ୍ଗେସଙ୍ଗେ ଧର୍ମକୁ ନିଜର କର୍ମ ସହିତ ବାନ୍ଧି ରଖୁଥିଲେ ଯାହା ସାଧାରଣତଃ ଦାନବକୁଳ ବିପରିତ ଥିଲା । କର୍ମନିପୁଣା ବିଚାରଶୀଳା ମନ୍ଦୋଦରୀଙ୍କର ଏକ ବିଶେଷ ପରିଚିତି ଥିଲା ସେ ଶାସ୍ତ୍ର ଏବଂ ଶସ୍ତ୍ର ଉଭୟକୁ ଆୟତ୍ତ କରିପାରିଥିଲେ ନିଖୁଣତାର ସହିତ । ପିତାଙ୍କର ସମସ୍ତ ଅଲୌକିକ ଗୁଣସତ୍ତାକୁ ଆୟତ୍ତ କରିଥିବା ମନ୍ଦୋଦରୀ ମାତା ଅପ୍‌ସରା ହେମାଙ୍କ ପରି ଅନିନ୍ଦ୍ୟ ରୂପବତୀ ମଧ୍ୟ ଥିଲେ । ନିଜର ଏହି ଦେବକନ୍ୟାକୁ ଯେ ଦିନେ ଏକାକୀ ମହୀମଣ୍ଡଳରେ ଛାଡ଼ିଯିବାକୁ ହେବ ଏକଥା ଚିନ୍ତାକରି ଏକାନ୍ତରେ ବିମର୍ଷ ହେଇ ପଡୁଥିଲେ ମାତା ହେମା ।

> ଅଭିଶପ୍ତା ଅପ୍‌ସରା ମଧୁରାର ମନ୍ଦୋଦରୀକୁ ରୂପାନ୍ତରିତ ହେବାର କାହାଣୀ ଅତ୍ୟନ୍ତ ମର୍ମଭେଦୀ ତଥାପି ଏକ ଅନିର୍ବଚନୀୟ ଆଶ୍ୱାସନା, ଏହି କନ୍ୟା ଧରାପୃଷ୍ଠର ସର୍ବଶ୍ରେଷ୍ଠ ପଞ୍ଚସତୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହେବ ଏବଂ ଏହାର ମଥାରେ ସିନ୍ଦୂର ସଦା ଉଜ୍ଜ୍ୱଳ ହୋଇ ରହିବ ।

କାଶ୍ୟପ ଋଷିଙ୍କର ପୁତ୍ର ମୟଙ୍କର ଯଶଖ୍ୟାତି ତିନିପୁର ବ୍ୟାପୀ ସ୍ୱର୍ଗରେ ପହଞ୍ଚି ସାରିଥିଲା । ସ୍ଥପତି ମୟଙ୍କର ଅନୁପମ ସ୍ଥାପତ୍ୟ କଳାର ପୁରସ୍କାର ସ୍ୱରୂପ ଦେବଲୋକବାସୀ ଅନିନ୍ଦ୍ୟ ସୁନ୍ଦରୀ ଅପ୍‌ସରା ହେମାଙ୍କ ସହ ତାଙ୍କର ବିବାହ ସ୍ୱହସ୍ତରେ ସମ୍ପାଦନ କରିଥିଲେ ଦେବରାଜ ଇନ୍ଦ୍ର । କିନ୍ତୁ ସର୍ତ୍ତ ଥିଲା ଯେଉଁ ମୁହୂର୍ତ୍ତରେ କାମନା କରିବେ ତତ୍‌କ୍ଷଣାତ୍ ଅମରାବତୀକୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିବ ଅପ୍‌ସରା ହେମାଙ୍କୁ । ଅନିନ୍ଦ୍ୟ ସୁନ୍ଦରୀ ପତ୍ନୀ ହେମାଙ୍କର ଅପୂର୍ବ ରୂପଲାବଣ୍ୟରେ ବିମୁଗ୍ଧ ଦାନବ ସ୍ଥପତି ଦେବରାଜଙ୍କର ସମସ୍ତ ସର୍ତ୍ତକୁ ସ୍ୱୀକାର କରିନେଇଥିଲେ । ସ୍ୱହସ୍ତ ନିର୍ମିତ ସୁବର୍ଣ୍ଣପୁରୀରେ ପତ୍ନୀ ହେମାଙ୍କ ସହ ଆନନ୍ଦରେ କାଳାତିପାତ କରୁକରୁ ଅନେକ ବର୍ଷ ବିତିଯାଇଥିଲା । ମାୟାବୀ, ଦୁନ୍ଦୁଭି ନାମକ ଦୁଇଟି ପରାକ୍ରମୀ ପୁତ୍ର ଏବଂ ଦେବକନ୍ୟା ହେମନନ୍ଦିନୀ ମନ୍ଦୋଦରୀକୁ ପାଇ ଅମରାବତୀକୁ

ଭୁଲି ସାରିଥିଲେ ଅପ୍‌ସରା ହେମା। ଆଦରଣୀୟା କନ୍ୟାସହିତ ଜୀବନକୁ ପୂର୍ଣ୍ଣ ଭାବରେ ଉପଭୋଗ କରିବା ପୂର୍ବରୁ ସ୍ୱର୍ଗଲୋକକୁ ପ୍ରତ୍ୟାବର୍ତ୍ତନର ସମୟ ଆସି ପହଞ୍ଚିଗଲା। ଲୋତକାପ୍ଲୁତ ନୟନରେ ନିଷ୍ପାପ କନ୍ୟାଟିର ଶାନ୍ତ ସରଳ ମୁଖମଣ୍ଡଳ ଭିତରେ ତାର ପୂର୍ବଜନ୍ମକୁ ଦେଖି ପାରୁଥିଲେ ମାତା ହେମା।

ଚିତ୍ରପଟ ପରି ଉଭାହୋଇ ଅପସରି ଯାଉଥିଲା ଜନ୍ମଜନ୍ମର ଅତିକ୍ରାନ୍ତ ସମୟର ଚିତ୍ର। ଇନ୍ଦ୍ରପୁରୀର ଅପରୂପା ମଧୁରା ନାମକ ଚପଳା ଅପ୍‌ସରାର ମର୍ତ୍ତ୍ୟଲୋକ ଦର୍ଶନର ଅଭିଳାଷ, ଦେବଦେବ ମହାଦେବଙ୍କର ନିକଟ ସାନ୍ନିଧ୍ୟ ପାଇବାର କାମନା, କୈଳାଶ ପର୍ବତରେ ଧ୍ୟାନମଗ୍ନ ଆଶୁତୋଷଙ୍କୁ ସନ୍ତୁଷ୍ଟ କରିବାପାଇଁ ଦୈବୀ କଳା କୌଶଳ, ଶିବଙ୍କର ଶରୀରକୁ ଆଲିଙ୍ଗନ କରିବାର ମୋହ, ଦେବୀ ପାର୍ବତୀଙ୍କ ଆଗମନ, ମଧୁରାଙ୍କର ସାରା ଦେହରେ ଭସ୍ମ, କ୍ରୋଧାନ୍ଧ ଦେବୀ ପାର୍ବତୀଙ୍କର ଅଭିଶାପ, ବାରବର୍ଷ ପର୍ଯ୍ୟନ୍ତ ମଣ୍ଡୁକ ଯୋନିରେ ଜନ୍ମ, ତତ୍‌ସହିତ ପରମ କାରୁଣିକ ଆଶୁତୋଷଙ୍କର ଅନୁରୋଧରେ ଦେବୀ ପାର୍ବତୀଙ୍କର କରୁଣାପ୍ରାପ୍ତ ହୋଇ ମନୁଷ୍ୟ ଜନ୍ମ ସହିତ ସର୍ବସୁଲକ୍ଷଣା ପରମ ସୌଭାଗ୍ୟବତୀ ଜଳରୁ ବାହାରିଥିବା ଏହି ଦେବକନ୍ୟାଟିର ପିତାମାତା ହେବାର ସୌଭାଗ୍ୟପ୍ରାପ୍ତ ଏବଂ ପ୍ରବଳ ପରାକ୍ରମୀ ଦିଗ୍‌ବିଜୟୀ ପରମ ଶିବଭକ୍ତ ଦଶାନନର ପତ୍ନୀ ହେବାର ଭବିଷ୍ୟବାଣୀକୁ ମନେପକେଇ ଅସ୍ଥିର ହୋଇ ପଡୁଥିଲେ ମାତା ହେମା। ଅଭିଶପ୍ତା ଅପ୍‌ସରା ମଧୁରାର ମନ୍ଦୋଦରୀକୁ ରୂପାନ୍ତରିତ ହେବାର କାହାଣୀ ଅତ୍ୟନ୍ତ ମର୍ମଭେଦୀ ତଥାପି ଏକ ଅନିର୍ବଚନୀୟ ଆଶ୍ୱାସନା, ଏହି କନ୍ୟା ଧରାପୃଷ୍ଠର ସର୍ବଶ୍ରେଷ୍ଠ ପଞ୍ଚସତୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହେବ ଏବଂ ଏହାର ମଥାରେ ସିନ୍ଦୂର ସଦା ଉଜ୍ଜ୍ୱଳ ହୋଇ ରହିବ।

ପଞ୍ଚ ଦିବ୍ୟକନ୍ୟା ମାନଙ୍କ ମଧ୍ୟରେ ପବନରୁ ଜାତ ଅହଲ୍ୟା, ଅଗ୍ନିରୁ ଦ୍ରୌପଦୀ, ଆକାଶରୁ ତାରା, ଭୂମିରୁ ସୀତା ଏବଂ ଜଳରୁ ଜାତ ମନ୍ଦୋଦରୀ। ତାଙ୍କର ଈଶ୍ୱରଦତ୍ତ କନ୍ୟା ମନ୍ଦୋଦରୀକୁ ଛାଡ଼ି ସମୟ ସହିତ ପ୍ରତିଶ୍ରୁତି ରକ୍ଷାକରି ଏକ ବିଳମ୍ବିତ ରାତ୍ରୀରେ ଦେବଲୋକରୁ ପ୍ରେରିତ ଗନ୍ଧର୍ବ ରଥରେ ସ୍ୱର୍ଗ ଗମନ କରିଥିଲେ ଅପ୍‌ସରା ହେମା। ପିତା ମୟଙ୍କ ବୃଥା ଆଶ୍ୱାସନା ଖୁବ୍ ଶୀଘ୍ର ଦେବକାର୍ଯ୍ୟ ସମାପନ କରି ମାତାଙ୍କର ମର୍ତ୍ତ୍ୟକୁ ପ୍ରତ୍ୟାବର୍ତ୍ତନ କରିବାର ପ୍ରବୋଧନା କନ୍ୟା ମନ୍ଦୋଦରୀଙ୍କର ଆତ୍ମାକୁ ଭାଙ୍ଗି ଦେଉଥିଲା ବେଳେ ପିତାଙ୍କ ଅନୁରୋଧରେ ପ୍ରାସାଦ ନିକଟରେ ଏକ ମନୋରମ କାନନକୁ ପରିଭ୍ରମଣ ପାଇଁ ଯାଇଥିଲେ ପିତା ପୁତ୍ରୀ ଦୁହେଁ। ସ୍ୱଚ୍ଛ ସଲିଳାର ପ୍ରସ୍ତର ସ୍ଫଟିକ ପାବଚ୍ଛ ଉପରେ ଉଦାସ ମନ୍ଦୋଦରୀଙ୍କର ପ୍ରତିବିମ୍ବ ନିଶ୍ଚଳ ଜଳରାଶି ଉପରେ ତରଙ୍ଗ ସୃଷ୍ଟି କରୁଥିଲା ବେଳେ ଖୁବ୍ ନିକଟରେ କାହାର ଉପସ୍ଥିତିକୁ ଅନୁଭବ କରି ଚଞ୍ଚଳ ହୋଇଉଠିଲେ ମନ୍ଦୋଦରୀ। ସମ୍ମୁଖରେ ସୁପୃଷ୍ଟ ବପୁଯୁକ୍ତ ଉଚ୍ଚ ମେଘକାନ୍ତ ଉନ୍ନତ ଶରୀର, କର୍ଣ୍ଣରେ ବୈଦୁର୍ଯ୍ୟ ଖଚିତ ମଣିମୟ କୁଣ୍ଡଳ। ରକ୍ତଜବା ମଦମତ୍ତ ନୟନ ଯୁଗଳ ଯେପରି ତାଙ୍କୁ ଦଂଶନ କରିବାକୁ ଉଦ୍ୟତ। ତ୍ରସ୍ତା ହରିଣୀଟି ପରି ସତର୍କ ପଦପାତରେ ପିତାଙ୍କ ନିକଟକୁ ଧାବମାନ କନ୍ୟାଟିକୁ ଅପଲକ ପ୍ରେମପୂର୍ଣ୍ଣ ନୟନରେ ଚାହିଁ ରହିଥିଲେ ତ୍ରିପୁର ବିଜୟୀ ପ୍ରବଳ ପ୍ରତାପୀ ଦଶାନନ ରାବଣ। କ୍ରୂର ରାକ୍ଷାସରାଜ ରାବଣଙ୍କର ପରାକ୍ରମ ଏବଂ ପ୍ରତିପତ୍ତି ଉଭୟ ଜ୍ଞାତ ଥିଲା ମୟ ଦାନବଙ୍କର। ରାବଣର ଅନ୍ତପୁରରେ ଦେବୀ ଦାନବୀ ଯକ୍ଷିଣୀ ମାନବୀ କନ୍ୟାମାନେ ଭରି ରହିଥିଲେ ତଥାପି ନିଜ ସୁକୁମାରୀ ବିଦୂଷୀ ଭୁବନମୋହିନୀ ଦେବକନ୍ୟା ନିମନ୍ତେ ରାବଣଙ୍କ ଠାରୁ ଉପଯୁକ୍ତ ପାତ୍ର ହୁଏତ ଦାନବ କୁଳରେ ପ୍ରାପ୍ତ ନ ହୋଇପାରେ। ଦଶାନନଙ୍କ ଜୀବନ ବୃତ୍ତାନ୍ତ ନିଜର ମାୟା ଚକ୍ଷୁରେ ଦେଖି ସାରିଥିଲେ ମାୟାବୀ ଦାନବ ମୟ।

ରାବଣ ଉଚ୍ଚବଂଶ ଜାତ। ବ୍ରହ୍ମାଙ୍କ ପୁତ୍ର ମହର୍ଷି ପୁଲ୍ୟସ୍ତଙ୍କ ପୁତ୍ର ବିଶ୍ରବାଙ୍କ ଦ୍ୱିତୀୟ ପତ୍ନୀ କୈକେଶୀଙ୍କ ପ୍ରଥମ ପୁତ୍ର। ପିତା ବିଶ୍ରବାଙ୍କ ପ୍ରଥମ ପତ୍ନୀ ଋଷି ଭରଦ୍ୱାଜଙ୍କ ପୁତ୍ରୀ ଏବଂ ତାଙ୍କର ଚାରିପୁତ୍ର କୁବେର, ଅହିରାବଣ, ଖର ଦୁଷଣ କନ୍ୟା କୁମ୍ଭିକା। ମାତା କୈକେଶୀଙ୍କର ଗର୍ଭଜାତ ପୁତ୍ର ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ଓ କନ୍ୟା ସୂର୍ପଣଖା। ନିଜର ଦିବ୍ୟ ଦୃଷ୍ଟିରେ ଦାନବରାଜ ରାବଣଙ୍କର ବଂଶାବଳୀର ପରିଚୟ ପାଇସାରିବା ପରେ ନିଜର ଅଲିଅଳୀ କନ୍ୟାକୁ ଦଶଗ୍ରୀବଙ୍କ ସହିତ ବିବାହ କରିବାର ଇଚ୍ଛା ବ୍ୟକ୍ତ କରିଥିଲେ ମୟ ଦାନବ। ସହର୍ଷ ସ୍ୱୀକାର ପୂର୍ବକ ମହାସମାରୋହରେ ଦେବୀ ମନ୍ଦୋଦରୀଙ୍କୁ ପାଟରାଣୀ କରି ନେଇଯାଇଥିଲେ ଲଙ୍କାପୁରୀକୁ ମହାରାଜ ରାବଣ। ଦିନ ଦିନ ଧରି ଅନେକ ଦିନ ପର୍ଯ୍ୟନ୍ତ ସମଗ୍ର ଲଙ୍କାନଗରୀରେ ବିବାହର ମହୋତ୍ସବ ପାଳନ କରାଯାଇଥିଲା। ମହାରାଣୀ ମନ୍ଦୋଦରୀଙ୍କର ଜୀବନର ପ୍ରତି ମୁହୂର୍ତ୍ତକୁ ସ୍ମରଣୀୟ ଆନନ୍ଦମୟ କରିବା ନିମନ୍ତେ ସମସ୍ତ ପ୍ରକାରରେ ଯତ୍ନଶୀଳ ଥିଲେ ଦଶାନନ। କ୍ରୂର, ଭୀଷଣ, କ୍ରୋଧାନ୍ଧ ଦଶାନନଙ୍କର ଏହି ପ୍ରେମମୟ ରୂପ ସହିତ ମହାଦେବଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଅନୁରକ୍ତି ମନ୍ଦୋଦରୀଙ୍କୁ ଆହ୍ଲାଦିତ କରିବା ସହିତ ବିସ୍ମିତ ମଧ୍ୟ କରୁଥିଲା। ଦେବ ନର ଯକ୍ଷ ଦାନବ ଗନ୍ଧର୍ବ ପ୍ରତିପୁର ଯାହାଙ୍କର ପଦାଘାତ ରଣହୁଙ୍କାରରେ ଥରହର ସେଇ ପ୍ରବଳପ୍ରତାପୀ ପରମ ଶିବଭକ୍ତ ରାବଣଙ୍କୁ ସ୍ୱାମୀଭାବରେ ପାଇ ମନ୍ଦୋଦରୀ ନିଜକୁ ଅତ୍ୟନ୍ତ ସୌଭାଗ୍ୟବତୀ ମନେ କରୁଥିଲେ। ଧୀରେ ଧୀରେ ସମୟ ପରେ ଅସମୟର ଆଗମନ ପରି ଲଙ୍କାର ଅନ୍ତପୁରରେ ଅସଂଖ୍ୟ ନାରୀଙ୍କର କୋଳାହଳ ଶୁଣିବାକୁ ମିଳୁଥିଲା। ଲଙ୍କେଶ୍ୱରଙ୍କର ମନ ଯାହାପ୍ରତି ଆକୃଷ୍ଟ ହେଉଥିଲା ସେ ତାଙ୍କର ଅଙ୍କଶାୟିନୀ ହେବାକୁ ବାଧ୍ୟ ହେଉଥିଲା। ତଥାପି ପାଟରାଣୀ ମନ୍ଦୋଦରୀଙ୍କ ପ୍ରତି ପ୍ରଗାଢ଼ ଅନୁରକ୍ତି ରହିଥିଲା ଦଶାନନଙ୍କର। ରାଜକାର୍ଯ୍ୟ, ଦେବକାର୍ଯ୍ୟ ଏପରିକି ରଣନୀତିରେ ମଧ୍ୟ ମନ୍ଦୋଦରୀଙ୍କ ସାହଚର୍ଯ୍ୟ ଏବଂ ଉପଦେଶ ଲୋଡୁଥିଲେ ମହାରାଜ ରାବଣ। ଏକଦା ନିଜର ପୁଷ୍ପକ ବିମାନରେ ବିମାତାପୁତ୍ର କୁବେରଙ୍କର ଅଳକାପୁରକୁ ଗମନ କରିବାକୁ ପ୍ରସ୍ତୁତ ହେଉଥିଲେ ଦଶାନନ। ରାଜରାଜେଶ୍ୱରୀ ମନ୍ଦୋଦରୀଙ୍କ ମନରେ ଶଙ୍କାର କ୍ଷୀଣ ବୁଦ୍‌ବୁଦ୍। ହୁଏତ ତ୍ରିପୁର ବିଜୟୀ ଦଶାନନଙ୍କର ଉଦ୍ଦେଶ୍ୟ ମହତ୍ତର ହୋଇନପାରେ। କନିଷ୍ଠ ଭ୍ରାତା ଧର୍ମପରାୟଣ ପ୍ରବଳ ତେଜସ୍ୱୀ ବୈଶ୍ରବେଣ କୁବେରଙ୍କ ଐଶ୍ୱର୍ଯ୍ୟମୟ

ଅଳକାପୁରୀକୁ ଆକ୍ରମଣ କରିବା ଦଶାନନଙ୍କର ଉଦ୍ଦେଶ୍ୟ ନୁହେଁ ତ ? ସ୍ୱାମୀଙ୍କ ପ୍ରତି ସମସ୍ତ ଆସକ୍ତି ସତ୍ତ୍ୱେ ତାଙ୍କର ମନ୍ଦବୁଦ୍ଧି ପ୍ରତି ସଦା ଶଙ୍କିତ ମନ୍ଦୋଦରୀ ସ୍ୱାମୀଙ୍କୁ ବାରଣ କରିଥିଲେ ଅନ୍ତତଃ ଆଜିକ ପାଇଁ ଯାତ୍ରା ସ୍ଥଗିତ ରଖିବାକୁ । ପ୍ରିୟତମା ପତ୍ନୀଙ୍କର ଅନୁରୋଧକୁ ଅତ୍ୟନ୍ତ ଅଗ୍ରାହ୍ୟ କରି ଚାଲିଯାଇଥିଲେ ଦଶାନନ ।

ମହାଋଷି କଶ୍ୟପ ଏବଂ ଦେବୀ ପ୍ରଥାଙ୍କର ପୁତ୍ରୀ ଅପ୍ସରା ରମ୍ଭାଙ୍କର ନଳ କୁବେର ଅଭିସାର ବେଳେ ବଧୂସମ ରମ୍ଭାଙ୍କ ପ୍ରତି ଅସଦାଚରଣ କରି ବୈଶ୍ରବେଣଙ୍କର ଅଭିଶାପ ନେଇ ଫେରି ଆସିଥିଲେ ରାବଣ ଲଙ୍କାପୁରୀକୁ ପ୍ରଚଣ୍ଡ ଅପମାନରେ । ଅପମାନର ଜ୍ୱଳା ଅପେକ୍ଷା ଅଭିଶାପର ପୀଡ଼ା ଅସହ୍ୟ ଥିଲା ବୀର ପୁରୁଷପୁଙ୍ଗବ ରାବଣଙ୍କର । କୌଣସି ନାରୀକୁ ତାର ଇଚ୍ଛା ବିରୁଦ୍ଧରେ ସ୍ପର୍ଶ କରିବା ମାତ୍ରକେ ଶରୀର ଶତଖଣ୍ଡରେ ବିଭାଜିତ ହୋଇଯିବାର ଦୁର୍ବାର ଅଭିଶାପକୁ ବରଣ କରି ପହଞ୍ଚିଥିଲେ ମହାରାଣୀ ମନ୍ଦୋଦରୀଙ୍କ ହଂସପୁରରେ ବିଷଣ୍ଣ ବିଭ୍ରାନ୍ତ ଭୀତତ୍ରସ୍ତ ମହାରାଜ ରାବଣ । ନିଜର ଅମରତ୍ୱକୁ ବଜାୟ ରଖିବା ନିମନ୍ତେ ଦଶାନନ ପରନାରୀ ପ୍ରତି ଆସକ୍ତ ହେବେନାହିଁ ଏତିକି ଆଶ୍ୱାସନା ଅନ୍ତତଃ ତାଙ୍କୁ ଅହିସୁଲକ୍ଷଣୀ ସୌଭାଗ୍ୟବତୀ କରି ରଖିବ । କାରଣ ରାବଣ ମଧ ବ୍ରହ୍ମାଙ୍କ ଦ୍ୱାରା ବରପ୍ରାପ୍ତ ଥିଲେ । ମନ୍ଦୋଦରୀଙ୍କ ପରାମର୍ଶରେ ସୁବର୍ଣ୍ଣପୁରୀ ସ୍ୱର୍ଣ୍ଣ ଲଙ୍କାରେ ନିଜ ପ୍ରଜାମାନଙ୍କ ପ୍ରତି ସଦା ସଦୟ ରହୁଥିଲେ ଲଙ୍କେଶ । ଜଣେ ପ୍ରଜାବତ୍ସଳ ରାଜା ଭାବରେ ଖ୍ୟାତି ମଧ ବଢ଼ିବାକୁ ଲାଗିଥିଲା । ଧୀରେ ଧୀରେ ସମସ୍ତ ରାଜ୍ୟରେ ଶାନ୍ତି ବିରାଜମାନ କରିଆସୁଥିଲା । ଦିଗ୍‌ବିଜୟୀ ରାଜାର ନିଶାପରି ନାରୀ ସଙ୍ଗସୁଖ ମଧ ରାଜାମାନଙ୍କର ଏକ ଆମୋଦ ଥିଲା । ରମ୍ଭାଭିସାରରେ ଅଭିଶାପ ପ୍ରାପ୍ତ ଦଶାନନ ଯଥାସମ୍ଭବ ନିଜକୁ ନାରୀମାନଙ୍କୁ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଥିବା ସମୟରେ ଭଉଣୀ ସୂର୍ପଣଖା ଦରବାରରେ ଆକୁଳ କ୍ରନ୍ଦନ ନିଜର ଅସଦ୍ ଇଚ୍ଛାକୁ ଗୁପ୍ତରଖି ପରାକ୍ରମୀ ଭ୍ରାତା ନିକଟରେ "ବନବାସୀ ରାମ ଲକ୍ଷ୍ମଣଙ୍କର ବନାଗମନର ଉଦ୍ଦେଶ୍ୟ କେବଳ ରାବଣଙ୍କୁ ବିନାଶ କରି ଲଙ୍କାର ରାଜା ହେବା" ଶୁଣିବା ମାତ୍ରେ ଉତ୍‌କ୍ଷିପ୍ତ ଉତ୍ତେଜିତ ହୋଇ ପଡିଥିଲେ ରାକ୍ଷସରାଜ । ଆସୁରିକ ମାୟାରେ ପ୍ରଭୁ ରାମଚନ୍ଦ୍ର ଏବଂ ଲକ୍ଷ୍ମଣଙ୍କୁ ଭୁଲେଇ ଅନିନ୍ଦ୍ୟ ରୂପବତୀ ଦେବୀ ସୀତାଙ୍କୁ ହରଣକରି ଅନ୍ୟ ଏକ ମହାଅପରାଧ କରିବସିଥିଲେ ରାବଣ । ଦେବୀସୀତା ଯେ ସାକ୍ଷାତ୍ ଲକ୍ଷ୍ମୀ ଏବଂ ତାଙ୍କୁ ସ୍ପର୍ଶ କରିବା ଇଚ୍ଛା ହିଁ ନିଜ ମୃତ୍ୟୁକୁ ଆମନ୍ତ୍ରଣ କରିବା । ମହାରାଣୀ ମନ୍ଦୋଦରୀଙ୍କର ଆକୁଳ ବ୍ୟାକୁଳ ନିବେଦନ ସ୍ୱାମୀଙ୍କ ଜୀବନ ରକ୍ଷାପାଇଁ । ସ୍ତ୍ରୀର ଧର୍ମ ସ୍ୱାମୀର ସୁରକ୍ଷା । ସ୍ୱାମୀଙ୍କୁ କୁପଥରୁ ବିଚ୍ୟୁତ କରିବା ସହିତ ନିଜ ରାଜ୍ୟକୁ ଶତ୍ରୁ କବଳରୁ ରକ୍ଷା କରିବା ରାଣୀଙ୍କର ମଧ କର୍ତ୍ତବ୍ୟ ।

ରାବଣଙ୍କ ଦ୍ୱାରା ଅପହୃତା ନାରୀମାନେ ଅନ୍ତଃପୁରରେ ହିଁ ରହିଥାନ୍ତି । କିନ୍ତୁ ସତୀସୀତା ଯେ ଅନନ୍ୟା । ତାଙ୍କୁ ଅନ୍ତପୁରରେ ନ ରଖି ଅଶୋକ ବନରେ ରାକ୍ଷସୀମାନଙ୍କ ଗହଣରେ ରଖିଥିଲେ ଦଶାନନ ।

ଦୂରରୁ ଦେଖିଥିଲେ ସୀତାଙ୍କ ଅଲୌକିକ ସୌନ୍ଦର୍ଯ୍ୟକୁ ରାଣୀ ମନ୍ଦୋଦରୀ । ନିଜର ଦିବ୍ୟଦୃଷ୍ଟିରେ ଦେଖିପାରିଥିଲେ ଦଶରଥ ନନ୍ଦନ ଶ୍ରୀରାମଙ୍କ ସହଧର୍ମିଣୀ ସୀତାଙ୍କୁ । ସେ ଯେ ଅଯୋନିସଂଭୂତା ସ୍ୱୟଂ ବେଦମତୀ ଦଶାନନଙ୍କର ମୃତ୍ୟୁବାଣ । ଦାନବରାଜ ରାବଣ ହୁଏତ ବିସ୍ମୃତ ହୋଇଯାଇଛନ୍ତି ବେଦମତୀଙ୍କର ଦେହତ୍ୟାଗର କାହାଣୀ ।

ଗଭୀର ରାତ୍ରୀର ନିର୍ଜନ ପ୍ରହରରେ ସ୍ୱାମୀଙ୍କର ପଦସେବା କରିବା ଅବସରରେ ଅତ୍ୟନ୍ତ ବିନୟର ସହିତ ସ୍ମରଣ କରାଇଦେଇଥିଲେ ପତିପ୍ରାଣା ମନ୍ଦୋଦରୀ ।

"ପ୍ରାଚୀନ କାଳରେ ରାଜା ଧର୍ମଧ୍ୱଜ ଏବଂ କୁଶଧ୍ୱଜ ଦୁଇ ଭାଇ କଠିନ ତପସାଧନ ଦ୍ୱାରା ମହାଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରି ଧର୍ମଧ୍ୱଜଙ୍କର ଦୁଇପୁତ୍ର ଏବଂ କୁଶଧ୍ୱଜଙ୍କର ଏକ ଉତ୍ତମ ଲକ୍ଷଣଯୁକ୍ତ କନ୍ୟା ଜାତ ହୋଇଥିଲା । କନ୍ୟାର ଜନ୍ମ ମାତ୍ରକେ ସୂତିକା ଗୃହରେ ବେଦମନ୍ତ୍ରର ଶବ୍ଦ ଭାସି ଆସିଥିଲା । କନ୍ୟାଟିର ନାମ ବେଦମତୀ ରଖା ଯାଇଥିଲା । ଲକ୍ଷ୍ମୀଙ୍କ ଅଂଶରୁ ଜାତ ବେଦମତୀଙ୍କର ଆକାଂକ୍ଷିତ ପୁରୁଷ ଥିଲେ ସ୍ୱୟଂ ଭଗବାନ ବିଷ୍ଣୁ । ଜନ୍ମରୁ ଯୌବନ ପ୍ରାପ୍ତ ହେବା ପର୍ଯ୍ୟନ୍ତ ବିଷ୍ଣୁଙ୍କୁ ପତିରୂପେ ପ୍ରାପ୍ତ ହେବାର କଠୋର ତପସ୍ୟାରତ ବେଦମତୀଙ୍କୁ ଛଳରେ ସ୍ପର୍ଶ କରି ବେଦମତୀଙ୍କ ଦ୍ୱାରା ଅଭିଶାପ ଗ୍ରସ୍ତ ହୋଇଥିଲେ ରାକ୍ଷସରାଜ ରାବଣ । ଏବଂ ସେହି ବେଦମତୀ ହିଁ ଏ ଜନ୍ମରେ ସୀତା ଏବଂ ଶ୍ରୀରାମ ରୂପୀ ବିଷ୍ଣୁଙ୍କର ପତ୍ନୀ । ବ୍ରହ୍ମାଙ୍କ ଦ୍ୱାରା ବରପ୍ରାପ୍ତ ବେଦମତୀ ପରଜନ୍ମରେ ବିଷ୍ଣୁପ୍ରିୟା ହେବାର ଆଶୀର୍ବାଦ ପାଇ ମର୍ତ୍ତ୍ୟରେ ଜନ୍ମ ନେଇଛନ୍ତି ଭୂମିସଂଭୂତା ଜନକ ନନ୍ଦିନୀ ଜାନକୀ ଭାବରେ ରାବଣଙ୍କର ନିଧନ ନିମନ୍ତେ ।"

ମନ୍ଦୋଦରୀଙ୍କର ବିଳାପର କୌଣସି ପ୍ରଭାବ ପଡ଼ି ନଥିଲା ଦଶାନନଙ୍କ ନିକଟରେ । ବିନାଶ କାଳେ ବିପରୀତ ବୁଦ୍ଧି । ତଥାପି ନିଜର ସ୍ୱାମୀ ଏବଂ ଲଙ୍କାର ସୁରକ୍ଷା ହିଁ ତାଙ୍କର ଉତ୍ତରଦାୟିତ୍ୱ । ସୀତାରୂପୀ ଅଗ୍ନିଶିଖା ସମଗ୍ର ଲଙ୍କାପୁରୀକୁ ଧ୍ୱଂସ କରିଦେବ । ରାଜାର ଅଦୂରଦର୍ଶିତା ପ୍ରଜାପାଇଁ କେତେ କ୍ଷତିକାରକ ତାହା କେବଳ ଜଣେ ଦୂରଦର୍ଶୀ ବିଦୂଷୀ ରାଣୀ ହିଁ ଉପଲବ୍ଧି କରିଥାଏ ।

ସତୀସୀତାଙ୍କୁ ନିଜ ଶକ୍ତିମତେ ଅଧୀନ କରିବାର ସମସ୍ତ କୌଶଳ ବିଫଳ ହେବାପରେ ରାବଣ ନିଜର ଅମୋଘ ଅସ୍ତ୍ର ଚନ୍ଦ୍ରହାସ ଖଡ଼୍‌ଗ ଦ୍ୱାରା ସୀତାଙ୍କୁ ବଧ କରିବାକୁ ଉଦ୍ୟତ ହେବାବେଳେ ପତିପ୍ରାଣା ମନ୍ଦୋଦରୀ ହିଁ ରାବଣଙ୍କୁ ସ୍ତ୍ରୀହତ୍ୟା ପାପରୁ ନିବୃତ୍ତ କରିବା ନିମନ୍ତେ ଆପ୍ରାଣ ଚେଷ୍ଟା କରିଥିଲେ । ମୁହୂର୍ତ୍ତକର ଭୁଲ୍ ଏବଂ ଅପକର୍ମ ପାଇଁ ବେଦଜ୍ଞ ରାବଣ ବିଚଳିତ ହୋଇ ପଡିଥିଲେ ମଧ ଅହଂକାରକୁ ଛାଡ଼ି ପାରି ନଥିଲେ । ନିଜର ସମସ୍ତ ତ୍ୟାଗ ଏବଂ ସମର୍ପଣର ପ୍ରତିବଦଳରେ ସତୀସୀତାଙ୍କୁ ଶ୍ରୀରାମଙ୍କ ନିକଟକୁ ଫେରେଇଦେବାର ଅନୁରୋଧରେ ମନ୍ଦୋଦରୀଙ୍କୁ ଘୋର ଅପମାନ ସହ୍ୟ କରିବାକୁ ପଡ଼ିଥିଲା । ଧୀରେ ଧୀରେ ଲଙ୍କାର ଆକାଶରେ ଅସଂଖ୍ୟ ଶ୍ୱେନ ପକ୍ଷୀ ଉଡୁଥିବାର ଅଶୁଭ ସୂଚନାରେ ତ୍ରସ୍ତ ରାଣୀ ମନ୍ଦୋଦରୀ ନିଜପୁତ୍ର ମେଘନାଦ ବ୍ୟତିରେକ ସମସ୍ତ ପୁତ୍ରଙ୍କର ଗୋଟିକ ପରେ ଗୋଟିଏ ନିଧନ ହେବା ଦେଖିଥିଲେ । ତଥାପି ସ୍ୱାମୀଙ୍କର

ଜୀବନରକ୍ଷା ନିମନ୍ତେ ଅଗ୍ନି ସମର୍ପଣ ଯଜ୍ଞ କରିବାକୁ ତାଙ୍କୁ ପରାମର୍ଶ ଦେଇଥିଲେ । ଯଦି ବିନା ବିଘ୍ନରେ ଏହି ଯଜ୍ଞ ସମାପନ ହୋଇଯାଇ ପାରିବ ହୁଏତ ଅଜେୟ ରାବଣଙ୍କର ଅମରତ୍ୱ ପ୍ରାପ୍ତି ହୋଇପାରିବ । କିନ୍ତୁ ରାମଭକ୍ତ ହନୁମାନ ଏବଂ କିଷ୍କିନ୍ଧ୍ୟା କୁମାର ଅଙ୍ଗଦଙ୍କ ଦ୍ୱାରା ଏହି ଯଜ୍ଞ ପୂର୍ଣ୍ଣ ହୋଇପାରି ନଥିଲା । ରାବଣଙ୍କର ଯଜ୍ଞାହୁତି ଦେବା ସମୟରେ ପ୍ରାଣପ୍ରିୟା ପତ୍ନୀକୁ ଅଙ୍ଗଦଙ୍କ ଦ୍ୱାରା ଅପମାନିତ ହେବାର ଦେଖି ରାବଣ ଯଜ୍ଞ ଛାଡ଼ି ଅଙ୍ଗଦ ସହ ଯୁଦ୍ଧ କରିବାକୁ ଉଦ୍ୟତ ହୋଇଥିଲେ ଏବଂ ଯଜ୍ଞଭ୍ରଷ୍ଟ ହେବାପରେ ଅଙ୍ଗଦ ଯଜ୍ଞସ୍ଥାନ ଛାଡ଼ି ଚାଲି ଯାଇଥିଲେ ।

ରାବଣ ଏବଂ ମନ୍ଦୋଦରୀ ଏକ ଓ ଅଭିନ୍ନ । ରାବଣଙ୍କ ଜୀବନରେ ମନ୍ଦୋଦରୀଙ୍କ ପ୍ରଭାବ ଅକଳ୍ପନୀୟ । କିନ୍ତୁ ପତିର ସ୍ୱଭାବ ଉପରେ ପତ୍ନୀଙ୍କର କୌଣସି ପ୍ରବେଶ ନଥିଲା । ରାବଣଙ୍କର କ୍ରୁରତା ଅମାନୁଷିକତା ସତ୍ତ୍ୱେ ସେ ଯେ ନିଷ୍ଠାବାନ ପରମ ଶିବଭକ୍ତ ଏତିକି ଆଲୋକିତ ଅଧ୍ୟାୟ ଥିଲା ତାଙ୍କ ଅନ୍ଧକାରମୟ ଜୀବନ କାଳରେ । ସେଇ ଆଲୋକିତ ଅଧ୍ୟାୟର ମୂକସାକ୍ଷୀଥିଲେ ଦେବୀ ମନ୍ଦୋଦରୀ । ଦୁହେଁ ଦୁହିଁଙ୍କ ପାଇଁ ଜନ୍ମ, ଜନ୍ମାନ୍ତର ପାଇଁ ଦେବଦେବ ମହାଦେବଙ୍କ ଆଶୀର୍ବାଦରୁ । ଏକଥା କାମାନ୍ଧ ରାବଣ ଜାଣିପାରି ନଥିଲେ । ଅନନ୍ୟୋପାୟ ହୋଇ ମାତା ମନ୍ଦୋଦରୀ ନିଜର ପ୍ରାଣପ୍ରିୟ ପୁତ୍ର ମେଘନାଦକୁ ଆକୁଳ ଭାବରେ କହିଥିଲେ "ପୁତ୍ର ମୋର ଦିବ୍ୟଚକ୍ଷୁ ଉନ୍ମୁକ୍ତ କରି ଦେଖ । ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କୁ ସେ ଯେ ପରମ ଧାମବାସୀ ଭଗବାନ ବିଷ୍ଣୁ ଧରାରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଜନ୍ମ ନେଇଛନ୍ତି । ତାଙ୍କରି ଚରଣ ତଳେ ଶରଣ ନିଅ । ଅନ୍ତତଃ ପିତୃପାପର ପ୍ରାୟଶ୍ଚିତ ହୋଇପାରିବ ।" ଅଧମ ପୁତ୍ର ତାଙ୍କର ପିତୃଇଚ୍ଛା ପୂର୍ଣ୍ଣ କରି ପିତୃଋଣ ପରିଶୋଧ କରିବା ନିମନ୍ତେ ଜନ୍ମଦାତ୍ରୀ ମାତା ଏବଂ ପ୍ରାଣାଧିକ ପତ୍ନୀ ସୁକନ୍ୟାଙ୍କର ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଯୁଦ୍ଧରେ ପ୍ରାଣ ଦେଇଥିଲେ । ମୃତ ପୁତ୍ର ନିକଟରେ ମଧ୍ୟ ଶୋକ କରିବାକୁ ସମୟ ପାଇ ନଥିଲେ ରାଣୀ ମନ୍ଦୋଦରୀ । ସ୍ୱାମୀଙ୍କର ଜୀବନ ରକ୍ଷାର୍ଥେ ନିଷ୍ଠା ଓ ସମର୍ପଣର ସହିତ ମାତା ପାର୍ବତୀଙ୍କର ପୂଜା କରୁଥିବା ସମୟରେ ମହାରାଜ ରାବଣଙ୍କର ନିଧନ ହୋଇଥିଲା । ମାତା ପାର୍ବତୀଙ୍କର ମସ୍ତକରୁ ଫୁଲ ଖସି ଅହିସୁଲକ୍ଷଣୀ ସୌଭାଗ୍ୟବତୀ ହେବାର ସୂଚନା ତାଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା ।

ରାବଣଙ୍କର ନିଧନ ପରେ ସ୍ୱର୍ଣ୍ଣଲଙ୍କାର ସମୃଦ୍ଧି ନିମନ୍ତେ ଶ୍ରୀରାମଙ୍କ ଅନୁରୋଧରେ ମହାରାଣୀ ମନ୍ଦୋଦରୀ ବିଭୀଷଣଙ୍କୁ ବିବାହ କରିଥିଲେ ମଧ୍ୟ ପ୍ରତ୍ୟେକ ବିବାହରେ ଯଥା ରାବଣସ୍ୟ ମନ୍ଦୋଦରୀ ଏହି ମନ୍ତ୍ରପାଠର ମର୍ଯ୍ୟାଦା ରକ୍ଷା କରାଯାଇଛି । କାରଣ ସତୀ ଶିରୋମଣୀ ମହାରାଣୀ ମନ୍ଦୋଦରୀ ହିଁ ସ୍ୱର୍ଣ୍ଣଲଙ୍କାରେ ମହାରାଜା ରାବଣଙ୍କର ପ୍ରତିନିଧି ଥିଲେ ।

ବାଲ୍ମୀକି ରାମାୟଣରେ ରାଣୀ ମନ୍ଦୋଦରୀଙ୍କୁ ସ୍ୱଳ୍ପ ହେଲେ ମଧ୍ୟ ଏକ ସମ୍ମାନଜନକ ମର୍ଯ୍ୟାଦାପୂର୍ଣ୍ଣ ନାରୀ ଭାବରେ ବର୍ଣ୍ଣନା କରାଯାଇଛି । ଉତ୍ତର ରାମାୟଣ, ଆଧ୍ୟାତ୍ମ ରାମାୟଣ ଏବଂ କୃତିବାସ ରାମାୟଣରେ ମହାରାଣୀ ମନ୍ଦୋଦରୀଙ୍କର ଅନେକ ଅଲୌକିକ ଘଟଣାବଳୀର ଅବତାରଣା କରାଯାଇଛି । ପୁରାଣଶାସ୍ତ୍ରରେ ଭିନ୍ନ ଭିନ୍ନ ପ୍ରକାରର କାହାଣୀ ଲେଖା ଯାଇଥିଲେ ମଧ୍ୟ ଏହି ସତ୍ୟ ଅନସ୍ୱୀକାର୍ଯ୍ୟ । ପ୍ରତ୍ୟେକ ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ ଯେଉଁ ମହାସତୀମାନଙ୍କର ନାମାଙ୍କନ କରାଯାଇଛି ସେମାନେ ପରିସ୍ଥିତି ପରିବେଶ ଏବଂ ସମୟ ସହିତ ନିଜକୁ ବାନ୍ଧିଦେଇ ଅମର ହୋଇଯାଇଛନ୍ତି । ବିଭିନ୍ନ ଲେଖକଙ୍କ ଦ୍ୱାରା ଲିଖିତ ରାମାୟଣର ଏହି ଉପାଖ୍ୟାନରେ ଏକମାତ୍ର ବିଦିତ ସତ୍ୟ ମହାରାଣୀ ମନ୍ଦୋଦରୀ ଏବଂ ମହାରାଜ ରାବଣଙ୍କର ସମ୍ପର୍କ ଜନ୍ମଜନ୍ମାନ୍ତରର । ସେଥିପାଇଁ ପ୍ରତି ବିବାହରେ ବ୍ରାହ୍ମଣ ଏହି ପବିତ୍ର ମନ୍ତ୍ର ପାଠରେ ବରକନ୍ୟାଙ୍କର ବନ୍ଧନକୁ ଦୀର୍ଘଜୀବୀ କରିବା ନିମନ୍ତେ ପାଠ କରନ୍ତି ଯଥା 'ରାବଣସ୍ୟ ମନ୍ଦୋଦରୀ' ।

*ତଳତେଲେଙ୍ଗା ବଜାର, କଟକ*

# ଶେଷ ଚିଠି

**ଜିତେନ୍ଦ୍ର ପରିଡା**

ଆଜିକାଲି ଆଉ ଟ୍ରେଜେରୀ ଘଣ୍ଟାର ଶବ୍ଦ ରାତିର ନିସ୍ତବ୍ଧତାକୁ ଭେଦକରି ସହରରେ ଗୁଞ୍ଜରଣ ସୃଷ୍ଟି କରୁ ନାହିଁ। କଚେରୀ ହତାର ବରଗଛ ମୂଳେ ଚଉତରା ପୁରୁଣା କଚେରୀ କେବଳ ଜିଲ୍ଲାପାଳଙ୍କଙ୍କ ଅଫିସ ହୋଇ ରହିଯାଇଛି।

ଅନତି ଦୂରକୁ ନୂଆକୋର୍ଟ ଉଠିଯାଇଛି। ଯେଉଁଠି ଘୂରିବୁଲୁଛି କିଛି ବାସ୍ତୁହରାଙ୍କ ଦୀର୍ଘଶ୍ୱାସ କିଛି ଚାଲାକ ଓକିଲଙ୍କ ପ୍ରପଞ୍ଚ ... କିଛି ଅନ୍ୟାୟ ବିରୁଦ୍ଧରେ ଲଢ଼ିଲଢ଼ି ହାରିଯାଇଥିବା ଲୋକଙ୍କ ଅନ୍ତଃର୍ଦାହ ଆଉ କିଛି ଦୋଷୀଙ୍କ ପଶ୍ଚାତାପ .... କିଛି ନିର୍ଦ୍ଦୋଷ ହାହୁତାଶ ....। ସଭିଁଏ କଞ୍ଚା ପଇସାର ଲୋଭରେ ଏତେ ଲୋଭଗ୍ରସ୍ତ ଯେ ତାରିଖଟିଏ ଚେତାଇଦେବାକୁ ମଧ୍ୟ ସେମାନଙ୍କର ଅନେକ କାର୍ପ୍ୟଣତା।

> ମୋର ପଢ଼ା ସରିବାପରେ ମୁଁ ଯେତେବେଳେ କୁମୁଦିନୀର ବହି ଖୋଲିଲି ଖଣ୍ଡେ ଚାରି ଚଉତା ଚିଠି ବହି ଭିତରୁ ଖସିପଡ଼ଲା। ମୁଁ କ'ଣଟେ ବୋଲି ଭାବି ତଳୁ ଗୋଟେଇ ଯେବେ ଆଖି ସାମ୍ନାରେ ତୋଳି ଧରିଲି ମୋ ଆଖି ତାଲୁରେ ଖୋସି ହୋଇଗଲା। ସତେ ଯେମିତି ଚିଠିତ ନୁହେଁ ଗୋଟାଏ ପରମାଣୁ ବୋମା ମୋ ହାତରେ। ଅକ୍ଷର ସବୁ ଅସ୍ପଷ୍ଟ। ମୁଣ୍ଡ ଭିତରଟା ଝାଇଁ ମାରି ଦେଉଛି।

କିଛିବି ଯୁକ୍ତି କରନ୍ତି ଘୋଡ଼ା ଯଦି ଘାସ ସହ ମିତ୍ରତା କରିବ ତେବେ ଖାଇବ କଣ ? କିଛି ଗଣିତ ବିଷାରଦ କଳାକୋର୍ଟ ପିନ୍ଧିବା ପରେ କହିବାର ଦେଖାଯାଏ ଯୁଦ୍ଧ ଯଦି ଭାଜ୍ୟ ହେଲା ... ଭାଜକ ବି ଯୁଦ୍ଧ .... ଭାଗଫଳ ଯୁଦ୍ଧ ହେଲେ .... ଯୁଦ୍ଧ ବି ତ ସମାଧାନର ନୂଆ ଭାଗଶେଷ।

ଏଠି ସମସ୍ତଙ୍କର ଶାଣ୍ଟ ଗାଣ୍ଟ ପରିବା ଦୋକାନୀ ଚାଷୀର ଗାଁକୁ ଯାଇ ବଇନା ଦେଇ କାଳାନ୍ତର ସୁଧ ସହ ପରିବା ଆଣି ବଜାରରେ ବିକୁଛି। ହେଲେ ଚାଷୀ ଯେଉଁ ତିମିରେ କୁ ସେଇ ତିମିରେ।

ଠିକ୍ ସେମିତି ଓକିଲଗଣଙ୍କ ଦୂତଗଣ ଜିଲ୍ଲାର କୋଣ ଅନୁକୋଣରେ ଭର୍ତ୍ତି। କେଶ୍ ଆଣି ଓକିଲଙ୍କ ପାଖରେ ଦେଲେ ସେ ତା'ର ପାଉଣା ପାଉଛି। ମୁଦାଲା ମୁଦେଇ ଘରର ରୁଅ କୁଲାଡ଼ାଲା ଢ଼ିଙ୍କି ବିକିବା ପର୍ଯ୍ୟନ୍ତ କଥାଯାଉଛି।

ଆଉ ସାହେବ ଅର୍ଡର ଅର୍ଡର କହି ନ୍ୟାୟମୂର୍ତ୍ତୀର ଆଖିରେ ଅନ୍ଧପୁଟୁଳି ବାନ୍ଧି ତାରିଖ ପରେ ତାରିଖ ବଦଳେଇବାରେ ବ୍ୟସ୍ତ। ଗୋଟିଏ ଲୁହା ଶିକୁଳିରେ ଏମାନେ ଗୋଟେ ଗୋଟେ କଡ଼ି। ସମ୍ବିଧାନ ପୁସ୍ତକରେ ଉଇ ଚରିଗଲାଣି। ଏଠି ନ୍ୟାୟ ଅନ୍ୟାୟ ନୁହେଁ.... ପକାପଇସା ଖା ଦହି ଗଉଡୁଣୀ ସହ କିମ୍ବା ସହି।

ଛୁଆବେଳେ ପଢ଼ିଥିବା କଥାଟା କ୍ରମଶଃ ସତ ହେବାକୁ ଲାଗିଛି କର୍କିକୁ, ଛେଞ୍ଚା ବସିଛି ବେଙ୍ଗ... ବେଙ୍ଗକୁ ସାପ.... ସାପକୁ ନେଉଳ .... ନେଉଳକୁ କେଳା...କେଳାକୁ ବାଘ...ବାଘକୁ ବନ୍ଧୁକ।

ଖଟରେ ପଡ଼ିପଡ଼ି ସାମ୍ନାରେ ଟଙ୍ଗା ହୋଇଥିବା କାନ୍ଥଘଣ୍ଟାକୁ ଚାହିଁଲା ଯଶୋବନ୍ତ। ସମୟ ରାତି ସାଢ଼େବାର। ଝରକାର ପରଦାଆଢ଼େଇ କାଚ ସେପଟକୁ ଲକ୍ଷ୍ୟକଲା ଝିପିରି ଝିପିରି ବର୍ଷା... ରାସ୍ତା ଆଲୋକ ଗୁଡ଼ାକ ଭିତରେ ପୋକପଶି ବଡ଼ ନିସ୍ତଭଃ .... ଝିଂକାରୀର ଝିଂ ଝିଂ ଶବ୍ଦ। ବେଙ୍ଗଙ୍କ କେଁକଟର ... ବୁଲାକୁକୁରଙ୍କ ଭୋକିଲା ପେଟର ଚିତ୍କାର କାଁଭାଁ ଗାଡ଼ି ମଟର ଗଲେ ସାମାନ୍ୟ ଶବ୍ଦ ନ ହେଲେ ଅଖଣ୍ଡ ନିରବତା। ପେଚାଟେ କେଉଁଠି ହୁଟ୍ ହୁଟ୍ ହେଉଛି।

ବୁଲି ଚାହିଁଲା ପଛକୁ। ନୀଳ ଜିରୋ ପାୱାର ଆଲୋକର ରୋଷଣୀ ଘରସାରା ... ଖଟରେ ଶୋଇଛି ଦିନସାରା ଲୋଟଣୀପାରା ପରି ଖଟୁଥିବା ସୁଲୋଚନା ... ଲମ୍ବା କେଶରୁ କିଛି ମୁହଁ ଉପରେ। ଗୋଟିଏ କଡ଼କୁ ପୁଅ ରାହୁଲ। ଯାହାକୁ ଜେଜେମୋ ନଟ ଡ଼ାକେ। ଏଇ ତା'ର ପରିବାର। ବାଁ କଡ଼ କାନ୍ଥ ଉପରେ ଦୁଇଟି ଝିଟିପିଟି ମୈଥୁନରତ। ହେଲେ ତା ଆଖିରେ ନିଦ କାହିଁ। ସତେ ଯେମିତି ସେ ମାସାଧିକ କାଳ ଶୋଇନାହିଁ। ନିଦ ବି କାହିଁକି ଯେ ତାକୁ ହେଉନି ସେ ଜାଣେନି।

ତିନିମାସ ତଳେ ସେ ଡ଼ାକ୍ତରଙ୍କୁ ଦେଖେଇ ଆସିଥିଲା। ଡ଼ାକ୍ତର

କହିଲେ ଆପଣ ସବୁବେଳେ ଚିନ୍ତା କରୁଛନ୍ତି। ରକ୍ତଚାପ ଅଧିକ ରହୁଛି। ହାଇପର ଟେନସନ୍। ସବୁବେଳେ ନିଜକୁ ବ୍ୟସ୍ତ ରଖନ୍ତୁ। ଯୋଗ କରନ୍ତୁ। ସକାଳ ସଞ୍ଜରେ ଚାଲନ୍ତୁ। ଆଉ ଏ ଔଷଧ ଖାଆନ୍ତୁ। ସେ କିଛି ପଚାରିବା ପୂର୍ବରୁ କହିଲେ ନେକ୍ସଟ ... ହଁ ଅସୁବିଧା ହେଲେ ଆପଣ ଏଇ ନମ୍ବରରେ ଫୋନ ପେ କରିଦେବେ ଆଉ ଭିଡ଼ିଓ କନଫରେନ୍ସରେ ଯୋଗ ଦେବେ।

ସବୁଠି ସେ କାଇଦା କଟକଣା। ଯେଉଁଥିରେ ଅତିଷ୍ଠ ଏଇ ମଝି ପାହାଚର ଲୋକ। ତଳକୁ ଓହ୍ଲେଇଗଲେ ଲୋକ ନିନ୍ଦା ଭୀରୁ କାପୁରୁଷ ଆଗକୁ ଚାହିଁଲେ ଅଗଣତି ପାହାଚ। ସତେକ ସର୍ଗାରୋହଣର ବାଟ।

ନିଜକୁ ନିଜେ ଧିକ୍‌କାର କରିଲା ... ଶଳା ଆମର ଏଠି ବଞ୍ଚିବାର ବି ଅଧିକାର ନାହିଁ ..... ବଞ୍ଚିବାକୁ ହେଲେ ତୋ ହାତରେ ବି ରକ୍ତ ଲାଗିବ, ଆଉ ଯଦି ତୋ ହାତରେ ରକ୍ତ ନ ଲାଗିଲା ତୁ କିଛି ନ ବୁଝୁଣୁ ତୋ ପ୍ରତିପକ୍ଷ ତୋତେ ହାଣିଦେଇ ସାରିଥିବ। ତେଣୁ ତୁ ତ ଆଉ ଗୋଟାଏ ବେକଦେଖେଇ ପାରିବୁ ନି ନା, ଯେ ଏଇଟାକୁ ବି ହାଣିଦିଅ। ଏଣେ ବଞ୍ଚେଇବାକୁ ତୁ ବି ଅସ୍ତ୍ର ଧରିବୁ ସାଞ୍ଜୁ ଶିରସ୍ତ୍ରାଣ ବାନ୍ଧି ତୁ ବି କାହାକୁ ହାଣିବୁ। ଏ ହାଣିବା ପ୍ରକ୍ରିୟା ଏକ ଋତୁଚକ୍ର। କେତେବେଳେ କାହାପାଳି ପଡ଼ିବ କହିହେବ ନାହିଁ। ତେଣୁ ନିଜେ ନିଜକୁ ସଜାଗ ରଖିବା ଭଲ ଆଉ ସର୍ବଶ୍ରେଷ୍ଠ ଉପାୟ। କାରଣ କଥାରେ ନାହିଁ ନା ଆପେ ବଞ୍ଚିଲେ ବାପର ନା। ପୁଣି ଆର ପୃଷ୍ଠାରେ ବି ତ ଲେଖା ଅଛିନା ପ୍ରତିବେଶୀ ସୁଖରେ ନ ରହିଲେ ତୁମେ ବି ଶାନ୍ତିରେ ରହିପାରିବନି।

ଆମର ସନାତନ ଧର୍ମ ପଞ୍ଚଶୀଳ ନୀତିରେ ବିଶ୍ୱାସ ରଖୁ। କିନ୍ତୁ କାହିଁ ତା'ପରେ ବି ଜାତିଗତ ବିଦ୍ୱେଷଣ ହିଂସାର ହିରୋସୀମା। ସାଂପ୍ରଦାୟିକ ଦଙ୍ଗା। ହୀନ ରାଜନିତି ଜୁଆଖେଳରେ ହାରେ ରାଜାପୁଷ ରାଜ୍ୟ, ଭାଇ, ପତ୍ନୀ ଆଉ ଆଦରି ନିଏ ବନବାସ .... ପଛରୁ ଶୁଭୁଥାଏ କପଟପାଶାର ମାହିର ଖେଳାଳୀ ଶକୁନିର ଠୋ ଠୋ ହସ।

ଝର୍କା ପରଦା ଟାଣିଦେଇ ଆସି ଖଟରେ ବସିଲା। ଯଶୋବନ୍ତ, ପାଣି ମଗରୁ ପାଣି ଢ଼ାଳି ଏକ ଦୁଇ ତିନି ଗ୍ଲାସ ପାଣିପିଇଗଲା ଏକା ନହସରେ। କିଛିଟା ସାଧାରଣ ଅବସ୍ଥାକୁ ଫେରିଲା। ସ୍ତ୍ରୀ କଡଲେଉଟାଇଲେ ହାତଟା ସ୍ୱାମୀ ଦେହରେ ନ ବାଜିବାରୁ ନିଦରୁ ଉଠିପଡ଼ି ପଚାରିଲେ କ'ଣ ଏ ପର୍ଯ୍ୟନ୍ତ ଶୋଇନ ? ମୁଣ୍ଡ ବିନ୍ଧୁଛି କି ? ଟିକିଏ ଘଷି ଦେବି। ଯଶୋବନ୍ତ ଛୁଆଟେ ଭଳି ତାଙ୍କ ମୁହଁକୁ ଚାହିଁ ରହିଲା। ସ୍ତ୍ରୀ ପଚାରିଲେ ଏମିତି ଚାହିଁଛ କଣମ ? କ'ଣ କିଛି ଦୁଃସ୍ୱପ୍ନ ଦେଖିଲକି ? ଆରେ ନାଇମ ତୁମେ ଏତେ ବ୍ୟସ୍ତ ହେଇ ଉଠୁଛ କ'ଣ ପାଇଁ ? ମୁଁ ଭାବୁଥିଲି କାଲି ଟିକେ ସରମାଉସୀଙ୍କ ଘରଆଡୁ ବୁଲି ଆସିଲେ ହୁଅନ୍ତାନାହିଁ ?

ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ; ହଠାତ୍ ସରମାଉସୀ କାହିଁକି ମନେ ପଡ଼ିଲେ ? ପ୍ରଶ୍ନରେ ସନ୍ଦେହ କମ୍ କୌତୁହଳ ଅଧିକ ଥିଲା। ସେମିତି କିଛି ନାଇମ। ଏ ସହରକୁ ଆସିବା ଦିନଠୁ ଗାଁ ଲୋକତ କେହିନାହିଁ ସେଇ କେବଳ ସରମାଉସୀ। ତା'ଠୁ ମିଳିବ ଯାହା ଗାଁର ହାନିଲାଭ କଥା। ତେଣୁ ମୁଁ କହୁଥିଲି ସେଠିକି ଯିବା ପାଇଁ। ସେହିଁ କହିପାରିବ ଆମ ଘରର ହାଲଚାଲ। ମନଟା କାହିଁକି ଗୋଳେଇ ଘାଣ୍ଟି ହେଉଛି। ଯେମିତି କି ଏ ମାୟାବୀ ସହରଟା ଆମ ଟିକି ଉଦୟପୁରର ନଇଡେଇଁ ଭୁଷଭାଷ କିନା ଗାଁ ଭିତରକୁ ରାକ୍ଷସଭଳି ମାଡି ଯାଉଛି। ଲୋକେ ଇତସ୍ତତଃ ହୋଇ ଧାଇଁ ବୁଲୁଛନ୍ତି। ବଡବଡିଆମାନେ ଉଚ୍ଚ ପିଣ୍ଡାରେ ଠିଆ ହୋଇ ତଳେ ଧାଉଁଥିବା ଲୋକଙ୍କୁ କବାଟ ବନ୍ଦ କରି ଦେଇ ହସୁଛନ୍ତି। ଗାଁ ଦାଣ୍ଡରେ ହୈ ଚୈ। ନିମିଷକ ଭିତରେ କ'ଣ ଏମିତି ବଦଳିଗଲା ଯେ ଲୋକଙ୍କ ଚରିତ୍ର ବି ବଦଳିଗଲା ଯେ ବୁଝି ହେଉନାହିଁ।

କିଏ କହୁଛି କଳିକାଳ ଆରମ୍ଭ ହେଲା। କିଏ କହୁଚି ମା' ବାସୁଳୀ ବାରହାତ ଖଣ୍ଡା ଧରି ବୁଲୁଚି ଯେ ବୁଲୁଚି ସାଙ୍ଗରେ ସାତମା ଭଉଣୀ। ହାବୁଡେ ପଡ଼ିଲେ ନିସ୍ତାର ନାହିଁ ଲୋକସବୁ ଘର ଡିହ ବାଡି ଛାଡି ଚାଲିଯାଉଛନ୍ତି। କେଉଠିକି ଯାଉଚ କହିଲେ ପ୍ରଶ୍ନର ଉତ୍ତର ନାହିଁ। ହେଲେ ପିମ୍ପୁଡି ପରି ଲୋକଙ୍କର ଧାଡି ଲାଗିଛି।

କେତେକଙ୍କ ପିତୃପୁରୁଷ ଭିଟାମାଟିରେ ଉଇ ଚରିଗଲାଣି। ରୁଅ ବତା ଦୁର୍ବଳ ଯୋଗୁଁ ଛପର ନଇଁଗଲାଣି। ଗାଁରେ ସାହି ସାହିରେ ମନ୍ଦିର। ଗୋଟିଏ ବୋଲିତ ଦେବୀ ଥିଲା ଅନ୍ଧାରୀ ଏବେ ଏତେ ଦେବାଦେବୀ ପୂଜିବ କିଏ ? ତେଣୁ ଦେବଦେବୀଙ୍କ କୋପ ପଡ଼ିବନି ତ କ'ଣ ହେବ ? ରାତାରାତି ପୋଖରୀରୁ ମାଛମାନେ ଉଭାନ ହେଇଯାଉଛନ୍ତି। କେନାଲରେ ପାଣି ଆସୁନି। ଚତୁର୍ମାସ୍ୟା ଗଲାଣି ପାଣି ଠୋପେ ନାହିଁ। ଦୁର୍ଗାପୂଜାକୁ ବର୍ଷା ନହେଲେ ତଳିସବୁ ଜଳିଯିବ। ସାହୁକାର ମାନେ ଅମାରରେ ଚାବି ଦେଇ ଦେଲେଣି। ଏଥର ମରୁଡି ସୁନିଶ୍ଚିତ। ଲୋକଗୁଡା ପୋକମାଛି ଭଳି ମରିବା ଅପେକ୍ଷା ସହର ଆଡକୁ କାମ ଖୋଜିବା ନାଁରେ ଧାଇଁଛନ୍ତି। ହେଲେ ସହରରେ ବି କାମ କାହିଁ ?

ସବୁରି ମୁହଁରେ ଅଖଣ୍ଡ ପ୍ରଶ୍ନବାଚୀ କ'ଣ ହେବ ? ଲୋକଙ୍କୁ ଆଶ୍ୱାସନା ଓ ବିଶ୍ୱାସ ରଖିବାକୁ କହିବା ଯାଗାରେ ହ୍ୟାପଗଣ ଭୟଭୀତ କରି ନିଜର ଖୋଷଣୀ ଭରୁଛନ୍ତି। ମାଳିକା ସତ ହେବ। ସମୁଦ୍ର ମାଡି ଆସିବ ବାଇଶି ପାହାଚେ ମୀନ ଖେଳିବ। ପ୍ରମାଣ ଦେଖୁନ ଶ୍ରୀମନ୍ଦିରରୁ ପଥର ଖସିଲାଣି। ରତ୍ନଭଣ୍ଡାରରୁ ଚାବି ହଜିଲାଣି। ଦିଅଁ କ'ଣ ଆଉ ଶ୍ରୀମନ୍ଦିରରେ ଅଛନ୍ତି ? ନବକଳେବର ପୂର୍ବରୁ ଯେଉଁ ପାତାଳି ହେଇଥିଲେ ସେଇଠି ରହିଯାଉଛନ୍ତି। ଏଗୁଡା ପୂଜାପଣ୍ଡା ନୁହଁନ୍ତି କି ସେବକ ନୁହଁନ୍ତି ଏଗୁଡା ପାଜି ଦସ୍ୟୁଗଣ। ନ ହେଲେ ଦାରୁବ୍ରହ୍ମ ଗଲେ କୁଆଡ଼େ ଶଳେ ଠାକୁରଙ୍କ ନାଁରେ ନିଷ୍କର ଜମି ଭୋଗ କରୁଛନ୍ତି ଏଣେ ଭକ୍ତଙ୍କୁ ଲୁଟିବାରେ ବ୍ୟସ୍ତ। ଶଳେ ତମେ ସବୁ ସେବକ ନୁହଁରେ ଗୋଟେ ଗୋଟେ କଳାପାହାଡ।

ଦେହରୁ ଗମ୍ ଗମ୍ ହୋଇ ଝାଳ ବୋହୁଚି ଯଶୋବନ୍ତର। ସରମାଉସୀକୁ ନେହୁରା ହେଲେ ବି କିଛି କହୁନାହିଁ। ମାଉସୀ କହତ ଦେଖି ମା'ର ଖବର କ'ଣ ? ଘରବାଡି କେମିତି ଅଛି ? ପର୍ଶୁ ଦାଦା ଯେଉଁ ପଛ ବାଡି ଖଣ୍ଡକ ଅକ୍ତିଆର କରି ନେଇଥିଲେ ଛାଡି ଦେଲେଣିନା ! ମା ବାଡିରେ ବୋଇତାଳୁ, କଖାରୁ, କାକୁଡି, ଶାଗ ଦି କିଆରି କରିଛି ନା ନାହିଁ। ଯେତେ କହିଲି ମୋ ପାଖକୁ ପଳେଇଆସ ଶୁଣିଲା ନାହିଁ। ଏବେ ତାର ଝିଆପିଆ ଠିକ୍ ଅଛି ତ ? ତା'ର ଯେଉଁ ଅଣ୍ଟା ଆଉ ଆଣ୍ଠୁବାତ ଥିଲା ଟିକେ କମିଲାଣି ନା ନାହିଁ। ବିଶୁ ହଳିଆ ନିତି ଆସି ଘରକାମ ଠିକ୍ କରୁଛିତ ?

କ'ଣ ଶୁଣିଲି ଏବେ ଗାଁରେ ପାଠାଗାରଟେ ଖୋଲିଛି। କ'ଣ ମହୋତ୍ସବ କରିବ ବୋଲି ଥୋକେ ଅଡି ବସିଛନ୍ତି। କରନ୍ତୁ ଯେତେ ପାରୁଛନ୍ତି ଭଲ

କାମ କରନ୍ତୁ। ଆରେ ହାତୀ ଜଙ୍ଗଲରେ ବୁଲିଲେ ବି ରଜାର।

କିନ୍ତୁ, ରୋଗ ନଜାଣି ବଇଦ କହିଲା ଦେ ତୋରାଣୀ ନ୍ୟାୟରେ କେତେଦିନ ଚାଲିବ ? ଚାଷୀ କପାଳର ରେଖା ହାତର ରେଖାକୁ ନେଇ ଆଉ ନିଆଁ ପାଣି ଆକାଶର ଦୟାରେ କେତେଦିନ ବଞ୍ଚିବ ? ତାକୁବିତ ବର୍ତ୍ତମାନର ପଦ୍ଧତିକୁ ଆପଣେଇବାକୁ ପଡିବନା ? କୃଷିର ଉନ୍ନତି ଶିକ୍ଷା ସ୍ୱାସ୍ଥ୍ୟ ଅନ୍ଧ ବିଶ୍ୱାସକୁ ଦୂରେଇ ନଦେଲେ କ'ଣ ଗୋଟେ ସୁସ୍ଥ ସମାଜ ଗଠନ ହେଇପାରିବ ?

ଏବେ ତ ସବୁଠି ଅବିଶ୍ୱାସର ବାତାବରଣ। ଶାଗ ଖାଇଲା ଲୋକ ପେଜ ପିଇଲା ଲୋକକୁ ଦେଖି ସହି ପାରୁନାହିଁ। ଗାଁର କୁଟୀର ଶିଳ୍ପ ମୁମୂର୍ଷୁ ଅବସ୍ଥାରେ। ଯନ୍ତ୍ର ସଭ୍ୟତାର କରାଳ ରାକ୍ଷସ ସବୁକୁ ଗିଳିଯାଇଛି। ମଣିଷ ଆଉ ମଣିଷ ହେଇ ରହିନାହିଁ। ଗୋଟିଏ ଯନ୍ତ୍ର ପାଲଟିଯାଇଛି ଠିକ୍ ଚାବିଦିଆ ଖେଳନା।

କାହିଁ ସେ ମା ହାତର କୋଳଥଡାଲି ସହ ଆମ୍ବୁଲରାଇ। ବୋଇତାଲୁ ଫଳଭଜା, ବାଡିର କୋଶଳା, ନେଉଟିଆ ଶାଗ, ଲାଉପିଠା, କୁନ୍ଦୁରି ଭଜା, ଜହ୍ନିଆଳୁ ପୋସ୍ତ, ଚୁଡାଭଜା, ମୁଢ଼ିମାଂସ ଝୋଳ, ବାଡି ବାଇଗଣ ଭର୍ତ୍ତା, ବିଲାତି ପୋଡା, ଚିଉଡ ଖିରି ପିଠା, ଘିଅପୋଡପିଠା, ସବୁ ଆଜି ସାତସ୍ୱପ୍ନ। କଅଁଳ ସାରୁପତ୍ରକୁ ବେସନଦେଇ ସାରୁ ମାଗୁରା ନାଁ ଧରିଲେ ପାଟିରୁ ଲାଳ ଝରିଯାଉଛି। ମଣ୍ଡା କାକରା ଆରିସା ଏଣ୍ଡୁରି ପିଠାକୁ ସରୁଚକୁଳି ଆଉ କ'ଣ ମିଳିବ ?

ସହରର ପିଜା, ବର୍ଗର, କେକ୍ ପାଉଁରୁଟି ଆଜି ଆଧିପତ୍ୟ ବିସ୍ତାର କରିଛି। ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇଁ ଛକ ଛକରେ ମଦ ଦୋକାନ, ବୟସ୍କ ମଧ୍ୟ ତ ବୟସ୍କ ଜୁଆନ ଭେଣ୍ଡା ଗୁଡିକ ମଧ୍ୟ କାମକୁ ଡରୁଛନ୍ତି। ଦିନକୁ ଚାରିଓଳି ଠୁଙ୍କିଦେଇ ତାସ ପଶା ଖେଳରେ ମାତିଛନ୍ତି। ବଡ ସାନର ବାଛ ବିଚାର ନାହିଁ। ଝିମିଟି ଖେଳରୁ ମହାଭାରତ ଭଳି ରାତି ପାହିଲେ ଖାଲି ଅଶ୍ଳୀଳ ଶବ୍ଦରେ ଗାଳି, କଳି, ତକରାଳ।

ଝିଅ ବୋହୂ ଘରୁ ପଦାକୁ ଗୋଡ ବଢ଼େଇ ପାରୁନାହାନ୍ତି। ଟାହି ଟାପରା ଶୁଣି ଶୁଣି ସେମାନେ ବି ମ୍ରିୟମାଣ। ନାଳି ସଡକ ଏବେ କଂକ୍ରିଟ ହେଲାଣି। ନଇରେ ଡଙ୍ଗା ନାହିଁ ନାଉରିଆର ପଲା ଆସିବ କୁଆଡ଼େ ? ପୋଲ ହେବା ଦ୍ୱାରା ସହରକୁ ଦୂରତ୍ୱ ସିନା କମିଯାଇଛି ହେଲେ ଗାଁଗୁଡିକ ସହରର ଅନ୍ଧଗଳିରେ କୋଉଠି ହଜିଯାଇଛନ୍ତି କିଛି ବୁଝାପଡୁନି।

ସହରରେ ଚାକିରୀ କରୁଥିବା ଲୋକ ଅବସର ପରେ ଗାଁକୁ ଫେରିବାକୁ ଚିନ୍ତା କଲାବେଳକୁ ଗାଁ ଲୋକ ସହର ମୁହାଁ ହେଉଛନ୍ତି। ସମ୍ପର୍କରେ ଏବେ ଅନେକ ଫାଟ, ଦାଦା ଖୁଡି, କକା, ଜେଜେ, ଜେଜେମା ଡାକିବା ପ୍ରାୟ ଉଠିଗଲାଣି ବା ସେମାନଙ୍କ ଜୀଅନ୍ତା ସମାଧିରେ ଶିଉଳି ଲାଗିଗଲାଣି।

ବଡ ବଡ ଶିଳ୍ପପତି ଏବେ ଗାଁ ମୁହାଁ ହେଉଛନ୍ତି। କମ ଦାମରେ ଯାଗା କିଣି ଲୋକଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖେଇ ସରସ ସୁନ୍ଦର ଉପୁଜାଉ କ୍ଷେତରେ କଳକାରଖାନା ବସାଇବାର ମସୁଧା କରୁଛନ୍ତି। କିଛି ସଚେତନ ଗ୍ରାମବାସୀ ବିରୋଧ କଲେ ମିଥ୍ୟା କେସ୍‌ରେ ପକେଇ ସେମାନଙ୍କୁ ହନ୍ତସନ୍ତ କରୁଛନ୍ତି।

ଏବେ ଏଠି ସବୁ ଛମାଣ ଆଠଗୁଣ୍ଠର ଭଗିଆ ସାରିଆ। ମଙ୍ଗାରାଜେ ହେଲେ କାରଖାନା ମାଲିକ। ଆଉ ଏ ମୂଲିଆ କସିଆ ହାଟପାଳିରେ ପେଟେ ମହୁଲିପିଇ କୁକୁଡାପଡା ଆଉ ଜୁଆଖେଳରେ ବ୍ୟସ୍ତ।

ପର୍ବ ପର୍ବାଣୀ ବୋଲି ଆଉ କିଛି ନାହିଁ। ଗାଁର ଶାଳଂପ୍ରାଣୁ ଛାତି ଧରି ଠିଆ ହେଇଥିବା ପଚାଶ ଷାଠିଏ ବର୍ଷର ଗଛ ସବୁ ଭୂଇଁରେ ମିଶିଗଲେଣି। କେନ୍ଦୁକୁସୁମ ଜାମୁ ଏସବୁ ଆଜି ମିଳିବା ଏକ ଅସମାହିତ ପ୍ରଶ୍ନ। ସବାରୀର ଧାକୁଧା ଧାକୁମ୍ଧା ସ୍ୱର ଆସିବ କୁଆଡ଼ୁ ? ବର ଏବେ ଗାଁକୁ ଘୋଡା ନୁହଁ ଗାଡିରେ ଆସୁଛନ୍ତି।

ବାଇଆଳ ଟୋକାର ବଂଶୀକୁ କେହି କାନ ଡେରିଲେ ବି ଶୁଣି ପାରୁନାହିଁ। ଭାଗବତ ଟୁଙ୍ଗୀଗୁଡିକ ନଷ୍ଟ ହେଇଗଲାଣି। କେବଳ ଯାହା ଦୁଇଓଳି ମନ୍ଦିର ଆଳତୀ ଶୁଭୁଛି ସିଏ ବି ବାଧରେ। ନନା ନିଜର ଦଉ ବଢ଼େଇ ଦେଲେଣି।

କୁଆଁର ପୁନେଇଁ ଜହ୍ନଲୋ ଫୁଲ ବଉଳବେଣୀ କୌଣସି କୁଆଁରୀ ଗାଉନାହାନ୍ତି। ଡିଜେଲ ଛାତିଫଟା ଶବ୍ଦରେ ଗାଁ ଦୁଲୁକୁଛି। ଖଳା ନାହିଁ ... ଘଣାନାହିଁ ... କମାରଶାଳ ନାହିଁ ... ଢିଙ୍କି ନାହିଁ ଏମିତିକି ମଣିଷ ନିଜେ ମଲେ ମଡାଚଣ୍ଡିଆ ଆଜିଠୁ ଯୋଗାଡ କରି ଛଅଖଣ୍ଡ ବାଉଁଶ ବି ଯୋଗାଡ କରି ରଖିବାକୁ ପଡୁଛି।

ଗାଁରେ ଆଉ ପ୍ରହରକିଆ ଡାକ ଡାକୁଥିବା ଚଉକିଆ ଆଉ ଜାଗତେ ରହୋ ଡାକୁନାହିଁ। ପଞ୍ଚାୟତର ନିଷ୍ପତ୍ତି ନେବାକୁ ଯେଉଁ ନାଗରା ପିଟା ହେଉଥିଲା ସିଏ ଏବେ କଳବାଜଣାରେ ରୂପାନ୍ତରିତ। ସବୁ ଯେତେବେଳେ ବଦଳୁଛି ସମୟ ବା ସେଥିରୁ ବାଦଯିବି କେମିତି ?

ଯଶୋବନ୍ତ ସରମାଉସୀ ଘରେ ପହଞ୍ଚି ଓଳଗି ହେଲା। ସରମାଉସୀ କହିଲା ବୁଢ଼ାଟିଏ ହୋଇଥାରେ ବାପା। ଗାଁ ଆଡ଼େ ଟିକେ ଯା ମା'ଟା କେତେ ଅନିଷା କରିଛି। ଦିନେ ତ କହୁଥିଲା ଅପାଲୋ ଏ ଯଶୁହାତରୁ ତୁଳସୀ ପାଣି ଟିକିଏ ନ ପାଇଲେ ଏ ହିନିମାନିଆ ଜୀବନଟା ଛାଡ଼ିଯିବ ନାହିଁ। ଜନ୍ମରୁ ତ ବାପକୁ ଖାଇଲା, କେତେ ମାଗିଯାଚି ବାରଓଳି ଶୁଣ୍ଠି ପିଣ୍ଡା ହୋଇ ଏଇ ମେଞ୍ଚଡଟାକୁ ଏଡୁଟେରୁ ଏଡେଟେ କଲି। କହିଲା ସହରରେ ପଢ଼ିବି ଘରର ସୁନା କି ଜମି ପାଠ ପଢ଼େଇଲି। ଚାକିରୀ ବି କଲା। ଭାରି ସୁଧାରଲୋ ଅପା ଯାହିଁ କହିଲି ସେଇଠଇ ବେଦୀରେ ବସିଲା। ବୋହୂଟା ବି ଯାଣିବୁ ତ ଗୋଟେ ବଉଳା ଗାଈ। ବିନା ଛନ୍ଦଣୀରେ ବି ବୋଲମାନେ। କଥାରେ ନାହିଁ ନା ସୁମଣିଷକୁ ପଦେ ସୁଗାଇକୁ ଛାଟେ। ବୋହୂଟା ଦିନେ ବି ଯୋର କରି ପଦେ କଥା କହିନାହିଁ। ଏଇଟା ପୁଣି କଲେଜରେ ମାଷ୍ଟ୍ରାଣୀ ହେଇଛି। ଏ ଦଣ୍ଡା ବାଲୁଙ୍ଗା ଗୁଡାକୁ କେମିତି ସାବାଡ କରୁଥିବ କେଜାଣି ? ଘରକୁ ଆସିଲେ ଗୋଡ ଛୁଇଁ ମୁଣ୍ଡିଆ ମାରିବ। ରାତିରେ ଗୋଡ଼ରେ ତେଲ ମାଲିସ କରି ଘଷାମୋଡ଼ା କରିବ ଯେତେ ମନା କଲେବି ଶୁଣିବ ନାହିଁ।

ଆଉ ସେ ନାତିଟା ନଟ। ଯାଣିବୁତ ଗୋଟେ ବିଛୁଆତି। ଗାଁକୁ ଆସିଲେ ଅତର ଛତର ବୁଲିବ, ନଇପଠା ମାଛଘାଟ ପୋଖରୀରେ ଘଣ୍ଟାଘଣ୍ଟା ମାଛଭଳି ପହଁରିବ, ତା ମା କିଛି କହିଲେ ଆସି ମୋ କାନିତଳେ ପଶିଯିବ। ଏଇଟା କାଳେ ଏବେ ବେଶି ଦୁଷ୍ଟ ହେଉଛି ...ହେବନିନା ? ମା ବାପ ଗଲେ ଚାକିରୀକୁ ଛୁଆଟା ଏକୁଟିଆ ପଡିଯାଉଛି। ସ୍କୁଲରୁ ଫେରିବା

ବେଳକୁ ଆୟାଘରେ ... ସେଇଟା ବି କାଳେ ଚୋରଣି ;ମୋ ଛୁଆ ଖାଇବା ଜିନିଷକୁ କାଳେ ଲୁଚେଇ ଖାଇଯାଉଛି। ବଢ଼ନ୍ତା ଛୁଆ ଏକୁଟିଆ ରହିଲେ ମୁଣ୍ଡକୁ ବାରକଥା ପଶିବ ହିଁ ପଶିବ। ଭଗବାନ କରନ୍ତୁ ଛୁଆଟା ମୋର ଅବାଟକୁ ନଯାଉ।

ଯଶୋବନ୍ତ ସରମାଉସୀକୁ ଟିକେ ଏକୁଟିଆ ଚାହୁଁଥିଲା, ପଚାରିବା ପାଇଁ ଯେ କୁମୁଦିନୀ ଏବେ କ'ଣ କରୁଛି ? ଗାଁରେ ଅଛି ନା ବାହା ସାହା ହେଇ ଶାଶୁଘରକୁ ଗଲାଣି ? ତା ବର କ'ଣ କରୁଛି। କୁମୁଦିନୀର ବାପ ମା ଗାଁରେ ଅଛନ୍ତି ନା ନା ନାହିଁ। ସରମାଉସୀ ଏକୁଟିଆ ହେଲାନି କି ସୁଲୋଚନା ପାଖ ଛାଡ଼ିଲାନି। ଗୋଟିଏ ଅବସୋସ୍‌ର ଦୀର୍ଘ୍ୟଶ୍ୱାସ ନେଇ ଫେରି ଆସିଲା। କେମିତି କାହାକୁ ପଚାରିବ କୁମୁଦିନୀ କଥା। ଅନେକ ଲଜ୍ଜା ଓ ସଂକୋଚରେ ଆରକ୍ତ ହୋଇ ଉଠିଲା ତା ମୁହଁ। କୁମୁଦିନୀ !

ସରୁ ତନୁ ପାତଳି ଝିଅଟେ। ଗହମ ରଙ୍ଗର ଦେହ। ପାନପତ୍ର ଭଳି ମୁହଁ। ଦିଟା ଟଣା ଟଣା କଥାକୁହା ଆଖି। ଆଖି ନୁହେଁତ ଦୁଇଟା ଧାରୁଆ ଛୁରୀ ଯେଉଁଥିରେ ହଣା ଖାଇଛନ୍ତି ଅନେକ ପିଲା ଏପରିକି କିଛି ମାଷ୍ଟ୍ର ମଧ୍ୟ।

ଦିନେ ସ୍କୁଲ ଫେରନ୍ତା ରାସ୍ତାରେ ସେ ହଠାତ୍ ପଛରୁ ଡାକିଲା ଯଶୁଭାଇ ମୋ ଦେହ ଖରାପ ଯୋଗୁଁ ମୁଁ ସପ୍ତାହେ ହେଲେ ସ୍କୁଲ ଆସିନଥିଲି ଏହା ଭିତରେ ଆମର ସାହିତ୍ୟ ବହିର ଏହି ଦୁଇଟା ବିଷୟ ପଢ଼ା ହେଇଯାଇଛି। ମୁଁ କିଛି ବୁଝିଛି କିଛି ବି ବୁଝିପାରିନି। ତେଣୁ ତୁମେ ଏ ବହିଟାନେଇ ଏଇ ଦୁଇଟି ବିଷୟରେ କିଛି ସାରାଂଶ ଲେଖିଦେଲେ ମୋତେ ବୁଝିବାରେ କିଛି ଅସୁବିଧା ହେବନାହିଁ।

ମୋର ମନା କରିବାର କିଛି ନଥିଲା। ହଉ ଦେ କହି ମୁଁ ମୋ ବାଟରେ ଚାଲିଆସିଲି। ସେ ବି ତା ବାଟରେ ଚାଲିଗଲା। ମୋର ପଢ଼ା ସରିବାପରେ ମୁଁ ଯେତେବେଳେ କୁମୁଦିନୀର ବହି ଖୋଲିଲି ଖଣ୍ଡେ ଚାରି ଚଉତା ଚିଠି ବହି ଭିତରୁ ଖସିପଡ଼ିଲା। ମୁଁ କ'ଣଟେ ବୋଲି ଭାବି ତଳୁ ଗୋଟେଇ ଯେବେ ଆଖି ସାମ୍ନାରେ ଟୋଳି ଧରିଲି ମୋ ଆଖି ତାଳୁରେ ଖୋସି ହୋଇଗଲା। ସତେ ଯେମିତି ଚିଠିତ ନୁହେଁ ଗୋଟାଏ ପରମାଣୁ ବୋମା ମୋ ହାତରେ। ଅକ୍ଷର ସବୁ ଅସ୍ପଷ୍ଟ। ମୁଣ୍ଡ ଭିତରଟା ଝାଇଁ ମାରି ଦେଉଛି। ଦେହରେ ସତେ ଯେମିତି ୧୦୨ ଜ୍ୱର। ଛାତିଟା ଏତେ ଯୋରରେ ଧଡ଼ପଡ଼ ହେଉଛି ଯେ ପଡ଼ିଶା ଘର ବି ଶୁଣିପାରିବେ। ଦେହ ଗୋଟା ଝାଳ ସରସର।

ମୋ ପାଇଁ କୁମୁଦିନୀର ଏଇ ପ୍ରଥମ ଓ ଶେଷ ଚିଠି। ଚିଠିର ଭାଷା କେଉଁ ଉପନ୍ୟାସରୁ ଆନୀତ। କବିତାମୟ ସେ ଚିଠି। ଗାଁ ଝିଅଙ୍କ ଢଗରେ ପରିପୂର୍ଣ୍ଣ। ତଥାପି ଚିଠିରେ ଅଛି ସତ କଦସ୍ୱର ରୋମାଞ୍ଚ। ନଈର କୁଳୁକୁଳୁ ନାଦ ବଂଶୀର ମେଘମହ୍ଲାର, ରଜନୀ ଗନ୍ଧାର ବାସ, କୋଇଲିର କୁହୁ ବସନ୍ତର ମୁଠାଏ ମୂର୍ଚ୍ଛନା, ଶରତର କାଶାର ଚାମର, ଚୈତ୍ରର ଚଇତାଳି ବାଆ, ପୌଷର ହେମାଳିଆ ବାଆ, ମାଘର ଜାଡ଼ ଗ୍ରୀଷ୍ମର ତତଲାବାଆ ଆଉ ଶ୍ରାବଣରେ କୁମୁଦିନୀ ପାଲଟି ଯାଇଛି ଭିଜାଭିଜା ଶ୍ରାବଣୀଟିଏ।

ସେଇଦିନୁ କୁମୁଦିନୀ ପ୍ରତି ଅନ୍ତରର କେଉଁ ଏକ କୋଣରେ ଦୁର୍ବଳତାଟିଏ ଘର କରି ନେଇଛି ସେ ନିଜେ ବି ଯାଣେନା।

ସେ କିନ୍ତୁ କୁମୁଦିନୀକୁ ଧନ୍ୟବାଦ ଦିଏ ଯେ ସେଇ ଚିଠି ପଢ଼ିବା ପରେ ଯଶୋବନ୍ତକୁ ମନେ ହେଲା ସେ ବଡ଼ ହେଇଯାଇଛି। ନାକତଳ ସାଉଁଳି ଦେଖିଲା କଅଁଳ ଦୁବଘାସ ପରି ମୁଠାଏ ନାକ ତଳେ ଗଜୁରି ଆସୁଛି।

କୁମୁଦିନୀ ଗୋଲାପି କାଗଜରେ ସବୁଜ କାଳିରେ ଦେଇଥିଲା ସେ ଚିଠି। ଅନେକ ମାନ ଅଭିମାନ ଅଭିଯୋଗ ଆଉ ପ୍ରେମ ଓ ଭଲ ପାଇବାର ନିଦର୍ଶନ ସେ ଚଠି। ଠିକ୍ ଯେମିତି ଖରାଦିନର କୃଷ୍ଣଚୂଡ଼ା ଫୁଲ ... ରକ୍ତ ଗୋଲାପର ନିମନ୍ତ୍ରଣ, ଗୋଟିଏ କୁଆଁରୀ ସୁକୁମାରୀ କନ୍ୟାର ଆବେଗ ଅନୁରାଗ। ସେ ଚିଠିରେ ଥିଲା ପହିଲି ବର୍ଷାଭିଜା ମାଟିର ବାସ୍ନା ମହମହ। ପୋଖରୀ ତୁଠରେ ହଳଦୀ କାଠୁଆର ବଟା ହଳଦୀର ବିଭୋର ପଣ, ଦୁଇପାଦ ଅଳତା ଉପରେ ନୂପୁରର ରୁଣୁଝୁଣୁ ଶବ୍ଦ। ଗାଧୁଆ ଘାଟରୁ ସିକ୍ତ ବସନରେ ଫେରୁଥିବାବେଳେ ସଖୀଙ୍କ ଟାହି ଟାପରାରେ ଲାଜରା ମୁହଁ। ଆଦ୍ୟ ଯୌବନରେ ପୁରିଲା ପୁରିଲା ଦେହ।

ସେଦିନ ବି ଠିକ୍ ଏମିତି ରାତିଟିଏ। ଯଶୋବନ୍ତ ରାତି ସାରା ଶୋଇପାରି ନଥିଲା। କ'ଣ ଉତ୍ତର ଦେବ କୁମୁଦିନୀକୁ। କୁମୁଦିନୀ ଦୁଇବର୍ଷ ସାନ ଏବେ ନବମ ଶ୍ରେଣୀ। ଆଉ ଯଶୋବନ୍ତ ଏକାଦଶ ଶ୍ରେଣୀର ଛାତ୍ର। କୋଉଠି ଲୁଚେଇବ ଏ ଚିଠି କୋଉ ବହିରେ ... ଘରର କୋଉ କୋଣରେ... ମନ ମନ୍ଦିରରେ ନା ପୃଥିବୀର କେଉଁ ଏକ ଅଜ୍ଞାତ କୋଣରେ ?

ଅନେକ ଭାବିଚିନ୍ତି ତା' ପରଦିନ ସକାଳୁ ଗୋଟିଏ ପ୍ଲାଷ୍ଟିକ ଡବା ଭିତରେ ସୁନ୍ଦର ନାଲିକନାରେ ବାନ୍ଧି ଜରି ଭିତରେ ପୁରେଇ ପୂର୍ବ ପୁରୁଷଙ୍କ ଅସ୍ଥି ନିକଟରେ ପୋତି ଦେଲା। ଆଉ ଗୋଟେ ଗୋଲାପଚାରା ଆଣି ବଡ଼ ଭଙ୍ଗା ବାଲଟିରେ ଲଗାଇଦେଲା। ସେ ଗଛଟି ଏବେ ବି ତା ବାଡି ବଗିଚାରେ। ଫୁଲ ବି ଖୁବ୍ ଫୁଟିଲା। ସତେକି କୁମୁଦିନୀ ଫୁଲ ହୋଇ ତାକୁ ନିତି ଖତେଇ ହେଉଥିଲା ଆଉ କହୁଥିଲା ଯଶୁ ଭାଇ ତୁମେ ସତରେ ବଡ ମାଇଚିଆ।

କୁମୁଦିନୀ ତୁ କାହୁଁ ବୁଝିବୁ ମୋର ଅନ୍ତର୍ଦାହର ସ୍ୱର। କେତେ କରୁଣ କେତେ ହୃଦୟ ନିବାଦରକ। ସେ ଚିଠି ଆଜିବି ସେମିତି ଅଛି। ମୁଁ ଆଉ କେବେ ପଢ଼ିନି। ପଢ଼ିଲେ ଘା'ରୁ ପୂଜରକ୍ତ ବାହାରିବ ସିନା ଘା ତ ଭଲ ହେବନି।

କୁମୁଦିନୀ ତୁ ଥିଲୁ ମୋ ମାଉସୀର ଝିଅ। ଏକା ଗୋତ୍ରରେ ବାହା ହେବାଟା ସମାଜ ଆଖିରେ ନିଷିଦ୍ଧ। ତୁ ଯେଉଁଠି ଥା ସୁଖରେ ଥା। ତୋ ପାଇଁ ମୁଁ ଏଇଠୁ ମଙ୍ଗଳ ମନାସୁଛି। ତୁ ମୋର ପ୍ରଥମ ଓ ଶେଷ ପ୍ରେମ। ଏ କାହାଣୀ ଏଇଠି ଥାଉ। ନହେଲେ ଏ ଦୁନିଆ ଆଖିରେ ଆମେ ଦୋଷୀ ହୋଇଯିବା। ମାଉସୀ ମଉସା ବି କାହାକୁ ମୁହଁ ଦେଖେଇ ପାରିବେନି।

ଯଶୋବନ୍ତ ଟିକେ ହାଲୁକା ଅନୁଭବ କଲା। ଶୋଇବାକୁ ଯେତେ ଚେଷ୍ଟା କଲେ ବି ଶୋଇ ପାରିଲାନି। ସତେକି ନିଦଟା ତାଠୁ ଯୋଜନ ଯୋଜନ ଦୂରରେ। ଘର ଭିତରେ ସେ ପଦଚାରଣ କରିବାରେ ଲାଗିଥିଲା। ରାତିର ସାନ୍ଦ୍ରତା କ୍ରମଶଃ ଗାଢ଼ରୁ ଗାଢ଼ତର ହେବାରେ ଲାଗିଥିଲା।

*ଶରତ କୁଟୀର, ଧୋବାଡିହା ମାଳି ସାହି ଛକ*
*କେନ୍ଦୁଝର ଗଡ: ୭୫୮୦୦୧*
*ଦୂରଭାଷ: ୯୪୩୭୦୦୬୧୯୬*

# ଅନାମିକା ଦାସ

ପ୍ର. ଗିରିଜା ଶଙ୍କର ଶର୍ମା

ଚୁଲବୁଲି ସ୍ୱଭାବର ଅନାମିକା ଦାସ କଲେଜରେ ପାଠ ପଢୁଥିବା ବେଳେ, ଛାତ୍ରଛାତ୍ରୀମାନଙ୍କର ବହୁତ ପ୍ରିୟ ଥିଲା ଓ ତାକୁ ପ୍ରାୟ ସମସ୍ତେ ବହୁତ ଭଲପାଉଥିଲେ । ସେ ସାହାଯ୍ୟକାରୀ, ଦୟାଳୁ ତଥା ହସୁଖସି ମିଜାଜର ଥିଲା । ତାକୁ ଦେଖିଲେ କିମ୍ବା ତା ସହିତ କଥାବାର୍ତ୍ତା କରିଲେ ମନ ଦୁଃଖରେ ବସିଥିବା ଲୋକଟି ମଧ୍ୟ କିଛି ସମୟ ପରେ ହସି ହସି ବେଦମ୍ ହୋଇଯିବ । କୌଣସି ଜିନିଷ ବା ଦୁଃଖ ଯେତେ ବଡ଼ ହେଉନା କାହିଁକି, ସେ ମନଦୁଃଖ କରିବା ଗୁମସୁମ ହୋଇ ବସିବା, କେହି କେବେ ଦେଖିନାହାନ୍ତି ।

କଲେଜର ସାଙ୍ଗ ସାଥିମାନେ ଯେତେବେଳେ ଯେଉଁ ସାହାଯ୍ୟ ଚାହିଁଛନ୍ତି ଅନାମିକା ନିଜ ସାଧ୍ୟ ମତେ ସମସ୍ତଙ୍କୁ ସାହାଯ୍ୟ କରିଛି । ଯାହାର ଯାହା ଦରକାର ହୁଏ, ତାକୁ କହିଲେ ସେ ଯଥା ସମ୍ଭବ ତାକୁ ସାହାଯ୍ୟ କରିଥାଏ । ସେଥିପାଇଁ କଲେଜରେ ତାର ବହୁତ ସାଙ୍ଗ ଏବଂ ବହୁତ ଚିହ୍ନା । ତାର ସେବା ମନୋବୃତ୍ତି ପାଇଁ ତାକୁ କଲେଜ ତରଫରୁ ଗତବର୍ଷ ସମ୍ମାନିତ ମଧ୍ୟ କରାଯାଇଥିଲା ।

> ସେ କେବେ ଆଶା କରିନଥିଲା ଯେ ତାକୁ ଏ ପ୍ରକାରର ପରିସ୍ଥିତିର ସାମନା କରିବାକୁ ପଡ଼ିବ । କଲେଜରେ ପଢ଼ିବା ସମୟରେ ସେ ବିଲକୁଲ ଟେନସନ୍ ନେଉନଥିବା ସ୍ୱଭାବର ଝିଅ ଥିଲା ଓ କଲେଜ ପରେ ମଧ୍ୟ ସେ ବିଲକୁଲ ବିନଦାସ ମେଣ୍ଟାଲିଟିର ଥିଲା । ସେ ସ୍ୱାମୀ ଓ ନିଜ ପୁଅ କଥା ଭାବି କେତେ ବିଚଳିତ ହେଉଛି ଜାଣି ନିଜେ ମଧ୍ୟ ବିସ୍ମିତ ହେଉଥିଲା ।

ଅନାମିକା କୋଡ଼ିଏ ବର୍ଷର ତରୁଣୀ । ଗହମ ରଂଗର ଶରୀର । ଉଚ୍ଚ ନାସିକା । ମୋଟା ମୋଟି ଭାବରେ ଆକର୍ଷଣୀୟ ଚେହେରା । ତାର ବିବାହ ପାଇଁ ଅନେକ ପ୍ରସ୍ତାବ ଆସେ । ସେ କିନ୍ତୁ କୌଣସି ବନ୍ଧନରେ ବାନ୍ଧି ହେବାକୁ ଆଦୌ ଚାହେଁ ନାହିଁ । ସମାଜସେବା, ଦୁଃଖୀ, ଗରୀବଙ୍କୁ ସାହାଯ୍ୟ କରିବା ତାର ଇଚ୍ଛା । କୌଣସି ଏନଜିଓରେ ଯୋଗଦାନ ଦେଇ ସେବାକାର୍ଯ୍ୟରେ ରହିବା ପାଇଁ ସେ ଚାହେଁ । ପ୍ରଥମେ ପ୍ରଥମେ ଅନାମିକାର ଅନାଗ୍ରହ ଦେଖି ତାର ପିତାମାତା ବାହାଘର ପାଇଁ ବିଶେଷ ଗୁରୁତ୍ୱ ଦେଲେନାହିଁ । କିନ୍ତୁ ଧିରେ ଧିରେ ତାର ବୟସ ବଢ଼ିଚାଲିଲା ବର୍ତ୍ତମାନ ତାଙ୍କୁ ଛବିଶ ବର୍ଷ ହେଲାଣି । ଏବେ ତାର ବିବାହ ଚିନ୍ତା ବାପା ମା'ଙ୍କୁ ଘାରିଲାଣି । ବିବାହ କରିବା ପାଇଁ ତା'ଉପରେ ଚାପ ବଢ଼ିବାରେ ଲାଗିଲା । ସେ ଦେଖିଲା ଯେ ବିବାହ ନକରି ରହିବା ଆଉ ତା ପକ୍ଷରେ ସମ୍ଭବ ନୁହେଁ । ତା ମା' ତାଙ୍କୁ ଶେଷ କଥା ଶୁଣାଇ ଦେଲେ ଯେ ବିବାହ କରିବା ପାଇଁ ରାଜି ନହେଲେ ସେ ତା' ମା'ଙ୍କ ମଲା ମୁହଁ ଦେଖିବ । ଅନନ୍ୟୋପାୟ ହୋଇ ଅନାମିକା ବିବାହ କରିବା ପାଇଁ ରାଜି ହେଲା । ଅନାମିକାର ବାପା ତାଙ୍କ ପାଖରେ ଥିବା ସମସ୍ତ ପ୍ରସ୍ତାବକୁ ତାକୁ ଦେଲେ ଓ କହିଲେ ଏଇ ଚାରି ପାଞ୍ଚଟି ପ୍ରସ୍ତାବ ଆମ ମନକୁ ପାଇଛି । ତୁ ୟା'ଙ୍କ ଭିତରୁ ବାଛ ।

ଅନାମିକା ଦେଖିଲା ଯେ ସେ ପ୍ରସ୍ତାବ ଗୁଡ଼ିକ ଭିତରେ ଗୋଟିଏ ସୁବ୍ରତ ବାବୁଙ୍କ ପ୍ରସ୍ତାବ ଅଛି । ସୁବ୍ରତ ବାବୁ ହୁଏତ ତାଙ୍କୁ ଭଲରେ ଜାଣିନଥିବେ କିନ୍ତୁ ଅନାମିକା ତାଙ୍କୁ ଭଲ ଭାବରେ ଜାଣିଛି କାରଣ ସେ ତା'ଠାରୁ ଦୁଇବର୍ଷ ଉପର କ୍ଲାସରେ ଥିଲେ କଲେଜରେ ପଢୁଥିବା ବେଳେ । ସେ ତାଙ୍କର ବିଷଦ ବିବରଣୀରେ ଦେଖିଲା ଯେ ସେ ଏବେ ବ୍ୟାଙ୍କରେ ଅଫିସର ପଦବିରେ ଅଛନ୍ତି । ଗୋଟିଏ ଏନଜିଓ ସଂସ୍ଥା ମଧ୍ୟ ଚଲାଉଛନ୍ତି । ତାଙ୍କ ଏନଜିଓ ଗରିବ ଲୋକଙ୍କୁ ଖାଦ୍ୟ ବସ୍ତ୍ର ଆଦି ପ୍ରଦାନ କରୁଛି ଓ ଆବଶ୍ୟକ ସ୍ଥଳେ ଚିକିତ୍ସା ସହାୟତା ମଧ୍ୟ ଯୋଗାଉଛି ।

ପିତା ମାତା ଠିକ୍ କରିଥିବା ତାରିଖରେ ସୁବ୍ରତ ବାବୁ ଅନାମିକାକୁ ଦେଖିବାକୁ ଆସିଲେ । କଲେଜ ଛାଡ଼ିବା ପରେ ଅନାମିକା ତାଙ୍କୁ କେବେ ଦେଖି ନଥିଲା ଏବେ ସେ ଦେଖିଲା ଯେ ସୁବ୍ରତ ବାବୁ ବହୁତ ନମ୍ର ଓ ଭଦ୍ର ମଧ୍ୟ । ଶାରୀରିକ ଗଠନ ମଧ୍ୟ ସୁସ୍ଥ ଓ ବଳିଷ୍ଠ । ମୋଟା ମୋଟି

ଆକର୍ଷଣୀୟ ବ୍ୟକ୍ତିତ୍ୱ । କିଛି ସମୟ କଥାବାର୍ତ୍ତା ପରେ ଉଭୟେ ଉଭୟଙ୍କୁ ଭଲଭାବେ ଜାଣିବା ପାଇଁ ସୁଯୋଗ ପାଇଲେ । ଉଭୟଙ୍କ ରୁଚି ଅଭ୍ୟାସ ତଥା ବ୍ୟବହାର ପ୍ରାୟ ସମାନ ।

ଉଭୟଙ୍କ ସମ୍ମତି କ୍ରମେ କିଛିଦିନ ପରେ ସୁବ୍ରତ ଓ ଅନାମିକାଙ୍କର ବିବାହ ସଂପର୍ଣ୍ଣ ହୁଏ । ପ୍ରଥମେ ପ୍ରଥମେ ଉଭୟେ ହର୍ଷ ଉଲ୍ଲାସରେ ସମୟ ଅତିବାହିତ କରନ୍ତି । ସୁବ୍ରତ ତାଙ୍କ ବ୍ୟାଙ୍କ ଚାକିରୀ ସାଙ୍ଗକୁ ନିଜ ଏନ୍‌ଜିଓକୁ ଭଲଭାବରେ ପରିଚାଳିତ କରନ୍ତି । ସେହିପରି ଅନାମିକା ମଧ୍ୟ ଏନଜିଓରେ ଯୋଗଦାନ ଦେଇ ଗରୀବ ଦୁଃସ୍ଥ ଲୋକମାନଙ୍କର ସହାୟତା କରେ । ଏନଜିଓ ଚଳାଇବା ପାଇଁ କୌଣସି ସରକାରୀ ଅନୁଦାନ ଆଜି ପର୍ଯ୍ୟନ୍ତ ମିଳିନଥିଲେ ମଧ୍ୟ ସୁବ୍ରତ ନିଜର କିଛି ଅର୍ଥ ଓ କିଛି ବଦାନ୍ୟ ବ୍ୟକ୍ତିଙ୍କର ସହାୟତାରେ କୌଣସି ମତେ ଏନଜିଓ କାମ ଚଳିଯାଏ । ଦୁଃସ୍ଥ, ଅସହାୟ ଲୋକଙ୍କୁ ସାହାଯ୍ୟ କରି ସ୍ୱାମୀ ଓ ସ୍ତ୍ରୀ ଉଭୟେ ଅପୂର୍ବ ଆନନ୍ଦରେ ଉଦ୍‌ଭାସିତ ହୁଅନ୍ତି । ଏହିପରି ଭାବରେ ଦିନ ଗଡ଼ିଚାଲେ । ତାଙ୍କର ପ୍ରଥମ ପୁତ୍ର ସନ୍ତାନ ଆକାରରେ ପ୍ରତୀକର ଜନ୍ମହୁଏ । ପୁଅର ଲାଳନ ପାଳନ ଦାୟୀତ୍ୱ ଅନାମିକା ହାତରେ ପଡ଼େ । ପୁଅର ଦାୟିତ୍ୱ ସମ୍ଭାଳିବା ପାଇଁ କିଛିଦିନ ଅନାମିକାକୁ ନିଜର ଅନିଚ୍ଛା ସତ୍ତ୍ୱେ ସମାଜ ସେବାରୁ ସନ୍ୟାସ ଗ୍ରହଣ କରିବାକୁ ହୁଏ ।

ପ୍ରତୀକ୍‌କୁ ଯେତେବେଳେ ଦୁଇବର୍ଷ ଅନାମିକାର ସ୍ୱାସ୍ଥ୍ୟ ଭଲ ରହେନା । ପେଟ ଯନ୍ତ୍ରଣା ପ୍ରାୟ ସର୍ବଦା ଲାଗିରହେ । ପେନ୍ କିଲର ଖାଇଲେ ସାମୟିକ ବ୍ୟଥା ଦୂରହୁଏ କିନ୍ତୁ ପୁନର୍ବାର ଆରମ୍ଭ ହୋଇଯାଏ । ସେ କୌଣସି କାମ ମନ ଲଗାଇ କରିପାରେ ନାହିଁ । ଡାକ୍ତରଙ୍କ ଉପଦେଶ କ୍ରମେ ଅନାମିକାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ । ସିଟି ସ୍କାନ୍‌ରେ ପେଟରେ ଗୋଟିଏ ଟ୍ୟୁମର ବଢୁଥିବା ଜଣାପଡ଼େ । ତାର ଅପରେସନ୍ ହୁଏ । ଟ୍ୟୁମରରୁ ମାଂସ ଖଣ୍ଡ ନେଇ ପରୀକ୍ଷା କରାଯାଏ । ଜଣାପଡ଼େ ଯେ ଅନାମିକା ଦୁରାରୋଗ୍ୟ କ୍ୟାନସରରେ ପିଡ଼ିତ ।

ଅନାମିକାକୁ କ୍ୟାନସର ହୋଇଛି ଜାଣିବା ପରେ ତାର ଚତୁର୍ଦ୍ଦିଗ ଅନ୍ଧକାରମୟ ହୁଏ । ସେ ଦୁଃଖରେ ଭାଙ୍ଗିପଡ଼ିବା ପରି ଆଦୌ ନୁହେଁ । ଜୀବନ ହସ ଖୁସିରେ ବିତାଇବାକୁ ତାର ଇଚ୍ଛା କିନ୍ତୁ କାଳକ୍ରମେ ବଢ଼ିଥିବା ପାରିବାରିକ ବନ୍ଧନ ଓ ବିଶେଷ କରି ନିଜ ଦୁଇବର୍ଷିଆ ପୁଅ ପ୍ରତୀକ ପାଇଁ ସେ ସର୍ବଦା ଚିନ୍ତାମଗ୍ନ ରହେ । ପ୍ରତୀକ୍‌ର ଭବିଷ୍ୟତ କ'ଣ ହେବ ଭାବି ଭାବି ସେ ଅସ୍ଥିର ହୋଇଉଠେ । ସେ କେବେ ଆଶା କରିନଥିଲା ଯେ ତାକୁ ଏ ପ୍ରକାରର ପରିସ୍ଥିତିର ସାମନା କରିବାକୁ ପଡ଼ିବ । କଲେଜରେ ପଢ଼ିବା ସମୟରେ ସେ ବିଲକୁଲ ଟେନସନ୍ ନେଉନଥିବା ସ୍ୱଭାବର ଝିଅ ଥିଲା ଓ କଲେଜ ପରେ ମଧ୍ୟ ସେ ବିଲକୁଲ ବିନଦାସ ମେଣ୍ଟାଲିଟିର ଥିଲା । ସେ ସ୍ୱାମୀ ଓ ନିଜ ପୁଅ କଥା ଭାବି କେତେ ବିଚଳିତ ହେଉଛି ଜାଣି ନିଜେ ମଧ୍ୟ ବିସ୍ମିତ ହେଉଥିଲା । ନିଜ ମୃତ୍ୟୁକୁ ସେ ଭୟ କରେନାହିଁ । କିନ୍ତୁ ସେ ଯିବାପରେ ତା ଛୁଆର ଭବିଷ୍ୟତ କଣ ହେବ, ତାହା ତାର ଚିନ୍ତାର ପ୍ରମୁଖ କାରଣ ପାଲଟିଛି ।

ଅନାମିକାର କ୍ୟାନସର ଚିକିତ୍ସା ଆରମ୍ଭ ହୋଇଯାଇଛି । ତାକୁ କେମୋ ଥେରାପି ଓ ରେଡିଏସନ ଦିଆଯାଉଛି । ଡାକ୍ତରମାନେ ଚିନ୍ତା ନକରିବା ପାଇଁ ଆଶ୍ୱାସନା ଦେଉଛନ୍ତି । କ୍ୟାନସର ପୂର୍ବ ପରି ଆଉ ଦୁରାରୋଗ୍ୟ ହୋଇନାହିଁ ବୋଲି ସେମାନେ କହୁଛନ୍ତି । ଏସବୁ ସତ୍ତ୍ୱେ ଅନାମିକାର ଅନ୍ତରାତ୍ମା ତାକୁ ଘାରିଥିବା ଗଭୀର କ୍ଷୋଭ ଭିତରୁ ବାହାରି ପାରୁନାହିଁ । ତାକୁ ସବୁବେଳେ ସବୁଆଡ଼ ଅନ୍ଧକାରମୟ ବୋଲି ପ୍ରତୀତ ହେଉଛି । ଡାକ୍ତରମାନଙ୍କ କଥା କେବଳ ତାକୁ ଦମ୍ଭ ଧରିବା ପାଇଁ ବୋଲି ସେ ଭାବେ । ଦିନଟିଏ ଗଡ଼ିଗଲେ ମୃତ୍ୟୁ ଦିନଟିଏ ପାଖକୁ ଆସିଲା ବୋଲି ସେ ଭାବୁଛି । ତାକୁ ଇଚ୍ଛା ହେଉଛି ସେ କାହାସହ କିଛି କଥାବାର୍ତ୍ତା ନ କରିବା ପାଇଁ । ଚୁପ୍‌ଚାପ୍ ଗୋଟିଏ କୋଣରେ ବସି ରହନ୍ତା । ଗୋଟିଏ ପ୍ରକାରରେ ଦେଖିବାକୁ ଗଲେ ସେ ସମାଜଠାରୁ ଦୂରେଇ ଯିବା ପାଇଁ ଚେଷ୍ଟା କରୁଛି ।

ସୁବ୍ରତଙ୍କୁ ଅନାମିକାର ବ୍ୟବହାର ବହୁତ ଖାପଛଡ଼ା ଲାଗିଲାଣି । ସର୍ବଦା ହସଖୁସିରେ ରହୁଥିବା ଅନାମିକା ଏବେ କ୍ୟାନସରର ଦୁଃଶ୍ଚିନ୍ତାରେ ଏକ ପ୍ରକାର ମାନସିକ ରୋଗଗ୍ରସ୍ତ ହୋଇ ସାରିଲାଣି । ସେ ତାକୁ ନେଇ ସାଇକିଆଟ୍ରିଷ୍ଟଙ୍କୁ ଦେଖାଇଲେ । ତାଙ୍କର ମନ ହେଲା ଯେ ଅନାମିକା ଗଭୀର ଅବସାଦ ରୋଗଗ୍ରସ୍ତ । ଅତି ଶୀଘ୍ର ତାଙ୍କୁ ଔଷଧ ଦେବା ଆବଶ୍ୟକ ।

ସପ୍ତାହେ ଖଣ୍ଡେ ଔଷଧ ସେବନ କଲାପରେ କ୍ରମେ ଅନାମିକାର ଆତ୍ମବିଶ୍ୱାସ (କନଫିଡେନ୍ସ) ଫେରିଲା । ଏବେ ସେ ନିଜ ଭିତରକୁ ଦେଖିବା ପାଇଁ (introspect) ଚେଷ୍ଟା କଲା । ସେ କ'ଣ ଥିଲା ଓ ସେ ଆଜି କ'ଣ ହୋଇଛି । ସାମାନ୍ୟ କେମୋଥେରାପି ଓ ବିକିରଣ ଚିକିତ୍ସାକୁ ସେ ଭୟ କରୁଛି । ତା' ପରି ବ୍ୟକ୍ତି ଯଦି ଭୟ କରେ ତାହେଲେ ଡରୁଆ ବ୍ୟକ୍ତିମାନେ କୁଆଡ଼େ ଯିବେ । ଅନ୍ୟମାନଙ୍କୁ (confidence) ଦେବ କିଏ ? ଦଶ ଥର କେମୋଥେରାପି ନେଇସାରିଲାଣି । ତାର ଅତି ସୁନ୍ଦର କେଶ ଯା ମଧ୍ୟରେ ଝଡ଼ି ସଂପୂର୍ଣ୍ଣ ଲାଣ୍ଡି କରିସାରିଲାଣି । ଏକଦା ତାର ସୁନ୍ଦର ଚେହେରାକୁ କ୍ୟାନସର ଅସ୍ଥି କଂକାଳ ସାର କରିଲାଣି ।

ସକାରାତ୍ମକ ଚିନ୍ତାଧାରା ହେବା ଫଳରେ, ଅନାମିକାର ହୃଦୟ ଭିତରେ ଜୀଜିବିସାର ଅଭ୍ୟୁଦୟ ହେଲା ସେ ମନେ ମନେ ଭାବିଲା ଭଗବାନଙ୍କ ଇଚ୍ଛା ବୋଧହୁଏ ତାକୁ ବଞ୍ଚେଇ ରଖିବା ପାଇଁ । ସେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ ବୋଲି ବୋଧହୁଏ ଭଗବାନ ଚାହାନ୍ତି । ତା ହୋଇନଥିଲେ ସେ କି ଆଜି ତାର ପୂର୍ବ ସ୍ୱଭାବ ଫେରିପାଇଥାନ୍ତା । ସେ ପ୍ରତିଜ୍ଞା କଲା ସେ କ୍ୟାନସର ପିଡ଼ିତଙ୍କ ପାଇଁ ଆଦର୍ଶ ପାଲଟିବ । ସମସ୍ତଙ୍କୁ ପ୍ରେରଣା ଦେବ ବଞ୍ଚିବା ପାଇଁ । ଉତ୍ସାହ ଯୋଗାଇ ଦେବ ଦମ୍ଭ ଧରି ବଞ୍ଚିବା ପାଇଁ ।

ଏହି ଚିନ୍ତା କରି ସେ ଭଗବାନଙ୍କୁ ସ୍ମରଣ କଲା ଓ କୃତଜ୍ଞତା ମଧ୍ୟ ଜଣାଇଲା । ସଦ୍ୟ ନେଇଥିବା କେମୋଥେରାପିର କଷ୍ଟ ସତ୍ତ୍ୱେ ତା ମୁହଁରେ ଖେଳିଗଲା ପ୍ରଶାନ୍ତିର ଏକ ହସ ମୃତ୍ୟୁକୁ ବିଦ୍ରୁପ କରି ।

*ଧନକଉଡ଼ା, ସମ୍ବଲପୁର-୭୬୮୦୦୬*
*ଦୂରଭାଷ: ୮୯୧୭୪୯୪୦୯୫*

# ନଗଡ଼ାର ଲୁହ

ବିନୋଦ

କିଏ କହୁଥିଲା ବିକାଶର ସ୍ଥଳୀ ତ କିଏ କହୁଥିଲା ପର୍ଯ୍ୟଟନ ସ୍ଥଳୀ। କାହାରି ମତରେ ପ୍ରଶାସନିକ ସଂସ୍କାରର ଉଦାହରଣ ତ କାହାରି ମତରେ ରାଜ୍ୟ ସରକାରଙ୍କ ଦାରିଦ୍ର୍ୟ ନିର୍ମୂଳ ଯୋଜନାର ଉହାହରଣ। ଆମେ ଜାଣିବାର ହେବା ଦିନଠାରୁ ଶୁଣିଆସୁଥିଲୁ ତାହାରି ନାଁ। ସେଠାରେ ନା ଅଛି ଖାଇବାକୁ, ନା ଅଛି ବଞ୍ଚିବାର ଅଧିକାର। ବନପାହାଡ଼ ଘେରା ଅଞ୍ଚଳ ମଧ୍ୟରେ ପ୍ରକୃତିର ନିଛକ ସନ୍ତାନଙ୍କ ଦୁଃଖ କେହି ଶୁଣିବାକୁ ନାହିଁ। ସରକାର ପରେ ସରକାର ଯାଇଛି, କମିଶନ ପରେ କମିଶନ ଯାଇଛି। ହେଲେ ପାହାଡ଼ିଆ ସନ୍ତାନଙ୍କ ଆଖିରୁ ବର୍ଷ ବର୍ଷ ଧରି ଶୁଖୁନି ଲୁହ। ରାଜନୀତିର ଗୋଳିଆ ଧନ୍ଦାରେ ତାହା ଥିଲା ଏକ ଖେଳର କ୍ରୀଡ଼ାଭୂମି।

ଆମ ଗାଡ଼ି ଚାଲିଥିଲା ଯାଜପୁରର ନଗଡ଼ା ଅଭିମୁଖେ।

ଗତ କିଛି ବର୍ଷ ଧରି ଆମ୍ଭମାନଙ୍କ କାନରେ ପଡୁଥିଲା ନଗଡ଼ା ଆଉ ଆଗର ନଗଡ଼ା ନାହିଁ। କୋଡ଼ିଏ ବର୍ଷ ତଳେ ଯାହା ଥିଲା ତାହା ଆଉ ନାହିଁ। ସେଠି ଆଉ କେହି ଭୋକରେ ମରନ୍ତି ନାହିଁ, ସେଠି ଆଉ ଆଗପରି ପିଲା ବିକ୍ରି ନାହିଁ, ସେଠାରେ ନାଳରୁ ପାଣି ପିଇବା ଅବସ୍ଥା ନାହିଁ। ସବୁକିଛି ବଦଳି ଯାଇଛି। ସେଠାରେ ମଣିଷମାନେ ମଣିଷ ପରି ବଞ୍ଚୁଛନ୍ତି।

ସ୍ୱାଧୀନତାର ୭୭ ବର୍ଷ ପରେ ଯେ ନଗଡ଼ାର ବିକାଶ ହୋଇଛି ଏହା ଯେତିକି ଆନନ୍ଦଦାୟକ ତା'ଠାରୁ ଅଧିକ ଚିନ୍ତାଦାୟକ। କ'ଣ ସରକାରଗୁଡ଼ିକ ଏତେ ନିଷ୍ଠୁର ଯେ, ନଗଡ଼ା କରି ଏକ ଅଞ୍ଚଳର ବିକାଶ କରିବାକୁ ସକ୍ଷମ ହୋଇପାରିଲେ ନାହିଁ? ସେମାନେ କ'ଣ ଏତେ ବ୍ୟସ୍ତ ଯେ, ଏକ ପ୍ରାଚୀନ ଜନଜାତି ଅଞ୍ଚଳର ଲୋକଙ୍କୁ ବଞ୍ଚିବାର ଅଧିକାର ପ୍ରଦାନ କରିପାରିଲେ ନାହିଁ? କୋଟିପତି ରାଜନେତାଙ୍କ ଦୃଷ୍ଟିରେ ତ ନଗଡ଼ା ଏକ ଦୁର୍ଭିକ୍ଷବହୁଳ ଅଞ୍ଚଳ ଯେଉଁଠି ଲୋକଙ୍କ ଜୀବନ ସହ ରାଷ୍ଟ୍ରର କୌଣସି ସମ୍ପର୍କ ନାହିଁ। ସେଠିକୁ ଅନେକ ରାଜନେତା, ମନ୍ତ୍ରୀ, ବିଧାୟକ ପ୍ରମୁଖ ଯାଇଛନ୍ତି, ଅନେକ ଆଶା, ପ୍ରତିଶ୍ରୁତି ଦେଇଛନ୍ତି। ବିକାଶର ସ୍ୱପ୍ନ ଦେଖାଇଛନ୍ତି। ହେଲେ କ'ଣ ହୋଇଛି ଫଳ? ସେହି ଲୋକମାନେ ତ ସେପରି ମରଣର ଜାଲ ଭିତରେ ଛଟପଟ। ସେମାନଙ୍କ ନିକଟରେ ଏଯାଏ ମଣିଷର ରାହା ସଜୀବ ହୋଇପାରି ନାହିଁ। ସେମାନେ ମଣିଷ ଭାବେ ବର୍ତ୍ତମାନ ବି ଗଣା ହୋଇନାହାନ୍ତି। ଏପରି ଅନେକ ଆଶା ନିରାଶା ମଧ୍ୟରେ ଆମ୍ଭେ ନିଶ୍ଚିତ ଥିଲୁ ନା- ଏସବୁ କଳ୍ପନା ଭୁଲ୍। ରାଜନୀତି, ବିକାଶ, ସ୍ଲୋଗାନର ଅଭିରୁଚି ମଧ୍ୟରେ ନଗଡ଼ା ନିଶ୍ଚିତ ବିକଶିତ ହୋଇଥିବ।

> ସେମାନଙ୍କର ଜଙ୍ଗଲ ମା', ପ୍ରାକୃତିକ ପରିବେଶ ହିଁ ଜୀବନ। କେତେବେଳେ କିଏ ଜନ୍ମ ନିଏ କେତେବେଳେ କିଏ ଆଖି ବୁଜେ ତାହାର କେହି ହିସାବ ରଖନ୍ତି ନାହିଁ। ସେମାନଙ୍କ ଲାଗି କେଉଁ ଯୋଜନା ଘୋଷଣା ହୋଇଛି ତାହାର କିପରି କାର୍ଯ୍ୟକାରୀ ହୋଇଛି ସେ ନେଇ ବି କେହି ଖୋଜଖବର ରଖନ୍ତି ନାହିଁ। ଏହି କାରଣରୁ ତ ସ୍ୱାଧୀନୋତ୍ତର ନଗଡ଼ା ଓ ଆଜିର ବିକାଶ ଯୁଗର ନଗଡ଼ା ମଧ୍ୟରେ ସେପରି କିଛି ଫରକ ନାହିଁ।

ଆମ୍ଭେ ନଗଡ଼ାକୁ ଯିବାର ଉଦ୍ଦେଶ୍ୟ ଥିଲା ଏକ ବେସରକାରୀ ସଂସ୍ଥା ଲାଗି ଏକ ବୃତ୍ତଚିତ୍ର ପ୍ରସ୍ତୁତ କରିବା। ନଗଡ଼ା ଓ ସେପରି ଅନ୍ୟ କିଛି ଅଞ୍ଚଳରେ କିପରି ବିକାଶ ପହଞ୍ଚିଛି, ସରକାରୀ ସ୍ଲୋଗାନର ବାସ୍ତବତା କ'ଣ, ଜାତୀୟ ଦୃଷ୍ଟିକୋଣରୁ ସେପରି ସବୁ ଅବସ୍ଥାକୁ ଲୋକଲୋଚନକୁ ଆଣିବା ଆଦି ଥିଲା ଆମ ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ।

ଓଡ଼ିଶା କେତେ ବିକାଶ ଲାଭ କରିଛି ତାହାର ପ୍ରମାଣ ମିଳିବା ସହଜ। ଦେଶର ଓଡ଼ିଶା ଏକମାତ୍ର ରାଜ୍ୟ ଯାହାର ସବୁଠାରୁ ବେଶୀ ଲୋକ ଦାଦନରେ ଖଟନ୍ତି। ଆସାମ ହେଉ କି ଗୁଜରାଟ, ମହାରାଷ୍ଟ୍ର ହେଉ କି ତେଲଙ୍ଗାନା ସବୁଠି ଓଡ଼ିଶାର ଲୋକ ଖଟିଥାନ୍ତି। ଅନେକ ଜୀବନ କାଳରେ ଘରକୁ ଫେରିବାକୁ ସକ୍ଷମ ହୋଇ ନଥାନ୍ତି। ଭୟଙ୍କର ନିର୍ଯାତନା ମଧ୍ୟରେ

ସଢ଼ି ସଢ଼ି ଶ୍ରମିକମାନେ ପ୍ରାଣ ହରାଇଥାନ୍ତି। ଅନେକଙ୍କ ଜୀବନ ତ ଇଟାଭାଟିଠାରୁ ଆରମ୍ଭ କରି ଅନ୍ୟାନ୍ୟ ସଂସ୍ଥାରେ ବିକ୍ରି ହୋଇଯାଇଥାଏ। ଥରେ ସେହି ନିର୍ଯାତନାର ବଙ୍କର ଭିତରେ ପଶିଲେ ମୁକୁଳିବା ସମ୍ଭବ ହୋଇ ନଥାଏ। ନଅଙ୍କ ଦୁର୍ଭିକ୍ଷ ହେଉ କି ଅଜଣା ମହାମାରୀ, ବନ୍ୟା ହେଉ କି ବାତ୍ୟା, ସବୁକ୍ଷେତ୍ରରେ ଅଧିକ କ୍ଷତିର ସମ୍ମୁଖୀନ ହୋଇଆସିଛନ୍ତି ଓଡ଼ିଶାବାସୀ। କେବେ ମୋଗଲ ତ କେବେ ମରାଠା, କେବେ ବିଦେଶୀ ଲୁଣ୍ଠନକାରୀ ତ କେବେ ବ୍ରିଟିଶ... ଏସବୁ ଭିତରେ ଓଡ଼ିଶାବାସୀ ଅନେକବାର ଶୋଷିତ ହୋଇଛନ୍ତି। ତେବେ ସ୍ୱାଧୀନତା ପରେ ଓଡ଼ିଶାର ଭାଗ୍ୟ ବଦଳିଯିବ ବୋଲି ଯେଉଁ ଆଶା ରହିଥିଲା ତାହା କେତେ ମାତ୍ରାରେ ସତ ହୋଇଛି ତାହାକୁ ଆକଳନ କରିବାର ଆବଶ୍ୟକତା ରହିଛି।

ଆମେ ଦୀର୍ଘ ଦିନ ଧରି ନଗଡ଼ାର ନାଁ ଶୁଣିଆସୁଥିଲୁ। ଆମ ପିଲାଦିନେ ବି ପ୍ରାୟତଃ ସମସ୍ତେ କଳାହାଣ୍ଡି, ବଲାଙ୍ଗୀର ଆଦି ଜିଲାର ଦାରିଦ୍ର୍ୟର ଲୋମହର୍ଷକ କାହାଣୀମାନ ଶୁଣିଆସିଥିଲୁ। କେଉଁଠି ପିଲା ବିକ୍ରି ତ କେଉଁଠି ଦାଦନ ଶ୍ରମିକର ପାପୁଲି କାଟିଦେବା ଘଟଣା, କେଉଁଠି ବର୍ବର ନାରୀ ଶ୍ରମିକ ନିର୍ଯାତନା କେଉଁଠି ଶିଶୁ ଶ୍ରମିକଙ୍କୁ ଶୋଷଣ। ଏସବୁ ଓଡ଼ିଶାର ଅନ୍ତରଙ୍ଗ ସମସ୍ୟା ଯେପରି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେଉ ବା ଅନ୍ୟ କିଛି– ସାରା ଦେଶରେ ଓଡ଼ିଶା ଏନେଇ ଅନେକ ଦୁର୍ନାମ ହାସଲ କରିଛି। ଆଧୁନିକ ପର୍ଯ୍ୟାୟରେ କାହିଁକି କିପରି ନଗଡ଼ା ପଦାକୁ ଆସିଲା ତାହା ପ୍ରଶ୍ନରେ ରହିଛି।

ଆମ ଜାଣିବାରେ ନଗଡ଼ାରେ ଦାରିଦ୍ର୍ୟ ଚରମ ସୀମାରେ। ସେଠାରେ ଲୋକମାନେ ଖୁସିର ଆଲୋକ ଦେଖିପାରନ୍ତି ନାହିଁ। ଅର୍ଥନୈତିକ ଦୁଃସ୍ଥିତି ବଳୟ ମଧ୍ୟରେ ସେମାନେ ସର୍ବଦା ନିଜ ଲୁହ ନିଜ ଆଖିରେ ମାରିଥାନ୍ତି। ସେମାନଙ୍କ ଲାଗି ସମସ୍ତ ସରକାରୀ ଯୋଜନା ଅପହଞ୍ଚ। ସେମାନଙ୍କ ଲାଗି ଅଫିସରଙ୍କ ପଦୁଟିଏ କଥା ବାହାରିବା ଅତ୍ୟନ୍ତ କଷ୍ଟସାଧ୍ୟ।

ସେମାନଙ୍କର ଜଙ୍ଗଲ ମା', ପ୍ରାକୃତିକ ପରିବେଶ ହିଁ ଜୀବନ। କେତେବେଳେ କିଏ ଜନ୍ମ ନିଏ କେତେବେଳେ କିଏ ଆଖି ବୁଜେ ତାହାର କେହି ହିସାବ ରଖନ୍ତି ନାହିଁ। ସେମାନଙ୍କ ଲାଗି କେଉଁ ଯୋଜନା ଘୋଷଣା ହୋଇଛି ତାହାର କିପରି କାର୍ଯ୍ୟକାରୀ ହୋଇଛି ସେ ନେଇ ବି କେହି ଖୋଜଖବର ରଖନ୍ତି ନାହିଁ। ଏହି କାରଣରୁ ତ ସ୍ୱାଧୀନୋତ୍ତର ନଗଡ଼ା ଓ ଆଜିର ବିକାଶ ଯୁଗର ନଗଡ଼ା ମଧ୍ୟରେ ସେପରି କିଛି ଫରକ ନାହିଁ।

ଆମ ଗାଡ଼ି ଗଡ଼ି ଚାଲିଥିଲା ଆଗକୁ ଆଗକୁ।

ଯାଜପୁରର ଉତ୍ପତ୍ତି ଅତି କମରେ ଏକ ହଜାର ବର୍ଷ ହେବ। ଜିଲ୍ଲା, ରାଜ୍ୟ ଓ ଜାତୀୟ ରାଜନୀତିକୁ ବେଶ୍ ପ୍ରଭାବିତ କରିଆସିଛି ଯାଜପୁର। ହେଲେ ଆଜି ଯେ ନଗଡ଼ା ପରି ଅନେକ ଅଞ୍ଚଳ ସେଠାରେ ରହିଛି ତାହା ଆମ୍ଭଙ୍କୁ କଷ୍ଟ ଲାଗିଲା।

ଆମ ଗାଡ଼ି ପ୍ରବେଶ କରିଥିଲା କାଳିଆପାଣି ତହସିଲରେ। ନଗଡ଼ା ରାସ୍ତା ଜାଣିବାରେ କୌଣସି ସମସ୍ୟା ହେଲାନାହିଁ। ଯେଉଁ ସରୁ ପିଚୁ ରାସ୍ତାଟିଏ ସିଧା ଲମ୍ବିଥିଲା ସେହି ରାସ୍ତାରେ ଗଡ଼ିଚାଲିଥିଲା ଆମ୍ଭ ଗାଡ଼ି। ମନ ଭିତରେ ଅନେକ ଉନ୍ମାଦନା। ଗତ କିଛି ଦିନ ଧରି ନଗଡ଼ା ସମ୍ପର୍କରେ ଚାଲିଥିଲା ଆମର ବିଚାର ଆଲୋଚନା। ସେହି ଅଞ୍ଚଳର ଅର୍ଥନୀତି, ଜନଜୀବନ, ଜୀବିକା, ଜୀବନର ମାନଦଣ୍ଡ, ଶିକ୍ଷା, ଜଙ୍ଗଲ ସମ୍ପଦ, ପାନୀୟ ଜଳ ସମସ୍ୟା ଆଦି ଅନେକ ପ୍ରସଙ୍ଗରେ ଗବେଷଣା କରିବା ଥିଲା ଆମ୍ଭର ଦାୟିତ୍ୱ।

କିଛି ସମୟ ପରେ ଆମ୍ଭେ ଏକ ସ୍ଥାନରେ ପହଞ୍ଚିଥିଲୁ ଯାହାର ଫଳକରେ ଲେଖାଥିଲା ନଗଡ଼ା। ଆମ ମନ ଉଚ୍ଚାଟରେ ଭରିଗଲା। ଏହି ସେହି ନଗଡ଼ା ଯାହାରି ଲାଗି ଆମର ଗସ୍ତ ଉଦ୍ଦିଷ୍ଟ ଥିଲା।

ଆମ କାର୍ ପହଞ୍ଚୁ ପହଞ୍ଚୁ ହଠାତ୍ ସେଠାରେ ଜମା ହୋଇଗଲେ କୋଡ଼ିଏ ପଚିଶ ପିଲା। ସେମାନଙ୍କ ରୂପଭେକ ଦେଖି ଆମ୍ଭ ଆଶ୍ଚର୍ଯ୍ୟ ହୋଇଗଲୁ। ଅଧିକାଂଶ ପିଲାଙ୍କ ଦେହ ଥିଲା ପୁଙ୍ଗୁଳା। କିଛି ଚିରା ପ୍ୟା□ ପିନ୍ଧିଛି ତ କାହା ଦେହରେ ପଡ଼ିଥିଲା କତରା ଗାମୁଛାଟିଏ। କାହାର ପେଟ ପଦାକୁ ବାହାରି ଆସିଛି ତ କାହାରି ମୁଣ୍ଡ ନୁଖୁରା। ଆମ୍ଭକୁ ଲାଗିଲା ସତେ ଯେପରି ଆମେ ଅତୀତ ବର୍ଷର କଳାହାଣ୍ଡିରେ ପହଞ୍ଚିଯାଇଛୁ।

ଅପପୁଷ୍ଟିର ତାଣ୍ଡବ ପ୍ରତି ପିଲାଙ୍କ ଶରୀରରେ ବାରି ହେଉଥିଲା। ସେମାନେ ଅନେକ ଦିନ ଧରି ଯେ ରକ୍ତହୀନତାର ବିପଦରେ ରହିଛନ୍ତି ଏହା ସ୍ପଷ୍ଟ ହୋଇଯାଉଥିଲା। କାହାର ଆଖି କୋଟରଗତ ତ କାହାର ଶରୀରରେ ବୁଭୁକ୍ଷୁ ବାତାବରଣ। ବହୁଚର୍ଚ୍ଚିତ ନଗଡ଼ାର ଏହି ରୂପରେଖ ଆମକୁ ବେଶ୍ ଚିନ୍ତିତ କଲା।

ମାତ୍ର ଚାରିଶହ ଜନସଂଖ୍ୟା ବିଶିଷ୍ଟ ନଗଡ଼ା ଲାଗି ତ ଚାରିଶହ କୋଟି ଟଙ୍କା ବ୍ୟୟ ହୋଇଥିବା ଆମ୍ଭେ ଜାଣିଛୁ। ରାସ୍ତା, ବିଜୁଳି, ପାଣି ଆଦି ସବୁ ସୁବିଧା କରାଯାଇଛି ବୋଲି ସରକାର ଡିଣ୍ଡିମ ପିଟିଛନ୍ତି। ହେଲେ ନଗଡ଼ାର ଶିଶୁଙ୍କ ଅବସ୍ଥା ଏପରି କାହିଁକି ?

ଆମେ ନିଜକୁ ଅତି ବିଚଳିତ ମନେକଲୁ।

ଆମ ମନରେ ଥିଲା ନଗଡ଼ାର ବିକାଶର ଚିତ୍ର କେଉଁପରି ରୂପାନ୍ତରିତ କରିବୁ। ମାତ୍ର ଏହି ଯେଉଁ ଚିତ୍ର ଆମ ଆଖିରେ ଭାସିଆସିଲା ସେଥିରେ ଆମେ ବେଶ୍ ଘାବରେଇଗଲୁ। ଏ କ'ଣ ସେହି ନଗଡ଼ା ଯାହାକୁ ବିକାଶର ମଡେଲ ଭାବେ ଚିତ୍ରଣ କରିଥିଲେ ସରକାର ? ଏହି କ'ଣ ସେହି ନଗଡ଼ା ଯାହାର ପ୍ରଚାର ଓ ପ୍ରସାର ଲାଗି ସରକାର ବାହାବା ମାରିଆସିଥିଲେ ? ଆମେ ଧୈର୍ଯ୍ୟର ସହ ଆଗକୁ ବଢ଼ିଲୁ।

ଗାଁର ଅଧିକାଂଶ ଘରେ ଦାରିଦ୍ର୍ୟର ଛିଟା। ମହିଳାମାନଙ୍କ ସ୍ଥିତି କହିଲେ ନସରେ। କାହିଁ କେଉଁ ଶତାବ୍ଦୀ ତଳୁ ସେଠାରେ ସୀମିତ ସଂଖ୍ୟକ ଜନଜାତିଙ୍କ ସଂଗ୍ରାମ ଚାଲିଆସିଛି ତାହାର ହିସାବ କେହି ଦେଇପାରନ୍ତି ନାହିଁ। ହେଲେ ସେହିଦିନର ଅବସ୍ଥା କହୁଛି ବୋଧହୁଏ ସାରା ଇତିହାସ ଏପରି ରହିଆସିଛି ନିର୍ଯାତିତ, ଲାଞ୍ଛିତ, ଉପହସିତ।

ଆମ୍ଭେ ଗାଁର ତଳମୁଣ୍ଡରେ ଥିବା ଜଣଙ୍କ ବାରଣ୍ଡାରେ ବସିଲୁ। ଆମ୍ଭମାନଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ ଥିଲା ସେ ସମ୍ପର୍କରେ ତଥ୍ୟ ଅନୁଧ୍ୟାନ କରିବା ଆରମ୍ଭ କରିଥିଲୁ।

ଏହି ସମୟରେ ଜଣେ ବୟସ୍କା ମହିଳା କାନ୍ଦି କାନ୍ଦି ଆମ୍ଭ ନିକଟକୁ ଚାଲିଆସିଲେ। ତାଙ୍କର ବୟସ ଷାଠିଏରୁ ଅଧିକ ହେବ। ଆଖି ଭିତରକୁ ପଶିଯାଇଛି। ଶାଢ଼ିରେ କେତେକ ଫଟାଚିହ୍ନ। ଲୋଳିତ ଚର୍ମ। ଅନେକ ଦୁଃସ୍ଥିତି ଭିତରେ ସେ ରହିଥିବା ସ୍ପଷ୍ଟ ପ୍ରତୀୟମାନ ହେଉଥିଲା। କେବଳ ସେ ନୁହଁନ୍ତି, ତାଙ୍କ ସହ ବି ଆମ୍ଭ ନିକଟକୁ ଆସିବାରେ ଲାଗିଥିଲେ ଆଉ କିଛି ମହିଳା।

ବୃଦ୍ଧାଜଣକ ଆମ ନିକଟରେ କାନ୍ଦି କାନ୍ଦି ତଳେ ପଡ଼ିଗଲେ। ସେ କହିବାର କଥା ଥିଲା, ତାଙ୍କର ଗୋଟିଏ ବୋଲି ପୁଅ ଜୀବିକା ଲାଗି ବାହାର ଆନ୍ଧ୍ର ଚାଲିଯାଇଛି। ସେହି କମ୍ପାନୀ ମାଲିକ ତାଙ୍କୁ ପିଟାପିଟି କରୁଛି। ଛାଡ଼ିବାକୁ ନାରାଜ। ନାନା ଆଳ ଦେଖାଇ ତାକୁ ଏକରକମ ବନ୍ଦୀ କରି ରଖିଛି। ଥରେ  ମାଲିକ କବଳରୁ ଫିଟି ଆସିବା ଲାଗି ଚେଷ୍ଟା କରିଥିଲା। ହେଲେ ଧରାପଡ଼ିଗଲା। ଭୟଙ୍କର ଯନ୍ତ୍ରଣା ଓ ନିର୍ଯାତନାରେ ମରି ମରି ବଞ୍ଚିଛି। ତାକୁ କୌଣସି ପ୍ରକାରେ ମୁକୁଳାଯାଉ।

ବୃଦ୍ଧାଙ୍କ ଦୁଃଖ ଆମେ ଅଙ୍ଗେ ଅଙ୍ଗେ ଅନୁଭବ କରିପାରୁଥିଲୁ। ମାତ୍ର ପ୍ରଶାସନକୁ ଜଣାଇବା ବ୍ୟତୀତ ଆମ ନିକଟରେ ଅନ୍ୟ କୌଣସି ବିକଳ୍ପ ନଥିଲା।

କେବଳ ସେହି ବୃଦ୍ଧା ନୁହଁନ୍ତି ଅନ୍ୟ ମହିଳାମାନେ ବି ସେମାନଙ୍କର ଲୁହଭିଜା କାହାଣୀ ବର୍ଣ୍ଣନା କଲେ। ବିକାଶର ବାରୁଦ ଗଦାରେ ସେମାନଙ୍କ ଲୁହ ଜଳୁଥିଲା ହେଲେ ଲିଭାଇବା ଲାଗି କେହି ସକ୍ଷମ ନଥିଲେ। ପ୍ରଶାସନର ବାହାବା ପଣ ଭିତରେ ଲୁଚିଯାଉଥିଲା ନଗଡ଼ାବାସୀଙ୍କ ଆଗାମୀ ସ୍ୱପ୍ନ।

ଆମକୁ ଆଶ୍ଚର୍ଯ୍ୟ ଲାଗୁଥିଲା ନଗଡ଼ାର ବାସ୍ତବ ଚିତ୍ରକୁ କ୍ରମାଗତ ବର୍ଷ ବର୍ଷ ଧରି ସରକାର ଲୁଚାଇଥିଲେ କାହିଁକି ? ନଗଡ଼ାକୁ ନେଇ ସରକାର ନିଜର ଛବି ପରିବର୍ଦ୍ଧିତ କରିବା ଲାଗି ଚାହିଁଥିଲେ କାହିଁକି ? ନିରୀହ ଆଦିମ ଜନଜାତିଙ୍କ ପିଠି ଉପରେ କାହିଁକି ସରକାର ଲେଖୁଥିଲେ ନିଜର ପାରିବାପଣିଆର କାହାଣୀ ?

ଆମ ନିକଟରେ ଖବର ପହଞ୍ଚିଥିଲା ଖାଦ୍ୟ ଆୟୋଗର ସଦସ୍ୟମାନେ ଏଠାକୁ ଆସି ସଫଳତାର ରିପୋର୍ଟ ଦେଇଛନ୍ତି। ଏହି ଖାଦ୍ୟ ଆୟୋଗର ସଦସ୍ୟମାନେ ସବୁକିଛି ଖାଇଯାଆନ୍ତି ତାହାର ଉଦାହରଣ ପାଇଥିଲେ ନଗଡ଼ାବାସୀ। ଏହି ଆୟୋଗର ରିପୋର୍ଟରେ ବି ଯାହା ବର୍ଣ୍ଣନା ଥିଲା ତାହା ଆମ୍ଭ ନିକଟରେ ପହଞ୍ଚିଥିଲା। କି ମିଥ୍ୟା ସେ ରିପୋର୍ଟ ! ଆମ ନିକଟରେ ସବୁକିଛି ତଥ୍ୟ ଏକ ପ୍ରହେଳିକା ପରି ମନେ ହେଲା।

ନଗଡ଼ାର କାହାଣୀ ଆମ୍ଭମାନଙ୍କ ମନକୁ ଅଧିକରୁ ଅଧିକ ଆନ୍ଦୋଳିତ କରୁଥିଲା। ସତ୍ୟ ରିପୋର୍ଟ ତ ସାଙ୍ଘାତିକ। ଅସତ୍ୟ ରିପୋର୍ଟ ତ ପ୍ରସ୍ତୁତ କରାଯାଇପାରିବ ନାହିଁ। ତଥାପି ଘରଓ୍ୱାରି ତଥ୍ୟ ଆକଳନ କରିବା ଲାଗି ଆମ୍ଭେ ବ୍ୟଗ୍ର ହୋଇପଡ଼ିଲୁ।

ସବୁ ଘରର କାହାଣୀ ଗୋଟିଏ ପ୍ରକାର। ପ୍ରାକୃତିକ ବିପର୍ଯ୍ୟୟ, ଆର୍ଥିକ ଦୁଃସ୍ଥିତି, ସ୍ୱାସ୍ଥ୍ୟ ସଂକଟ, ରୋଗ ଆଦି ସବୁ ପରିବାରର ଥିଲା ଯେପରି ଚିର ସହଚର। ସବୁଠାରୁ ଦୁଃଖର କଥା ଥିଲା ଗୋଟିଏ ବର୍ଷ ମଧ୍ୟରେ ପ୍ରାୟ କୋଡ଼ିଏ ଶିଶୁ ଅପପୁଷ୍ଟିରେ ପ୍ରାଣ ହରାଇଥିଲେ। ସେମାନଙ୍କ ନିକଟରେ ନା ପହଞ୍ଚିଥିଲା ସ୍ୱାସ୍ଥ୍ୟ ବିଭାଗ ନା ପ୍ରଶାସନ।

ବିକାଶ ନାମରେ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ ମଧ୍ୟରେ ବାଜୁଥିଲା ସରକାରୀ ଡିଣ୍ଡିମ। ସେପଟେ ଜୀବନ ଯନ୍ତ୍ରଣାରେ ଛଟପଟ ହେଉଥିଲେ ଗଡ଼ାର ନିରୀହ ଗ୍ରାମବାସୀ। କେତେଦିନ ଆଉ ସେମାନଙ୍କ ନାମକୁ ବିକ୍ରି କରାଯିବ ? ଆଉ କେତେ ଦିନ ପରେ ସେମାନେ ଅପପୁଷ୍ଟିର କାୟା ମଧ୍ୟରୁ ବାହାରିବେ ?

ଆମ୍ଭେ ସେଠାରେ ଦୁଇଦିନ ରହିଲୁ। ଘୋର ଲଜ୍ଜା, ଅବସୋସର ନକ୍ସା ମଧ୍ୟରେ ଆମ୍ଭେ ସତର ରାହା ଖୋଜୁଥିଲୁ ସରକାରଙ୍କ ମିଥ୍ୟା ବାହାବା ଉପରେ।

ନଗଡ଼ାରୁ ବିଦାୟ ନେବାବେଳେ ବୃଦ୍ଧବୃଦ୍ଧା, ଶିଶୁଙ୍କ କରୁଣ ଚାହାଣୀ ଆମ୍ଭମାନଙ୍କୁ ଅନେକ କଷ୍ଟ ଦେଇଥିଲା। ଆମର ବିଦାୟ ପଥକୁ ଚାହିଁ ରହିଥିଲେ ନଗଡ଼ାର ନିରନ୍ନ ଜନତା।

*ଦୂରଭାଷ: ୯୪୩୭୧୬୪୭୬୪*

# ନୀଳନୟନା

କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ

ରାଜକୁମାରଙ୍କ ପରି ମୋ' ମିତ୍ର ଚନ୍ଦ୍ରଭାନୁ ପଡ଼ିଯାଇଥିଲା ନୀଳନୟନାର ପ୍ରେମରେ। ଅନେକ ବର୍ଷ ତଳେ ପଢ଼ିଥିବା ସେ ପ୍ରେମ କାହାଣୀ ଜୀବନ୍ତ ହୋଇ ଉଠୁଥିଲା ମୋ' ସାମ୍ନାରେ।

ଆଶ୍ଚର୍ଯ୍ୟ କଥା ଥିଲା ଯେ ମୁଁ ପଢ଼ିଥିବା ଗପର ନାୟକ ରାଜକୁମାରଙ୍କ ନାମ ମଧ୍ୟ ଥିଲା ଚନ୍ଦ୍ରଭାନୁ। ହୁଏତ ଚନ୍ଦ୍ର ସହିତ ଯୋଡ଼ି ହୋଇଥିବା ନାମ ସବୁ ମହାନ ପ୍ରେମିକ ହୋଇଥିବେ।

ମିତ୍ର ଚନ୍ଦ୍ରଭାନୁର ବୟସ ପଚାଶ ଟପି ଯାଇଥିଲେ ବି ସେ 'ନୀଳନୟନା'ର ପ୍ରେମରେ ଥିଲା।

'ନୀଳନୟନା' ତା' ଲାଗି ଥିଲା ଅପହଞ୍ଚ, ମାତ୍ର ମୋ' ମିତ୍ର ତା' ଲାଗି ଅପେକ୍ଷାରେ ଥିଲା।

ତା' ପ୍ରେମ ବି ଥିଲା ବିଚିତ୍ର। ଏପରି ପ୍ରେମ କାହାଣୀ ବିରଳ ନୁହେଁ। ମୋତେ ତ ଲାଗେ ମହାନ ପ୍ରେମିକମାନେ ଏପରି କରିଥାନ୍ତି।

> ନୀଳନୟନାଙ୍କ ଚକ୍ଷୁ ଦୁଇଟି ଆକର୍ଷିତ କରିଥିଲା ରାଜକୁମାରଙ୍କୁ, ଏକ ନୀଳ ପଦ୍ମର ପାଖୁଡ଼ା ପରି ଢଳ ଢଳ। କେବଳ ଚକ୍ଷୁ ଦୁଇଟି ନୁହଁ, ନୀଳନୟନାଙ୍କ ମୁଖମଣ୍ଡଳର ଅପୂର୍ବ କାନ୍ତି ବିମୋହିତ କରିଥିଲା ରାଜକୁମାରଙ୍କୁ। ପ୍ରେମରେ ଧରାଶାୟୀ ହୋଇଥିଲେ ରାଜକୁମାର।

ଚନ୍ଦ୍ର ଓ ଚକୋର ପ୍ରେମ କାହାଣୀ ପ୍ରାକୃତିକ ଲାଗେନି। ନୀଳକଇଁ ଆକାଶରେ ଚନ୍ଦ୍ରକୁ ଖୋଜିବା କବିର କଳ୍ପନା ହୋଇପାରେ। ମାତ୍ର ମୋ' ମିତ୍ର ଚନ୍ଦ୍ରଭାନୁର ପ୍ରେମ କାହାଣୀ ବାସ୍ତବ ହୋଇ ମୋ' ଆଗରେ ଛିଡ଼ା ହୋଇଥିଲା।

ମୋ' ଗଳ୍ପର ରାଜକୁମାରଙ୍କ କଥା ଆଗ ଶୁଣନ୍ତୁ, ତା' ପରେ ମିତ୍ର ଚନ୍ଦ୍ରଭାନୁର ପ୍ରେମ କାହାଣୀକୁ ଯିବା।

ଭାରତବର୍ଷର ଏକ ବିଶାଳ ଜନପଦର ରାଜକୁମାର ଚନ୍ଦ୍ରଭାନୁ ମହାରାଜ ଭାନୁପ୍ରତାପ କେଶରୀଙ୍କ ଏକମାତ୍ର ପୁତ୍ର ସନ୍ତାନ ଥିଲେ। ଜନ୍ମରୁ ରାଜକୁମାର ବେଶ୍ ରୁଗ୍ଣ ଥିଲେ। ତେଣୁ ପୁତ୍ରର ଚିକିତ୍ସା ବିଭିନ୍ନ ବୈଦ୍ୟଙ୍କ ଦ୍ୱାରା କରାଇବା ଛଡ଼ା ତାଙ୍କର ଜାତକକୁ ବିଭିନ୍ନ ଜ୍ୟୋତିଷୀଙ୍କୁ ଦେଖାଇ ପୁତ୍ରର ଭଲମନ୍ଦ ଜାଣିବାକୁ ଚେଷ୍ଟା କରୁଥିଲେ ମହାରାଜ।

ଥରେ ଜଣେ ବିଖ୍ୟାତ ଜ୍ୟୋତିଷୀ ଯାହା କହିଲେ, ସେଥିରେ ରାଜା ସ୍ତମ୍ଭୀଭୂତ ହୋଇଗଲେ। ପୁତ୍ର ଚନ୍ଦ୍ରଭାନୁ ପ୍ରେମରେ ନପଡ଼ିବା ଯାଏ ତାଙ୍କର ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ ନାହିଁ – ଜ୍ୟୋତିଷୀଙ୍କ କଥାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ ରାଜା। ସେ ଚାହିଁଥିଲେ ଜ୍ୟୋତିଷୀଙ୍କୁ ମୃତ୍ୟୁଦଣ୍ଡ ଦେଇପାରିଥାନ୍ତେ, ମାତ୍ର ସେ ସେପରି କଲେନି। ବରଂ ସେ ଜ୍ୟୋତିଷୀଙ୍କୁ ରାଜଜ୍ୟୋତିଷୀ କରିଦେଲେ ଓ ପରୋକ୍ଷରେ ତାଙ୍କୁ ତାଙ୍କ ରାଜଦରବାରରେ ବନ୍ଦୀ କରି ରଖିଲେ।

ରାଜାଙ୍କର ଅଭିପ୍ରାୟ ଥିଲା ସ୍ପଷ୍ଟ। ଜ୍ୟୋତିଷୀଙ୍କ କଥା ସତ୍ୟ ହେଲେ ସେ ତାଙ୍କୁ ପୁରସ୍କୃତ କରିବେ, ମିଥ୍ୟା ହେଲେ ମୃତ୍ୟୁ ଦଣ୍ଡ ଦେବେ।

ଜ୍ୟୋତିଷୀ ମଧ୍ୟ ମହାରାଜଙ୍କ ଅଭିପ୍ରାୟ ବୁଝି ପାରିଥିଲେ। ତାଙ୍କ ଦ୍ୱିତୀୟ ଭାବିଷ୍ୟବାଣୀକୁ ରାଜା ଗମ୍ଭୀରତା ସହିତ ନେଇ ନଥିଲେ। "ରାଜକୁମାର ଯାହାର ପ୍ରେମରେ ପଡ଼ିବେ, ତାଙ୍କୁ ବିବାହ କରିପାରିବେନି" କଥା ପଦକ ଶୁଣି ନଶୁଣିଲା ପରି ଲାଗିଥିଲେ ରାଜା। ସେ ମନେ ମନେ ସାମାନ୍ୟ ହସିଥିଲେ – ଏ ସଂସାରରେ କେତେଜଣ ତାଙ୍କ ପ୍ରେମିକାକୁ ବିବାହ କରିଛନ୍ତି ? ମନରେ ଉଦ୍ରେକ ହୋଇଥିବା ପ୍ରଶ୍ନଟି ପ୍ରଶ୍ନବାଚୀ ହୋଇ ରହିଗଲା। ପରମପୁରୁଷ ଶ୍ରୀକୃଷ୍ଣ ମଧ୍ୟ ପ୍ରେମରେ ବିଫଳ ହୋଇଥିଲେ।

"ରାଜକୁମାର ପ୍ରେମରେ ବିଫଳ ହୁଅନ୍ତୁ, ମାତ୍ର ସୁସ୍ଥ ରୁହନ୍ତୁ" ଏ ଥିଲା ଏକ ପିତାର ଆନ୍ତରିକ ପ୍ରାର୍ଥନା।

ରାଜକୁମାର ବଡ଼ ହେବାକୁ ଲାଗିଥିଲେ। ତାଙ୍କ ଅସୁସ୍ଥତା ଲାଗି

ରହିଥିଲା । ମହାରାଜା ସବୁ ପ୍ରକାର ପ୍ରୟାସ କରିଥିଲେ – ରାଜକୁମାର ପ୍ରେମରେ ପଡ଼ନ୍ତୁ । ରାଜ୍ୟର ସୁନ୍ଦରୀ ବାଳିକାମାନଙ୍କୁ ରାଜକୁମାରଙ୍କ ସହ ଖେଳିବାକୁ ସୁଯୋଗ ଦିଆଯାଉଥିଲା । ଲକ୍ଷ୍ୟ ଥିଲା କିଶୋର ରାଜକୁମାର ପ୍ରେମରେ ପଡ଼ନ୍ତୁ ।

ଅସୁସ୍ଥ ରାଜକୁମାର ରାଜ୍ୟର ସୁନ୍ଦରୀ କନ୍ୟମାନଙ୍କ ସହିତ ବନ୍ଧୁ ହେଉଥିଲେ, ତାଙ୍କ ସହିତ କ୍ରୀଡ଼ାରେ ଆମୋଦିତ ହେଉଥିଲେ, ମାତ୍ର ପ୍ରେମରେ ପଡୁନଥିଲେ ।

ମହାରାଜା ଚିନ୍ତିତ ହୋଇ ଉଠୁଥିଲେ । ତାଙ୍କ କ୍ଷମତା ଭିତରେ ଥିଲେ ସେ ସ୍ୱର୍ଗର ଅପ୍‌ସରାମାନଙ୍କୁ ରାଜକୁମାରଙ୍କ ପାଖକୁ ନେଇ ଆସିଥାନ୍ତେ, ମାତ୍ର ତାହା ଅସମ୍ଭବ ଥିଲା ।

ରାଜକୁମାରଙ୍କୁ ଠିକ୍ ଷୋଳବର୍ଷ ହେଲା ବେଳକୁ ତାଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲା । ସେ ସୁସ୍ଥ ହୋଇ ଉଠିଲେ । ତାଙ୍କ ବୟସର ଯୁବକଙ୍କ ପରି ସାଧାରଣ ଜୀବନଯାପନ କଲେ ।

କେହି କିନ୍ତୁ ବୁଝି ପାରିଲେନି ରାଜକୁମାରଙ୍କ ସୁସ୍ଥ ହେବାର କାରଣ । ମହାରାଜା ଭାବିଲେ ସେ ଦୈବୀ ଆଶୀର୍ବାଦ ପାଇଛନ୍ତି ଓ ତାଙ୍କ ପୂଜାପାଠର ଫଳସ୍ୱରୂପ ରାଜକୁମାର ସୁସ୍ଥ ହୋଇ ଉଠିଛନ୍ତି ।

ରାଜା ଭାବିଲେ ରାଜ ଜ୍ୟୋତିଷୀଙ୍କ କଥା ଭୁଲ ପ୍ରମାଣିତ ହୋଇଛି । ସେ କିଛିଦିନ ଅପେକ୍ଷା କଲେ ରାଜଜ୍ୟୋତିଷୀଙ୍କୁ ଦଣ୍ଡ ଦେବାକୁ ।

ରାଜକୁମାର କିନ୍ତୁ ପ୍ରେମରେ ପଡ଼ି ଯାଇଥିଲେ ଏବଂ ତାଙ୍କୁ ପ୍ରେମରେ ଆକର୍ଷିତ କରିଥିବା ଯୁବତୀ ଥିଲେ ନୀଳନୟନା ।

ରାଜକୁମାରଙ୍କୁ ପ୍ରେମରେ ପଡ଼ିବାକୁ ରାଜା ଅନେକ ବ୍ୟବସ୍ଥା କରିଥିଲେ । ରାଜ୍ୟର ସୁନ୍ଦରୀ କନ୍ୟାମାନେ ତାଙ୍କ ଉପବନକୁ ନିୟମିତ ଆସୁଥିଲେ ଏବଂ ରାଜକୁମାରଙ୍କ ସହିତ ବାର୍ତ୍ତାଳାପ କରୁଥିଲେ । ରାଜକୁମାରଙ୍କୁ ଅବାଧ ସ୍ୱାଧୀନତା ଦିଆଯାଇଥିଲା, ସେ ରାଜନବର ସମେତ ରାଜ୍ୟର ବିଭିନ୍ନ ଅଂଶକୁ ଯାଇ ପାରୁଥିଲେ ।

ଏକ ଜନଜାତି ମେଳାରେ ନୀଳନୟନା ସହିତ ଦେଖା ହୋଇଥିଲା ରାଜକୁମାରଙ୍କର । ସେ ସାଧାରଣ ବେଶରେ ଥିଲେ ଓ ତାଙ୍କ ସହିତ ତାଙ୍କ ସହଚରମାନେ ନଥିଲେ ।

ନୀଳନୟନାଙ୍କ ଚକ୍ଷୁ ଦୁଇଟି ଆକର୍ଷିତ କରିଥିଲା ରାଜକୁମାରଙ୍କୁ, ଏକ ନୀଳ ପଦ୍ମର ପାଖୁଡ଼ା ପରି ଢଳ ଢଳ । କେବଳ ଚକ୍ଷୁ ଦୁଇଟି ନୁହଁ, ନୀଳନୟନାଙ୍କ ମୁଖମଣ୍ଡଳର ଅପୂର୍ବ କାନ୍ତି ବିମୋହିତ କରିଥିଲା ରାଜକୁମାରଙ୍କୁ । ପ୍ରେମରେ ଧରାଶାୟୀ ହୋଇଥିଲେ ରାଜକୁମାର ।

ରାଜକୁମାରଙ୍କ ସଲଜ୍ଜ ଆଚରଣରେ ବିମୁଗ୍ଧା ହୋଇଥିଲେ ନୀଳନୟନା ଏବଂ ସେ ରାଜକୁମାରଙ୍କ ପାଖକୁ ଆସିଥିଲେ । ବାକ୍‌ଶୂନ୍ୟ ରାଜକୁମାର ଅତ୍ୟନ୍ତ ସରାଗରେ ଧରି ନେଇଥିଲେ ନୀଳନୟନାଙ୍କ ହାତ ଏବଂ ଚାହିଁ ରହିଥିଲେ ତାଙ୍କ ନିର୍ମଳ କୋମଳ ନୀଳନୟନ ଆଡ଼େ ।

ସମୟ ସ୍ଥାଣୁ ହୋଇଯାଇଥିଲା ସେଠି । "ତୁମେ କେଉଁଠି ରୁହ ?" ମାତ୍ର ଗୋଟିଏ ବାକ୍ୟରେ ନୀଳନୟନା ହାତ ଦ୍ୱାରା ଇଙ୍ଗିତ କରିଥିଲେ ଦୂର ଏକ ନୀଳ ପର୍ବତ ଆଡ଼େ ।

ରାଜକୁମାର କିଛି ମୁହୂର୍ତ୍ତ ଲାଗି ତାଙ୍କ ଚକ୍ଷୁ ଯୁଗଳକୁ ମୁଦ୍ରିତ କରିଥିଲେ, ଉଦ୍ଦେଶ୍ୟ ଥିଲା ନୀଳନୟନାଙ୍କୁ ଚିରଦିନ ଲାଗି ତାଙ୍କ ହୃଦୟରେ ବସେଇ ରଖିବାକୁ ।

ସେ ସଫଳ ହୋଇଥିଲେ ।

ମାତ୍ର ନୀଳନୟନା ସେଠାରୁ ସଲଜ୍ଜ ଅପସରି ଯାଇଥିଲେ ।

ନିଜ ହାତପାପୁଲିରେ ପ୍ରେମର ପରଶ ପାଇ ରାଜକୁମାର ହୋଇଉଠିଥିଲେ ମନ୍ତ୍ରମୁଗ୍ଧ । ସେ ପାଗଳପ୍ରାୟ ଖୋଜିଥିଲେ ନୀଳନୟନାଙ୍କୁ । ମାତ୍ର ତାଙ୍କ ଅନ୍ୱେଷଣ ବିଫଳତାରେ ସମାପ୍ତ ହୋଇଥିଲା ।

ରାଜକୁମାର ଦୃଷ୍ଟି ନିପାତ କରିଥିଲେ ଦୂର ନୀଳ ପର୍ବତ ଆଡ଼େ, "ସେଠାରେ ରୁହନ୍ତି ମୋ' ନୀଳନୟନା" ଏକ ଅନର୍ବଚନୀୟ ଆନନ୍ଦରେ ପ୍ରଫୁଲ୍ଲିତ ହୋଇ ରାଜକୁମାର ଫେରି ଯାଇଥିଲେ ରାଜନବରକୁ । ତାଙ୍କ ହୃଦୟରେ ନିରନ୍ତର ପ୍ରବାହିତ ହୋଇଥିଲା ପ୍ରେମର ଫଲ୍‌ଗୁ ।

ସେ ସୁସ୍ଥ ହୋଇ ଉଠିଥିଲେ ।

ଅନେକ ଦିନ ପରେ ମହାରାଜ ରାଜ-ଜ୍ୟୋତିଷୀଙ୍କ ଦଣ୍ଡଦେବାକୁ ବସନ୍ତେ, ରାଜକୁମାର ତାଙ୍କୁ ବାରଣ କଲେ ଏବଂ ଏକଥା ସ୍ୱୀକାର କଲେ ଯେ ସେ ବାସ୍ତବରେ ପ୍ରେମାଧୀନ ହୋଇଛନ୍ତି ।

ମହାରାଜ ଖୁସି ତ ହେଲେ, ମାତ୍ର ଜ୍ୟୋତିଷୀଙ୍କ ଦ୍ୱିତୀୟ ଭବିଷ୍ୟତ ବାଣୀ ତାଙ୍କୁ ବିଚଳିତ କଲା ।

ସୁସ୍ଥ ରାଜକୁମାର ଜୀବନବ୍ୟାପୀ ନୀଳପର୍ବତର ଚାରିପାଖରେ ନୀଳନୟନାଙ୍କ ଅନ୍ୱେଷଣରେ ରହିଲେ, ମାତ୍ର ପ୍ରତିଥର ବିଫଳ ହୋଇ ଫେରିଲେ । ନୀଳନୟନାଙ୍କୁ ହୃଦୟରେ ସ୍ଥାପିତ କରିଥିବା ରାଜକୁମାର ମୃତ୍ୟୁ ଯାଏ ଅବିବାହିତ ରହିଲେ, ଜ୍ୟୋତିଷୀଙ୍କ ଦ୍ୱିତୀୟ ବାଣୀକୁ ସତ୍ୟ ପ୍ରମାଣିତ କରି ।

ଏବେ ଆସନ୍ତୁ ମୋ' ମିତ୍ର ଚନ୍ଦ୍ରଭାନୁର ପ୍ରେମକାହାଣୀକୁ ।

ମୋ' ମିତ୍ର ଚନ୍ଦ୍ରଭାନୁ ବି ଅଛନ୍ତି ଏକ ଅବାସ୍ତବ ପ୍ରେମକାହାଣୀରେ ।

ପ୍ରେମ । ମଣିଷର ଏ ଭାବାବେଗକୁ ନେଇ ଲେଖା ହୋଇଛି ହଜାର ହଜାର ଗୀତ, ଗଳ୍ପ ଓ କବିତା । ମନସ୍ତତ୍ତ୍ୱବିତ୍‌ମାନେ ବିଶ୍ଳେଷଣ କରି ଲେଖିଛନ୍ତି ଅନେକ କଥା । ମାତ୍ର କେହି ପ୍ରେମ କାହିଁକି ହୁଏ ବୁଝେଇ ପାରିଛନ୍ତି କି ସ୍ପଷ୍ଟ ଭାବରେ !

ମଣିଷ ଏ ସୃଷ୍ଟିର ଶ୍ରେଷ୍ଠ ପ୍ରେମିକ ଈଶ୍ୱରଙ୍କୁ ବି ପଚାରିଛି ପ୍ରଶ୍ନ – କି ଭାବ ଏ ପ୍ରେମ ସତେ !

ଈଶ୍ୱର ନୀରବ । ପ୍ରେମ ବି ନୀରବ ।

ମାତ୍ର ସେମାନେ ପ୍ରାଣୀଙ୍କୁ ଛୁଇଁ ଦେଲେ ଗାଈ ଚିରରୁ ଝରିଯାଏ ଅମୃତ ତା' ବାଛୁରି ପାଇଁ, ମାତୃ-ସ୍ତନ୍ୟରୁ ଝରିପଡ଼େ ଜୀବନ ରସ, କୁମାରୀ ମନ ହୁଏ ପୁଲକିତ, ସାଧକ ଶରୀର ହୁଏ ରୋମାଞ୍ଚିତ ।

ଆହା ! ପ୍ରେମ !

ମୋ' ମିତ୍ର ଚନ୍ଦ୍ରଭାନୁ ପ୍ରେମରେ ପଡ଼ିଛି ପିଲାଦିନୁ, ସେ ଭୁଲିଯାଇଚି

ତା' ସାମାଜିକ ସ୍ଥିତି, ଜୀବନର ବାସ୍ତବତା। ସହପାଠିନୀ ନୀଳନୟନାକୁ ସେ ଭେଟିଛି ଅନେକ ଥର, ମାତ୍ର ତା' ଆଖିରେ ଆଖି ମିଳାଇଛି ମାତ୍ର ଥରେ।

ବାଲ୍ୟକାଳରୁ ପ୍ରେମରେ ପୁଲକିତ ହୋଇଥିଲେ କୃଷ୍ଣଚନ୍ଦ୍ର, ପଲ୍ଲବିତ ହୋଇଥିଲେ ଯମୁନା କୂଳର କଦମ୍ବ ବୃକ୍ଷ ଓ ଉଚ୍ଛୁଳି ପଡ଼ିଥିଲା ଯମୁନାର ଜଳ। ପ୍ରେମରେ ଆହ୍ଲାଦିତ ହୋଇଥିଲେ ରାଧାରାଣୀ।

ପିଲାଦିନୁ ପ୍ରେମ ପାଗଳ ଚନ୍ଦ୍ରଭାନୁ। ସେ କେବଳ ମୋତେ କହିଛି ତା' ମନକଥା, କୈଶୋରରେ।

ନୀଳନୟନା ଚନ୍ଦ୍ରିକା ଏକ ବ୍ରାହ୍ମଣୀ କନ୍ୟା, ଚନ୍ଦ୍ରଭାନୁ ସମାଜର ତଥାକଥିତ ଅଛୁଆ ମଣିଷ। ମାତ୍ର ଦି'ଜଣ ପରସ୍ପରକୁ ଭଲ ପାଉଥିଲେ। ନୀଚ ଜାତିରେ ଜନ୍ମିତ ଚନ୍ଦ୍ରଭାନୁ ଥିଲା ସୁନ୍ଦର, ସଦା ପରୋପକାରୀ ଏବଂ ବନ୍ଧୁପ୍ରିୟ। ସମ୍ଭବତଃ ତା'ର ଭଲ ମଣିଷ-ପଣିଆରେ ବିମୁଗ୍ଧା ହୋଇଥିଲା ଚନ୍ଦ୍ରିକା।

କୈଶୋରରେ ଦୃଢ଼ ହୋଇଥିଲା ପ୍ରେମର କଳ୍ପତରୁ, ମାତ୍ର ତାହା ଯେ ଏକ ଅବାସ୍ତବ ଭିତ୍ତିଭୂମି ଉପରେ ବଢ଼ିଚାଲିଛି, ଏକଥା ଚିନ୍ତାକରି ନଥିଲେ ଚନ୍ଦ୍ରିକା ଓ ଚନ୍ଦ୍ରଭାନୁ।

କେବଳ କେତୋଟି ପ୍ରେମପତ୍ରର ବିନିମୟରେ ସୀମିତ ରହିଥିଲା ତାଙ୍କ ପ୍ରେମର ଜୟଗାନ। ସେମାନେ ଜାଣିଥିଲେ ତାଙ୍କ ମିଳନ ଅସମ୍ଭବ, ତଥାପି ପ୍ରେମର ସୂକ୍ଷ୍ମ ସୂତ୍ରରେ ବାନ୍ଧିହୋଇ ରହିଥିଲେ ସେମାନେ। ତାଙ୍କ ପ୍ରେମ କାହାଣୀର ସାକ୍ଷୀ ମୁଁ ଓ ଆମ ଗାଁ'ର ନିର୍ବାକ ଗଛ, ଲତା ଓ ପଶୁପକ୍ଷୀ।

କାଳକ୍ରମେ ଚନ୍ଦ୍ରିକା ବାହା ହୋଇଗଲା ସୁଦୂର ଏକ ସହରକୁ, ଚନ୍ଦ୍ରଭାନୁ ଭଲ ଚାକିରି ପାଇ ମଧ୍ୟ ବାଛିନେଲା ଆଉ ଏକ ବାଟ, ଗ୍ରାମ ବିଦ୍ୟାଳୟରେ ଶିକ୍ଷକ ହୋଇ ହସଖୁସିରେ ବିତାଇଲା ସମୟ। ସ୍ମୃତି ହିଁ ଥିଲା ତା'ର ସାହାରା, ନୀଳନୟନାର ପ୍ରେମ ହିଁ ଥିଲା ତା' ବଞ୍ଚିବାର ଅର୍ଥ, ଗାଁ' ପିଲାଙ୍କୁ ପଢ଼ାଇବା ଥିଲା ତା'ର ଖୁସି।

ଚନ୍ଦ୍ରଭାନୁର ପ୍ରେମକାହାଣୀକୁ ମୁଁ ହିଁ ଜାଣିଥିଲି ଏବଂ ତାକୁ ଏକ ପାଗଳ ବୋଲି କହୁଥିଲି। ରକ୍ଷାଥିଲା, ସେ ଦେବଦାସ ସାଜି ଚନ୍ଦ୍ରିକା ପାଖରେ ପହଞ୍ଚି ନଥିଲା।

ସମୟର ନିଷ୍ଠୁର ପ୍ରହାର ଚନ୍ଦ୍ରିକାକୁ ଫେରାଇ ଆଣିଲା ତା' ବାପାମା'ଙ୍କ ପାଖକୁ, ତା' ଗାଁ'କୁ।

ସ୍ୱାମୀଙ୍କ ଅକାଳ ମୃତ୍ୟୁ ପରେ ଧନୀ ଶ୍ୱଶୁର ଘରେ ତା' ପାଇଁ ସ୍ଥାନ ନଥିଲା, ସମାଜର ଶକ୍ତିଶାଳୀ ଶାଣିତ ଖଡ୍ଗ ଆଗରେ ଛିଡ଼ା ହେବାକୁ ତା'ର ତାକତ ନଥିଲା। ମୃତ୍ୟୁକୁ ଆଦରି ନେବାକୁ ଚିନ୍ତାକଲା ବେଳେ ତା' ସାମ୍ନାକୁ ଆସୁଥିଲା ତା' ଆତ୍ମଜା ବନ୍ୟା ଏବଂ ତା' ପ୍ରେମ ଚନ୍ଦ୍ରଭାନୁ। ଦି' ବର୍ଷର ଝିଅ ବନ୍ୟାକୁ ଧରି ସେ ଆସିଥିଲା ଗାଁ'କୁ। ଗାଁ', ଗାଁ' ଲୋକ ଓ ତା' ବାପାମା' ଆଦରି ନେଇଥିଲେ ଚନ୍ଦ୍ରିକାକୁ, ବନ୍ୟାକୁ ଓ ସେମାନଙ୍କ ଭାଗ୍ୟକୁ।

ଚନ୍ଦ୍ରଭାନୁ ଦୁଃଖରେ ଭାଙ୍ଗି ପଡ଼ିଥିଲା, ମାତ୍ର ତା' ଦୁଃଖକୁ ବାହାରକୁ ଆସିବାକୁ ପ୍ରଶୟ ଦେଉନଥିଲା। ଏବେ ତା' ସାମ୍ନାରେ କେବଳ ଚନ୍ଦ୍ରିକା ନଥିଲା, ଥିଲା ନୀଳନୟନା ବନ୍ୟା।

ସମୟ ବଦଳି ଯାଉଥିଲା। ବଦଳୁ ଥିଲା ସମାଜ। ବ୍ରାହ୍ମଣୀ କନ୍ୟା ଚନ୍ଦ୍ରିକା ସିଧା ମନା କରି ଦେଇଥିଲା ଦ୍ୱିତୀୟ ବିବାହର ସମ୍ଭାବନାକୁ। ତା' ଆଗରେ ଥିଲା ବନ୍ୟା, ଭିତରେ ଥିଲା ଚନ୍ଦ୍ରଭାନୁର ପ୍ରେମ ଓ ଅସୀମ ଭଲପାଇବା। ଭଲରେ ମନ୍ଦରେ ସେ ତା' ପାଖରେ ଛିଡ଼ା ହୋଉଥିଲା।

ମୁଁ ଦେଖୁଥିଲି ଦୁଇଟି ସୁଉଚ୍ଚ ପ୍ରେମବୃକ୍ଷଙ୍କୁ, ସେମାନେ ଛିଡ଼ା ହୋଇଥିଲେ ତାଙ୍କ ଯାଗାରେ, ଚାହିଁ ରହିଥିଲେ ପରସ୍ପରକୁ ମାତ୍ର ପରସ୍ପରକୁ ଛୁଇଁବାର ଇଚ୍ଛାକୁ ନିୟନ୍ତ୍ରଣରେ ରଖି ବୁଡ଼ି ଯାଇଥିଲେ ପ୍ରେମର ବନ୍ୟାରେ।

*ପ୍ରାକ୍ତନ ମହାକାଶ ବିଜ୍ଞାନୀ*
*୩୦୧, ହେମନ୍ତ ଦୁର୍ଗା ଆପାର୍ଟମେଣ୍ଟ, ବିଜ୍ଞାନ ନଗର*
*ମାର୍ଥାହାଲି ପୋଷ୍ଟ, ବେଙ୍ଗାଲୁରୁ-୫୬୦୦୩୭*
*ଦୂରଭାଷ: ୯୯୩୮୭୬୯୯୦୮*

# ଉପହାର

**ଲେଖିକା:- ପଦ୍ମିନୀ ସିଂହ**
**ମୂଳଭାଷା:- ହିନ୍ଦୀ**
**ଅନୁବାଦ - ସମ୍ବେଦନା ମିଶ୍ର**

କାନ୍ତି ଦ୍ୱାରା ମନା କରିବା ଫଳରେ ରବିକାନ୍ତ ସାରା ଜୀବନ ବିବାହ ନ କରିବାର ନିର୍ଣ୍ଣୟ କରିଥିଲେ। ହୁଏତ ସେ ନିଜର ସେହି ନିଷ୍ପତ୍ତିରେ ଅଟଳ ମଧ୍ୟ ରହିଥାନ୍ତେ, ଯଦି ତାଙ୍କ ଜୀବନରେ କ୍ଷମା ନ ଆସିଥାନ୍ତା। ତେବେ ପ୍ରଶ୍ନ ଉଠେ, କିଏ ସେ କ୍ଷମା ? ଯିଏକି ରବିକାନ୍ତଙ୍କର ମରୁଭୂମି ସଦୃଶ୍ୟ ଜୀବନକୁ ଶସ୍ୟଶ୍ୟାମଳା କରିଦେଇଥିଲା।

ନିଜର ପ୍ରଥମ ପ୍ରେମରେ ଅସଫଳ ରବିକାନ୍ତ ନିଜର ଏକ ତରଫା ପ୍ରେମ ଯୋଗୁଁ କାନ୍ତି ଠାରୁ ଅନାଗ୍ରହ ସହ ନାହିଁ ଶୁଣିଲା ପରେ ପୁରା ଭାଙ୍ଗି ଯାଇଥିଲେ। ତାଙ୍କର ପ୍ରେମିକା କାନ୍ତି ନିଜର ବାପାମାଆଙ୍କ ପସନ୍ଦର ପୁଅ ସହିତ ବିବାହ କରି ଜର୍ମାନୀ ଚାଲିଯାଇଥିଲା। ତାପରେ ରବିକାନ୍ତଙ୍କର ମନ ସଂପୂର୍ଣ୍ଣ ଭାଙ୍ଗି ଯାଇଥିଲା। ତେଣୁ ସେ ମନେ ମନେ ନିଶ୍ଚୟ କଲେ ଯେ ଏ ଜୀବନରେ ଅନ୍ୟ କାହାକୁ ମଧ୍ୟ ବିବାହ କରିବେ ନାହିଁ। ରବିକାନ୍ତଙ୍କର ବାପାମାଆ ନିଜର ପୁଅକୁ ଏପରି ନିଷ୍ପତ୍ତିରୁ ଓହରିବା ପାଇଁ ବୁଝାଇ ବୁଝାଇ ଚାରିବର୍ଷର ସମୟ ଭିତରେ ଆରପାରିକୁ ଚାଲିଗଲେ।

> ରବିକାନ୍ତ ନିଜର ପ୍ରଥମ ପ୍ରେମର କଥା କହି ବୁଝାଇଲେ, 'କ୍ଷମା ! ଆମେ ସମସ୍ତେ ଭାଗ୍ୟ ହାତରେ ବନ୍ଧା ହୋଇଥିବା କଥା କୁଣ୍ଢେଇ ଯାହାକୁ ସେ ଯେମିତି ଚାହେଁ ସେମିତି ନଚାଏ। ଏକୁଟିଆ ରହିଲେ ମୋତେ ମଧ୍ୟ ଭୟ ଲାଗେ, ଭଲ ଲାଗେ ନାହିଁ। ତେଣୁ ମୁଁ ନିଜକୁ ମୋର ଅଫିସ କାମରେ ଯଥା ସମ୍ଭବ ବ୍ୟସ୍ତ ରଖୁଛି। ଏବେ ମୋତେ ଖୁସି ଲାଗୁଛି ଯେ ମୋର କିଛି ସମୟ ତୁମ ସହିତ ହସଖୁସିରେ କଥାବାର୍ତ୍ତା ହେବାରେ କଟିଯାଉଛି।

କିନ୍ତୁ ରବିକାନ୍ତ ଯେତେ ଚେଷ୍ଟା କଲେ ମଧ୍ୟ କାନ୍ତି ସହିତ କଲେଜରେ ପଢୁଥିବା ସମୟର ଅନେକ ସ୍ମୃତିରୁ ନିଜକୁ ମୁକୁଳାଇ ପାରୁନଥିଲେ। ଏହା ଜାଣି ମଧ୍ୟ ଯେ ସେ ଏବେ ଆଉ ଜଣଙ୍କୁ ବିବାହ କରି ତାଙ୍କ ଠାରୁ ବହୁତ ଦୂରକୁ ଚାଲିଯାଇଛି, ସେ ତଥାପି ତାଙ୍କୁ ଭୁଲିପାରୁନଥିଲେ। କଲେଜର ଚାରିବର୍ଷର ପାଠପଢ଼ା ଭିତରେ କାନ୍ତି ସହିତ ହୋଇଥିବା ତାଙ୍କ ବନ୍ଧୁତାରେ ସେ ମନେ ମନେ ତାଙ୍କୁ ଭଲ ପାଇବସିଲେ। କେତେଥର ଚେଷ୍ଟା କରି ବିଫଳ ହେବା ପରେ ଦିନେ ରବିକାନ୍ତ ବହୁତ କଷ୍ଟରେ ସଙ୍କୋଚ ସହିତ ଡରିଡରି କାନ୍ତିଙ୍କୁ କହିଥିଲେ, 'ମୁଁ ତୁମକୁ ବହୁତ ଭଲ ପାଏ ଓ ତୁମକୁ ମୋର ଜୀବନସାଥୀ ରୂପେ ଗ୍ରହଣ କରିପାରିଲେ ମୋ ଜୀବନ ଧନ୍ୟ ହୋଇଯିବ।'

ଉତ୍ତରରେ କାନ୍ତି କହିଥିଲେ, 'ରବି ! ମୁଁ ତୁମକୁ ନିଜର ଜଣେ ଭଲ ସାଙ୍ଗ ବୋଲି ମାନୁଛି ଓ ସେଥିପାଇଁ ତୁମ ସହ ଦେଖାସାକ୍ଷାତ କରୁଥିଲି। କିନ୍ତୁ ମୁଁ ତୁମକୁ ସେହି ପ୍ରକାରର ପ୍ରେମ କରୁନାହିଁ ଯେଉଁଥିରେ ମୁଁ ତୁମକୁ ମୋ ଜୀବନର ସାଥୀ କରିପାରିବି। ମୋର ବିବାହ ମଧ୍ୟ ମୋର ବାପାମାଆଙ୍କ ପସନ୍ଦର ପୁଅ ସହିତ ହିଁ କରିବି। ତେଣୁ ଯେହେତୁ ତୁମ ମନରେ ଆମ ବନ୍ଧୁତାରୁ ବଢ଼ି ମୋ ପାଇଁ ପ୍ରେମ ଜାଗ୍ରତ ହୋଇଗଲାଣି, ତେବେ ଭଲ ହେବ ଯେ ଆଗାମୀ ଦିନରେ ଆମେ ଦୁହେଁ ଆଉ ଦେଖାସାକ୍ଷାତ କରିବା ନାହିଁ। ଆଜିଠାରୁ ଆମ ଭିତରେ ଥିବା ବନ୍ଧୁତା ମଧ୍ୟ ଶେଷ ହୋଇଗଲା ବୋଲି ଧରିନିଅ।'

ତା ପରେ କାନ୍ତି ଆଉ କେବେ ମଧ୍ୟ ରବିକାନ୍ତଙ୍କୁ ଦେଖାକରିବାକୁ ଆସିନାହାନ୍ତି। ରବିକାନ୍ତ ମଧ୍ୟ ମନରେ କେବେ ସାହସ ସଞ୍ଚୟ କରି କାନ୍ତିର ବାପାମାଆଙ୍କୁ ଦେଖାକରି ତାଙ୍କର ଓ କାନ୍ତିର ବିବାହ ପାଇଁ ପ୍ରସ୍ତାବ ରଖିପାରିଲେ ନାହିଁ। କାରଣ ସେମାନଙ୍କର ଶେଷ ଦେଖାସାକ୍ଷାତ ସମୟରେ କାନ୍ତିର ଆଖିରେ ସେ ନିଜର ପାଇଁ ପ୍ରେମ ତ ଛାଡ଼ ସହାନୁଭୂତି ଟିକିଏ ମଧ୍ୟ ଦେଖିପାରିନଥିଲେ।

ରବିକାନ୍ତ ନିଜର ପ୍ରଥମ ପ୍ରେମରେ ଅସଫଳ ହେବା ପରେ ନିଜର ଜୀବନକୁ ନିରାଧାର, ବେକାର ଓ ରଙ୍ଗହୀନ ଭାବିନେଲେ। ସେମିତିରେ ଅଧିକାଂଶ ଲୋକ ଅସଫଳତା ଓ କଷ୍ଟସାଧ୍ୟ ପଥକୁ ଦେଖି ଡରି ଯାଇ ନିଜକୁ ବହୁତ ଦୁର୍ବଳ ଭାବି ନିଜର ଆତ୍ମବିଶ୍ୱାସ ଓ ଉତ୍ସାହ ହରାଇ ବସନ୍ତି।

ସମୟ ଅତିକ୍ରାନ୍ତ ହେବା ସହ ରବିକାନ୍ତ ଏବେ ପଚାଶ ବର୍ଷର

ବୟସରେ ପଦାର୍ପଣ କରିସାରିଥିଲେ। ତାଙ୍କର ମୁଣ୍ଡର ବାଳ ମଧ୍ୟ ପାଚି ଧଳା ହୋଇସାରିଥିଲା। ଆଖିରେ ଚଷମା ଲାଗିସାରିଥିଲା। ବହୁତ ବର୍ଷ ଧରି ଗୋଟିଏ କଂପାନୀରେ ରହି ନିଷ୍ଠାପର ସେବା ଯୋଗାଇବା ଯୋଗୁଁ ଏବେ ସେ ପଦୋନ୍ନତିରେ ସେହି କଂପାନୀର ଜେନେରାଲ ମେନେଜର ହୋଇ ସାରଥିଲେ। କଂପାନୀରୁ ମିଳିଥିବା ତାଙ୍କ ଫ୍ଲାଟ ଘର ସାମନାର ଅନ୍ୟ ଏକ ଫ୍ଲାଟ ଘରକୁ କିଛିଦିନ ପୂର୍ବରୁ ଶୋଭନା ନାମ୍ନୀ ଜଣେ ମହିଳା ନିଜର ଚବିଶ ବର୍ଷୀୟ ଝିଅ କ୍ଷମା ସହିତ ଭଡାରେ ରହିବାକୁ ଆସିଥିଲେ।

କ୍ଷମା ନିଜର ମାଆଙ୍କ ଭଳି ଅତ୍ୟନ୍ତ ସୁନ୍ଦର ଓ ହସକୁରା ଝିଅ ଥିଲା। ସେ ଯେତେବେଳେ ମଧ୍ୟ ରବିକାନ୍ତଙ୍କୁ ସାମନାସାମ୍ନି ଦେଖେ ସେତେବେଳେ ହସି, 'ମଉସା ନମସ୍କାର!' କହିବାକୁ କେବେ ଭୁଲି ନ ଥାଏ। ରବିକାନ୍ତ ମଧ୍ୟ ତାକୁ ସବୁବେଳେ 'ହେଲୋ! କଣ ଭଲ ଅଛ ଝିଅ, 'ପଚାରି ପ୍ରତିଉତ୍ତର ଦେଇଥାନ୍ତି। ତା ପରେ କ୍ଷମା ତାଙ୍କ ପ୍ରଶ୍ନର ଉତ୍ତରରେ, 'ଭଲ ଅଛି, ଧନ୍ୟବାଦ!' କହିଥାଏ। କ୍ଷମା ବର୍ତ୍ତମାନ ବିଜ୍ଞାନ ସ୍ନାତକୋତ୍ତର କରିସାରି ଦୁଇ ବର୍ଷୀୟା କମ୍ପ୍ୟୁଟର କୋର୍ସ କରୁଥିଲା।

କିଛିଦିନ ଧରି ରବିକାନ୍ତଙ୍କୁ ନ ଦେଖିବା ପରେ କ୍ଷମା ଯେତେବେଳେ ତାଙ୍କ ଚାକରକୁ ତାଙ୍କ ବିଷୟରେ ପଚାରିଲା ତା ପରେ ଯାଇ ଜଣା ପଡ଼ିଲା କି ସେ ବହୁତ ଦିନ ହେଲା ରୋଗାକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଚାକର ଠାରୁ ରବିକାନ୍ତ ଚିକିତ୍ସିତ ହେଉଥିବା ଡାକ୍ତରଖାନାର ଠିକଣା ନେଇ କ୍ଷମା ସେହିଦିନ ସନ୍ଧ୍ୟା ସମୟକୁ ରବିକାନ୍ତଙ୍କୁ ଦେଖା କରିବାକୁ ସେ ରହୁଥିବା ଡାକ୍ତରଖାନାକୁ ଚାଲିଗଲା।

ଡାକ୍ତରଖାନାରେ କ୍ଷମାକୁ ଦେଖି ରବିକାନ୍ତ ବହୁତ ଖୁସି ହୋଇଗଲେ। କିନ୍ତୁ କ୍ଷମା ତାଙ୍କ ଉପରେ ପ୍ରଥମରୁ ରାଗି ପାଟିକଲା ଯେ, ସେ ଏତେଦିନ ଧରି ଦେହଖରାପରେ ରହିବା ସତ୍ତ୍ୱେ ସେ ତାକୁ କୌଣସି ପ୍ରକାରର ଖବର ଦେଇ ନ ଥିଲେ। ବରଂ ସେ ଭାବୁଥିଲା ଯେ ରବିକାନ୍ତ ବୋଧେ ହୁଏ କଂପାନୀର କାମରେ ଟୁରରେ ଯାଇଥିବେ। କ୍ଷମା ରାଗିକି ତାଙ୍କୁ ଗାଳି କରିବାରୁ ରବିକାନ୍ତ ଚୁପଚାପ ଶୁଣୁଥିଲେ। ମନେ ମନେ ତାଙ୍କୁ କିନ୍ତୁ ବହୁତ ଭଲ ଲାଗୁଥିଲା। କ୍ଷମା ବହୁତ ସମୟ ଧରି ତାଙ୍କ ପାଖରେ ବସି ତାଙ୍କ ସହିତ ତାଙ୍କ ଦେହଖରାପ ବିଷୟରେ ପଚାରି ବୁଝିଥିଲା। ରବିକାନ୍ତ ଯେତେବେଳେ ତାକୁ କହିଲେ ଯେ ଏବେ ସେ ସୁସ୍ଥ ହୋଇସାରିଛନ୍ତି ଓ କିଛିଦିନ ଭିତରେ ହିଁ ଡାକ୍ତରଖାନାରୁ ତାଙ୍କୁ ଛୁଟି ମିଳିଯିବ, ତା ପରେ ଯାଇ କ୍ଷମାର ପ୍ରଶ୍ନାବଳୀ ସରିଥିଲା। ଘରକୁ ଫେରିବା ସମୟରେ ସେ ତାଙ୍କୁ ଜଲଦି ଠିକ ହେବା ପାଇଁ ଶୁଭକାମନା ଦେବାକୁ ଭୁଲି ନଥିଲା।

ତା ପରଠାରୁ କ୍ଷମା ସବୁଦିନ ସନ୍ଧ୍ୟାରେ ରବିକାନ୍ତଙ୍କୁ ଦେଖାକରିବାକୁ ଡାକ୍ତରଖାନା ଯାଏ। କ୍ଷମା ଯୋଗୁଁ ରବିକାନ୍ତଙ୍କର ମନ ମଧ୍ୟ ଟିକିଏ ବଦଳି ଯାଏ। ସେ ସେଥିପାଇଁ ତାର ଆସିବା ସମୟକୁ ଅପେକ୍ଷା କରି ରହିଥାନ୍ତି। କ୍ଷମା ଆସିବା ପରେ ସେ ଦୁହେଁ ମିଶି ବିଭିନ୍ନ ବିଷୟରେ ଆଲୋଚନା କରନ୍ତି ଓ ହସଖୁସିରେ କଥାବାର୍ତ୍ତା କରୁକରୁ କେତେବେଳେ ଦୁଇଘଣ୍ଟାର ସମୟ ଜଲଦି ଜଲଦି ସରିଯାଏ ତାହା ବିଲକୁଲ ଜଣାପଡ଼େନାହିଁ।

ଯେଉଁଦିନ ରବିକାନ୍ତଙ୍କୁ ଡାକ୍ତରଖାନାରୁ ଛୁଟି ମିଳିଲା, କ୍ଷମା ତାଙ୍କୁ ସାଙ୍ଗରେ ଧରି ତାଙ୍କର ଘରକୁ ଆସିଥିଲା। ତା ପରଦିନ ରବିକାନ୍ତ ଯେତେବେଳେ ପୂର୍ବଭଳି ନିଜ ଅଫିସକୁ ଯିବାକୁ ବାହାରିଲେ ସେତେବେଳେ କ୍ଷମା ତାଙ୍କୁ ଅଟକାଇ ମନା କରିଦେଇଥିଲା। ଆଜିକ ଘରେ ରହି ଆରାମ କରି ପୁଣିଥରେ କାଲି ଠାରୁ ଅଫିସ ଯିବାକୁ ସେ ଅନୁରୋଧ କରିଥିଲା। ତା ପରଦିନ ରବିକାନ୍ତ ଯେତେବେଳେ ଅଫିସରୁ ଘରକୁ ଡେରିରେ ଫେରିଲେ ସେ ତାଙ୍କ ପାଦ ଶବ୍ଦ ଶୁଣି ନିଜ କବାଟ ଖୋଲି ତାଙ୍କୁ ନମସ୍କାର କହିବା ସହିତ ଏତେ ସମୟ ଧରି ଅଫିସରେ ରହି କାମ କରିବାରୁ ତାଙ୍କୁ ଗାଳି ମଧ୍ୟ କରିଥିଲା।

ସପ୍ତାହ ମଧ୍ୟରେ ଥରେ ଦୁଇଥର କ୍ଷମା ତାଙ୍କର ନିମନ୍ତ୍ରଣ ପାଇ ନହେଲେ ନିଜ ଆଡୁ ମଧ୍ୟ ରବିକାନ୍ତଙ୍କ ଘରକୁ ଯାଇ ଘଣ୍ଟେ ନହେଲେ ଦୁଇଘଣ୍ଟା ଗପସପ କରି ଆସିଥାଏ। ଘରର ଚାକର ମଝିରେ ତାଙ୍କୁ ଚା ଜଳଖିଆ ଦେଇଥାଏ। ସେହି ଚା ପିଇବା ଭିତରେ ସେମାନେ ବିଭିନ୍ନ ବିଷୟରେ ଆଲୋଚନା କରିଥାନ୍ତି। ଧୀରେ ଧୀରେ ସେହି ଚର୍ଚ୍ଚାରେ ଅଫିସ, କଲେଜ, ଘରୋଇ ଓ ବ୍ୟକ୍ତିଗତ ଘଟଣାବଳୀ ଉପରେ ମଧ୍ୟ କଥାବାର୍ତ୍ତା ହୋଇଥାଏ।

ଏହିପରି ଦିନେ କଥାବାର୍ତ୍ତା ଭିତରେ କ୍ଷମା ରବିକାନ୍ତଙ୍କୁ ପଚାରିଲା, 'ମଉସା! ଆପଣ ଏକୁଟିଆ କାହିଁକି ରହୁଛନ୍ତି? ଆପଣ ବିବାହ କାହିଁକି କଲେ ନାହିଁ? ଆପଣଙ୍କୁ କ'ଣ ଜୀବନସାଥୀର ଅଭାବ ଅନୁଭବ ହେଉନାହିଁ? ଆପଣଙ୍କୁ କ'ଣ ଏପରି ଏକୁଟିଆ ଘର ଡରାଉ ନାହିଁ? ଚାକରର ହାତ ତିଆରି ଖାଦ୍ୟ ଖାଇ ଖାଇ ଆପଣ କଣ ବିରକ୍ତ ହୋଇଯାଉନାହାନ୍ତି?'

ରବିକାନ୍ତ ନିଜର ପ୍ରଥମ ପ୍ରେମର କଥା କହି ବୁଝାଇଲେ, 'କ୍ଷମା! ଆମେ ସମସ୍ତେ ଭାଗ୍ୟ ହାତରେ ବନ୍ଧା ହୋଇଥିବା କଥା କୁଣ୍ଢେଇ ଯାହାକୁ ସେ ଯେମିତି ଚାହେଁ ସେମିତି ନଚାଏ। ଏକୁଟିଆ ରହିଲେ ମୋତେ ମଧ୍ୟ ଭୟ ଲାଗେ, ଭଲ ଲାଗେ ନାହିଁ। ତେଣୁ ମୁଁ ନିଜକୁ ମୋର ଅଫିସ କାମରେ ଯଥା ସମ୍ଭବ ବ୍ୟସ୍ତ ରଖୁଛି। ଏବେ ମୋତେ ଖୁସି ଲାଗୁଛି ଯେ ମୋର କିଛି ସମୟ ତୁମ ସହିତ ହସଖୁସିରେ କଥାବାର୍ତ୍ତା ହେବାରେ କଟିଯାଉଛି। ତୁମ ସହିତ ସମୟ ବିତେଇବା ମୋତେ ଏବେ ଭଲ ଲାଗୁଛି।'

ରବିକାନ୍ତଙ୍କ ଦେହଖରାପ ହେବାକୁ ଏବେ ପାଖାପାଖି ବର୍ଷେ ବିତିଯାଇଥାଏ। ଏହି ସମୟ ଭିତରେ କ୍ଷମା ନିଜର ମାଆଙ୍କୁ ପଚାରି ରବିକାନ୍ତଙ୍କୁ ପ୍ରତିମାସରେ ଥରେ ନହେଲେ ଦୁଇଥର ନିଜ ଘରକୁ ଖାଇବାକୁ ନିମନ୍ତ୍ରଣ କରିଥାଏ। ରବିକାନ୍ତ ଶୋଭନାଙ୍କ ସହିତ ଦେଖାସାକ୍ଷାତ କରିବା ସମୟରେ ସବୁବେଳେ ତାଙ୍କ ଝିଅ କ୍ଷମାର ବହୁତ ପ୍ରଶଂସା କରିଥାନ୍ତି। ଶୋଭନାଙ୍କ ସହିତ ମଧ୍ୟ ରବିକାନ୍ତଙ୍କ ଅଳ୍ପ କିଛି ଔପଚାରିକ କଥାବାର୍ତ୍ତା ହୋଇଥାଏ। ଯେଉଁଦିନ ସବୁ ରବିକାନ୍ତ ତାଙ୍କ ଘରକୁ ଖାଇବା ପାଇଁ ଆସିବାର ଥାଏ ସେହି ସବୁଦିନ କ୍ଷମା ବହୁତ ଉତ୍ସାହର ସହିତ ଘର ସଜାଇବା ସହ ନିଜର ମାଆଙ୍କୁ ରୋଷେଇ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। କ୍ଷମା ସବୁବେଳେ ନିଜ ମାଆଙ୍କ ସାମନାରେ ରବିକାନ୍ତଙ୍କ ଗୁଣ ଓ ବିଶେଷତାର ଚର୍ଚ୍ଚା କରିଥାଏ। ଶୋଭନା କେବଳ ହଁ ହଁ କରି ତାର ସବୁକଥା ଶୁଣିଥାନ୍ତି।

ନିଜ ଝିଅ ଓ ପଡ଼ୋଶୀ ରବିକାନ୍ତଙ୍କର ଦିନକୁ ଦିନ ବଢୁଥିବା ବନ୍ଧୁତା ଓ ମିଳାମିଶା କିଛିଦିନ ହେବ ଶୋଭନାଙ୍କର ଚିନ୍ତାର କାରଣ ପାଲଟିଯାଇଥିଲା। ସେ କ୍ଷମାକୁ ଏ ବିଷୟରେ କିଛି ନ କହି ବରଂ ତାର ବିବାହ କରିବା ପାଇଁ ଖୋଜାଖୋଜି ଆରମ୍ଭ କରିଦେଲେ। ତାଙ୍କର ସାଙ୍ଗ ରମାଙ୍କର ପୁଅ ରୋନକ୍ କିଛି ଦିନ ହେବ ଅଷ୍ଟ୍ରେଲିଆରୁ କିଛି ଦିନ ପାଇଁ ଭାରତ ଆସିଥିଲା। କ୍ଷମା ମଧ୍ୟ ରୋନକ୍‌କୁ ପିଲାବେଳୁ ଜାଣିଥିଲା। ଯେତେବେଳେ ଶୋଭନା ନିଜ ସାଙ୍ଗ ରମାଙ୍କୁ କ୍ଷମା ଓ ରୋନକ୍‌ର ବିବାହ ପ୍ରସ୍ତାବ ଦେଲେ, ସେ ସଙ୍ଗେ ସଙ୍ଗେ ତାର ପରଦିନ ନିଜ ସ୍ୱାମୀ ଦେବନାଥ

ଓ ପୁଅ ରୋନକ୍‌କୁ ଧରି କ୍ଷମାକୁ ଦେଖାକରିବାକୁ ସନ୍ଧ୍ୟା ସମୟରେ ଘରକୁ ଚାଲିଆସିଲେ। ତାଙ୍କ ଭିତରେ ପୂର୍ବରୁ ହିଁ କୌଣସି ଔପୋଚାରିକତା ନ ଥିଲା। ତେଣୁ ଶୋଭନା ରମା ଓ ତାର ପରିବାରକୁ ଏକା ସାଙ୍ଗରେ ରାତ୍ରିଭୋଜନ କରିବାକୁ ଅଟକାଇ ରଖିଦେଲେ।

ରାତ୍ରିଭୋଜନ କରିବା ସମୟରେ ସମସ୍ତଙ୍କ ଉପସ୍ଥିତିରେ ରମା କ୍ଷମାକୁ ସିଧା ପ୍ରଶ୍ନ କଲେ, 'ଝିଅ କ୍ଷମା ! ମୋର ପୁଅ ରୋନକ୍ ତୁମକୁ ପିଲାବେଳୁ ବହୁତ ପସନ୍ଦ କରେ। ଯଦି ତୁମକୁ ମଧ୍ୟ ରୋନକ୍ ପସନ୍ଦ ଥାଏ ତେବେ ତୁମ ଦୁହିଁଙ୍କର ବିବାହ ହୋଇଗଲେ ମୁଁ ଓ ଶୋଭନା ବହୁତ ଖୁସି ହେବୁ।'

କ୍ଷମା ପ୍ରଥମରୁ ଚୁପ ରହିଥିଲା। କିନ୍ତୁ ରମାଙ୍କର ବାରମ୍ବାର ଆଗ୍ରହରେ ପଚାରିବାରେ ସେ ଉତ୍ତର ଦେଲା, 'ମାଉସୀ ! ଆପଣମାନେ ଆମଠାରୁ ବଡ଼। ଯାହା ମାଆ ନିଷ୍ପତ୍ତି ନେବେ, ମୁଁ ସବୁଥିରେ ରାଜି।'

ତା କଥା ଶୁଣି ଶୋଭନା କହିଲେ, 'କ୍ଷମା ! ରୋନକ୍ ସବୁପ୍ରକାରରେ ତୋ ପାଇଁ ଉପଯୁକ୍ତ ବର ଅଟେ। ଆମ ଦୁଇ ପରିବାର ଭିତରେ ମଧ୍ୟ ମଧୁର ସଂପର୍କ ଅଛି। ସେଥିପାଇଁ ମୁଁ ଚାହୁଁଛି କି ତୁ ଓ ରୋନକ୍ ଦୁହେଁ ଖାଇବା ସାରି ବାହାର ବଗିଚାରେ ବସି ଏକାଠି ଏ ବିଷୟରେ ନିଜ ନିଜ ମଧ୍ୟରେ ଭଲରେ ବୁଝାସୁଝା କରି ନିଷ୍ପତି ନିଅ।'

ଆପୋଷ ବୁଝାମଣା ପରେ ଯେତେବେଳେ ସେ ଦୁହେଁ ଏକାଠି ଫେରିଲେ ସେତେବେଳେ ଦୁହେଁ ବହୁତ ଖୁସିରେ ଥିବାର ଜଣାପଡୁଥିଲେ। ତାପରେ ଶୋଭନା କ୍ଷମାକୁ ଅନ୍ୟ ଏକ ଭିତର ରୁମକୁ ନେଇଯାଇ ତାକୁ ପଚାରିଲେ, 'ତାହେଲେ ମୁଁ ପ୍ରସ୍ତାବକୁ ହଁ କରିଦେବି ?' ତାପରେ ଯେତେବେଳେ କ୍ଷମା ଲାଜରେ ମୁହଁ ତଳକୁ କରି ମୁଣ୍ଡ ହଲାଇ ଦେଲା, ସେ ତାର ମଥାକୁ ଚୁମ୍ବନ କରି ତାକୁ ଆଶୀର୍ବାଦ ଦେଲେ। ତାପରେ ସେ ମାଆ ଝିଅ ଦୁହେଁ ଅତିଥି କୋଠରୀକୁ ଆସିଗଲେ। ଶୋଭନା ବିବାହର ଆଶୀର୍ବାଦ ସ୍ୱରୂପ ରୋନକ୍‌କୁ ଏକ ହଜାର ଏକ ଟଙ୍କା ଦେଇଦେଲେ ଏବଂ ନିଜ ସାଙ୍ଗ ରମା ଓ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ବିବାହର ଶୁଭକାମନା ଦେଲେ। ଅଭିଭାବକମାନେ ନିଷ୍ପତ୍ତି କରିନେଲେ ଯେ ରୋନକ୍ ଅଷ୍ଟ୍ରେଲିଆ ଫେରିଯିବା ପୂର୍ବରୁ ହିଁ ସେମାନେ ସେ ଦୁହିଁଙ୍କର ବିବାହ ସଂପନ୍ନ କରାଇଦେବେ।

କ୍ଷମା, ଶୋଭନା ଓ ତାଙ୍କ ସ୍ୱାମୀଙ୍କର ପାସପୋର୍ଟ ଜାପାନ, ହଂକଂ ଓ ଅଷ୍ଟ୍ରେଲିଆ ବୁଲି ଯିବା ପାଇଁ ବହୁତ ଆଗରୁ ପ୍ରସ୍ତୁତ ହୋଇସାରିଥିଲା। ମାତ୍ର ତିନି ବର୍ଷ ପୂର୍ବେ କ୍ଷମାର ବାପାଙ୍କର ଅକସ୍ମାତ ମୃତ୍ୟୁ ପରେ ସେ ବୁଲାବୁଲି କାର୍ଯ୍ୟକ୍ରମ ସ୍ଥଗିତ ହୋଇଯାଇଥିଲା। ଯଦି ଏ ଭିତରେ କ୍ଷମାର ଭିସା ପ୍ରସ୍ତୁତ ହୋଇଗଲା, ତ ଭଲ କଥା। ସେ ରୋନକ୍ ସହିତ ହିଁ ଅଷ୍ଟ୍ରେଲିଆ ଚାଲିଯାଇପାରିବ। ନହେଲେ ମଧ୍ୟ ଛ'ମାସ ଭିତରେ ରୋନକ୍ ଆସି କ୍ଷମାକୁ ସାଙ୍ଗରେ ଧରି ଚାଲିଯିବ।

ପରଦିନ ସନ୍ଧ୍ୟା ସମୟରେ ରବିକାନ୍ତଙ୍କୁ ଦେଖାକରିବା ସମୟରେ କ୍ଷମା ଯେତେବେଳେ ତାଙ୍କୁ ନିଜ ବିବାହ ବିଷୟରେ ଜଣାଇଲା, ସେ ଖବର ଶୁଣି ଚୁପ ରହିଗଲେ ଓ ଗମ୍ଭୀର ଦେଖାଗଲେ। ତାପରେ କ୍ଷମା ତାଙ୍କୁ ପଚାରିଲା, 'ମଉସା ! ଲାଗୁଛି ଆପଣ ମୋ ବିବାହ ଖବର ଶୁଣି ଖୁସି ନାହାନ୍ତି ?' ତାପରେ ରବିକାନ୍ତ ଉତ୍ତର ଦେଲେ, 'ତୁମେ ବିବାହ କରି ଦୂରକୁ ଚାଲିଗଲେ, ମୁଁ ପୁଣିଥରେ ଏକୁଟିଆ ପଡ଼ିଯିବି। ମୁଁ ତୁମକୁ ଏଇ କିଛି ମାସ ଭିତରେ ନିଜର ବହୁତ ଆପଣାର ଭାବି ନେଇଥିଲି। କିନ୍ତୁ ଏଇଟା କେବଳ ମୋର ନିଜସ୍ୱ ସ୍ୱାର୍ଥ ହିଁ ହେବ ଯଦି ମୁଁ ତୁମର ବିବାହରେ ଖୁସି ନ ହେବି। ସେମିତିରେ ମୁଁ ତ ବହୁବର୍ଷ ଧରି ଏକୁଟିଆ ରହିବାର ଅଭ୍ୟାସ ରଖିଛି। ତେଣୁ ମୋ ତରଫରୁ ତୁମକୁ ବିବାହର ଅନେକ ଅନେକ ଶୁଭକାମନା।'

କ୍ଷମା ତାଙ୍କ କଥା ଶୁଣି ଅବୁଝା ହେବା ଭଳି କହିଲା, 'ଏମିତି ନୁହେଁ। ମୁଁ ଆପଣଙ୍କ ଠାରୁ କିଛି ଗୋଟିଏ ବଡ଼ ଉପହାର ନେବି। ତାପରେ ଯାଇ ମୁଁ ଆପଣଙ୍କର ଶୁଭକାମନାକୁ ସ୍ୱୀକାର କରିବି।

ରବିକାନ୍ତ କହିଲେ, 'ତୁମେ ଯାହା ଚାହିଁବ, ମୁଁ ତୁମକୁ ନିଶ୍ଚୟ ଦେବି। ତୁମେ ପ୍ରଥମେ କୁହ ତୁମକୁ କଣ ଉପହାର ଦରକାର ? ମୋର ଏତେ ପ୍ରିୟ ବନ୍ଧୁ ପାଇଁ ମୁଁ ଏତିକି ମଧ୍ୟ କରିପାରିବିନି ?

କ୍ଷମା କହିଲା, 'ତାହେଲେ ଆପଣ ପ୍ରଥମେ ଶପଥ କରନ୍ତୁ ଯେ ଆପଣ ମୋତେ ମନା କରିବେ ନାହିଁ।'

ରବିକାନ୍ତ କହିଲେ, 'ଆରେ ! ମୁଁ କାହିଁକି ମନା କରିବି ? ତଥାପି ତୁମ କଥା ହେଉ, ମୁଁ ଶପଥ କରୁଛି।'

ତାପରେ କ୍ଷମା କହିଲା, 'ମଉସା ! ମୋ ସାମନାରେ ଏକ ବଡ଼ ସମସ୍ୟା ହେଉଛି ମୋର ମାଆ, ଯିଏକି ମୋ ପାଇଁ କେତେ କଣ ସବୁ କରିଛନ୍ତି। ମୁଁ ତାଙ୍କୁ ଏକୁଟିଆ ଛାଡ଼ି ବିଦେଶ ଚାଲିଯିବି, ଏକଥା ପାଇଁ ମୋର ମନ ମାନୁନାହିଁ। ତେଣୁ ମୁଁ ଚାହୁଁଛି କି ଆପଣ ଓ ମୋର ମାଆ ଯିଏକି ନିଜେ ମଧ୍ୟ ଏକାକୀ ଜୀବନ ବଞ୍ଚୁଛନ୍ତି, ଦୁହେଁ ବିବାହ କରିନିଅନ୍ତୁ। ଆପଣ ଦୁହିଁଙ୍କୁ ସାଥୀ ମିଳିଯିବ। ମୁଁ ମାଆଙ୍କୁ ବୁଝାଇଦେବି ଓ ରାଜି କରାଇନେବି। ତେଣୁ ପ୍ରଥମେ ଆପଣ ହଁ କରନ୍ତୁ।

ରବିକାନ୍ତ କିଛି ସମୟ ଚୁପ ରହିଲେ। କିଛି ସମୟ ପରେ କ୍ଷମା ପୁଣି ଥରେ କହିଲା, 'ଠିକ ଅଛି। ଯଦି ଆପଣ ଏ ବିବାହ ପାଇଁ ପ୍ରସ୍ତୁତ ନୁହଁନ୍ତି ତେବେ ମୁଁ ମୋର ବିବାହ ପାଇଁ ମଧ୍ୟ ମନା କରିଦେଉଛି। ଦେଖନ୍ତୁ ! ମୋର ବିବାହ ଏବେ କେବଳ ଠିକଣା ହୋଇଛି, ବିବାହ ସରି ଯାଇନାହିଁ। ମୁଁ ହିଁ ଭୁଲ ଥିଲି କି ଆପଣ ମୋର ବହୁତ ନିକଟତର ଅଛନ୍ତି ଏବଂ ମୋର ଭଲ ପାଇଁ ମୋର ଭାବନା କୁ ବୁଝି ଆପଣ ନିଜସ୍ୱ ଶପଥ ନିଶ୍ଚୟ ପୂରଣ କରିବେ।' ଏତିକି କହିବା ଭିତରେ କ୍ଷମାର ଗଳା ରୁନ୍ଧି ହେବାରେ ଲାଗିଲା।

ରବିକାନ୍ତ ନିଜ ଜାଗାରୁ ଉଠିଲେ ଓ କ୍ଷମାର ମୁଣ୍ଡ ଉପରେ ହାତ ରଖିଲେ ଓ ତାର ଆଖିର ଲୁହକୁ ପୋଛି କହିଲେ, 'ମୁଁ ମୋର ଝିଅର ଖୁସି ପାଇଁ ସବୁକିଛି କରିବି। ମୁଁ ତୁମ ପ୍ରସ୍ତାବରେ ରାଜି।'

ତାଙ୍କ କଥା ଶୁଣି କ୍ଷମା ଖୁସିରେ ନାଚି ଉଠିଲା ଓ ତାଙ୍କୁ ଆଲିଙ୍ଗନ କଲା। କ୍ଷମା ନିଜ ବିବାହ ପୂର୍ବରୁ ଶୋଭନା ଓ ରବିକାନ୍ତଙ୍କ ବିବାହ କରିବାକୁ ଜିଦ କଲା ଯାହା ଫଳରେ ସେ ଦୁହେଁ ମିଳିତ ରୂପରେ ତାର କନ୍ୟାଦାନ କରିପାରିବେ।

ଆଗାମୀ ସପ୍ତାହରେ ରବିକାନ୍ତ ଓ ଶୋଭନାଙ୍କ ବିବାହ ବହୁତ ସାଦାସିଧା ଢଙ୍ଗରେ ସଂପନ୍ନ ହୋଇଗଲା ଓ ତାର ପାଞ୍ଚଦିନ ପରେ ରୋନକ୍ ଓ କ୍ଷମାର ବିବାହ ବହୁତ ଧୁମ୍‌ଧାମ୍‌ରେ ହେଲା।

*ପ୍ଲଟ ନ- ୯୫୯/୧୦, ଘର ନ- ୨୧*
*ସମ୍ପିତ ଭିଲା , ଘାଟିକିଆ*
*ଭୁବନେଶ୍ୱର - ୭୫୧୦୨୯*

# ଶେଷ ଇଚ୍ଛା

**ବିଷ୍ଣୁ ପ୍ରସାଦ ଦାସ**

ସମୟ ସକାଳ ପ୍ରାୟ ୧୦.୩୦ ହେବ, ଛତ୍ରପତି ଶିବାଜୀ ଟର୍ମିନସ୍ ଷ୍ଟେସନ ଲୋକାରଣ୍ୟ। ଯାତ୍ରୀ ମାନଙ୍କ ଯିବା ଆସିବା ଲାଗି ରହିଛି। ଡେକାନ୍ ଏକ୍ସପ୍ରେସ୍ ଟ୍ରେନଟି ଆସି ନିର୍ଦ୍ଦିଷ୍ଟ ପ୍ଲାଟ୍‌ଫର୍ମରେ ଅଟକି ଗଲା। ବାତାନୁକୂଳିତ ଚେୟାର କାର୍ ମଧ୍ୟରୁ ଜଣେ ବୟସ୍କା ମହିଳା ହାତରେ ଛୋଟିଆ ବ୍ରିଫ୍‌କେଶ୍ ଟିଏ ଧରି ଓହ୍ଲାଇ ଆସିଲେ। ତାଙ୍କ ଚାଲିଚଳନରୁ ଆଭିଜାତ୍ୟର ସୂଚନା ମିଳୁଥିଲା, ସୁନ୍ଦର ଗୌର ବର୍ଣ୍ଣ, ହସ ହସ ମୁହଁ ଯେ କେହି ଦେଖିଲେ ଘଡ଼ିଏ ଅଟକି ଯିବ। ଭଦ୍ର ମହିଳା ଷ୍ଟେସନ୍ ଗେଟ୍ ଦେଇ ଟାକ୍ସି ଷ୍ଟାଣ୍ଡ ଆଡ଼କୁ ଆଗେଇ ଚାଲିଲେ। ଅନେକ ଟାକ୍ସି ଡ୍ରାଇଭର ତାଙ୍କୁ କୁଆଡ଼େ ଯିବେ, କୁଆଡ଼େ ଯିବେ କହି ଅସ୍ତ ବ୍ୟସ୍ତ କରି ପକାଉଥିବା ସମୟରେ ଜଣେ ଯୁବକ ଉପରେ ତାଙ୍କ ଆଖି ପଡ଼ିଗଲା। ସେ ସେହି ଯୁବକ ନିକଟକୁ ଆଗେଇ ଯାଇ ପଚାରିଲେ ତୁମେ କ'ଣ ଟାକ୍ସି ଚାଳକ ? ଯୁବକଟି ଟିକେ ହସିଦେଇ କହିଲା ହଁ, ମା' ଜୀ ଆପଣ କୁଆଡ଼େ ଯିବେ ? ଭଦ୍ରମହିଳା ଯାଇ ଟାକ୍ସିରେ ବସିଲେ ଏବଂ ଯୁବକକୁ ପଚାରିଲେ ତୁମ ନାଁ କଣ ? ଯୁବକ ନିଃସଂକୋଚରେ ରୋହିତ ଶର୍ମା ବୋଲି ଉତ୍ତର ଦେଲା ଏବଂ ଉତ୍ତର ପ୍ରଦେଶର ମୂଳ ବାସିନ୍ଦା ବୋଲି କହିଥିଲା। ଭଦ୍ର ମହିଳା ରୋହିତଙ୍କୁ ରାତି ଆଠଟା ପର୍ଯ୍ୟନ୍ତ ତାଙ୍କ ସହିତ ରହିବାକୁ କହିଥିଲେ ଏବଂ ତା' ପ୍ରତିବଦଳରେ ସେ ରୋହିତକୁ ଦଶ ହଜାର ଟଙ୍କା ଦେବାକୁ କହିଥିଲେ।

ଭଦ୍ରମହିଳାଙ୍କ ନିର୍ଦ୍ଦେଶରେ ଗାଡ଼ି ଚାଲିଲା, ମୁମ୍ବାଇର ବ୍ୟସ୍ତ ବହୁଳ ରାସ୍ତାରେ ରୋହିତ ଗାଡ଼ି ଚଳାଉଥିବା ସମୟରେ କିଛି ଚିନ୍ତା କରୁଥିଲେ। କିଏ ଏହି ଭଦ୍ର ମହିଳା ? କ'ଣ ତାଙ୍କ ଉଦ୍ଦେଶ୍ୟ ? କାହିଁକି ଉଚିତ୍ ପ୍ରାପ୍ୟ ଠାରୁ ଅଧିକ ଭଡ଼ା ଦେବାକୁ କହିଲେ ? ଅନେକ ଅସମାହିତ ପ୍ରଶ୍ନ ରୋହିତ ମନ ମଧ୍ୟରେ ଉଙ୍କିମାରୁଥିଲା। ଭଦ୍ର ମହିଳା ନୀରବ, ନିର୍ବିକାର, ଝରକା କାଚ ଦେଇ ମୁମ୍ବାଇର ଶୋଭା ଦେଖିବାରେ ବ୍ୟସ୍ତ ଥିଲେ । ଭଦ୍ର ମହିଳା ଡ୍ରାଇଭରଙ୍କୁ ବାନ୍ଦ୍ରାର ଏକ ଠିକଣାକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ, ପ୍ରାୟ ୪୫ ମିନିଟ୍ ପରେ ଗାଡ଼ିଟି ବାନ୍ଦ୍ରାର ସେହି ଠିକଣାରେ ପହଞ୍ଚିଯାଇଥିଲା। ଏକ ବିରାଟ ପୁରୁଣା କାଳିଆ ଘର, ଗେଟ ଆଗରେ ସିକ୍ୟୁରିଟି ଗାର୍ଡ଼ ଛିଡ଼ା ହୋଇଛନ୍ତି। ଭଦ୍ର ମହିଳା ଗାଡ଼ିରୁ ନ ଓହ୍ଲାଇ କେବଳ ସେହି ଘରଟିକୁ ଚାହିଁରହିଲେ, ତାଙ୍କ ଆଖିରୁ କେଇଟୋପା ଲୁହ ଗଡ଼ିଗଲା। ଗାଡିର ଆଇନାରେ ରୋହିତ ଏସବୁ ଦେଖି କିଛି ବୁଝିପାରୁନଥିଲା।

ଭଦ୍ରମହିଳା ରୋହିତକୁ ବାଇକୁଲାର ଏକ ପୁରାତନ ସ୍କୁଲ୍ ଠିକଣା ଦେଇ ସେଠାକୁ ଯିବାପାଇଁ କହିଥିଲେ। ରୋହିତ କିଛି ସମୟ ପରେ ଭଦ୍ରମହିଳା ଦେଇଥିବା ଠିକଣାରେ ପହଞ୍ଚିଗଲେ, ତାହା ଥିଲା ମୁମ୍ବାଇର ସର୍ବ ପୁରାତନ ବାଳିକା ବିଦ୍ୟାଳୟ ଆଲେକ୍‌ଜାଣ୍ଡର ଗାର୍ଲସ ସ୍କୁଲ। ଭଦ୍ରମହିଳା ସେଠାରେ ଗାଡ଼ିରୁ ଓହ୍ଲାଇ ସିକ୍ୟୁରିଟି ଗାର୍ଡ଼ଙ୍କୁ ନିଜର ପରିଚୟ ଦେଇ ସ୍କୁଲ୍ ଭିତରେ ପ୍ରବେଶ କଲେ। ପ୍ରାୟ ଅଧଘଣ୍ଟା ପରେ ହସି ହସି ପ୍ରିନ୍ସିପାଲଙ୍କ ସହିତ ଫେରିଲେ, ପ୍ରିନ୍ସିପାଲ ତାଙ୍କୁ ଗେଟ ପର୍ଯ୍ୟନ୍ତ ଆସି ବିଦାୟ ଜଣାଇ ଫେରିଗଲେ। ଭଦ୍ରମହିଳା ଗାଡ଼ିରେ ବସି ରୋହିତକୁ ଚାହିଁ ଟିକେ ହସିଦେଲେ ଏବଂ ପରବର୍ତ୍ତୀ ଗନ୍ତବ୍ୟ ସ୍ଥାନର ଠିକଣାଟି କହିଦେଲେ। ରୋହିତ ଗାଡ଼ି ଚଳାଇବାକୁ ଲାଗିଲେ ଏବଂ ନିର୍ଦ୍ଧାରିତ ସମୟରେ ତାଙ୍କ ଠିକଣାରେ ପହଞ୍ଚିଗଲେ। ସ୍ଥାନଟି କୋଲାବା ଅଞ୍ଚଳ ଏବଂ ଠିକଣାଟି ଥିଲା ଅଲଂପିଆ

> ଦିନେ ଜଣାପଡ଼ିଲା ମୋତେ ବ୍ଲଡ୍ କ୍ୟାନ୍ସର ହୋଇଛି... ଜାଣେନା କାହିଁକି ମୋ ଶରୀରକୁ କ୍ୟାନ୍ସର ଜୀବାଣୁ କରାୟତ୍ତ କରି ପକାଇଲା। ମୋର ବଞ୍ଚିବାର ଆଶା କ୍ଷୀଣ ବୋଲି ମୁଁ ଜାଣେ, ବର୍ତ୍ତମାନ୍ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇଛି। ହୁଏତ ଆଉ କିଛିଦିନ ସଂସାରରେ ରହିବି କିନ୍ତୁ ଶେଷ ସମୟରେ ତୁମକୁ ମୋର ପୁଅ କରିନେଲି। ରୋହିତ କଥା ଦିଅ ଏଇ ମା'ର ଶେଷ ଇଚ୍ଛା ତୁମେ ପୂରଣ କରିବ।

କଫି ହାଉସ। ୧୯୧୮ ମସିହାରୁ ଗ୍ରାହକଙ୍କ ଆତ୍ମାକୁ ସନ୍ତୁଷ୍ଟ କରୁଥିବା ମୁଗଲାଇ ଖାଦ୍ୟ ପାଇଁ, ଅଲିଂପିଆ କଫି ହାଉସ୍ ସ୍ଥାନୀୟ ଲୋକଙ୍କ ପ୍ରିୟ ବୋଲି ସାଇନ୍ ବୋର୍ଡ଼ରେ ଲେଖାଥିଲା। ଭଦ୍ର ମହିଳା ତର ତର ହୋଇ ଭିତରକୁ ପ୍ରବେଶ କଲେ ରୋହିତକୁ ମଧ୍ୟ ସାଙ୍ଗରେ ଡାକିନେଲେ। ରୋହିତ ଟିକେ ଦୂରରେ ଅଲଗା ଟେବୁଲରେ ବସିଥିଲା, ତା' ପାଇଁ ଭଦ୍ରମହିଳା କିଛି ଖାଦ୍ୟ ପାନୀୟ ଅର୍ଡର ଦେଇ ନିଜ ପାଇଁ କଫି ଅର୍ଡର ଦେଲେ। ରୋହିତ ଭଦ୍ର ମହିଳାଙ୍କୁ ବାରମ୍ବାର ଦେଖୁଥିଲା, ପରିଚାରକ କଫି ଦେଇଗଲା। କଫିରୁ ଗରମ ଜଳୀୟ ବାଷ୍ପ ଉଠୁଥିଲା କିନ୍ତୁ ସେହି ସମୟରେ ଭଦ୍ରମହିଳାଙ୍କ ଚକ୍ଷୁରୁ ଉତ୍ତପ୍ତ ଲୁହ ବୋହି ଯାଉଥିଲା। ଧୀରେ ଧୀରେ କଫି ଥଣ୍ଡା ହୋଇଗଲା, କଫି ସେମିତି ଟେବୁଲ ଉପରେ ଥିଲା। ଭଦ୍ର ମହିଳା ଉଠିଆସି ଦୁଇଜଣଙ୍କ ବିଲ୍ ଦେଇସାରି ଗାଡ଼ି ଆଡ଼କୁ ଆଗେଇ ଗଲେ।

ପରବର୍ତ୍ତୀ ସ୍ଥାନ ଥିଲା ସେଣ୍ଟ ଥୋମାସ କାଥେଡ୍ରାଲ ଦକ୍ଷିଣ ମୁମ୍ବାଇର ଫୋର୍ଟ। ରୋହିତ ଭଦ୍ରମହିଳାଙ୍କ ନିର୍ଦ୍ଦେଶ ମୁତାବକ ଚର୍ଚ୍ଚ ଆଗରେ ଗାଡ଼ି ରଖିଲା। ଭଦ୍ର ମହିଳା ଚର୍ଚ୍ଚ ମଧ୍ୟରେ ପ୍ରବେଶ କଲେ ପ୍ରାୟ ୩୦ ମିନିଟ୍ ପରେ ଫେରି ଆସିଲେ। ପରବର୍ତ୍ତୀ ନିର୍ଦ୍ଦେଶ ଥିଲା ନାରିମ୍ୟାନ ପଏଣ୍ଟ... ଗାଡ଼ି ଆଗେଇ ଚାଲିଲା ସନ୍ଧ୍ୟା ଉପନୀତ ହେବାକୁ କିଛି ସମୟ ବାକି ଅଛି। ନାରିମ୍ୟାନ ପଏଣ୍ଟରେ ଗାଡ଼ି ରହିଲା, ଭଦ୍ରମହିଳା ଚାଲି ଚାଲି ଟିକେ ନିର୍ଜନ ସ୍ଥାନରେ ଏକୁଟିଆ ବସି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଏକ ଲୟରେ ଚାହିଁ ରହିଥିଲେ। ଭଦ୍ର ମହିଳାଙ୍କ କାର୍ଯ୍ୟକଳାପ ଦେଖି ରୋହିତର ଧର୍ଯ୍ୟଚ୍ୟୁତି ହେବା ଅବସ୍ଥା ଆସି ଯାଇଥିଲା। ତେବେ ବିନା ଦ୍ୱିଧାରେ ସେ ତାର କର୍ତ୍ତବ୍ୟ ସଂପାଦନ କରୁଥିଲା। ସୂର୍ଯ୍ୟଦେବ ଧୀରେ ଧୀରେ ଦୂର ଦିଗ୍‌ବଳୟରେ ସମୁଦ୍ର ଜଳରେ ବୁଡି ଯାଉଥିବାର ଅପୂର୍ବ ଦୃଶ୍ୟ ଦେଖି ଯେ କେହି ଆତ୍ମହରା ହୋଇଯିବେ। ଭଦ୍ରମହିଳା ଅସ୍ତଗାମୀ ସୂର୍ଯ୍ୟଙ୍କୁ ଦେଖି ନିଜର କୋହ ସମ୍ବରଣ କରି ନପାରି କାନ୍ଦି ଉଠିଥିଲେ। ହୁଏତ ସେ ଜାଣିଥିଲେ ନାରିମ୍ୟାନ ପଏଣ୍ଟରେ ଏହା ଥିଲା ତାଙ୍କ ଜୀବନର ଶେଷ ସୂର୍ଯ୍ୟାସ୍ତର ଅପୂର୍ବ ଦୃଶ୍ୟ ଯାହାରକି ପୁନରାବୃତି ସମ୍ଭବ ନୁହେଁ। ମେରାଇନ ଡ୍ରାଇଭ ସ୍ୱର୍ନିଳ ଆଲୋକ ମାଳାରେ ଉଦ୍ଭାସିତ ସତେ ଯେପରି ଏକ ସ୍ୱର୍ନିଳ ଅର୍ଦ୍ଧ ବୃତ୍ତାକାର ମାଳ, ତେଣୁ ତାକୁ କୁଇନ୍ସ ନେକ୍ଲେଶ ବା ରାଣୀଙ୍କ ସ୍ୱର୍ଣ୍ଣହାର କୁହାଯାଏ । ଭଦ୍ରମହିଳା କ୍ଳାନ୍ତ ଅବଶ ପାଦକୁ ଘୋଷାଡ଼ି ଘୋଷାଡ଼ି ଗାଡ଼ି ପାଖକୁ ଆସିଲେ। ଏକ ଦୀର୍ଘଶ୍ୱାସ ନେଇ ଶେଷ ଠିକଣା ଜୁହୁ ନିକଟବର୍ତ୍ତୀ ଏକ କବର ସ୍ଥାନକୁ ନେବାକୁ କହିଲେ, ରୋହିତ ସେଠାରେ ପହଞ୍ଚି ଭଦ୍ର ମହିଳାଙ୍କୁ ଓହ୍ଲାଇ ଦେଇ ଅପେକ୍ଷା କଲେ। ପ୍ରାୟ ୧୫ ମିନିଟ ପରେ ଭଦ୍ର ମହିଳା ଫେରିଆସି ସିଧା ଟାଟା ମେମୋରିଆଲ କ୍ୟାନ୍ସର ହାସ୍ପାତାଳ ପହଞ୍ଚାଇ ଦେଇ ରୋହିତକୁ ଚାଲିଯିବାକୁ କହିଲେ। ସନ୍ଧ୍ୟା ପ୍ରାୟ ୭ ଟା ରୋହିତ ଟାଟା ମେମୋରିଆଲ୍ ହାସ୍ପାତାଳ ଠାରେ ଗାଡ଼ି ପହଞ୍ଚାଇ ଭଦ୍ର ମହିଳାଙ୍କୁ ତାଙ୍କ ଗନ୍ତବ୍ୟ ସ୍ଥଳ ଆସିଯାଇଛି ବୋଲି କହିଲେ। ତର ତର ହୋଇ ଭଦ୍ର ମହିଳା ବ୍ରିଫକେଶ୍ ଟି ଧରି ଓହ୍ଲାଇ ଆସିଲେ ଏବଂ ରୋହିତ ହାତରେ ଗାଡ଼ି ଭଡା ବାବଦକୁ ୧୦ ହଜାର ଟଙ୍କା ଧରାଇ ଦେଲେ।

ରୋହିତ ଆଶ୍ଚର୍ଯ୍ୟ ଚକିତ ହୋଇ ଭଦ୍ରମହିଳାଙ୍କୁ ଦେଖୁଥିଲା। ହଠାତ୍ ଭଦ୍ରମହିଳା ଝୁଣ୍ଟି ପଡ଼ିଗଲେ, ରୋହିତ ତୁରନ୍ତ ଯାଇ ତାଙ୍କୁ ଉଠାଇ ଦେଇ ପଚାରିଲା ମା' ଜୀ ଆପଣଙ୍କୁ ମୁଁ ଭିତରେ ପହଞ୍ଚାଇ ଦେଇ ଆସୁଛି। ଭଦ୍ରମହିଳା ଟିକେ ହସିଦେଇ କହିଲେ, ନାହିଁ ତୁମେ ମୋତେ ଛାଡ଼ିଦିଅ ମୁଁ ଏକା ଚାଲିଯିବି। ରୋହିତ କିନ୍ତୁ ଭଦ୍ରମହିଳାଙ୍କୁ ସାହାରା ଦେଇ ରିସେପ୍ସନ୍ ଗୃହରେ ନେଇ ଗୋଟିଏ ଚୌକିରେ ବସାଇ ଦେଲା। କିଛି ସମୟ ବିଶ୍ରାମ ପରେ ଭଦ୍ର ମହିଳା ବ୍ରିଫ୍‌କେଶ୍ ଖୋଲି ଗୋଟିଏ ଫାଇଲ ବାହାର କଲେ ଏବଂ ରୋହିତକୁ ଅନୁରୋଧ କଲେକି ସେହି ଫାଇଲ୍ ସେ ରିସେପ୍ସନରେ ଜିମା ଦେଇଦେଉ। ରୋହିତ ଫାଇଲ୍ ନେଇ ଦେଖିଲା ସେଥିରେ ରୋଗୀଙ୍କ ନାମ- ଜୁଲିଆ ଫର୍ଣ୍ଣାଣ୍ଡେଜ୍, ବୟସ- ୭୭, ଠିକଣା- ଉଇ କେୟାର ଓଲଡ୍ ଏଜ୍ ହୋମ୍, ଲୁନାଭଲା, ମହାରାଷ୍ଟ୍ର ଲେଖା ଅଛି। ରୋହିତକୁ ଆଉ କିଛି ବୁଝିବାକୁ ବାକି ରହିଲା ନାହିଁ, ସାରା ଦିନର ଜିଜ୍ଞାସା ନିମିଷକ ମଧ୍ୟରେ ଦୂର ହୋଇଗଲା। ଫାଇଲ୍ କାଉଣ୍ଟରରେ ଜମା ଦେଇ ଭଦ୍ରମହିଳାଙ୍କୁ ଲୋତକ ପୂର୍ଣ୍ଣ ଚକ୍ଷରେ ଚାହିଁରହିଲା, ପକେଟରେ ରଖିଥିବା ଦଶ ହଜାର ଟଙ୍କା ସେ ଫେରାଇ ଦେଲା। ମା'ଜୀ ମୁଁ ଆପଣଙ୍କ ଠାରୁ ଏହି ଟଙ୍କା ଗ୍ରହଣ କରିପାରିବି ନାହିଁ, ମତେ କ୍ଷମା କରନ୍ତୁ।

ଜୁଲିଆ କହିଲେ ରୋହିତ, ଏହା ତୁମର ପ୍ରାପ୍ୟ ତୁମକୁ ନେବାକୁ ହିଁ ହେବ। ତେବେ ତୁମ ମନ ଭିତରେ ଥିବା ସନ୍ଦେହକୁ ମୁଁ ଦୂର କରି ଦେଉଛି... ମୁଁ ଲୋନାଭଲା ବୃଦ୍ଧାଶ୍ରମରେ ରହେ, ନିଜର ଚିକିତ୍ସା ନିମନ୍ତେ ଏଠାକୁ ଆସିଛି ତେବେ ଆଜି ସକାଳୁ ତୁମ ସହିତ ଦେଖା ହେବା ପରେ ତୁମେ କେମିତି ମୋର ନିଜର ଅତି ପରିଚିତ ପରି ଲାଗିଲ। ତେଣୁ ତୁମ ଟାକ୍ସିରେ ମୁଁ ମୋର ଜୀବନର ଶେଷଯାତ୍ରା କରିଥିଲି ଏବଂ ଜୀବନର ପ୍ରତିଟି ବୟସର ଅନୁଭୂତିକୁ ଅନୁଭବ କରି ଆନନ୍ଦ ସହିତ ଦୁଃଖକୁ ରୋମନ୍ଥନ୍ କରି ପାରିଲି ସେଥିପାଇଁ ତୁମକୁ ଅନ୍ତରରୁ ଧନ୍ୟବାଦ ଜଣାଉଛି।

ମା' ଜୀ, ଯଦି ସମୟ ଥାଏ  ଆପଣ ନିଜ ଜୀବନର କଥା କୁହନ୍ତୁ। ହଠାତ୍ ଡାକ୍ତରଙ୍କ ଡାକରା ଆସିଗଲା ଏବଂ ଜୁଲିଆ ରୋହିତଙ୍କୁ ହାତ ହଲାଇ ଦେଇ ଉଠି ଚାଲିଗଲେ। ରୋହିତ ଭଗ୍ନ ହୃଦୟ ନେଇ ଘରକୁ ଫେରି ଆସିଲା। ସେଦିନ ରାତିରେ ଠିକ୍ ଭାବେ ଶୋଇପାରିଲା ନାହିଁ। କାର୍ଯ୍ୟକାଳ ଭିତରେ ଅନେକ ଯାତ୍ରୀଙ୍କୁ ନେବା ଆଣିବା କରିଛି ଅନେକ ମଧୁର, ତିକ୍ତ ଅନୁଭୂତି ପାଇଛି କିନ୍ତୁ ମା' ଜୀ ଙ୍କ ସାରାଦିନର ଯାତ୍ରା ବ୍ୟବହାର ତା'ର ହୃଦୟକୁ ଛୁଇଁ ଯାଇଛି। ପରଦିନ ନିଜ ମା'ଙ୍କୁ ସବୁକଥା କହିଥିଲା, ରୋହିତର ମା' ତାକୁ ଆଉଥରେ ଯାଇ ଭଦ୍ରମହିଳାଙ୍କୁ ଦେଖି ଆସିବାକୁ ଉପଦେଶ ଦେଇଥିଲେ।

ପରଦିନ ଅପରାହ୍ନ ସମୟରେ ରୋହିତ ଟାଟା ମେମୋରିଆଲ ହାସ୍ପାତାଳ ଠାରେ ଜୁଲିଆ ମାଡାମଙ୍କୁ ଦେଖା କରିବାକୁ ଯାଇଥିଲା। କ୍ୟାବିନରେ ପହଞ୍ଚି ଦେଖିଲା ମା' ଜୀ ଶୋଇଛନ୍ତି । ଭିତରକୁ ଯାଇ ମା' ଜୀ , ମା' ଜୀ ଡାକ ଦେବାପରେ ଜୁଲିଆ ଆଖି ଖୋଲି ରୋହିତକୁ ଦେଖି ଟିକେ ହସି ଦେଲେ। ରୋହିତ ଲକ୍ଷ୍ୟ କଲା ମା' ଜୀ ଗତକାଲି ଠାରୁ ଅନେକ ଦୁର୍ବଳ ଲାଗୁଛନ୍ତି, ହାତରେ ସାଲାଇନ୍ ଲାଗିଛି, ଧୀରେ ଧୀରେ କଥା କହୁଛନ୍ତି। ମା' ଜୀ ରୋହିତକୁ ବସିବାକୁ କହିଲେ। ତା' ପରେ କହିବାକୁ ଲାଗିଲେ ରୋହିତ, ଗତକାଲି ମୋର ପ୍ରଥମ ଠିକଣା ଥିଲା ବାନ୍ଦ୍ରା, ସେହି ବିରାଟ ଘରଟି ମୋର ଜନ୍ମସ୍ଥାନ। ଯାହାକୁ କି ମୁଁ ଭୁଲି ପାରିନାହିଁ ମୋର ବାଲ୍ୟତ ଜୀବନ ହସ କାନ୍ଦ ଅଳି ସେହିଠାରେ କଟିଥିଲା, ସେହି ଘର ଛାଡ଼ି ଆସିବାର ପ୍ରାୟ ୫୫ ବର୍ଷ ବିତି ଯାଇଛି। ଆଜି ସେହି

ପରିବାର ପାଇଁ ମୁଁ ଅଲୋଡ଼ା ଏକ ଭିନ୍ନ ଧର୍ମୀ ମଣିଷ। ଦ୍ୱିତୀୟ ଠିକଣାଟି ଥିଲା ମୋର ସ୍କୁଲ ଯେଉଁଠି ମୁଁ ଦୀର୍ଘ ୮ ବର୍ଷ କାଟିଛି ଜୀବନର ଅନେକ ଅନୁଭୂତି ଶିକ୍ଷା ମୁଁ ସେଠାରୁ ପାଇଛି। ସେ ତ' ସ୍କୁଲ ନୁହେଁ ମୋ ପାଇଁ ଏକ ମନ୍ଦିର ତୁଲ୍ୟ। ତା' ପର ଠାରୁ ମୋର କଲେଜ ଜୀବନ ଆରମ୍ଭ ହୋଇଥିଲା, ମୁଁ ନୂତନ ପ୍ରଜାପତି ପରି ଉଡ଼ିବୁଲୁଥିଲି। ଦିନେ ଜୋସେଫ୍‌ଙ୍କର ପ୍ରେମରେ ପଡ଼ିଗଲି ଅନେକ ବାଧା ଅନେକ ବିଘ୍ନ, ହିନ୍ଦୁ ଝିଅ ଖ୍ରୀଷ୍ଟିଆନ୍ ପୁଅ କାହାରି ଘରେ ପସନ୍ଦ ହେଲା ନାହିଁ କିମ୍ବା ସ୍ୱୀକୃତି ମିଳିଲା ନାହିଁ, ତଥାପି ଆମେ ବିବାହ କରିବାର ନିଷ୍ପତ୍ତି ନେଇ ଥିଲୁ । ତୃତୀୟ ଠିକଣା କଫି ହାଉସ୍ ... ଅନେକ ବାର ସେହି ଟେବୁଲରେ ବସି ଜୋସେଫ୍ କଫି ପିଅନ୍ତି ଆଉ ମୁଁ ତାଙ୍କୁ ଦେଖୁ ଥାଏ... ଭବିଷ୍ୟତର ସୁନେଲି ସ୍ୱପ୍ନକୁ ସାକାର କରିବାର ଅନେକ ଯୋଜନା ଆମେ ସେଠାରେ ବସି ପ୍ରସ୍ତୁତ କରୁଥିଲୁ... ସମୟ ବିତି ଯାଏ ଆମ ବାହାଘର ଥୋମାସ କାଥେଡ୍ରାଲ ଚର୍ଚ୍ଚ ଦକ୍ଷିଣ ମୁମ୍ବାଇର ଫୋର୍ଟ ଠାରେ କିଛି ବନ୍ଧୁବାନ୍ଧବଙ୍କ ସହଯୋଗରେ ହୁଏ। ହିନ୍ଦୁ ରୀତି ନୀତିକୁ ଛାଡ଼ି ସେହି ଶାଶ୍ୱତ ପ୍ରେମ ପାଇଁ ମୁଁ ଜୋସେଫ୍‌ଙ୍କୁ ବିବାହ କରି ଖ୍ରୀଷ୍ଟିଆନ ଧର୍ମକୁ ଆପଣେଇ ନିଏ। ବିବାହ ପର ଠାରୁ ମୋର ପରିବାର ଚିରଦିନ ପାଇଁ ମୋତେ ଭୁଲିଯା'ନ୍ତି। ହୁଏତ ତାଙ୍କ ପାଇଁ ମୁଁ ଅତୀତ ବା ମୃତ ତଥାପି ଟିକେ ନିଜ ଜନ୍ମସ୍ଥାନ ଦେଖିବାକୁ ଇଛା ଥିଲା ଏବଂ ତୁମେ ତାହା ପୂରଣ କରିଦେଲ।

ବିବାହ ପରେ ଆମେ ଦୁଇଜଣ ପ୍ରାୟ ନରୀମାନ୍ ପଏଣ୍ଟ ଯାଉଥିଲୁ। ଜୋସେଫ୍ ମୋ' କୋଳରେ ମୁଣ୍ଡ ରଖି ଦୂର ଦିଗ୍‌ବଳୟରେ ଅସ୍ତଗାମୀ ସୂର୍ଯ୍ୟାସ୍ତକୁ ଉପଭୋଗ କରିବା ସହିତ ଭାବୁକ ପାଲଟିଯା'ନ୍ତି। ସନ୍ଧ୍ୟା ହୋଇଗଲେ ଆମେ ଆମର ପୁରୁଣା ମୋରିସ୍ ମାଇନର୍ ଗାଡ଼ି ଚଢ଼ି ମେରାଇନ୍ ଡ୍ରାଇଭ୍ ଦେଇ ଅଂଧେରୀ ୱେଷ୍ଟ ଘରକୁ ଫେରି ଆସୁ। ଦୁଃଖ ଆସେ ଯେତେବେଳେ ଜୋସେଫ୍ ଯୀଶୁଙ୍କ ଆଗରେ ବସି ଛୁଆଟିଏ ପାଇଁ ପ୍ରାର୍ଥନା କରନ୍ତି, କିନ୍ତୁ ନିୟତିର ଇଛା ଆଗରେ ଆମେ ତୁଚ୍ଛ, ଅନେକ ଚିକିତ୍ସା ପରେ ମଧ୍ୟ ମୁଁ ମା' ହେବାର ସୌଭାଗ୍ୟରୁ ବଞ୍ଚିତ ହୋଇଛି। ଜୁଲାଇ ୧୧ ତାରିଖ ୨୦୦୬ ମସିହା, ମୋ ପାଇଁ ଥିଲା ଏକ ଅଶୁଭ ଦିନ। ଜୋସେଫ ପ୍ରତିଦିନ ପରି ଟିଫିନ୍ ଧରି ଅଫିସ ଚାଲିଗଲେ, ଅନେକ ଅପେକ୍ଷା ପରେ ମଧ୍ୟ... ଆଉ ଅଫିସରୁ ଘରକୁ ଫେରିଲେନି.... ଆତଙ୍କବାଦୀଙ୍କ ବୋମା ବିସ୍ଫୋରଣରେ ସେ ଯାଉଥିବା ଟ୍ରେନ କୋଚ ଧ୍ୱଂସ ହୋଇ ଯାଇଥିଲା। ସେ ଅନେକ କଷ୍ଟ ଦେଇଗଲେ ଅଧା ରାସ୍ତାରେ ମୋତେ ଏକା ଛାଡ଼ିଦେଇ ଗଲେ... ଜୁହୁ କବର ସ୍ଥାନରେ ସେ ଆଜିବି ଶୋଇ ଶୋଇ କଷ୍ଟ ଅନୁଭବ କରୁଛନ୍ତି... ଗତ କାଲି ତାଙ୍କ କବର ଭିତରୁ ଖୁବ କ୍ଷୀଣ ସ୍ୱରରେ ସେ କହୁଥିଲେ... ଜୁଲିଆ ତୁମେ ଚାଲି ଆସ ମୁଁ ଆଉ ଏକା ଏକା କଷ୍ଟ ସହି ପାରୁନାହିଁ.... ତୁମ ବିନା ମୃତ୍ୟୁ ପରେବି ଶାନ୍ତି ପାଉ ନାହିଁ... ପ୍ଲିଜ ତୁମେ ଚାଲି ଆସ।

ମା' ଜୀ କହୁଥିଲେ ଆଉ କାନ୍ଦୁଥିଲେ... ରୋହିତ ନିଜକୁ ଆଉ ସମ୍ଭାଳି ପାରିଲା ନାହିଁ। ମା' ଜୀ ଙ୍କ ହାତକୁ ଧରି କହିଲା ମା' ଜୀ ମୁଁ ତୁମର ପୁଅ ପରି, ତୁମେ ବ୍ୟସ୍ତ ହୁଅ ନାହିଁ, କଥା ଦେଉଛି ମୁଁ ପୁଅ ହିସାବରେ ମୋର କର୍ତ୍ତବ୍ୟ ନିଶ୍ଚିତ ପାଳନ କରିବି । ମା' ଜୀ କହିବାକୁ ଲାଗିଲେ ରୋହିତ, ଜୋସେଫ୍‌ଙ୍କ ବିନା ସେହି ଘର ମୋତେ ଖୁବ୍ ଏକା ଏକା ଲାଗୁଥିଲା ଅନେକ କଷ୍ଟ ଦେଉଥିଲା, ଶେଷରେ ତାକୁ ବିକ୍ରି କରିଦେଲି। ମୁଁ ଲୋନା ଭେଲା ଚାଲି ଆସି ବୃଦ୍ଧାଶ୍ରମରେ ରହିଲି, ସମାଜ ସେବା କଲି ଅତୀତକୁ ଭୁଲି ଯିବାକୁ ଚେଷ୍ଟା କଲି କିନ୍ତୁ.....। ଦିନେ ଜଣାପଡ଼ିଲା ମୋତେ ବ୍ଲଡ଼ କ୍ୟାନ୍‌ସର ହୋଇଛି... ଜାଣେନା କାହିଁକି ମୋ ଶରୀରକୁ କ୍ୟାନ୍‌ସର ଜୀବାଣୁ କରାୟତ କରି ପକାଇଲା। ମୋର ବଞ୍ଚିବାର ଆଶା କ୍ଷୀଣ ବୋଲି ମୁଁ ଜାଣେ, ବର୍ତ୍ତମାନ୍ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇଛି। ହୁଏତ ଆଉ କିଛିଦିନ ସଂସାରରେ ରହିବି କିନ୍ତୁ ଶେଷ ସମୟରେ ତୁମକୁ ମୋର ପୁଅ କରିନେଲି। ରୋହିତ କଥା ଦିଅ ଏଇ ମା'ର ଶେଷ ଇଛା ତୁମେ ପୂରଣ କରିବ। ରୋହିତ କାନ୍ଦୁ ଥିଲା ଆଉ ମା'ଙ୍କର ହାତ ଜାବୁଡ଼ି ଧରି କହିଲା, କୁହ ମା' ତୁମର ଶେଷ ଇଛା କଣ ? ମା' ଟିକେ ଚୁପ ରହି କହିଲେ, ରୋହିତ ମୋ ମୃତ୍ୟୁ ପରେ ମୋର ଶରୀରକୁ ଜୋସେଫଙ୍କ ପାଖରେ କବର ଦେବ... ଏତିକି କଥା ଦିଅ। ରୋହିତ କେବଳ ହଁ ରେ ଉତ୍ତର ଦେଇଥିଲା। ରୋହିତ ପ୍ରତିଦିନ ହସ୍ପିଟାଲ ଆସେ ମା' ଙ୍କର ଭଲମନ୍ଦ ବୁଝି ଯାଏ। ଦିନକୁ ଦିନ ମା' ଙ୍କର ଅବସ୍ଥା ଖରାପ୍ ହେବାକୁ ଲାଗିଲା। ଡାକ୍ତର କହିଲେ ଆଉ ବେଶୀ ଦିନ ନୁହେଁ, ରୋହିତ ନିଜର କର୍ତ୍ତବ୍ୟ କରି ଚାଲିଥିଲା। ରବିବାର ରୋହିତ ମା'ଙ୍କ ହାତ ଧରି ବସିଛି, ମା' ଟିକେ ଆଖି ଖୋଲି ଚାହିଁଲେ। କିଛି କହିବାକୁ ଚାହୁଁଥିଲେ କିନ୍ତୁ କହିପାରିଲେ ନାହିଁ.... ତାଙ୍କ ଦେହ ଥରି ଉଠିଲା ତା' ପରେ ସବୁ ଶେଷ... ଦୂରରୁ ଏକ ଚର୍ଚ୍ଚର ଘଣ୍ଟି ଶୁଭୁଥିଲା। ରୋହିତ ବିକଳ ହୋଇ ମା' ଜୀ ଙ୍କୁ କୁଣ୍ଢାଇ ଧରି କାନ୍ଦିଉଠିଲା। ମାଆଙ୍କୁ ଦେଇଥିବା କଥା ଅନୁସାରେ ଜୁହୁ କବର ସ୍ଥାନରେ ଜୋସେଫ୍ କବର ନିକଟରେ ଜୁଲିଆଙ୍କୁ ସସମ୍ମାନେ କବର ଦେଇ ଦୁଇଟା ଫୁଲ ଗୁଚ୍ଛ ରଖି ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲା। କିଛିଦିନ ପରେ ଏକ ରେଜିଷ୍ଟ୍ରି ଚିଠି ରୋହିତର ହସ୍ତଗତ ହେଲା। ସେଥିରେ ଗୋଟିଏ ଉଇଲ ଥିଲା ଏବଂ ଚିଠିଟିଏ ଲେଖା ଥିଲା ମୋର ପୁତ୍ର ରୋହିତ ପାଇଁ ମୋର ବ୍ୟାଙ୍କ୍‌ରେ ଗଚ୍ଛିତ ଥିବା ସବୁ ଜମାରାଶି ଦେଇଗଲି, ଭଗବାନ ରୋହିତର ମଙ୍ଗଳ କରନ୍ତୁ। ଆଇନ୍ ଅନୁଯାୟୀ ସବୁ କାଗଜପତ୍ର ଠିକ୍ ଥିଲା। ରୋହିତ ଚିଠି ପଢ଼ି କାନ୍ଦୁଥିଲା, ହେ ଭଗବାନ ! ତୁମେ ମୋର ମା' ଙ୍କ ଆତ୍ମାର ସଦ୍‌ଗତି କର ତାଙ୍କୁ ଶାନ୍ତି ଦିଅ।

ଜୀବନ କଣ ? ଏକ ରଙ୍ଗମଞ୍ଚ ନା ଆଉ କିଛି ? ଜୁଲିଆ ଆଉ ଜୋସେଫଙ୍କ ପ୍ରେମ କାହାଣୀ, ରୋହିତ ପରି ଜଣେ ହୃଦୟବାନ୍ ମଣିଷମାନଙ୍କର ଅନେକ ଉଦାହରଣ ଆମ ସମାଜରେ ମିଳିବ, ତେବେ କିଏ ଏସବୁକୁ ଗୁରୁତ୍ୱ ଦିଅନ୍ତି ? ସମସ୍ତେ ଆଜି ସ୍ୱାର୍ଥ ପାଇଁ ବ୍ୟସ୍ତ। ଜୟ ଜଗନ୍ନାଥ !

*ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ - ୭୫୩୦୦୯*
*ଦୂରଭାଷ: ୯୯୩୭୧୭୪୦୯୭*

# ଅପହଂଚ

**ରୀତାଞ୍ଜଳି ସାହୁ**

'ଗୁଣ ମାସ, ଆକାଶରୁ ଝରି ପଡୁଥିଲା ମାଇ କାକର। ମାନେ ମିଠାମିଠା ଶୀତ। ଶ୍ରୀମୟ ଦୀର୍ଘ ଦିନ ପରେ ଫେରୁଥିଲା ତା' ଗାଁକୁ। ମୁମ୍ବାଇରେ ଦୀର୍ଘ ଦିନର ରହଣି। ହଁ ମାୟାନଗରୀ ବମ୍ବେ, ଯେଉଁଠି ଦିନରାତି ଏକାକାର ହୋଇଯାଏ ଶ୍ରୀମୟ ପାଇଁ।

-: ଆରେ ସେ ନିଜକୁ କ'ଣ ! ଶ୍ରୀମୟ କହୁଛି। ସେ ପରା ତା ନାଁ, ଗାଁ, ଠିକଣା ସବୁ ପରିବର୍ତ୍ତନ କରିଛି। ଚୂର୍ଣ୍ଣ କୁନ୍ତଳ ମୁହଁ ଉପରେ ଉଡୁଥିଲା, ଓଠ, ଆଖି, ନାକ, କାନ ସବୁଥିରେ ଏକ ଆଭିଜାତ୍ୟର ସ୍ୱାକ୍ଷର।

ଗାଁ ଶେଷ ମୁଣ୍ଡରେ ସେ ଅକ୍ଷର ଆରମ୍ଭ କରିଥିବା; ପ୍ରାଇମେରୀ ସ୍କୁଲ। ବାପା, ମାଆଙ୍କର ଏକମାତ୍ର ସନ୍ତାନ। ଜୀବନର ସବୁ କିଛି ସ୍ନେହମମତା ସେମାନେ ଅଜାଡ଼ି ଦେଇଥିଲେ। ଏକମାତ୍ର ପୁତ୍ର ସନ୍ତାନ ଉପରେ ଖୁବ ଭଲ ପଡୁଥିଲା ଶ୍ରୀମୟ।

ବାପା ଗାଁ ଗାଁରୁ ଭଙ୍ଗା ଲୁହା ଟିଣା କିଣି ନେଇ କବାଡ଼ିବାଲା ପାଖରେ ବିକ୍ରି କରନ୍ତି। ସକାଳ ହେଲେ ସାଇକେଲ ଖଣ୍ଡିଏ ଧରି ବାହାରି ଯାଆନ୍ତି.. ଭଙ୍ଗା ..ଲୁହା ..ଟିଣା .. ପେପର୍ ଅଛି କି ? ସ୍ୱରଟି ଖୁବ କରୁଣ ଶୁଣାଯାଏ। ଲମ୍ବି ଥାଏ ଗଳିର ଏ ମୁଣ୍ଡରୁ ସେ ମୁଣ୍ଡ। ନାଲି ଚାହାରେ ମୁଠାଏ ମୁଢ଼ି ପକେଇ ପିଇ ଦେଇ ଯାଆନ୍ତି। ଫେରୁ ଫେରୁ ଦିନ ଦୁଇଟା କେଉଁ ଦିନ ତିନିଟା। ମାଆ ବାରଘରେ କାମ ପାଇଟି କରେ। ଏମିତି ଏକ ନିଷ୍ପେସିତ ପରିବାର ଭିତରେ ଶ୍ରୀମୟର ଶୈଶବ କଟୁଥିଲା। ଗଡୁଥିଲା ଠିକ ଭଙ୍ଗା ଘଣ୍ଟା ପରି ଜୀବନ। ଖୁବ ଡରମାଡ଼େ ବାପାଙ୍କ ପାଖରେ ଚକୋଲେଟ୍ ଖାଇବାକୁ ଅଳି କରିବା। କିନ୍ତୁ ଦିନେ ଦିନେ ବାପା ତାଙ୍କ ନିଜ ଇଚ୍ଛାରେ ଆଣି ଦିଅନ୍ତି। ଆଉ ମାଆ ମାଛ କି ମାଂସ ଝୋଳ ଟିକିଏ ହେଲେ ଶ୍ରୀମୟ ପାଇଁ ଧରିଆଣେ।

ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଶ୍ରୀମୟ ଅନୁଭବ କଲା ତା ଭିତରେ ଗୋଟେ ନାରୀତ୍ୱ ଛଟପଟ ହେଉଛି। ଦେହର ପିଞ୍ଜରା ଯେମିତି ପୁରୁଷ ଆଉ ତା ଭିତରେ ଥିବା ଚଢ଼େଇଟି ନାରୀ।

ବାପା କାମରୁ ଫେରିବା ବେଳକୁ ଶ୍ରୀମୟ ତାଙ୍କ ପାଇଁ ରୋଷେଇ କରି ରଖିଥାଏ। ଖେଳିବାକୁ ଯାଏନି। ବାପା ବିରକ୍ତ ହୁଅନ୍ତି।

-: ଆରେ ଖେଳିବାକୁ ଯାଉନୁ ! ଘରେ ରୋଷେଇ କରୁଛୁ କ'ଣ ?

-: ମାଆ ତ ଘରେ ନାହିଁ। ତମେ ଖାଇବ କ'ଣ ଯେ ! ସ୍ୱରର ପରିବର୍ତ୍ତନକୁ ବାପା ଠଉରେଇ ନେଇ କହନ୍ତି ଆରେ ! ଏମିତି କ'ଣ କହୁଛୁ ?

ଏକ ବଖୁରିଆ ଘରେ ଖଟ ଉପରେ ଶ୍ରୀମୟ ଶୁଏ। ତଳେ ବାପା, ମାଆ ରାତିରେ ସେମାନେ କଥା ହୁଅନ୍ତି ନିମ୍ନ ସ୍ୱରରେ। ପୁଅର ହାବଭାବ ମୋତେ କିଛି ଭଲ ଲାଗୁନି। ମାଆ କୁହେ ଛି ! ମୋର ଛୁଆଟା ପନ୍ଦର ପୁରୁଛି। ପୁଣି ଏଇ ହୋଲିକୁ ବୋଧେ ଷୋହଳ ପଶିବ। ତମେ କ'ଣ ଏମିତି ଅଭିଲା କଥା ଗୁରା କହୁଛ ?

ପରୀକ୍ଷା ପରେ ଦିନେ ଏମିତି ଷ୍ଟେସନରେ ବସିଥିଲା ଶ୍ରୀମୟ। ଘରକୁ ଗଲା। ଘରେ କେହି ନାହାନ୍ତି। ବାପାଙ୍କ ଠଣାରେ କିଛି ପଇସା ଆଉ କୁମ୍ଭିରେ କିଛି ପଇସା ଥିଲା। ନିଜର ଲୁଗାପଟା ଦିଖଣ୍ଡ ଧରି କାହାକୁ କିଛି ନ କହି, ଟ୍ରେନ୍ ଧରିଲା, ମନରେ ଭୟ ଆଶଙ୍କା। ଏତେ ଟିକେ ପିଲା କାଳେ କିଏ କିଡନାପ୍ କରିନବ କି ?

ମନକୁ ପଚାରେ ମୋତେ ତ କେହି କିଛି କହିନାହାନ୍ତି ! ମୁଁ କାହିଁକି ଘର ଛାଡ଼ିଲି ? ଏତେ କଷ୍ଟରେ ପୁଅ ବୋଲି ଭାବି ମଣିଷ କରୁଥିବା ପିଲାଟାକୁ ଯଦି.. କିଏ କହିଦିଏ ତୋ ପୁଅଟା ..ଛ ..କା ..ଓଃ କେତେ କଷ୍ଟ ହେବ ସେମାନଙ୍କ ଛାତି ଫାଟିଯିବ। ଖାଲି ମୁଣ୍ଡ କୋଡ଼ିବା ଛଡ଼ା ଆଉ କିଛି ନଥିବ। ଭାଇଭଗାରି ଟାହିଟାପରା କରିବେ।

ହେଲେ ଏମିତି ପାଠ ପଢ଼ିବା ବାହାନାରେ ! ଦୂରକୁ ଖୁବ ଦୂରକୁ ଚାଲିଯିବା ଭଲ।

> ଦିନରେ ଛାତି ଫୁଲାଇ ବୁଲୁଥିବା କାଗଜ ବାଘମାନେ ଘନ ତମିଶ୍ରାରେ କଳା ଦାମୀ ଗାଡ଼ି ଚଢ଼ି ଆସି ରାସ୍ତାରୁ ସେମାନଙ୍କୁ ଉଠାଇ ନିଅନ୍ତି। ମଲ୍ଲୀ ଗଜରାରେ ପୋତି ପକାନ୍ତି। ଆଉ ମଦ ନିଶା ଓହ୍ଲାଇ ଯିବାପରେ ଗାଡ଼ିରେ ଆଣି ପୁଣି ସେଇ ରାଜରାସ୍ତାର ବତୀଖୁଣ୍ଟ ମୂଳେ ଛାଡ଼ି ଦିଅନ୍ତି।
> ସେମାନେ କ'ଣ ଆଶ୍ରୟ ଦେଇପାରିବେ ? ତାଙ୍କର ସମ୍ମାନ, ଆଭିଜାତ୍ୟ ଯିବ କୁଆଡ଼େ ?

ଷ୍ଟେସନରୁ ଜଣେ ମାଆ ତାକୁ ପଚାରିଲେ ତୁ ଏଠି କ'ଣ ପାଇଁ ଶୋଇଛୁ ରେ ? ଫୋନ ଯୋଗେ ସେ ଜଣଙ୍କ ପାଖରେ ନେଇ ଛାଡ଼ିଦେଲେ। ଓପାସ ଭୋକରେ ସେତେବେଳେ ତିନି ଚାରି ଦିନ କଟି ସାରିଥାଏ।

ପେଟରେ ମୁଠାଏ ଦାନା ପଡ଼ିବା ପରେ ସେଇ ଘରେ ଭୂଇଁରେ ଶୋଇ ପଡ଼ିଲା – ଶ୍ରୀମୟ। ଆଉ ତା ପରଦିନଠୁ ଟ୍ରେନରୁ ଟ୍ରେନ୍ ବୁଲି ସେମାନଙ୍କ ସହ ଭିକ୍ଷା ମାଗିବାକୁ ପଡ଼ିଲା।

ଆଉ ଅଧିକା ପାଠ ପଢ଼ିବା ପାଇଁ ତ ପଇସା ଲୋଡ଼ା। ତା ମନକଥା ଖୋଲି କହିଲା ଗ୍ରୁପ୍ ଲିଡରଙ୍କ ଆଗରେ। ସେ କହିଲେ ଦେଖ ବାପା ତୁ କାହାକୁ ଟିଉସନ୍ କରିପାରୁବୁନି ? କେଉଁ ହଷ୍ଟେଲରେ ରହି ପଢ଼ି ପାରିବୁନି ? ତଥାପି ଚେଷ୍ଟା କର ପତ୍ରବିନିମୟ ପାଠ୍ୟକ୍ରମ ଜରିଆରେ ?

କେତେ ଆଡ଼େ ବୁଲିଛି ଚାକିରୀ କରିବାକୁ। କିନ୍ତୁ ଏମିତି ଟାହିଟାପରାରେ ନିଜକୁ ଖାପ ଖୁଆଇବା ଖୁବ କଷ୍ଟ ହୁଏ।

ତଥାପି ଖୁବ କଷ୍ଟରେ କଷ୍ଟରେ ପାଠ ପଢ଼େ ଶ୍ରୀମୟ। କ୍ରମଶଃ ବୟସ ବଢୁଥାଏ। ପ୍ରସାଧନ ସାରି ଶୀତ, ଖରା, ବର୍ଷା କଷ୍ଟରେ ରାସ୍ତାକଡ଼ରେ ନିରନ୍ଧ୍ର ଅନ୍ଧକାରରେ ଠିଆ ହୁଏ।

ଦିନରେ ଛାତି ଫୁଲାଇ ବୁଲୁଥିବା କାଗଜ ବାଘମାନେ ଘନ ତମିସ୍ରାରେ କଳା ଦାମୀ ଗାଡ଼ି ଚଢ଼ି ଆସି ରାସ୍ତାରୁ ସେମାନଙ୍କୁ ଉଠାଇ ନିଅନ୍ତି। ମଲ୍ଲୀ ଗଜରାରେ ପୋତି ପକାନ୍ତି। ଆଉ ମଦ ନିଶା ଓହ୍ଲାଇ ଯିବାପରେ ଗାଡ଼ିରେ ଆଣି ପୁଣି ସେଇ ରାଜରାସ୍ତାର ବତୀଖୁଣ୍ଟ ମୂଳେ ଛାଡ଼ି ଦିଅନ୍ତି।

ସେମାନେ କ'ଣ ଆଶ୍ରୟ ଦେଇପାରିବେ ? ତାଙ୍କର ସମ୍ମାନ, ଆଭିଜାତ୍ୟ ଯିବ କୁଆଡ଼େ ?

ଗୁଡ଼ାଏ ପଇସା ହେଲେ ନିଜକୁ ଅପରେସନ୍ କରାଇ ସ୍ୱୟଂସମ୍ପୂର୍ଣ୍ଣ ହେବାକୁ ପଡ଼ିବ। ହେଲେ ବି କେଉଁ ବଦାନ୍ୟ ବ୍ୟକ୍ତି ତା' ଛାତିତଳେ କି ? ଛାତତଳେ ଟିକେ ନିର୍ଭୟ ଆଶ୍ରୟ ଦେବ !

ମନରେ ଅସୁମାରୀ ପ୍ରଶ୍ନ।

ଶ୍ରୀମୟର ଜୀବନରେ କେତେ ପୁରୁଷ ଗଲେଣି ! ସେ କାହାକୁ ଦେଖେନି; ସେମାନେ ଗୋଟେ ନିର୍ଭୟ ଆଶ୍ରୟ ଦେବେ।

ୟୁଜ୍ ଆଣ୍ଡ ଥ୍ରୋ। ..ବାସ୍ .. ମଲ୍ଲୀଫୁଲ, ରଜନୀଗନ୍ଧା, ଗୋଲାପର ମାଳାର ଗଜରା – ଲମ୍ୱ - ଘନ - କୁନ୍ତଳକୁ ଆଚ୍ଛାଦନ କରେ ! ଇସ୍.. ଗୋଟିଏ ରାତି ! ତାର ଆୟୁଷ ଏଇ ଗୋଟିଏ ରାତି।

ଦୁଃଖ କୋହ – ଲୁହରେ ଦିନସାରା ଭିଜୁଥାଏ – ପୋଟଳଚିରା ଆଖି।

ଦିନେ ମାଡ୍ରାଜ୍ ଏକ୍ସପ୍ରେସରେ ବେଗିଂ କରୁ କରୁ ! ଜଣେ ଧନାଢ୍ୟ ବ୍ୟକ୍ତି ପଇଁତିରିଶରୁ ଚାଳିସ ଭିତରେ ହେବେ; କହିଲେ ତମକୁ ଏ ଟ୍ରେନ୍ ବେଗିଂ ଶୋଭା ପାଉନି। ତମେ ମୁମ୍ବାଇ ଚାଲ ତମକୁ ମୁଁ ସେଟିଂ କରାଇ ଦେବି।

ଆଚ୍ଛା କି ବିଶ୍ୱାସ ଅଛି ? ଅଜଣା ଅଶୁଣା ବ୍ୟକ୍ତିଙ୍କ ଉପରେ !

ପରେ ପରେ ଫୋନ ନମ୍ବର ଆଦାନପ୍ରଦାନ ଏବଂ ଶେଷରେ ମୁମ୍ବାଇ ଯାତ୍ରା।

ସତରେ ଏ ଦୁନିଆରେ କିଛି ବିଶ୍ୱାସୀ ଲୋକ ଅଛନ୍ତି ନହେଲେ ଏ ଦୁନିଆ ଚାଲନ୍ତା କେମିତି ?

ଶ୍ରୀମୟ ପାଲଟିଯାଇଥାଏ ଶ୍ରୀମୟୀ। ତାକୁ ଏକ ବିରାଟ ସପିଙ୍ଗ୍ ମଲରେ ଚାକିରୀ ମିଳିଯାଏ। ତାହା ପୁଣି ବାବୁଙ୍କ ଘରେ ରହୁଥିବା ସୁନ୍ଦରୀ ତରୁଣୀ। କେହି ଆଖି ଉଠାଇ ଚାହିଁ ପାରନ୍ତିନି ଶ୍ରୀମୟୀକୁ ! ଉଜ୍ଜ୍ୱଳ ରଙ୍ଗର ଶାଢ଼ୀ ସଂକ୍ଷିପ୍ତ ଗହଣାରେ ଅପୂର୍ବା ଦିଶେ ଶ୍ରୀମୟୀ।

ଓ ! ଢେର ଦିନ ବାଘ ହରିଣର ଦୌଡ଼ ଭିତରେ ହରିଣୀଟି ପାଇଯାଏ ଏକ ନିର୍ଭୟ ବାସସ୍ଥାନ। ଶାନ୍ତିରେ ଟିକେ ନିଃଶ୍ୱାସ ମାରେ।

ଆଜିକାଲି ସେ ବାପାଙ୍କ ପାଖକୁ ଫୋନ କରେ ଟଙ୍କା ପଠାଏ। ସେମାନେ ନିରୀହ ଭାବନ୍ତି ପୁଅ ଚାକିରୀ କରୁଛି। ଓଡ଼ିଶାରେ ଥିବା ବେଳେ କିଏ କେଉଁଠି ଦେଖି କହିଥିଲା.. ଛି.. ଛି ତୋ ପୁଅଟା ଭିକ ମାଗୁଛି !

ବାପା ଏଣିକି ଗାଁରେ ସମସ୍ତଙ୍କ ଆଗରେ ମୁଣ୍ଡ ଉଠାଇ ଚାଲିପାରିବେ। ସେ ନିଜର ଘର ଖଣ୍ଡିଏ କଲେଣି। ଆଉ ଲୁହା କିଣାବିକା କରନ୍ତିନି। ପୁଅର ନିଖୋଜ ଖବର ତାଙ୍କୁ ଦୁର୍ବଳ କରିଦେଲା ଏବେ ପୁଣି ସଳଖି ଠିଆ ହେବେ।

ସ୍ୱପ୍ନ ପରେ ସ୍ୱପ୍ନ ଭାଙ୍ଗିଯାଇଥିବା ମନରେ କେଉଁ କୋଣରେ ଟିକେ ତ ଜହ୍ନ ଉଇଁଯିବ, ଜ୍ୟୋସ୍ନା ପ୍ଳାବିତ କରିବ !

ସଂସାର ଗଢ଼ିବାର ସ୍ୱପ୍ନ କେବେ ଦେଖିନି ଶ୍ରୀମୟୀ। ହୀରା ବ୍ୟବସାୟୀ ସମ୍ପଦ୍ ଲାଲ .. ତା' ରୁମକୁ ଆସନ୍ତି। ତାଠୁ ପ୍ରଥମେ ଅନୁମତି ମାଗନ୍ତି।

ଈଶ୍ୱରଙ୍କ ସୃଷ୍ଟିକୁ ଆକ୍ଷେପ କରନ୍ତି ! ସତରେ ତମେ ଯଦି ଆଜି ସମାଜ ଭିତରେ ରହି ପାଠ ପଢ଼ିଥାନ୍ତ ! ଗୋଟେ ଡାକ୍ତର କିମ୍ବା ଅଫିସରେ ଏକ ଦକ୍ଷ ଅଧିକାରୀ ହୋଇପାରିଥାନ୍ତ, କିନ୍ତୁ..

ଶ୍ରୀମୟୀ ଉତର ଦିଏ ମୋ ପରି ସୃଷ୍ଟି ମାନେ ତ ରାସ୍ତାରେ ଠିଆ ହେବାଠୁ ଆରମ୍ଭ କରି ପେଟ ଚାଖଣ୍ଡକ ପାଇଁ କୁଛ ସାଧନା କରୁଛନ୍ତି। ଅନ୍ତତଃ ମୁଁ ଏ ଘୃଣ୍ୟ ପ୍ରଥାରୁ ବହୁ ଉର୍ଦ୍ଧ୍ୱରେ।

ଫ୍ଲାଇଟ୍‌ରୁ ଓହ୍ଲାଇ ଏକ ଭଡ଼ା ଟ୍ୟାକ୍ସିରେ ଆସୁଥିଲା ଗାଁକୁ। ମାଆ ଥରକୁ ଥର ଫୋନ କରୁଥିଲା। ଭଳିକି ଭଳି ଖାଇବା ଜିନିଷ ରାନ୍ଧି ରଖିଥିଲା। ପିଠାପଣା କରି ତା' ପାଦତଳେ ଲାଗୁ ନଥିଲା। ବାରମ୍ବାର ଦାଣ୍ଡକୁ ବାହାରି ଦେଖୁଥିଲା। କେତେ କଳ୍ପନାରେ ବୁଡ଼ି ଯାଉଥିଲା, କହୁଥିଲା ଏଥର ଆଉ ଲୁଚି କରିଯିବୁ ନାହିଁ। ଏଇ ଗାଁରେ ରହିବୁ ବାବୁରେ। ଗାଁ ଆଉ ଗାଁ ହୋଇନାହିଁ ଏଠି ଏବେ ସହର ସହର ବାସ୍ନା ହେଉଛି। ଏଠି ବି ବଡ଼ ଚାକିରୀ ମିଳିଯିବ। ଏତେ ପାଠ ପଢ଼ିଛୁ; ଆମ ସହରରେ କ'ଣ ତୋ ପାଇଁ ଚାକିରୀ ନାହିଁ ?

ସାରିପୁତ ଗନ୍ଧରେ ରୂପଶ୍ରୀର ବେଜାଏ କଳ୍ପନା ମାଆ କରି ବସୁଥିଲା। ବାପା ବୋଧେ କିଛି ଗୋଟେ ଅଲଗା ଭାବୁଥିଲେ। ମାଆକୁ ବାରମ୍ବାର ତାଗିଦ କରୁଥିଲେ। ଏସବୁ ଗାଉଁଲି ଖାଇବା ସେ କ'ଣ ଖାଇବ ? ସେ ତା ଇଚ୍ଛାରେ ବାହା ହେବ କି ନହେବ ତୁ ଏତେ କଥା କଣ ଭାବୁଛୁ ? ଏତେ ମିନାର୍ ପରି କଳ୍ପନାର ସୌଧ ପାଖରେ ଖୁବ କ୍ଷୁଦ୍ରାତିକ୍ଷୁଦ୍ର ଜୀବଟିଏ ଶ୍ରୀମୟୀ ! ଗଲିଭର୍ ଏମଙ୍ଗ୍ ଦ ଲିଟିଲ୍ ମ୍ୟାନ୍' ମାଆ, ବାପା ରୂପୀ ଗଲିଭର୍ ପାଖରେ ତାପରି ଅନେକ ଲିଟିଲ୍ ମ୍ୟାନ୍। କିଏ ନାରୀ କିଏ ପୁରୁଷ ମୋଟେ ଚିହ୍ନିହଉନି। କାହା ଛାତିରେ ସମତଳ ମେରୁ ବଳୟ ତ କାହା ଛାତିରେ ପାର୍ବତ୍ୟ ଭୂମି ! କାହାର ହିମ ଶୀତଳ ତନୁ ତ କିଏ ଅଗ୍ନିବର୍ଷୀ !!

ମୁଦି ହୋଇ ଆସିଥିବା ଆଖିପତା ତଳେ ଇଏ କି ସ୍ୱପ୍ନ !! ଗାଡ଼ି ରହୁଥିଲା ଦୌଡ଼ି ଆସୁଥିଲେ ବାପା, ମାଆ। ..

ମାଆ ଦେହରୁ ଗୋଡ଼ ମୁଣ୍ଡ ଯାକେ ଅଣ୍ଡାଳି ନେଇ ଖୋଜୁଥିଲା ତା ଏକମାତ୍ର ଗେହ୍ଲା ପୁଅକୁ ! ତା ଚେତନାହୀନ ଶରୀରଟା ସେଇଠି ଗାଁ ଦାଣ୍ଡରେ ପଡ଼ିଥିଲା। ଦୁଇଟି ଅବୋଧଙ୍କ ଶବକୁ ଶବଯାତ୍ରା ଗାଡ଼ିରେ ନିଆଯାଉଥିଲା।

*ଜେଲ୍ ରୋଡ୍, ଅମୃତ ବିହାର, କେନ୍ଦୁଝରଗଡ଼*
*ପିନ୍ – ୭୫୮୦୦୧*

# ବୁନ୍ଦାଏ ଲୁହ

ମୂଳହିନ୍ଦୀ -ଚଣ୍ଡିଦତ୍ତ ଶୁକ୍ଳ
ନଗେନ୍ଦ୍ର ନାଥ ପଟ୍ଟନାୟକ

ସ୍ମିତହସ ସଦାବେଳେ କହେନାହିଁ ସବୁକିଛି। ଏକ ଶବ୍ଦରେ ପ୍ରତ୍ୟେକ କଥା ବାନ୍ଧିହୋଇ ରହେନାହିଁ । ଅନୁଭବଜନିତ ଅଶ୍ରୁଧାରା ବଳରେ ମଧ ବାନ୍ଧି ହୁଏନା । ଲୁହଗୁଡ଼ିକର ବି ତୁଣ୍ଡ ଅଛି । ବେଶ୍ ପ୍ରଭାବଶାଳୀ । ମନକୁ କୁତୁକୁତୁ କରିଥାଏ ଖୁସୀ କି ହତାଶ ମୁହୂର୍ତ୍ତରେ; ଆଶାର ପଦଧ୍ୱନିରକ, ପୁଣି ଆଶଙ୍କାର ଧମକରେ । ଆଖିସବୁ ଅଧିକାଂଶ ସମୟରେ ଉଛୁଳି ଉଠିବାକୁ ବ୍ୟାକୁଳ ହୁଅନ୍ତି । ଏଭଳି ସ୍ଥିତିରେ ନୀହାରିକା, ଯେ ସ୍ନେହଶ୍ରଦ୍ଧା ଟିକକ ପାଇଥିଲା ଓ ଯାହା ଭାଗ୍ୟକୁ ବାନ୍ଧବୀ ଜୁଟିଥିଲା, ତା'ର ସବୁ ହାତଛଡା ହୋଇଗଲା । ତା'ସାଙ୍ଗେ ସଦାବେଳେ ରହିଥାଏ ଲୁହ ଜୀବନସାଥୀ ସାଜି। ଆଉ, ସେ ଯେବେ ସବୁଠୁ ବେଶି ନିରାଶ ହୋଇଯାଉଥିଲା ଲୁହବତୁରା ଆଖିସବୁ ବୁଝାଉଥିଲେ: ପରଦିନଟି ଖୁବ୍ ସୁନ୍ଦର ହେବ...ଆଶା ଛାଡନି...।' ଏ ଅନୁଭବ ପୁଣିଥରେ ତା'ଆଖିଯୋଡ଼ିକୁ ଓଦା କରିଦେଲା । ହେବନି ବା କାହିଁକି ! ଲୁହଗୁଡ଼ିକ ତୁଣ୍ଡର ନିଃଶବ୍ଦ କଥା ଖୁବ୍ ଜୋର୍‌ରେ ଶୁଣାଯାଏ ।

ରାତିରେ ଚାରିଆଡ଼ ଶୀତରେ ଥରି ଉଠୁଥିଲା । ଲଗାତର ଗୁଞ୍ଜରିଉଠି ଜାଗ୍ରତ ରହୁଥିବା ଶବ୍ଦଟି କୁହୁଡିକୁ ଡ଼ରିକରି କୁଆଡ଼େ ଲୁଚିଗଲା କମ୍ବଳ ଭିତରେ । ଦିଗମାନେ ମୁହଁ ଉପରେ ଚୁପ୍ ରହିବାର ପଟି ବାନ୍ଧିନେଲେ । ରୁକ୍ଷପୂର୍ଣ୍ଣ ଦୃଷ୍ଟିଗୁଡ଼ିକୁ ପଲକରେ ଢ଼ାଙ୍କିବାର ଚେଷ୍ଟା କରୁଥିବା ବିହଙ୍ଗମାନେ ଅଳସ ଅନୁଭବ କରି ନିଦେଇ ଯାଇଥିଲେ । ହାତମାନ ପହଞ୍ଚିବାଠୁ ବହୁତ ଦୂରରେ; ଦୃଷ୍ଟିର ନିକଟରେ । ମୁଣ୍ଡ ଉପରେ ତାରାମାନେ ଆସନ୍ତି ଆଉ ପୁଣି ଛପିଛପି ଖେଳବାକୁ ଲାଗନ୍ତି ନିଷ୍ପ୍ରଭ ଚମକ୍ ଖେଳାଇଦେଇ । କମକୁଟକରା ଧଡ଼ିଥିବା ଗୋଟିଏ ଧଳା ଚାଦର ନୀଳରଙ୍ଗରେ ବୁଡାଇ କେହିଜଣେ ଅସୀମ ଆକାଶରେ ନିକ୍ଷେପ କରିଦେଲା । କଳା କଫିଭରା ମଗଟି ଖାଲି ହୋଇଯିବା ଦେଖି ନୀହାରିକା ମନେମନେ ବିଡ଼ବିଡ଼ ହେଉଥିଲା: ଶୋଇଯାଅ, ରାତି ବହୁତ ଗାଢ଼, କଳା ମଚ୍‌ମଚ୍... କିନ୍ତୁ ନିଦର ନାମ ନିଶାନ ବି ନଥିଲା । ମନିଟର ସିନା ବନ୍ଦଥିଲା; କିନ୍ତୁ ସିଡ଼ି ଚାଲୁଥିଲା । ଏସ୍ ଡି ବର୍ମନଙ୍କ ସଙ୍ଗୀତ: 'ମୋରେ ସାଜନ ହୈଂ ଉସପାର... ମୈଂ ଇସ ପାର...।' ସେତେବେଳେ ମୋବାଇଲଟି ବାଜିଉଠିଲା- ଶୋଇନାହଁ ଏବେ ମଧ । ତୁମର କକ୍ଷରେ ଆତ୍ମହତ୍ୟାର ଜିନିଷପତ୍ର ମହଜୁଦ ରହିଛି ନା ।

> ପ୍ରେମ ସମସ୍ତଙ୍କ ଥାଏ କେବେ ନା କେବେ । ପ୍ରେମ ଆସିଲାବେଳେ ଦୁନିଆରେ ଆଉକିଛି ବାକି ରହି ନ ଥାଏ । ହୃଦୟରୁ ବାହାରି ଆସିଲା ପରେ ମଧ କୋଉଠି କିଛି ଶେଷ ହେବାକୁ ରହିଯାଏ; କିନ୍ତୁ ନୀହାରିକା କୋଉ ହୋସ୍‌ରେ ଥିଲା ଯେ !

ମହ୍ଲାରର ସନ୍ଦେଶ ପଢ଼ି କୁତୁକୁତୁ ଲାଗୁଥିଲା ନୀହାରିକାକୁ । ନିଆଁରେ ଦହକୁଥିବା ଅଗରବତିଟି ଶେଷ ଅଂଶଯାଏ ପହଞ୍ଚିସାରି ଥମିଯାଇଥିଲା; କିନ୍ତୁ ମହକ ଏମିତି ଥିଲା ଯେମିତି ବସନ୍ତ ସତେଜ ମୃଦୁ ଆଘାତ ଦେଉଛି ଦରଜାରେ । ନୂଆକରି ପ୍ରେମ କରୁଥଲା ନୀହାରିକା; କେବଳ ଲୁହଗୁଡ଼ାକ ଓ ମହ୍ଲାରର ପ୍ରେମ ରହିଥିଲା । ପରଦିନ ଆରମ୍ଭ ହେବା ଆଗରୁ ଏଇ ପ୍ରହର ବେଳ; ତା' ଘରଠୁ ଆଠଶହ କିଲୋମିଟର ଦୂର ଆଉକୋଉ ସହରଟିରେ ସେଇ ସମୟରେ ଉପସ୍ଥିତ ମହ୍ଲାର; କିନ୍ତୁ ଦୁଇଟିଯାକ କେମିତି ଯୋଡ଼ି ହୋଇଯାଇଛନ୍ତି-ଏହା ଭାବି ହସିହସି କେଜାଣି କାହିଁକି ଛଳଛଳ ହୋଇ ଉଠୁଥିଲା ନୀହାରିକା ଆଖିଯୋଡ଼ିକ । ସବୁ ହାଲହରକତ ବଖାଣିଦେଲା ଲୁହଭିଜା ଅକୁହା ଆଖିଦ୍ୱୟ ।

ପ୍ରେମ ସମସ୍ତଙ୍କ ଥାଏ କେବେ ନା କେବେ । ପ୍ରେମ ଆସିଲାବେଳେ ଦୁନିଆରେ ଆଉକିଛି ବାକି ରହି ନ ଥାଏ । ହୃଦୟରୁ ବାହାରି ଆସିଲା ପରେ ମଧ କୋଉଠି କିଛି ଶେଷ ହେବାକୁ ରହିଯାଏ; କିନ୍ତୁ ନୀହାରିକା କୋଉ ହୋସ୍‌ରେ ଥିଲା ଯେ ! ରାତି ସେମିତି ଗଡ଼ିଯାଉଥିଲା । ମହ୍ଲାରର ବାର୍ତ୍ତା ପଢ଼ି ଜବାବରେ ବାରମ୍ଭାର କିଛି ଲେଖି ନିଭାଇ ଦେଉଥାଏ । କଫିତକ ନଃଶେଷିତ ହୋଇ ନଥିଲା; କିନ୍ତୁ ସ୍ମୃତିମାନେ ଅନ୍ତହୀନ ।

ଗୋଟିଏ ସ୍ମୃତି କଟିଗଲେ ଆଉଗୋଟେ ଉଙ୍କି ମାରୁଥାଏ ।

'ବହୁତ ବ୍ଲାକ କଫି ପିଇଦେଇଛ ତୁମେ, ଦେଖ କାଳୀ ହୋଇଯିବ'- ମହ୍ଲାର ଏ କଥା କେବେ କହୁଥାଏ ତ ପରମୁହୂର୍ତ୍ତରେ କହେ : 'ଟିକିଏ ଚିନି ଢ଼ାଳିଦିଅ, ମୋଦେଇ ପିଇହେବନି ସେଇ ଅସୁନ୍ଦର କଫି । ଅତୃପ୍ତ ନୀହାରିକା ଖିଲ୍‌ଖିଲ୍ ହସୁଥିବା ଘଣ୍ଟିଗୁଡ଼ିକୁ ବଜାଉଥାଏ: 'ଆଚ୍ଛା-ଆଚ୍ଛା, ଏବେ ବର୍ଣ୍ଣବୈଷମ୍ୟ ନୀତିକୁ ନେଇ ଭାଷଣ ଦେବା ବନ୍ଦ କରିଦେବାକୁ ହେବ ।' 'ସରି-ସରି । ମନେ ପଡିଗଲା, ଗୋରା-କଳା କିଛି ନାହିଁ... ତୁମ ପ୍ରିୟ ଭଗବାନ ଶ୍ରୀକୃଷ୍ଣ ତ ଶ୍ୟାମଳ ରଙ୍ଗର । ଚିନି ନଥିଲେ କ'ଣ ହେଲା, ନିଜ ଲମ୍ବା ଆଙ୍ଗୁଳିଗୁଡ଼ିକ କଫିରେ ଗୋଳେଇ ଦେଲେ ମିଠା ହୋଇଯିବ । ନୀହାରିକା ସ୍ୱତଃସ୍ଫୁର୍ତ୍ତ ଫିକ୍‌କିନା ହସିଉଠେ ଓ ଆଙ୍ଗୁଳିଗୁଡ଼ିକରେ ଆଖପତା କଣରେ ଦରାଣ୍ଡିବାକୁ ଲାଗିଯାଏ ଆଖିଯୋଡ଼ିକ ଓଦା ସରସର ହେବା ପର୍ଯ୍ୟନ୍ତ । ମହ୍ଲାର କହୁଥାଏ-ନିଜ ଲୁହଭୂଇଁ ଉପରେ ନିଗାଡ଼ିବାକୁ ଦିଅନାହିଁ,ଏ ମୋତି ଭାଙ୍ଗିଯିବ । କ'ଣ କହୁଛ ନୀହାରିକା ଏତେଗୁଡ଼ିଏ, ଧେତ୍ !

ଏମିତି ଚାଲିଥାଏ ହରଦମ୍ । ଦୁଇଯୋଡ଼ା ରୁମାଲ ସଦାବେଳେ ରହିଥାଏ ନୀହାରିକା ଝୁଲାରେ । ଆଜନ୍ମରୁ ଶ୍ୱାସରୋଗୀ ସେ । ଆଖିନାକ ପୋଛୁଥାଏ, କାନ୍ଦକଟା କରୁନଥାଖ; କିନ୍ତୁ ମହ୍ଲାର ହସିଦେଇ କହେ- ୟାଙ୍କ ସାଙ୍ଗେ ମିଶିଯାଅ,ଏକତା କାପୁର ସିରିୟାଲର ବଡ଼ବୋହୂ । ବାସ୍,ଏମିତି ହିଁ ନୀହାରିକା । ଯାହାର ଯାହା ଇଚ୍ଛା ଭାବିନିଅ । କିଛି ଗୋଟେ ଲାଜ ସରମ ମାଡୁ ନଥିଲା ତାକୁ । ବୁକୁଫାଡ଼ି ମଜା ମଜଲିସ କରିବା ମଧ୍ୟରେ, କ୍ଲାସରୁମ ଭିତରେ ଯୋଉଠି ଯାହା ଇଚ୍ଛା କଲାବେଳେ ଲୁହ ଝରାଉଥିଲା ସେ । ବୁଝିପାରୁ ନଥାଏ ହସିବା-କାନ୍ଦିବା କୋଉଟା ଅଭଦ୍ରାମିର କଥା ଯାହା ତାହାପାଇଁ କ୍ଷମଣୀୟ ।

ଦିନ ପରେ ଦିନ ଗଡ଼ିଚାଲିଲା; ବିତିଗଲା ବର୍ଷ ପରେ ବର୍ଷ । ମହ୍ଲାର ଆଉ ନୀହାରିକାର ପ୍ରେମ ଦିନୁଦିନ ମଜଭୁତ ହେଉଥିଲା । ପ୍ରେମପ୍ରୀତିରେ କଣ୍ଟ୍ରୋଲର ଷ୍ଟିୟରିଂ ନିଜ ହାତରେ । ମେହେଦୀ ହସନଙ୍କ ଗଜଲ୍‌ଗୁଡ଼ିକ ଶୁଣୁଥିଲେ; ଦୁହେଁ ପରସ୍ପର ଆଡକୁ ଜାକି ହୋଇ ଆସୁଥିଲେ ।

ନୀହାରିକା ବୁକୁରେ ଦୀର୍ଘଶ୍ୱାସକୁ କଏଦ କରିନେଲା; ତା'ପରେ ପୁଣି ଫୁଙ୍କି ବାହାରେ ଛାଡ଼ିଦେଲା । ଡାଏରି ଉପରେ ଧୂଳିଗୁଡ଼ିଏ ପୂରାପୂରି ବିସ୍ଥାପିତ ହୋଇ ଟେବୁଲକପଡ଼ାର ଗୋଟିଏ କଣରେ ଏକାଠି ଜମା ହୋଇଗଲା । ଏମିତି କେତେଦିନ ବିତିଗଲା । ନୀହାରିକା ଆଉ ମହ୍ଲାରେ ଏବେ ପତି-ପତ୍ନୀ; କିନ୍ତୁ ଦୁହିଁଙ୍କର ଏକସାଥିରେ ରହିବା ଏବେ ବି ସମ୍ଭବ ହୋଇପାରିନି । ଭିନ୍ନଭିନ୍ନ ସହରରେ କର୍ମଚାରୀଙ୍କ ମେଳରେ ଜୀବନ କଟିଯାଉଥାଏ; କେବଳ ନିର୍ଜନ ରାତି ଆଉ ବ୍ଲାକ-କଫିଭରା କପଟି ରିକ୍ତ ହୋଇଯାଏ । ଡ଼ାଏରିର ପ୍ରଥମ ପୃଷ୍ଠାରେ ମହ୍ଲାର ଲେଖିଥିଲା କେଇପଦ: କାନ୍ଦନା, କେବେହେଲେ କାନ୍ଦନି । ସ୍ମୃତିଗୁଡ଼ିକର ପଚ୍ଛୁଆ ସମୀରଣ ନୀହାରିକା ତନୁ-ମନରେ ଶିହରଣ ଖେଳାଇଦେଲା । ମନେପଡ଼ିଗଲା ସେଇ ମୁହୂର୍ତ୍ତ ଯେତେବେଳେ ପ୍ରେମ ପ୍ରୀତିକୁ ନେଇ ପଢ଼ାଲେଖାର ବୋଝ ଭାରି ହେଇଯାଉଥିଲା ।

ରାତି-ରାତିସାରା ସନ୍ଦେଶ ପରେ ସନ୍ଦେଶ ପ୍ରେରିତ କରୁଥାଏ ମହ୍ଲାର । ଆଉ ତା' ଆଙ୍ଗୁଳିଗୁଡିକ ପାଠ୍ୟପୁସ୍ତକର ପୃଷ୍ଠାଗୁଡିକୁ ଓଲଟାଇବାରେ ସକ୍ରିୟ ରହିଥାଏ । ପରୀକ୍ଷା ସରିବା ପରେ ବହୁତ ଦିନ ବିତିଗଲା ଉତ୍ତାରେ ଦୁହେଁ ପରସ୍ପରକୁ ଭେଟିଲା ବେଳେ ମହ୍ଲାର ଚିହିଁକି ଉଠିବା ଭଙ୍ଗୀରେ ଓଜର ଆପତ୍ତି଼ମାନ ଶୁଣାଉଥିଲା । ସେ ନିଜ ଭିତରେ ହଜିଗଲା, ଖିନ୍ନ ଓ ଗୁମସୁମ୍ । ପୁଣି ସେଇଆ ହେଲା, ତା' ଆଖିରେ ପାଣି ପୂରି ଆସିଥିଲା । ଛଳଛଳ ହୋଇ ଟପ୍ ଟପ୍ ନିଗିଡ଼ି ପଡ଼ିବାକୁ ବ୍ୟାକୁଳ, ଅଧୀର । ଏ ଦୃଶ୍ୟ ଦେଖିକରି ମହ୍ଲାର ହସିହସି କହିଲା: ପ୍ରେମରେ ନୁହେଁ; ଫରକ ଜୀବନ ଓ ମରଣର, ତାକୁ ଦେଖିକି ଜୀବନ ବଞ୍ଚିଛ । ନୀହାରିକା କ'ଣ କହୁଛ ? କହିଲି ପରା-ଶବ୍ଦଗୁଡ଼ିକରେ ପ୍ରେମ ନିବେଦନ କରିବା କେହି ତୁମଠୁ ଶିଖିଛି, ମହ୍ଲାର ।

ପ୍ରେମଦିନ ବି ଆଉ କେତେ, ହାତଗଣତି । କୋଟାରେ ମିଳିଥିବା ରାସନ ସଉଦା ଭଳି; ଖର୍ଚ୍ଚ ହେବାରେ ତତ୍ପର । ସେମାନଙ୍କ ବିବାହ ତ ସମ୍ପନ୍ନ ହୋଇଗଲା; କିନ୍ତୁ କେତେ ସବୁ କଷ୍ଟ ସମସ୍ୟା ସହ ଯୁଝିବାକୁ ହେଲା । ମୋ ପିଲାଦିନୁ ମା ରୁଷି ଅଭିମାନ କରତ ବିଦାୟନେଇ ଯାଇଥିଲେ ଦୁନିଆରୁ । ବାପା କୁନି ନୀହକୁ ବହୁ ଆଶା-ଆକାଂକ୍ଷା ପୋଷଣ କରି ଏଡ଼େଟିଏ କରିଥିଲେ । ଅଜାତି ପିଲାଟିକୁ ବାହା ହେବା କଥା ଶୁଣି ସେ ଧୈର୍ଯ୍ୟପୁଞ୍ଜି ସବୁ ହରାଇ ବସିଥିଲେ । ସେ ରାଗରୁଷାକୁ ଅନ୍ତର ଭିତରେ ବନ୍ଦୀ କରିଥିଲେ ନୀହାରିକା । ମାଙ୍କ ଫଟୋରେ ତ ତମ୍ବାରଙ୍ଗ ମଡ଼େଇ ହୋଇ ସାରିଥିଲା । ବିମର୍ଷ ନୀହାରିକା ପୁଣିଥରେ ନୀରବ ନିଶବ୍ଦରେ ସୁନୀଳ ଆକାଶ ସାଙ୍ଗେ କଥାବାର୍ତ୍ତା କରି ଚୁପଚାପ ଫେରି ଆସୁଛି ସେ ସମୟରେ ଗୋଟିଏ ତାରା ଚ୍ୟୁତ ହୋଇଗଲା ନିଶବ୍ଦରେ । । ନୀହାରିକା ଗୁହାରି କରିବ ବୋଲି ହାତ ଯୋଡ଼ିଲା । ଆଖିପତା ବୁଜି ହୋଇଥିଲା; ଆଖିଯୋଡିକ ପଣତକାନରେ ଲାଗି ରହିଥିଲା ସଦା ସହଚର ଲୁହ ସହିତ ।

ଭୋର ସକାଳେ ପହିଲେ ବାପାଙ୍କ ପାଟିଶବ୍ଦ ଶୁଣାଗଲା । ସେ କୁହାଟ ଛାଡିଲେ : 'ନୀହୁ !' ତାଙ୍କ ଡାକରେ କ୍ରୋଧ ନଥିଲା, ଥିଲା କେବଳ ଆଶଙ୍କା ଓ ଗ୍ଲାନିର କିଛିଚିହ୍ନ । ଆଖିଦ୍ୱୟରେ ମୁହଁଯାକର ଲହୁ ଠୁଳ ହୋଇଥିଲା ; କିନ୍ତୁ ମୁହଁରୁ ଶବ୍ଦଟିଏ ବି ସ୍ଫୁରିଲାନି;ଟୋପାଏ ଲୁହ କେବଳ । ନୀହାରିକା ସାହସ କରି ତାଙ୍କୁ ପୁଣି ମହ୍ଲାର ବିଷୟରେ ବତେଇଲା । ସେ ବାପାଙ୍କ ହାତକୁ କଷିକରି ଜାବୁଡି ଧରିଥିଲା । ବାପା ସବୁକଥା କାନପାତି ଶୁଣିଲେ; ତାପ'ରେ ପୁଣି ଥୁରୁଥୁରୁ କମ୍ପିତ ହାତରେ ବୁନ୍ଦାଏ ଲୁହ ଟପ୍‌କିନା ଝରାଇଦେଲେ । ନୀହାରିକା ଆଖିବୁଜି ଦେବା ପରିବର୍ତ୍ତେ ମଧ ଲୁହ ଫେରାଇ ଦେଲା । ଡ଼ାଏରି ପୃଷ୍ଠାଗୁଡ଼ିକ ଉପରେ ଆଉଗୋଟେ ରାତି ସଂରକ୍ଷିତ ଥିଲା;କିନ୍ତୁତାରାଭରା ନ ଥିଲା । ସ୍ନାନକରି ସତେଜ ହୋଇଥିବା ଏକ ଧୂଳିଆ ରାତି । ମହ୍ଲାର ସଙ୍ଗେ ଜୀବନ ଆରମ୍ଭ କରିବାର ସାକ୍ଷୀ ଦେଉଥିଲା । ବଡ଼ବଡ଼ ଆଖି ମେଲି ମହ୍ଲାରକୁ ଚାହିଁଥିବା ନୀହାରିକା କହିଲା : 'ଏ ସ୍ୱପ୍ନ କି ସ୍ୱପ୍ନକକ୍ଷ, ଯେଉଁଠି ମୁଁ ଆସିଯାଇଛି । ମହ୍ଲାର ତା' କାନ୍ଧରେ ଆଙ୍ଗୁଳି ଥାପିଲା, କୀଟଟିଏ ନାହୁଡରେ ଦଂଶିଦେଲା ଭଳି । ଚିହିଁକି ଉଠିଲା

ନୀହାରିକା, ଆଖିରେ ପୁଣି ଗଙ୍ଗାଯମୁନାର ଅଶ୍ରୁ ଛଳଛଳ । ଗୀଜର ପାଣିରେ କ'ଣ ଗାଧୋଇ ଆସିଛ, ତୁମର ଲୁହ ନଖଉଷୁମ । ନିଜ ଅଙ୍ଗ ଉପରେ ମହ୍ଲାର ଆଖିରୁ ଥପ୍‌କିନା ଝରି ପଡ଼ିଥିବା ଲୁହକୁ ହାତରେ ଥରି ନୀହାରିକା ଗୁଣୁଗୁଣୁ ହେଉଥିଲା : 'ପୁଣି ତୁମର ଲୁହ ଏତେ ଲୁଣିଆ କାହିଁକି ?' ଆରବସାଗରର ସବୁତର ଲୁଣ ଏଥିରେ ମିଶିଗଲା ଭଳି ମନେହେଉଛି । ଏଥିରେ ଜୀବନର ସବୁଦୁଃଖ କ'ଣ ଗୋଳି ହୋଇଯିବ ?

କାହିଁ କେତେ ଦୂରରୁ ଉନ୍ମତ୍ତ ରେଡ଼ିଓରେ ବିସୋରି ଯାଇଥିବା ସଙ୍ଗୀତ ଶୁଣାଯାଉଥିଲା । ବାସ୍ ! ଏତିକି ଥିଲା ସେମାନଙ୍କ କାହାଣୀ । ନା, ଜୀବନଟା ବହୁତ ଲମ୍ବା , ସେ ଦୁହିଁଙ୍କର ମଧ୍ୟ । କେବେ ସାଥୀ ହୋଇ ରହୁଥିଲେ,କାହିଁ କେତେ ବର୍ଷବର୍ଷ ଯାଏ । କେବଳ ମିଳନର ଇଚ୍ଛାରେ ସମୟ କାଟୁଥିଲେ । ଦିନେ ମହ୍ଲାର ଚିରଦିନପାଇଁ ହାତ ଛାଡ଼ିଦେଲା ନୀହାରିକାର । କୌଣସିପ୍ରକାର ରୋଗ-ବ୍ୟାଧିର ସଙ୍କେତ ମଧ୍ୟ ଦେଇ ନଥିଲା । ଛୁଟିଗୁଡ଼ିକରେ ଆସୁଥାଏ ଘରକୁ । ଦିନେ ଜ୍ୱରାକ୍ରାନ୍ତ ହେବା ଯୋଗୁ ତା' ଦେହରେ ଖଇ ଫୁଟୁଥିଲା । ନୀହାରିକା ତାକୁ ନେଇଯାଇଥିଲା ଡାକ୍ତରଖାନା । ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଲା କ୍ୟାନ୍‌ସର ଅନ୍ତିମ ପର୍ଯ୍ୟାୟ । ପୁଣି ଦୁହେଁ ବିଚ୍ଛେଦ ହୋଇଗଲେ । ଭାଉଲିନ୍‌ରେ ଉଦାସ ସ୍ୱର ଅଧିକାଂଶ ସମୟରେ ନୀହାରିକାନ କାନରେ ବାଜୁଥିଲା ଏବେ । ସେଥିରେ ପୁଣି ସେ ଏକାକୀ ଶୁଣୁଥାଏ । ପୁରୁଣା ଡ଼ାଏରି ପୃଷ୍ଠାମାନ ଓଲଟାଉଥାଏ । ଅନ୍ୟଏକ କକ୍ଷରେ ଶୋଇଥାଏ ଝିଅ କୋମଳ । 'ମାମା, ମୁଁ କାଲି ରାତିରେ କହୁଥିଲି ସକାଳେ ଭାତ ଦହିକଡ଼ି ଖାଇବି ବୋଲି । ନୀହାରିକା ବିଡ୍‌ବିଡ୍ ହେଲା: 'ନା, ବେସନ ଆଣିବାକୁ ଭୁଲିଗଲି ।' କୋମଳ ରୁଷି ଅଭିମାନ କଲା ; କିନ୍ତୁ ନୀହାରିକା ମୁଣ୍ଡକୁ ବୁଦ୍ଧିବାଟ ଢୁକିଲାନି । ତା'କାନରେ କିଛି କଥା ବାହାରି ଆସୁଥିଲା । ମହ୍ଲାର ସାଙ୍ଗେ ସେ ଝଗଡ଼ା କରୁଛି – 'ତୁମେ ଖଟା ଆଣିନାହଁ । ଏବେ ଦହିକଡି କେମିତି ହେବ ?' ସେ କହିଲା : 'ଦହିକଡିରେ ଟିକିଏ ଖଟା ପଡ଼ିଥାଏ । ଏଥିରେ ତ ତୁମେ ନିଜ କ୍ରୋଧକୁ ଗୋଳେଇଦେବ ।

: 'ହଁ, ଆଉ ଲୁଣ ଜାଗାରେ ଲୁହ, ହଁ ନା...।' ପୁଣି ଦୁହେଁ ଠୋ ଠୋ ହୋଇ ହସୁଥିଲେ । ସେମାନଙ୍କ ଖିଲ୍‌ଖିଲ୍ ହସନ୍ତ ମୁହଁରେ ହୋଲିର ରଙ୍ଗତକ ଯୁବକ ପାଲଟି ଯାଇଥିଲେ । ଝର୍କା ସେପଟେ ଦେଖୁଥିଲା ନୀହାରିକା । ସକାଳ ଏବେ ଦ୍ୱିପ୍ରହର ସାଙ୍ଗେ ଭେଟିବାକୁ ବାହାରି ଆସିଥିଲା । ପାଣି ଜମିଥିବା ଗୋଟିଏ ଗାତରେ ଅଣ୍ଟାଏ ପାଣିରେ ଥାଇ କୋମଳ କିଛି ତଲାସୁଥିଲା । ନୀହାରିକା କୁହାଟ ଛାଡିଲା: 'କ'ଣ କରୁଛୁ ? ପାଣିରୁ ବାହାରି ଆସ, ଥଣ୍ଡା ହେବ ।' ଘର ଭିତରକୁ ପଶିଲା କୋମଳ । ହାତରେ ଥିଲା ଓଦା ସର୍‌ସର୍ ଠେକୁଆଟିଏ । କୋମଳର ଗୋଲପ ଭଳି ହାତ ଉପରେ ନିଜ ହାତକୁ ଅଜାଡ଼ିଦେଲା । ତା'ର ଗୁଡିଏ ହାତରେଖା ଭିତରେ କିଛି ଗୋଟେ ଅନ୍ୱେଷଣ କରୁଥିଲା ନୀହାରିକା । ଦୁଃଖର ସାଗର ପାରିହେବା ଲାଗି ଆଶାଟିଏ ସମସ୍ତଙ୍କୁ ଡାକୁଥିଲା । ନୀହାରିକାର ଆଖିଯୋଡିକ କିଞ୍ଚିତ କମ୍ପି ଉଠୁଥିଲା । ଠେକୁଆର ଆଖିପତା ପୂରାପୂରି ଭିଜିଯାଇଥିଲା ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର, ଓସ୍କାର ସିଟି, ଲେନ ନଂ-୯,ପ୍ଲଟ ନଂ-୪୫୬,*
*ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର*
*ଦୂରଭାଷ: ୯୪୩୮୩୩୨୧୩୮*

**DM Associates**
**Chartered Accountants**
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*



ଅଭିଶପ୍ତ ପଥରର କୋହ ।
ମାଟି ଫାଟିଯିବାର ମୋହର ଅନ୍ତରାଳେ
ସମୟର ପାଶବିକ ପରିଚୟ
ଜୀବନର ଉତ୍ତୀର୍ଣ୍ଣ ମୋକ୍ଷର ନୂଆ ଅଧ୍ୟାୟ ।

*'ଭାରତ ଭବନ', ଶିବମ୍ କଲୋନୀ, ଆୟକର ଭବନ ପଛ,*
*ସମ୍ବଲପୁର-୭୬୮୦୦୪*
*ଦୂରଭାଷ: ୯୪୩୭୪୫୭୭୩୬*

# ଭାବରେ ଭାବରେ

**ସୌଭାଗ୍ୟବନ୍ତ ମହାରଣା**

ଆୟୁଷର ଅକ୍ଷରଙ୍କୁ ପଢ଼ି ବି
ଅବୁଝା ରହେ ଜୀଇଁବାର ଭାଷା ।
ମିଛ ସୁଖ, ସତ ଦୁଃଖର କୋହରେ
ରକ୍ତର ଉର୍ବରତାରେ କଳାପଦ୍ମ ଫୁଟି
ଖେଳିଯାଏ ପ୍ରେମର ବିଦ୍ରୋହୀ ନିଶା ।

ଆକାଶ ବି ରୂପ ରଙ୍ଗରେ ଗହ ଗହ
ସୃଜନ କଳାର ଆଦିମ ଶିଳ୍ପୀ
କେବେ ତା' ସଂପୂର୍ଣ୍ଣ ଉଲଗ୍ନତାରେ
ଇନ୍ଦ୍ରଧନୁ ପାଗଳ ତ
କେବେ ବଜ୍ରରେ ବିଭୋର
ସେ ନିରାପତ୍ତା-ରକ୍ଷୀର ହୃଦୟ
ଋତୁର ରାଗବିରାଗରେ ।

ଜଘନ୍ୟ ମୃତ୍ୟୁରେ ବି ମିଳେ ମହାର୍ଘ ମୋକ୍ଷ
ଶିରପା ମଣ୍ଡିତ ହୁଏ ଅସୁର
ଶାନ୍ତିର ନାଦବ୍ରହ୍ମରେ ଉଚ୍ଛୁଳେ ମାଟି ଆକାଶ
କାଶଫୁଲର ହସ ମୋହିନିଏ
ଦେବୀଙ୍କ ପ୍ରଖର ନିଃଶ୍ୱାସର ଉଆସ ।

ଶବ୍ଦମାନେ ବେଳେ ବେଳେ ସତୀତ୍ୱ ହରାନ୍ତି
ସୃଜନ କଳାର ସୁପାତି ଶେଯରେ ।
ସର୍ଜନାର ନିଷ୍ଠାରେ କବିଟିଏ
ଉତ୍କୃଷ୍ଟ ପାପକୁ ଧୋଇଦିଏ
ଜହ୍ନରାତିର ଧଳା ଅନ୍ଧାରରେ ।

ଆଖିର ଲୁହରେ ସମୁଦ୍ରର କ୍ଷୁଧିତ ଦୁଆର
ନାରୀର ଦୁଷ୍କର୍ମରେ ପୀଡ଼ିତା

# ବୁଢ଼ା ଶବ୍ଦ

**ଡଃ. ଗୋପବନ୍ଧୁ ଦାଶ**

ଶବ୍ଦ ସବୁ ବୁଢ଼ା ହୋଇଯା'ନ୍ତି
ଅବ୍ୟବହୃତ ହୋଇ
ଆମ ଭିତର ଦୂରତା
ପ୍ରାଚୀର ପରି
ନିରବତା ଦ୍ୱୀପ ସୃଷ୍ଟିକାରୀ
ସମୁଦ୍ର ଶାନ୍ତ
ଢେଉ ସବୁ ଗେଣ୍ଡାଳିଆର
ପାଦ ଧୋଇବାରେ ବ୍ୟସ୍ତ
ମେଘ କିନ୍ତୁ ଆକାଶରେ
ଯୁଦ୍ଧରତ ।
ଦୁଃସ୍ୱପ୍ନରୁ ନିସ୍ତାର ନାହିଁ
ଦିନବେଳେ ମଧ୍ୟ
ବାଲିରେ ଉଛୁଳା ମରୁ ଭଳି ଆମ ଦିନ ସବୁ
ପ୍ଲାବିତ ଅପେକ୍ଷାରେ ।
ନିରବତା ଓ ଆକାଂକ୍ଷା
ଟସ୍ ପକାନ୍ତି ସମୟ ଶେଜରେ
ବାର୍ଦ୍ଧକ୍ୟ ହଠାତ୍ ଉଂକି ମାରି
ପଚାରେ, କିଏ ପ୍ରଥମେ ଭୁଲିଗଲ ? ? ?



# ବିଷଦ ବିଷାଦ

**ଡକ୍ଟର ନାରାୟଣ ପଣ୍ଡା**

ସମ୍ମୁଖ ସମର କରିବାକୁ
ତିଆର ହେଲା ବେଳକୁ
ପଛରୁ ଭିଡ଼ି ଧରିଛନ୍ତି ନିଜଲୋକ ।
ଅପରପକ୍ଷ ହାତରେ
ଧରାଇ ଦେଇଛନ୍ତି ମାରଣାସ୍ତ୍ର ।
ପଦିକାଏ ମାଟି ପାଇଁ
ମହାଭାରତ ।
ଦୁଆର ମଝିରେ ପାଚେରୀ
ଥାନପତି ମାନଙ୍କର ରାଜନୀତି
ଈର୍ଷାତୁର ପଡ଼ୋଶୀର
ଜମିଜମା ଜାଲିଆତି ।

ହାତୀଶାଳ ଜମି
ବାରମାସ ପାଣିପାଟ ।
ସାହୁକାର ଲୁଟି ନେଲାଣି
ଘରପାଖ ଧାନକ୍ଷେତ ।

ଅସଜଡ଼ା ଚଟିଘର
ଚିରସାଥୀ ପବନ ବୟାର
ସୂତା ଲୁଗା ଖଣ୍ଡେ ସପନ ।

ନୁଖୁରା କେଶରେ
କେବେଠୁ ବାଜି ନାହିଁ ତେଲ ହାତ
ଅଭିମାନରେ ପୋଷିଲା ପୁଅ
ଦାଦନ ଖଟିବାକୁ ଚାଲିଯାଇଚି ସୁରଟ ।

ସୁଧାର ହେଲାବେଳକୁ
ମାଡ଼ିପଡୁଚି ସଂସାର
ବୋଧର ବାହାରେ
ନିୟତିର ଖେଳ ।

*ବଉଳପଦା, ବଳରାମପୁର, ଆଠଗଡ଼, କଟକ*
*ପିନ୍-୭୫୪୨୯୫*

# ସ୍ୱପ୍ନଭୁକ୍

**ଡ. ବିଦ୍ୟୁତ ପ୍ରଭା ଗନ୍ତାୟତ**

ସ୍ୱପ୍ନଭୁକ୍ !
ମୋ ପାଖକୁ ନେଇଆସ
ତୁମ ଶଂସିତ ସ୍ୱପ୍ନକୁ
ହୃଦୟର ପୀଡ଼ା ସବୁକୁ
ତୋଳି ଦିଅ ମୋ ଆଞ୍ଜୁଳାକୁ

ମୁଁ ସେମାନଙ୍କୁ ପିନ୍ଧାଇବି
ନୀଳ ଆକାଶୀ ପୋଷାକ
ଝୁଲାଇବି ମହକିତ
ବସନ୍ତ ଦୋଳାରେ
ସୁକୁମାରେ ସାଇତିବି ଦୂରେ
ଅଂଶୁଘାତ ଝାଞ୍ଜି ପବନରେ

*ଦୂରଭାଷ: ୭୯୭୮୭୨୮୨୨୦*

# ଆକାଶ

**କ୍ଷମାନିଧି ଭୋଇ**

ଦିଅ ହଜାଇ ଦିଅ ମୋତେ
ତୁମ ବିରାଟ ବକ୍ଷରେ
ଲୀନ କରିଦିଅ ନିର୍ଦ୍ୱନ୍ଦରେ
'ମୋ' ଭିତରର 'ମୁଁ'କୁ ତୁମ ଶୂନ୍ୟତାରେ ।
ମୁଁ ମୂଢ଼ମତି ଆତ୍ମସ୍ୱାର୍ଥକୁ ଜାବୁଡ଼ି ବଞ୍ଚିଛି
ଐହିକ ସଂସାରେ ଖାଲି ଆତ୍ମ ପ୍ରଚାରେ ମାତିଛି
ସେବା ନାଆଁରେ ଧନ ସମ୍ପତ୍ତି ଯୋଗାଡୁଛି
ଭିଟାମାଟି ମମତା ଭୁଲି ବିଦେଶେ ମନ ବଳାଉଛି ।
ମୋହ ମାୟା ଜାଲେ ଛନ୍ଦିହୋଇ ପଡ଼ିଛି ମୁଁ
ନିଜକୁ ନିଜେ ମୁଁ ଚିହ୍ନିବା ଦିନଠୁ
ଯାହା ଦିନକୁ ଦିନ ଆହୁରି ବଢ଼ି ଚାଲିଛି
ତା' ବୋଲି ତ,
ଦୈନନ୍ଦିନ ଦିନଚର୍ଯ୍ୟା ଭାରାକ୍ରାନ୍ତ ଲାଗୁଛି ।
କାହିଁ ଫୁରୁସତ୍ କାହିଁ ?
ଯେତେବେଳେ ଦେଖିବ ତ ଖାଲି ଧାଆଁ ଦୌଡ଼
କେବଳ ଆପଣା ସ୍ୱାର୍ଥ ହାସଲରେ
ସ୍ୱପ୍ନ ସଜଡ଼ା ଚାଲେ ଏଠି ନିଜପାଇଁ ନିଜେ

ବେଳ ସରିଯାଏ ଏମିତି ନିଜ ସୁଖ ସମ୍ଭୋଗରେ।
ଉଦାରବାଦୀ ଲୋକର କରୁଣ ଚିତ୍ର
ସଦା ସର୍ବଦା ବ୍ୟସ୍ତ ସବୁଠି ସାଲିସ କରିବାରେ
କଠୋର ନିଷ୍ପତ୍ତିଠାରୁ ସିଏ କାହିଁ କେତେ ଦୂରେ
କାହିଁକି ନା,
ଜୋର୍ ଯା'ର ମୂଲକ ତା'ର ଚାଲିଛି ସଂସାରେ।
'କିଂ କର୍ତ୍ତବ୍ୟ ବିମୂଢ଼' ମୁଁ ଏଠି
କୁଢ଼ କୁଢ଼ ସ୍ୱାର୍ଥାନ୍ୱେଷୀ ମୋ ଆତ୍ମୀୟ ଗହଣରେ
ବାଟବଣା ସାଧାରଣ ଜନତା ଆଗରେ
ବାରମ୍ବାର ବଦଳୁଥିବା ଦୁନିଆର ଚାଲିଚଳଣିରେ।
ହେ ଆକାଶ ! ଦିଅ ହଜାର ଦିଅ ମୋତେ
ଯଥା ସମ୍ଭବ ତୁମ ଶୂନ୍ୟତାର ବିରାଟ 'ଆଁ' ରେ
କାହିଁକି ନା, ମୁଁ ଚାହେଁ
କରିବାକୁ ଆତ୍ମୋତ୍ସର୍ଗ କେବଳ ତୁମରି ପାଖରେ।

*ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,*
*ଜିଲ୍ଲା ପରିଷଦ, ନୂଆପଡ଼ା (ଓଡ଼ିଶା)*
*ପିନ୍-୭୬୬୧୦୫*
*ଦୂରଭାଷ: ୯୪୩୮୨୯୨୯୩୩*

# ତୁମେ ହିଁ ସଳିତା ଅଲିଭା ଦୀପର

**ବିଷ୍ଣୁ ମୋହନ**

ତୁମେ ହିଁ ସଳିତା ଅଲିଭା ଦୀପର
ଶିଖା ଯାହାର ଅନିର୍ବାଣ, ଅବିଶ୍ରାନ୍ତ କରେ ଆଲୋକିତ
ସେ ବେଳରେ ମନରେ ଆସେନି, ମହାପୁରୁଷଙ୍କର
କାଳଜୟୀ ଗାଥା
ଅନ୍ତରେ ପ୍ରଜ୍ୱଳିତ ମୋହର, ପୀରତିର ସହସ୍ର
ଅଲିଭା ପ୍ରଦୀପ, ଯାହାର ଆଲୋକରେ
ଦୂର ହୋଇଯାଏ ମାନସରୁ ବିଦେହୀ ଅନ୍ଧକାର।
ଜୀବନରେ ଆମ ପୀରତିର କାହାଣୀ, ସତେଯେପରି
ପରିପ୍ରକାଶ କରେ ମେଘ ଆଉ ମାଟିର ସଂଭୋଗ, ଅବା
କୁମୁଦ ଆଉ ଭ୍ରମରର ପୀରତିର ଖେଳ
ନିଷ୍ପ୍ରାଣ, ବିବିକ୍ତ ହୋଇଥିବା ପ୍ରାଣପକ୍ଷୀ ମୋର ଆଜି
କାମନାର ଚିଲ ପରି ଉଡୁଛି, ଆକାଶ ଛାତିରେ, ଆପଣେଇ-
ନେବାକୁ ତୁମକୁ, ପ୍ରୟାସ ମୋର ଜାରି ରହିଥାଏ
ଆସନ୍ତୁ ଯେତେକ ଶତରୂପାମାନେ, କରିପାରିବେନି ତାଙ୍କ
ପ୍ରେମ ଫାଶରେ ବଂଧନ ମୋର ସ୍ଥିତି, ସ୍ଥାପକତାକୁ କେବେ
ଛାଏଁ ଛାଏଁ ଲେଖାହୋଇ ଯାଇଛି ଆମ ଜୀବନର ନିଷ୍କଳ ଇତିହାସ
ସମୟ ପୃଷ୍ଠାରେ
ମୁଁ ପାଲଟିଯାଏ ପଛେ ଦରପୋଡ଼ା ସ୍ମୃତି ତୁମ ମାନସରେ,
କିନ୍ତୁ ପାରିବିନି ତୁମକୁ ମୁଁ ଛାଡ଼ି କେବେ
ତୁମେ ମୋର ପ୍ରାଣର କବିତା, ମନେ ପକାଇଲେ, ଆମ ଦୁହିଁଙ୍କର
ପୀରତିର ଗାଥା, କେଜାଣି କୁଆଡ଼େ ଉଭାନ୍ ହୋଇଯାଏ
ଅନ୍ତଃଜ୍ୱାଳାର ଉଷ୍ଣତା
ତୁମେ ଜୀବନ ରଂଗମଂଚରେ ଲଟେଇ ହୋଇଥିବା ଏକ
ସବୁଜିମା ଭରା ଲତା
ମନେପଡ଼େ ଆଜି ସେହି ନୀତିବାଣୀ "ଯତ୍ର ନାର୍ଯ୍ୟା ପୂଜ୍ୟନ୍ତେ,
ରମ୍ୟନ୍ତେ ତତ୍ର ଦେବତା"
ରାତ୍ରିର ବିଜନବୀଣାରେ, ତୁମେ ହିଁ ମୋହର
ଆଶାବରୀ ରାଗର ଲହର
ମଜ୍ଜିଯାଏ ମୁଁ ପୀରତିର ରମଣୀୟ କ୍ରୀଡ଼ାରେ
ତୁମେ ହିଁ ପ୍ରିୟା ମୋର, ଅସୀମିତ ଆବେଗର
କୁସୁମିତ ଫୁଲ, ହୃଦୟର ଡାକ, ସଂପର୍କର
ଅଣଭୁଲା ମନ୍ତ୍ର
ତୁମର ପଦଯୁଗଳରେ ଅଳତାର ଗାର, ମୋ' ଅନ୍ତରେ
ସୃଷ୍ଟି କରେ, ସୁନ୍ଦରୀ ଉର୍ବଶୀର, ମନମତାଣିଆ ଛବି
ବୋହୁଥିବା ଶିରିଶିରି ପବନ ଲାଗିଲେ ଦେହରେ,
ଲାଗଇ ଯେପରି କୁଣ୍ଢାଇ ଆଲିଙ୍ଗନ କର ମୋତେ
ଥାପିବାକୁ ଚିର ବଂଧନର ସଂପର୍କ।
ତୁମେ ହିଁ ମୋ'ର ସାତସପନର ସତ୍ୟଟିଏ
ଆସିଗଲେ ଯେତେକ ଅବସାଦ, ଭୟରେ ପଳାଇଯାନ୍ତି
କେଜାଣି କୁଆଡ଼େ
ସ୍ଥିତିଗତ ସଂଘାତ ଭିତରେ, ଆତ୍ମାର ତ୍ରିବିଧ ସ୍ତରରେ,
ଯଂତ୍ରଣାର କରି ଅବସାନ
ସରାଗ, ସୁହାଗ, ସୁକୁମାର ରୂପଟି ତୁମର
ଝଲସି ଉଠୁ ସଦା ମୋ' ଜୀବନ ମଂଚରେ, ଯାହାକୁ
ଦେଖି ଦେଖି, ମହା ଆନନ୍ଦରେ ଝଲିଯିବି ଆରପାରେ।

*ଦୂରଭାଷ: ୭୨୦୫୭୫୮୨୫୫*

# ହେ ! ସମୟ

**ଡାଃ ମନୋରଞ୍ଜନ ଦାଶ**

ହେ ! ସମୟ ! ତୁ କେତେବେଳେ ଜଟିଳ ତ
କେତେବେଳେ ସରଳ ।
ବୈଚିତ୍ର୍ୟତା ହିଁ ତୋ ସମ୍ଭାର ।
ତୋ ଇଚ୍ଛା ହିଁ ତୋ ପାରାବାର ।
ମୁଁ ଜୀଇଁବା ଶିଖୁଛି ତୋତେ ନୀରିକ୍ଷଣ କରି...
ନ ହେଲେ... ବାଟ ଚାଲିବାଟା ହୋଇଯିବ ମୋ ପାଇଁ,
ଖୁବ୍ ଯନ୍ତ୍ରଣାର...
ତୋ ନିଷ୍ଠୁରତାକୁ ସହିବା ଶିଖୁଛି ଆଉ ତୋ ସରଳପଣରେ
ହେଉଚି ବିଭୋର...
ତୁ ଦେଉ, କେତେବେଳେ ପୁରସ୍କାର ତ ତିରସ୍କାର ।
ସବୁକୁ ସହି ବହି ଚାଲୁଚି, ଛାତି ମୋର ।
ମୁଁ ଯେ ଆପଂକ୍ତେୟ ଏଇ ଦୁନିଆର ।
ପଡ଼ି ଉଠି ବାଟ ଚାଲିବାକୁ ଆବେଗ ମୋର ।
କାହିଁକି ପରଖିବି ଯେ, କିଏ ଏଠି ପର ପୁଣି
କିଏ ଏଠି ନିଜର ।
ସମସ୍ତେ ମୋର ଆପଣାର...
ମୁଁ ନ ହୋଇପାରେ କାହାର !
ତା ତ ମୋ ଦୁର୍ଭାଗ୍ୟର...
ଏ ସବୁ ସମୟର ଖେଳ ।

*ପ୍ରଭାବତୀ ନିଳୟମ୍, ଚୂନକିହ,*
*ପଟ୍ଟାମୁଣ୍ଡାଇ, ଜି: କେନ୍ଦ୍ରାପଡ଼ା*
*ଦୂରଭାଷ: ୯୪୩୭୩୧୭୭୨୨*

# ଛେଳି

**ମୋହନ କୁମାର ସ୍ୱାଇଁ**

ସେ ଆଉ ମାଣିକ ହୋଇ ନାହିଁ
ତା ଦୁଃଖକୁ ଗଣ୍ଠିଲି କରି
ସେ ରଖି ଦେଇଛି
କୋଉ ଜାମୁକୋଳି ଗଛ
କୋରଡ଼ ଭିତରେ
ଜାଣି ଜାଣି ଆଉ କାନ୍ଦୁନାହିଁ
ଆଗ ପରି ଲୁହ ଗଡ଼େଇ ।

କଂସେଇର ନାଲି ଆଖିକୁ
ତାର ଭୟ ନାହିଁ
ଭୟ ତାର ଗେହ୍ଲେଇ ହୋଇ
ଆଉଁସୁଥିବା ମାଲିକ ଉପରେ
କେରାଏ ଦୁବଘାସର ପ୍ରବଞ୍ଚନା
ସେ ପଢ଼ିସାରିଛି ପୂର୍ବ ପୁରୁଷଙ୍କ
କାନ୍ଦୁରା ମୁହଁରୁ ।

ତାଳ ପତ୍ରରେ ପେଟ ବଞ୍ଚେ ସିନା
ମନ ମରେ, ପ୍ରତି କ୍ଷଣରେ
ଦିନ ସବୁ ମାସ ପରି ଲାଗେ
ମାସ ସବୁ ବର୍ଷ ପରି
ମରି ମରି ଜୀଇଁବାକୁ ପଡ଼େ
ଆଶଙ୍କାର ଚକ୍ରବ୍ୟୁହରେ ।

ତା କଳା ମୁଟୁମୁଟୁ ଦେହ
ରକ୍ତ ମାଂସର ବାସନା
ଗୋଟେ ଚୁମ୍ବକର ପ୍ରବାହ
ଗୋଟେ ଆସକ୍ତିର ମାୟା ଜାଲ
ଗୋଟେ କଂସେଇର ଚାକୁ ।

ତା ପିଲାର ସ୍ନେହାବୋଳା ଡାକ
ତା ମାଆର ବିକଳ ମୂର୍ଚ୍ଛନା
ତାକୁ ଅଟକାଇ ପାରିବନି
ଗଛ କୋରଡ଼ରେ ଲୁଚାଇଥିବା
ଜୀବନକୁ
ଆଉଁସୁଥିବା
ଛଦ୍ମବେଶୀ ମଣିଷ ହାତରୁ ।

*ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର*
*ଦୂରଭାଷ: ୮୧୨୮୦୯୯୦୩୮*

# ଏଥର ତମେ ଆସ

**ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ**

କିଛି ନୁହେଁ ନୂଆ
ସବୁସେଇ ପୁରୁଣା
କ୍ୟାଲେଣ୍ଡରରେ
ବଦଳେ ଯାହା ମସିହା

ଆମେ ବଦଳିଗଲେ
ବଦଳିଯିବ ଦୁନିଆ
ସବୁକିଛି ଲାଗିବ ଆମକୁ ନୂଆ ।

ବିତିଯାଉଛି ସମୟ
ଗଡ଼ି ଚାଲିଛି ବର୍ଷ ପରେ ବର୍ଷ
ବଢୁଛି ଅବିଶ୍ୱସନୀୟ
ମଣିଷ ମଣିଷ ଭିତରେ
ଛିଡୁଛି ସମ୍ପର୍କର ଖିଅ
ଭଲ ପାଇବାରେ ଲାଗିଛି
ଛିଟା ଛଳନାର
ମମତାର ମିଛ ଜାଲରେ
ଛନ୍ଦି ହୋଇ ପଡୁଛି ଜୀବନ ।

ସ୍ୱାର୍ଥପରତାରେ ଉବୁଟୁବୁ ସଂସାର
କାବୁକରିଛି ଆମକୁ ଅହଂକାର
ଆତ୍ମୀୟତା ଛଡ଼େଇ ନେଇଛି ଅବିଶ୍ୱାସ
ଆମକୁ ଅନ୍ଧକରିଦେଇଛି ମୋହ
ଆମେ ସବୁବେଳେ ପାଇଁ
ନିଜେ ବ୍ୟସ୍ତ ଓ ବିବ୍ରତ ।

ପ୍ରତିବର୍ଷ ଆସୁଛି ନୂଆବର୍ଷ
ଯାଉଛି ପୁରୁଣା ବର୍ଷ
ବଦଳୁନି ଆମ ମଣିଷଙ୍କ ଚରିତ୍ର
ଯଦି ବଦଳେଇ ପାରୁନ
ମଣିଷଙ୍କ ନିଷ୍ଠୁର ହୃଦୟ
କାହିଁକି ତାହାଲେ ତମେ ଆସୁଛ ଯେ,
କିଛିବିତ ନୂଆ ଆଣୁନ
ସୁଧୁରି ଯିବ ସମାଜ
ଏ ଉଦଭ୍ରାନ୍ତ ମଣିଷ ବାଣ ରୋଷଣୀରେ ତମକୁ କରୁଛି ସ୍ୱାଗତ ।

କୁହ, ତମେ ଆସିବାପରେ
କିଛି ଘଟିବନିତ ଅଘଟଣ
ବଦଳି ଯିବେକି କୁମଣିଷ
ସମାଜରେ ଆସିବକି ସଂସ୍କାର
ଯୁବ ଚେତନାରେ ଭରିବକି ଦେଶ ପ୍ରେମ
ତେବେ ତମେ
ଆସ ଏଥର ନୂଆବର୍ଷ ।

*ସଭାପତି 'ସଖା'*
*ମୂଷାଙ୍ଗ, କୋହ୍ଲ, ତିହିଡ଼ି, ଭଦ୍ରକ*
*ଦୂରଭାଷ: ୮୮୯୫୫୮୮୯୦୫*

# ଆଶାଛନ୍ନ

**ଭାନୁମତୀ ସାହୁ**

ଏଇ ତ ଉପସ୍ଥିତି ଜାହିର୍ କରି ଆନ୍ଦୋଳନ ଶବାୟିତ ହେଲା
ଗାଁରୁ ସହରଯାଏଁ ମଣିଷଗୁଡ଼ା ହାଉଜାଉ ହେଲେ
ଜୀଇଁବାର ତାତିଲା ନିଶ୍ୱାସରେ ସ୍ୱପ୍ନକୁ ଖୋଜିଲେ
ବାସ୍ କେଇଦିନ ପରେ ପୁଣି ଥମିଗଲେ
ନୀରବତାର ସ୍ଥାଣୁତ୍ୱ କ୍ଳାନ୍ତଶ୍ରାନ୍ତ କରି ଦେଲା କି
ପରାଜୟ ବନ୍ଧନରୁ ମୁକୁଳିବାକୁ ଥିବା ମନଟି
ଉନ୍ମାଦନାରେ ଆଉ ଚିକ୍ ଚିକ୍ କଲାନି ।
ପେଟରେ ମଦମାଂସ ଭରି କରିଦେଲା ପରେ
ହାତରେ ଧରିଥିବା ସ୍ୱାଧୀନତାର ଦାମ୍ଭିକତାର ସ୍ୱରରେ
ସଂଗ୍ରାମୀଙ୍କ ପ୍ରତ୍ୟାଶାର ଝଲକ ମାଲୁମ୍ ପଡୁନି କେମିତି ?

ଜନତାଙ୍କ ନିର୍ବାଚନରେ ଅବତୀର୍ଣ୍ଣ ହୋଇ
ନିଜର ଭାଗକୁ ଆପଣେଇ ନେଉ ନେଉ
ନିଜ ଜନ୍ମଭୂମି ଓ ମା' ପାଖରେ ସ୍ୱାଭିମାନକୁ ହରେଇ
କେତେଦିନ ପ୍ରହେଳିକା ଭିତରେ
ମୁଠାଏ ଅବିର ମାୟାଜାଲରେ ବିଞ୍ଚିବ !

କିନ୍ତୁ ମା' ତ ଆଖିବୁଜି ଦେବନି
ସେ ପରା ତୁମକୁ ଆଲୋକ ଦେଖାଇଛି
ତା ପାଖରେ ପାତର ଅନ୍ତର ନାହିଁ
ସମସ୍ତଙ୍କୁ ସମାନ ଦୃଷ୍ଟିରେ ସର୍ଜନା କରିବାକୁ ଋହେଁ
ତମେ ଦାନବ ପାଲଟିଯାଇ ସ୍ୱାହା କରନି ଗଣତନ୍ତ୍ରର ସ୍ୱାଦ
ହଜମ କରି ପାରିବନି ଅନ୍ୟର ଦୃଷ୍ଟିର ଆଢୁଆଳରେ
ଗଣତନ୍ତ୍ର ସର୍ବଦା ଜାଗ୍ରତ
କୋଟିକୋଟି ଜନତାଙ୍କ ଆଶାର ଝଲକ
ସେମାନଙ୍କ ଭବିଷ୍ୟତକୁ ଶୋଷଣ କରି
ନିଜେ ହେବ କବଳିତ
ଆମର ଗଣତନ୍ତ୍ର ନୁହେଁ କ୍ଳାନ୍ତ
ସେ ତ ସ୍ୱଚ୍ଛର ପୋଷାକ ପିନ୍ଧି
ଅହିଂସାର ମନ୍ତ୍ରରେ ମନ୍ତ୍ରିତ ହୋଇ
ଖୋଜୁଛି ସୁନାର ଦେଶ ।

ଯଦି ଗଣତନ୍ତ୍ରର ବାସ୍ନାରେ ବିମୋହିତ
ପୋଛିଦିଅ ତାର କଳଙ୍କର ଟୀକା
ଅଭ୍ୟୁଦୟ ହେଉ ଭଲପାଇବାର ସୂର୍ଯ୍ୟ
ଅହର୍ନିଶ ବାସ୍ନାୟିତ ହେବ ଆମ ଦେଶ
ପାପର ଚକ୍ରବ୍ୟୂହ
ହାରିଯିବ ଗଣତନ୍ତ୍ରର ରଣାଙ୍ଗନରେ
ଅଭୟର ହସ୍ତ ଖସିଯିବନି ତୁମରି ମସ୍ତକରୁ
ହଜିଯିବନି ପାଟ ମଠା
ନୀରବତାର ପୁଲକସ୍ପର୍ଶରେ
ସୁନ୍ଦର ଦିଶିବ ଆମର ଦେଶ ॥

*ସଂପର୍କ:- ଅନ୍ୱେଷଣ, ୫୨/୨ ଭାଗବତ ସନ୍ଧାନ,*
*ଜି.ଜି.ପି., ଭୁବନେଶ୍ୱର*
*ଦୂରଭାଷ: ୬୩୭୧୮୧୩୬୫୫*

# ଦେବଦୂତ

**ରାହାସ କୁମାର ବେହେରା**

ଜୀବନ ଯୁଦ୍ଧରେ ହାରିଯାଉଥିବା ମଣିଷ,
କେହି ଥାଆନ୍ତୁ କି ନ ଥାଆନ୍ତୁ-
ଯନ୍ତ୍ରଣାରେ ନିତି ହୁଏ ଛଟପଟ,
ନା କହିପାରେ କାହାକୁ,
ନା ସହିପାରେ ଦୁଃଖ, ଅବସୋସ ଓ ଅବସାଦ।

କର୍ମକୁ ଆଦରି ପଡ଼ିରହେ ସେହିପରି।
ନ ମିଳିଲେ କାହାର ପଦେ ଆହା ବାଣୀ,
ନ ମିଳିଲେ ଏତେ ଟିକେ ଆଶ୍ୱାସନା-
ଦେହ, ମନକୁ ଭାରି ବାଧେ;
ଚାରିଆଡ଼େ ଲାଗେ ଶୂନ୍ୟ, ଶୂନ୍ୟ- ମହାଶୂନ୍ୟ !
ଏକାକୀ ଯୁଝିବା ଛଡ଼ା ଆଉ କିଛି ଉପାୟ ମିଳେନି।

ଲୋକ ଆଶା ରଖେ ନିଜ ଲୋକଙ୍କଠାରୁ-
ପ୍ରତିବେଶୀ, ପରିବାର, ଭାଇ, ବନ୍ଧୁ, କୁଟୁମ୍ବଠାରୁ;
କିନ୍ତୁ ନାନା ବାହାନାରେ ଦୂରେଇ ଯାଆନ୍ତି ସମସ୍ତେ,
ନିଜ ସ୍ୱାର୍ଥ ଦେଖି ନୀରବି ଯାଆନ୍ତି;
ଅଭାବରେ ସବୁଥିବା ଲୋକଟା ମରୁ କି ବଞ୍ଚୁ।

ତଥାପି ହାରେନା ସେ,
ବିଶ୍ୱାସ ରଖେ ନିଜ ଉପରେ, ଭାଗ୍ୟ ଓ ଭଗବାନ-
ଆଉ ନିଜ କର୍ମ ଉପରେ,
ସେ ବଞ୍ଚିତ, ସେ ତିଷ୍ଠିବ ନିଶ୍ଚୟ।

ଈଶ୍ୱର ଆସନ୍ତି- ସେ ନିଶ୍ଚୟ ଆସନ୍ତି।
ନିଜର ଆତ୍ମସମର୍ପଣ ପରେ, କିଛି ଲୁହରେ-
ଧୋଇଗଲେ ମିଛ ଗର୍ବ ଓ ଗାରିମା,
ମିଛ ଆଶା, ଭରସା, ଅହଂ ଓ ଅହଙ୍କାର।

ଈଶ୍ୱର ଆସନ୍ତି-
ଦେବୀ ରୂପରେ କି ଅପରିଚିତ ବ୍ୟକ୍ତି ରୂପରେ,
ଅଜଣା ଅଶୁଣା ଭାବନା, ବିସ୍ମୟ ସପନ-
ଓ ଅଦୃଶ୍ୟ କାହାଣୀ ନେଇ;
ସଞ୍ଜରେ ହେଉ କି ରାତିରେ, ସକାଳେ ହେଉ କି ଦିନରେ,
କେଉଁ ଏକ ମାହେନ୍ଦ୍ର ବେଳାରେ।

ଆଉଁସି ଦିଅନ୍ତି ଅବଶ ଶରୀର,
ଚେତେଇ ଦିଅନ୍ତି ସୁପ୍ତ ମନ;
ମିଳେ ଟିକେ ଆରାମ, ମିଳେ ଟିକେ ଆଶ୍ୱସ୍ତି।
ଦୂରେଇ ଯାଏ ନୈରାଶ୍ୟ,
ବିକ୍ଷିପ୍ତ ଚିନ୍ତା ଓ ଚେତନା।

ମନେ ପଡ଼େ ସେ ଅମାବାସ୍ୟା ରାତିର ଝଡ଼,
ସେ ବେଦନାଭରା ଦୁଃଖ ଓ ହତାଶା;
ଅସହ୍ୟ ଅସୁସ୍ଥତା, କଷ୍ଟର ଚିତ୍କାର।

ପ୍ରଣାମ ସେଇ ଦେବଦୂତ ନାରୀରୂପା ଈଶ୍ୱରୀଙ୍କୁ
ଯିଏ ପାଖରେ ଉଭା ହେଲେ;
ଦେଲେ ଅମାପ ଧୈର୍ଯ୍ୟ, ଐଶ୍ୱରିକ ପ୍ରବୋଧନା,
ଭଲପାଇବାର ବିରଳ ଆଶୀର୍ବାଦ-
ବଞ୍ଚିଗଲା ସେବେଳର ଏକ ତ୍ରସ୍ତ କଳେବର।

*ବାଲ୍ୟମ୍ବା, ଭାପୁର, ଢେଙ୍କାନାଳ-୭୫୯୦୧୫*
*ଦୂରଭାଷ: ୯୪୩୮୧୧୪୩୬୮*

# ଶୀତ ସକାଳ

**ଡାକ୍ତର କୃଷ୍ଣ ଚନ୍ଦ୍ର ରଥ**

ଶୀତ ସକାଳଟା
ନିଦୁଆ ନିଦୁଆ ଆଖିରେ
ବୋଳି ଦେଇଛି ଆକାଶୀ ରଙ୍ଗର ସ୍ୱପ୍ନ

ଶୀତଳ ପବନରେ ଭିନି ଭିନି ବାସ୍ନା,
ସବୁଜ ପତ୍ର ଗହଳିରେ
ଶ୍ୱେତ ବେରଙ୍ଗ ଫୁଲଙ୍କର
ପବିତ୍ର ଆକର୍ଷଣ ।

ନାଲିନାଲି ବର ଫଳ ସାଙ୍ଗରେ
ଗୁଣ୍ଡୁଚିର ଖେଳ, ଆରୋହଣ-ଅବତରଣ ।
ଖଣ୍ଡାପରି ସବୁଜ ଘାସ
ଧାରାରେ ବୁନ୍ଦାବୁନ୍ଦା କାକର ।
ମୁକ୍ତାର ଝଲକ ।

ମୁକୁଳା କଢ଼ିର ମହକ ପଥରେ
ସୁନା ସପନର ମିଠା କୁହୁକ
ସକାଳ ସୂରଯ ଅତୀତକୁ ଟାଣି ନେଲା ।
ମନ କହୁଛି, କେବେ ନା କେବେ
କେଉଁଠି ନା କେଉଁଠି
ଏଇ ଦେହଥରା ଶୀତରେ
ସେହି ପୁଣି ଥରେ ଆବାଜ ଦେବ ।
ତୁମେ ଆସିବ,... ଆସିବ ।

ସେ ଦିନ
ନିରାଶ ମନ, ଶିଥିଳ ଦେହ,
ଛାତିରେ ଛାତିଏ ତାତି
ଘର କଣର ପଲଙ୍କରେ
ଶୁଖିଲା ପତ୍ର ପରି ଆଖି
ତୁମର ଭଙ୍ଗାଭଙ୍ଗା ସ୍ୱପ୍ନ
ତୁମେ ତ ଜାଣିଥିଲ ମୋ ଠିକଣା
ଲୁଚୁକାଳି ଖେଳ,
ହଠାତ୍, ସାମନାରେ ଠିଆ ହୋଇ
ଛାତିକୁ ଛୁଇଁଲ
ତାତି ପରଖିଲ ।

ଗୋରା ଗୋରା ହାତର
ଗୋଲଗୋଲ ଆଙ୍ଗୁଳିରେ
ଓଠକୁ ଛୁଇଁ ଆଶ୍ୱାସନା ଦେଲ
ଟଣାଟଣା ଆଖିର କଜଳ
ଲାଜେଇ ଗଲା, ଶୀତଳ ପବନ
ହେମାଳ ପାଲଟିଗଲା ।

ତୁମେ ତ ପରୀ ସାଜି ଆସିଥିଲ
ଜ୍ୟୋତି ହୋଇ ଫେରିଗଲ
ମୁଁ ହୋଇଗଲି କବି କଳ୍ପନାର
ତୁମେ ହୋଇଗଲ କବିତା
ଶୀତ ସକାଳର ।

*ମକେ-୪, ପ୍ଲଟ- ୧୪୭୦, କଳିଙ୍ଗ ବିହାର,*
*ପାତ୍ରପଡ଼ା, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୧୬୩୭୬୩*

# ତୁମ ପାଇଁ କବିତା

**ଗୋପାଳ ଚନ୍ଦ୍ର ମିଶ୍ର**

ତୁମେ ଜୀବନର ଏକ ଅଛିଣ୍ଡା ଗଣିତ
ତୁମକୁ କଷି ଚାଲିଛି ଜୀବନ ତମାମ,
ନାଁ ପାଇଛି ସମାଧାନ ନାଁ ପାଇଛି ସିଦ୍ଧାନ୍ତ,
ତୁମକୁ ବୁଝିବା ପାଇଁ ଏ ଜନ୍ମ ବି ନିଅଣ୍ଟ ।

ଜୀବନର ଦିଗନ୍ତ ବ୍ୟାପୀ ଉପତ୍ୟକାରେ
ତୁମେ ଭାସି ଆସୁଥିବା ଏକ ଅସ୍ପଷ୍ଟ ଶବ୍ଦ,
ନାଁ ବୁଝିହୁଏ ଅର୍ଥ, ନାଁ ଠଉରେଇ ହୁଏ ଦିଗ,
ଶବ୍ଦଭେଦୀ ବାଣର ସାଧନା ମୋ ପାଖେ ଅସାଧ୍ୟ ।

ତୁମେ ଶ୍ରାବଣର ଦିଗନ୍ତ ବିସ୍ତାରୀ ବନ୍ୟା ଜଳ
ଉବୁଟୁବୁ ହୋଇ ଆକ୍ତାମାକ୍ତା ହେବା ଯାହା ସାର,
ନାଁ ମାନେ ବନ୍ଧ ବାଡ଼, ନାଁ ଅଛି ଥଳକୂଳ,
ତୁମକୁ ବୁଝିବା ପାଇଁ ମୋ ହୃଦୟ ବିଫଳ ।

ତୁମେ କିନ୍ତୁ ସୁନେଲି ସନ୍ଧ୍ୟାର ନିରୋଳା ବେଳାଭୂମି
ଅଦୂର ଝାଉଁ ବଣର ମର୍ମର ସଂଗୀତ,
ଭରିଦିଅ ପ୍ରାଣେ ମୋ'ର ପରମ ପ୍ରଶାନ୍ତି,
ମନର କାନ୍‌ଭାସରେ ଆଙ୍କି ଦେଇପାର ଜୀବନର ଚିତ୍ରପଟ ।

*ଅବସରପ୍ରାପ୍ତ ବରିଷ୍ଠ ଲେଖା ଅଧିକାରୀ, ଅରିଲୋ, କଟକ*
*ଦୂରଭାଷ: ୮୪୫୭୯୩୧୦୫୬*



# ଶବ୍ଦ ଅସ୍ତ୍ର

**ନୃସିଂହ ବେହେରା**

କ୍ଷେପଣାସ୍ତ୍ର ଠାରୁ କ୍ଷିପ୍ରତର ହୋଇ
କ୍ଷଣକରେ ଭେଦି ଯାଇ
ଖେଦି ପାରେ ପ୍ରଶାନ୍ତ ସାଗର ।
ଭୁକମ୍ପରେ ଭିଜେଇ ହଯାଏ
ବସନ୍ତ ବସତି
ଝଡ଼ରେ ଜଡ଼େଇ
ଝାଡ଼ିପାରେ ପଲ୍ଲବିତ ପ୍ରୀତି ।
ବୈଶାଖରେ ଆଖି ହୋଇ
ଦଗ୍ଧ କରେ ବିମୁଗ୍ଧ ସଂପ୍ରୀତି
ତଥା ଦାରୁଣ ଶ୍ରାବଣ ସାଜି
ଲୁହରେ ବୁଡ଼ାଏ
ଆଗ ପଛ କିଛି ନ ବିଚାରି ॥
ଦୃଶ୍ୟପଟ୍ଟ ବଦଳାଉଥିବା
ଶବ୍ଦର ଏ ମାରଣାସ୍ତ୍ର ଏମିତି ସେମିତି ନୁହେଁ
ସାମର୍ଥ୍ୟକୁ ତା'ର ସରି ହେବ ନାହିଁ
ପାଶୁପାତ ତଥା ସୁଦର୍ଶନ ସମେତ
ପ୍ରଗତିରୁ ପ୍ରସ୍ଫୁଟିତ ସକଳ ରସଦ ।
ସ୍ଥୁଳର ଭଗ୍ନାଂଶ ଦେଖାଇ
ଅସ୍ତ୍ର ସିନା ଦେହକୁ କାଟେ
କିନ୍ତୁ ଶବ୍ଦର ତୀକ୍ଷଣ ଅସ୍ତ୍ର
ମନକୁ କାଟି କୁଟି ଖିନ୍‌ଭିନ୍ କରିପାରେ
ଅକଳ୍ପନୀୟ କ୍ଷମତା ବିସ୍ତାରି ॥
ଆଘାତରେ ତା'ର
ଛାର ଖାର ହୋଇଯାଏ
ସୂକ୍ଷ୍ମ ସତ୍ତାର ସତ୍ୱ,
ସର୍ଜନାର ସ୍ୱାଗତିକା ତତ୍ତ୍ୱ ସାଥେ
ସ୍ୱଚ୍ଛନ୍ଦରେ ଚଳିତ ଚଳଣି
ସେହି ଅସ୍ତ୍ରର ପ୍ରୟୋଗ
ନ କରିଛି କ'ଣ ?
ଆମନ୍ତ୍ରି ଆଣିଛି ମହାଭାରତ ଯୁଦ୍ଧ
ସାରିଛି ଅସୁମାରୀ ମାନବରୁ
ମାନବିକତା ବିନାଶର ବିଭୀଷିକା ଦେଇ ॥
କେବଳ କୁରୁପତି ପ୍ରତି
ଯାଜ୍ଞସେନି କଟାକ୍ଷ ଆଧାର କରି ।
କାଲିରୁ ଆଜି ଯାଏ
ଦିନକୁ ଦୁର୍ଦ୍ଦିନ ଆଉ
ଜହ୍ନକୁ ବିଦିର୍ଣ୍ଣ କରି
ଶକ୍ତିମାନ ସାଜିଛି
ଶାଣିତ ଜିହ୍ୱାର ଜହର
ବ୍ୟକ୍ତିର ବ୍ୟକ୍ତିତ୍ୱକୁ ବ୍ୟବଚ୍ଛେଦ କରି ॥
ପ୍ରୟୋଗରେ ତାର
ପ୍ରତିହିଂସା ପ୍ରଚଣ୍ଡ ତାଣ୍ଡବ ରଚେ,
ଆଉ କେଉଁଠି ଦାବାନଳ
ସବୁତକ ସବୁଜିମା ନାଶେ ।
ଧନୁରୁ ତୀର ପରି ବନ୍ଧୁକରୁ ଗୁଳି
ହୁଏତ ଲକ୍ଷ ହରାଇପାରେ
ପରନ୍ତୁ ଏ ଶବ୍ଦ ଅସ୍ତ୍ର
ସାରାକାଳ ଅବ୍ୟର୍ଥ ଅମୋଘ ।
ବିବେକର ଲଗାମରେ
ରସନାକୁ ଆୟତ୍ତ ନ କଲେ
ଅଯୁତ ତକ୍ଷକ ନିଶ୍ଚୟ
ଉତ୍ପାତ କରିବେ ।
ବିବେଚନା ଆପଣେଇ
ସଂଜତରେ ସନ୍ଧି ମାନି ନେଲେ
ତଥା ଗତୀୟ ତଥାସ୍ତୁରୁ ଶେଫାଳି ଝରିବ
ଆଲୋକିତ ପ୍ରଜାପତି ॥

*ରାଜକନିକା, କେନ୍ଦ୍ରାପଡ଼ା-୭୫୪୨୨୦*
*ଦୂରଭାଷ: ୯୯୩୮୬୪୬୦୩୪*

# ଅନ୍ଧାରଘେରା ଆଲୁଅ

**ପଲ୍ଲବୀ ଦାସ**

ଜାଣେ ତୁ ପାଖରେ ଅଛୁ
ଅଭିମାନ କରିବି କାହିଁକି ?

କାନ୍ଧବଳ, ବର୍ଷାଜଳ, ବାଡ଼ିଫଳ, ଅଧିକାର
ସବୁ ତ ଦେଇଛୁ, ତୋତେ ନନ୍ଦିବି କାହିଁକି ?

କ୍ଷତ ଶୁଖେଇଛୁ,
ଝଡ଼ପରେ ବି ଚାଳକୁ ଛପରଦେଇଛୁ
ରୋଗରୁ ଉଠେଇଛୁ
ନିରାଶ ବେଳେ ତୋ ଫୋଟରୁ ସାନ୍ତ୍ୱନା ଝରେ
ମୋର ସ୍ୱପ୍ନ ବୋଲି କିଛି ନାହିଁ

ଏତେ ବାଟ ତ ହାତଧରି ନେଲୁଣି
ତୁ ଥା' ମୋ ଭରଷା ହୋଇ।

ଜାଣେ, ଛେଉଣ୍ଡ ବଡ଼ ଅଣଦେଖା ହୁଏ
ଆଖି ଫିଟିଲାବେଳକୁ ଛଳନାର ଜାଲ,
ତୁ ଦେଖିଛୁ ମୋର ଆଲୁଅ ଅନ୍ଧାର
ଏ ଭେଳିକି ବଜାରରେ ମୁଁ
ସମର୍ଥ ହେବା ଶିଖିଗଲିଣି।

ଢେର କାନ୍ଦିଛି, ତୋତେ ଗାଳିବି ଦେଇଛି
ଏକା ଏକା ଜୀବନ ଠେଲିନେବା ପାହାଡ଼ ଠେଲିବା ପରି,
ଦିନେ ବି ମାଗିନି ଜଗା ତୋତେ-
ଗୋଲାପୀ ସୁଖର ଘୁଙ୍ଗୁର
ପଟେ ପାଉଁଜିରେ ଲୋଭ ନାହିଁ ମୋର
ତୁ ତ ମୋ ପ୍ରାଣର ଦେବତା,
ମୁଁ ଜାଣେ ଆଖି ଲକ୍ଷ୍ୟଭେଦ କରିପାରିଲେ-
ତାହା ହେବ ଜିତାପଟ
ଶୁଖିଲା କାଠରେ ପତ୍ର କଅଁଳିବ।
ତୁ ନିଦରେ, ପାହାନ୍ତାରେ, ଗାଧୁଆଘାଟରେ
ଅଛୁ ମୋ ସହ ସବୁବେଳେ,
ପବନ ବହିଲେ - ତୋ ସ୍ପର୍ଶ ପାଉଛି,
ଅବ୍ୟକ୍ତ ଅଦେଖା ଅଶୁଣା ହୋଇ ତୁ ଥା
ମୋର ଖୋଜା ଚାଲୁଥାଉ ଜନ୍ମଜନ୍ମାନ୍ତର
ସେଇ ସନ୍ଧାନ ପଥ ହିଁ ମୋ ଜୀବନର ସାରାଂଶ।

*ଜୁନାଗଡ଼, କଳାହାଣ୍ଡି*
*ଦୂରଭାଷ: ୮୬୫୮୭୪୦୨୯୧*

# ଉତ୍କଳିକା

**ଡଃ. ସଞ୍ଜୟ କୁମାର ତ୍ରିପାଠୀ**

ଉତ୍କଳ ଦିବସ ଆସିଛି
ଦୁର୍ଘଟଣା ଓ ଅପମୃତ୍ୟୁର ମଧ୍ୟବର୍ତ୍ତୀ ଇଲାକାରେ
ଦିନ ଦି ପହରରେ ଲଜ୍ଜାର ଗତାୟୁ ଇତିହାସରେ
ଗୋଷ୍ଠୀ ସଂଘର୍ଷ ଓ ଅନାହୂତ ହିଂସାର ପ୍ରାବଲ୍ୟରେ।
ଉତ୍କଳ ଦିବସ ଆସେ
ଆ କା ମା ବୈ ର ମହାନ୍ ପରମ୍ପରାରେ
ଅମୃତ ଐତିହ୍ୟ ଓ ସୁଷମ ବିକାଶର ରୋମାଞ୍ଚରେ
ସର୍ବତ୍ର ପରିବ୍ୟାପ୍ତ ଏକ ଅଜଣା ଆତଙ୍କରେ।
ଉତ୍କଳ ଦିବସ ଆସିଛି
କ୍ରମ କ୍ଷୟିଷ୍ଣୁ ମୂଲ୍ୟବୋଧର ବ୍ୟାପକ ବିପଣୀରେ
ପ୍ରତିବାଦ ଓ ପ୍ରତାରଣାରେ ଘଞ୍ଚ ଜଙ୍ଗଲରେ
ସେକ୍ସ ଭିଡିଓ ଭାଇରାଲ୍ ପରି ଅବାଞ୍ଛିତ ଘଟଣା କ୍ରମରେ।
ଉତ୍କଳ ଦିବସ ଆସିବ
ପ୍ରଗତି ଓ ପରିବର୍ତ୍ତନର ପୃଥକ୍ ଏକ ପରିଭାଷାରେ
କ୍ଷୁଧା, ବେକାରୀ ମୁକ୍ତ ବିଶ୍ୱର ସାର୍ଥକ ପରିକଳ୍ପନାରେ
ସୃଜନଶୀଳତା ଭିନ୍ନ ଏକ ଦିଗନ୍ତରେ।
ସର୍ବୋପରି
ନୀତି ଶିକ୍ଷା ଯୁକ୍ତ ପାଠ୍ୟକ୍ରମ ପ୍ରଚଳନରେ
ସମାଜରେ କ୍ରମ ବର୍ଦ୍ଧିଷ୍ଣୁ ଦେବୋପମ ଗୁଣ ଜୟଗାନରେ।

*ସନ୍ତୋଷ ବିହାର, ଗୋପାଳ ମାଲ୍, ବୁଢ଼ାରଜା, ସମ୍ବଲପୁର-୪*
*ଦୂରଭାଷ:- ୯୯୩୮୧୪୨୯୦୭*

# ମାଗୁଛି ମୁଁ ଜୀବନ ଟେ ଆଉ

**ସରୋଜକାନ୍ତ ଚୌଧୁରୀ**

ଏତେ ସପନକୁ ରାତି କାହିଁ ଥିଲା
ଜୀବନ ଆରମ୍ଭ ବେଳେ।
ଜୀବନ ସାୟାହ୍ନେ, ଆଜି ଏବେ
ପୁଣି ସପନ ଭାଙ୍ଗଇ,
ଅନ୍ଧାର ରାତିଟା
ଅଧା ରହିଥିଲା ବେଳେ।
କଥା ସପନରେ ରହିଯାଏ ଅଧା
ହିସାବ ନଥିରେ ଚୋର ହୁଏ ବଂଧା
ଅଧା ସବୁ ଅଧା,
ଜୀବନ ଅଧା, ସପନ ବି ଅଧା।
ଆଶା ଅସୁମାରୀ ଥିଲା ଜୀବନରେ
ନଦୀ ବୈତରଣୀ ବଢ଼ନ୍ତା ସୁଅ,
ଏବେ ଜୀବନର ସରିଲା ବେଳରେ
ଆଶା ତ ଅପୂର୍ଣ୍ଣ,
ଆଶଙ୍କା ଦେଖାଏ
ଭୀତିପ୍ରଦ ତାର ବିକଟ ମୁହଁ।
ସାଂଗରେ ମୋ ଥିଲେ ସହଯାତ୍ରୀ କେତେ
ଅନେକ ଗଲେଣି ମାଗି ମେଲାଣି।

ଜୀବନ ମୃତ୍ୟୁର ଦୋଛକିରେ ଥାଇ
ଏବେ ମୋ ସ୍ୱପ୍ନରେ
କାହିଁକି କେଜାଣି ଆସୁଛି ନିୟତ
ମାୟା ମିରିଗର ହଜାରେ ଠାଣି।
ଅପୂର୍ଣ୍ଣ ଏ ଜୀବନ ଯାଉଛି ଯାଉ
ଏମିତି ହୁଅନ୍ତା ଭଲା, ବିଧାତା ଦିଅନ୍ତା
ଗୋଟେ ମାୟା ବିରହିତ
ସ୍ୱର୍ଣ୍ଣିମ ସତ୍ୟର ଜୀବନ ଆଉ।
ଜଡ଼ି ଯାଆନ୍ତି ମୁଁ ସେଠି
ମୋ ସ୍ୱପ୍ନର ସେହି ସତ୍ୟ ସାକାରରେ
ଅମୃତ ସନ୍ଧାନ
ଅବଶ୍ୟ ହୁଅନ୍ତା ସେଠି।

*ପ୍ଲଟ ନଂ- ୧-ସି/୬୬, ସେକ୍ଟର-୯, ସିଡିଏ, କଟକ-୧୪*
*ଦୂରଭାଷ: ୯୪୩୭୩୬୦୯୮୧*

# ବତୀଘର

**ଶର୍ମିଷ୍ଠା ପାଣିଗ୍ରାହୀ**

ହାତୀ, ଘୋଡ଼ା, ଠେକୁଆ
ବିଲେଇ, ସାପ ଓ ମୂଷା ଭଳି
ଆକୃତିର ମେଘ ସବୁ
ଭାସି ଭାସି ଆକାଶର କେଉଁ
ଅଜଣା ଇଲାକାରେ ଲୁଚିଯାଉଥାଏ।

ମେଘ ଦେହରେ ଲୁଚକାଳି ଖେଳୁଥିବା
ପକ୍ଷୀର ନିଷ୍ଠା ଆଉ ଏକାଗ୍ରତାରେ
ମୁଁ ହଜିଯାଇଥାଏ।

ବିଜୁଳିର କେଉଁ ଅଜଣା
ଦାଢ଼ରୁ ସୃଷ୍ଟି ହୋଇ
ବିଷାଦର ବିନ୍ଦୁଟିଏ
ଏତେ ଦୂର ବଢ଼ି ବଢ଼ି
ଏବେ ସରଳରେଖାଟିଏ ପାଲଟିଯାଇଥାଏ।

ଆମେ ସବୁ ଆରମ୍ଭ ହେଉ
ଗୋଟିଏ ବିନ୍ଦୁରୁ
ଆଉ କିଏ କିଏ ସବୁ ଥା'ନ୍ତି
ଅନ୍ୟ ଅନେକ ବିନ୍ଦୁରେ
ଆମ ଭିତରେ ବିରାଜୁଥାଏ
ଅନେକ ଦୂରତା, ଅତିକ୍ରମ, ପାର୍ଥକ୍ୟ
ଆଉ ଅମନଯୋଗିତା
ଆମେ କିଏ କାହାର ଭାଷା ବୁଝୁନା।

ଆମେ ବୁଝୁନା
କିଏ ରହୁଁଥାଏ ପତଳା ନହନହକା
ସୂତା ଖିଅକର ଜୀବନକୁ ମୁଠେଇ ଧରିବା
ତ କିଏ ରହୁଁଥାଏ
ପଥର ଖଣ୍ଡେ ପରି ଭାସି ନଯାଇ
ବାଲୁକା ଶଯ୍ୟାରେ ହଜିଯାଇଥିବା
ଅବିଚଳିତ ପାଦଚିହ୍ନମାନଙ୍କୁ ସଂଗ୍ରହ କରିବା।
ବୁଝୁନା ପାର୍ଥକ୍ୟ ଆଉ ଭିନ୍ନତା
କ୍ରମେ ବଢ଼ି ବଢ଼ି
ଆକାଶ ଛୁଇଁବାର କାରଣ।

ଆମ ଭିତରେ ଥିବା
ଅନେକ ଅଭିମାନର,
ସ୍ୱାର୍ଥର 'ମୁଁ' ମାନେ
ଭାଙ୍ଗି ଭାଙ୍ଗି ଯାଉଥାଏ
ମାଟି କାନ୍ଥ ପରି।

ମୋ ଭିତରର
ଗଭୀର ସମୁଦ୍ର ମଝିରେ
ହଜିଯାଇଥିବା ସେହି 'ମୁଁ' ଟି
ଫେରାଇ ଆଣିବା ପାଇଁ
ମୁଁ ବାରମ୍ବାର ସେହି
ବିବେକର ବତୀଘରକୁ
ଅନୁସରଣ କରୁଥାଏ
ଅସ୍ପଷ୍ଟ ପୋତଟିଏ ପରି।

*ବ୍ରହ୍ମପୁର, ଗୋଲାପଲ୍ଲୀ ଡାହି*
*ଦୂରଭାଷ: ୯୬୯୨୧୬୧୫୬୫*



# ଭାବାନ୍ତର

**ଶିବ ଶଙ୍କର ସାହୁ**

କେହି କେବେ ଖୋଜି ନାହିଁ ମୋତେ
କେହି କେବେ ଡାକିନି
ଆ, ଯାତକୁ ଯିବା
ଆ, ଭୋଜି କରିବା
ଆ, ନୂଆବର୍ଷ ପାଳିବା!!

ଚାକିରିଆ ସେ, ପଦସ୍ଥ ଅଧିକାରୀ!
ତାକୁ କଣ ଛୁଟି ମିଳିବ
ସେ କୋଉ ଆସିପାରିବ
ହସ ଖୁସିକୁ?
ସେ କୋଉ ବସି ପାରିବ ଘଡ଼ିଏ
ଚକା ମାରି ମେଳଣରେ!
ଖାଇପାରିବ ରାସ୍ତା କଡ଼ର ଝାଲମୁଡ଼ି!!

ଫାଇଲରେ କେତେ କେତେ କଥା
ସଂସାର ଯାକର ଦୁଃଖ
ଅନୁନୟ, ଅଭିଯୋଗ ଥାଏ
ଧମକ ବି ଥାଏ
ଅପାରଗ ବୋଲି ଚିତ୍ରିତ ହେଇଥାଏ
କେବେ କେବେ!!

ସକାଳୁ ସିନ୍ଦୁରା ଫାଟୁଥିବାର ଦୃଶ୍ୟ
ଧଳା ଟଗର କି ଚମ୍ପା
ଠାକୁର ଘର ଘଣ୍ଟାମାଡ଼
ସୁଲୁସୁଲିଆ ପବନ
ଦି ପହରେ କୋଇଲି, ଆମ୍ବ ବଉଳ
କ୍ରିକେଟ ଖେଳ
ଚାରିପାଖର ମଣିଷଙ୍କ କାହାଣୀ
ମୁଠେ ସଜନା ଶାଗ
କି ହସକୁରା ମୁହଁ!!

ତମେ କି ଜାଣ,
ତିନି ମାଙ୍କଡ଼ଙ୍କ କୋହ ଓ ଦୁଃଖ
ରାଜାଙ୍କ ଆଗେ ତ
ମୁଣ୍ଡ ହଲେଇବା କଥା
ବହୁବାର ହାରୁଥାଏ ନିୟମ କାନୁନ
ଓ ସଂକୁଚିତ ପ୍ରତିବାଦ!!

ତମେ ତ ଭଲରେ ଅଛ।
ତମ ପାଖେ ଜବ କାର୍ଡ଼
ତମ ପାଖେ ଆୟୁଷ୍ମାନ ଭାରତ
ତମେ ପାଖେ ହରିଶ୍ଚନ୍ଦ୍ର
ତମ ପାଖେ ତୀର୍ଥଯାତ୍ରା
ବିନା ଟିକସ ରେ ଆହୁରି କେତେ କଣ!!

ତଥାପି ମୁଁ ବଞ୍ଚିଥାଏ,
ଏ ପୃଥିବୀ ଏତେ ସୁନ୍ଦର ଯେ
କସ୍ତୁରୀ ଲୋଭରେ
ଭ୍ରମୁଥାଏ, ବଳକା ଆୟୁଷ!!

*ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେତୁ)*
*ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ,*
*ପୂର୍ବତଟ ରେଳପଥ, ଜଟଣୀ (ଖୋର୍ଦ୍ଧା)*
*ପିନ୍ : ୭୫୨୦୫୦*
*ଦୂରଭାଷ: ୮୪୫୫୮୮୭୨୦୭*

# ପ୍ରତିଶ୍ରୁତି

**ସୁଜିତ କୁମାର ମିଶ୍ର**

ଟିକି ଚଢ଼େଇରୁ ତଟିନୀର ସ୍ୱର ଟିକଟିକ ଘଣ୍ଟା ଗୀତ,
ମିଠା ବନ୍ଧନର ମହକ ମଳୟ ମହୌଷଧି ଅବାରିତ।
ଧୂସର ଜୀବନେ ଧାରେ ପ୍ରତିଶ୍ରୁତି ଧବଳ ଧୈର୍ଯ୍ୟର ଧନ,
ଅସୀମ ଆନନ୍ଦ ଲହରୀ ପରଶେ ଆଲୋକର ଆଲୋଡନ।

ହୋଇପାରେ କେବେ ରାମଙ୍କରବାଣୀ ଭକ୍ତ ହନୁମାନ ପାଇଁ,
କେବେପୁଣି ହୁଏ ଦଶରଥବାକ୍ୟ କୈକେୟୀ ହୃଦକୁ ଛୁଇଁ।
ପ୍ରତିଶ୍ରୁତି ଭରା ଆଖିରେ ନାଚଇ ପ୍ରଭାତସୂର୍ଯ୍ୟର ରଙ୍ଗ,
ଉଲ୍ଲସିତ ପ୍ରାଣେ ଭୟ ନାହିଁ ତେଣୁ ଉଦାର ଉଦୟ ରାଗ।

ପ୍ରିୟ ପ୍ରତିନିଧି ଗାନ୍ଧୀଟୋପିଧାରୀ ପ୍ରତିଶ୍ରୁତି ଶିରାବଣ,
ଶ୍ୟାମଳ ଓଠରୁ ମଲାଶବ୍ଦ ସବୁ ସୀମାହୀନ ଧୂଆଁବାଣ।
ପ୍ରତିଶ୍ରୁତି ଭରା ସୁସନ୍ତାନ ଗଣ ପିତାମାତାଙ୍କର ସ୍ୱପ୍ନ,
ଆଶାର କ୍ଷେତରେ ସୁଖେ ଜୀଇଁବାର ଆୟୁଷ୍ମାନ ସମ୍ମୋହନ।

ଶରତ ଋତୁର ଅଙ୍ଗବାସ ସମ ଶୋଭାମୟ ପ୍ରତିଶ୍ରୁତି,
ପ୍ରୀତିଚନ୍ଦନର ପୁଲକିତଧାରା ପ୍ରଜ୍ଜ୍ୱଳିତ ଦୀପଗୀତି।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ଦୂରଭାଷ: ୭୬୮୩୮୬୭୭୪୨*

# ଗାଁ ଅନୁଭୂତି

**ଅମରନାଥ ବାରିକ୍**

ପୂରୁବରେ ବାବା ଆଖଣ୍ଡଳମଣି
ଜୟଚଣ୍ଡୀ ପଶ୍ଚିମରେ
ଉତ୍ତର ଦିଗରେ ମାଆ ବିମଳା ଲୋ
ହନୁମାନ ଦକ୍ଷିଣରେ ।

ଗ୍ରାମର ଦେବତୀ ମାଆ ବଳୀ ବିଜେ
ଶ୍ମଶାନ ଗ୍ରାମ ଶେଷରେ
ସ୍ୱୟଂ ଜଗନ୍ନାଥ ପୂଜା ପାଉଛନ୍ତି
ଏ ଗାଆଁ ମଧ୍ୟ ଭାଗରେ ।

କର୍ପୁର ସୁବାସ ମହମହ ବାସେ
ଗୀତା ମନ୍ତ୍ର ଆଳତିରେ
ହୁଳହୁଳି ଶଙ୍ଖ ଘଣ୍ଟଘଣ୍ଟା ବାଜେ
ସନ୍ଧ୍ୟାର ଆଗମନରେ ।

ଗ୍ରାମ ଠୁଁ ସହର ଅଙ୍କାବଙ୍କା ରାସ୍ତା
ଲମ୍ବି ଯାଇଅଛି ଦୂରେ
ଏ ଗାଆଁର ବଡ଼ ପର୍ବ ଦୋଳଯାତ୍ରା
ପିଠା ପଣା ଘରେ ଘରେ ।

ନାନା ଜାତି ଫୁଲ ବୃକ୍ଷରେ ମଣ୍ଡିତ
ଏହି ମୋ ଛୋଟ ଗାଆଁରେ
ପୁଣ୍ୟ ବୈତରଣୀ ଶୋଭା ପାଉଅଛି
କଇଁଆ ନଦୀ ନାମରେ ।

ସୌନ୍ଦର୍ଯ୍ୟର ରାଣୀ ମୋର ଏହି ଗାଆଁ
ଲାଗେ ସବୁଜ କ୍ଷେତରେ
ଖିଲିଖିଲି ହସେ ନବବଧୂ ପରି
ସୁନେଲି ସଜ ଖରାରେ ।

ମୋ ଗାଆଁର ଧୂଳି ମୋ ପାଇଁ ଚନ୍ଦନ
ମୁଁ ଗଢ଼ା ତା' ପଣତରେ
ତା' ପାଣି ପବନ ଅଟେ ମୋ ଜୀବନ
ପଞ୍ଚଭୂତ ଏ ମାଟିରେ ।

ଏ ଗାଆଁର ପୁଅ ମୁଁ
ଲେଖେ କବିତା ଗାଥାରେ
ମୋ ଗାଆଁ ପାଇଁ ଏ ଛୋଟ ଅନୁଭୂତି
କଲମ ଛିଟା କାଳିରେ ।

*ଗ୍ରା./ପୋ.- କୟାଁ, ଥା.- ମଙ୍ଗଳପୁର, ଜି.-ଯାଜପୁର,*
*ଓଡ଼ିଶା, ପିନ୍ ନମ୍ବର-୭୫୫୦୧୧*
*ଦୂରଭାଷ: ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)*

# ସମୟକୁ ଅପେକ୍ଷା

**ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ**

ଆମେ ବହୁତ କିଛି ଚାହିଁଥାଉ
ଅନେକ କିଛି ଭାବିଥାଉ
କିନ୍ତୁ ବେଳେବେଳେ,
ସବୁକିଛି କିନ୍ତୁ କେବଳ
ଅଟକି ଯାଏ,
ଆଉ କହିଯାଏ,
କେବଳ ସମୟକୁ ଅପେକ୍ଷା ।

ଜୀବନ ଆଲୁଅ ଅନ୍ଧାର ପରି
ଅନେକ ବାର ଲୁଚକାଳି ଖେଳେ
ଆଉ ମଣିଷ..
ଅନ୍ଧକାର ଭିତରେ ଏମିତି ହଜିଯାଏ
ଆଉ ବାଟ ଖୋଜି ପାଇବା,
ବଡ଼ କଷ୍ଟକର ହୋଇପଡ଼େ
କେବଳ କରେ ସମୟକୁ ଅପେକ୍ଷା ।

ଆମେ ସବୁକିଛି ଠିକ୍ କରୁଥିବା ବେଳେ
ଆମ ସହ ସବୁକିଛି ଭୁଲ୍ ହେଇଯାଏ
କେମିତି କେଜାଣି,
କିଛି ବୁଝି ହୁଏ ନାହିଁ,
ସବୁକିଛି ଅଜଣା ହେଇଯାଏ,
କିଛି କରି ମଧ୍ୟ ହୁଏନାହିଁ
କେବଳ ସମୟକୁ ଅପେକ୍ଷା ।

ଭଗବାନ ବି ନୀରବିଗଲା ଭଳି
ପ୍ରତୀତ ହୁଏ,
ସବୁ ଯେମିତି ଶୂନ୍ୟ ଶୂନ୍ୟ
ମହାଶୂନ୍ୟରେ ମିଳେଇ ଗଲା ପରି
ଅନୁଭବ ହୁଏ,
କିନ୍ତୁ କିଛି ବି କରିହୁଏ ନାହିଁ
କେବଳ ସମୟକୁ ଅପେକ୍ଷା ।

*ଓଡ଼ିଆ ବିଭାଗ, ସିମୁଳିଆ କଲେଜ, ବାଲେଶ୍ୱର*

ରମ୍ୟରଚନା

# ସ୍ୱାମୀ ନିର୍ଯ୍ୟାତନା ବିରୋଧୀ ମକଦ୍ଦମା

ପ୍ରଭାତ କୁମାର ମହାପାତ୍ର

ବିଚାରପତିଙ୍କ ଇଜିଲାସରେ ଏକ ପାରିବାରିକ ମକଦ୍ଦମାର ଶୁଣାଣୀ ଚାଲିଥିଲା। ଅଭିଯୋଗକାରୀ କାଠଗଡ଼ାରେ ଛିଡ଼ାହୋଇ ବୟାନ ଦେଉଥିଲେ--

ଧର୍ମାବତାର, ଆଜିକାଲି ସମ୍ବାଦପତ୍ରମାନଙ୍କରେ ସ୍ତ୍ରୀଲୋକଙ୍କ ଉପରେ ଯୌତୁକ ନିର୍ଯ୍ୟାତନା, ଅତ୍ୟାଚାର, ବଧୂହତ୍ୟା ପ୍ରଭୃତି ଖବର ବହୁଳ ଭାବରେ ପ୍ରଚାରିତ ହେଉଛି ତା ମଧ୍ୟରୁ କିଛିଟା ସତ କିନ୍ତୁ ଅନେକ ଅତିରଞ୍ଜିତ କାରଣ ତାଳି ଗୋଟେ ହାତରେ କେବେ ବାଜେ ନାହିଁ। ଆଉ ମଧ୍ୟ, ଯେପରି ସବୁ ଚକ ଚକ କରୁଥିବା ବସ୍ତୁ ସୁନା ନୁହେଁ, ସେମିତି ସବୁ ସ୍ୱାମୀମାନେ ମଧ୍ୟ ଗୋଟିପଣେ ତୁଳସୀ ନୁହନ୍ତି। ସ୍ତ୍ରୀ ଯେପରି ସ୍ୱାମୀର ଅତ୍ୟାଚାର ବିରୁଦ୍ଧରେ ମକଦ୍ଦମା କରିଥାଏ, ସେହିପରି ସ୍ୱାମୀ ମଧ୍ୟ ସ୍ତ୍ରୀ'ର ଅତ୍ୟାଚାର ବିରୁଦ୍ଧରେ ମକଦ୍ଦମା କରିବାର ଅନେକ ଦୃଷ୍ଟାନ୍ତ ରହିଛି। ଏପରିକି ସ୍ତ୍ରୀ'ର ଅତ୍ୟାଚାର ଓ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ସ୍ୱାମୀ ଆତ୍ମହତ୍ୟା କରିବାର ନଜିର ମଧ୍ୟ ଦେଖିବାକୁ ମିଳେ। ଅବଶ୍ୟ ସମାଜରେ ଆଦର୍ଶ ସ୍ତ୍ରୀ'ଙ୍କ ଅଭାବ ନାହିଁ। ସେ ଯାହା ହେଉନା କାହିଁକି, ଆଇନ ଓ ସମାଜ ଆଖିରେ ସ୍ୱାମୀ ଓ ସ୍ତ୍ରୀ ଏକ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି। ଉଭୟେ ଉଭୟଙ୍କ ବିନା ଚଳିପାରିବେନାହିଁ।

ଏକା ନିଶ୍ୱାସକେ ଏତକ କହିସାରି ଅଭିଯୋଗକାରୀ ଟିକିଏ ଦମ ନେଲେ। ଦୁଇ ଆଖିରୁ ବୋହିଯାଉଥିବା ଲୁହକୁ ପୋଛି ପୁଣି ଆରମ୍ଭ କଲେ-- ଜଜ ସାହେବ, ମୁଁ ଟିକିଏ ଭାବପ୍ରବଣ ହୋଇଯାଇଥିଲି। ମତେ କ୍ଷମା କରନ୍ତୁ, ହେଲେ ବିଶ୍ୱାସ କରନ୍ତୁ ମୋ ସ୍ତ୍ରୀ ମତେ ଯେପରି ଜିଅନ୍ତା କଲବଲ କରୁଛି, ତା ଅପେକ୍ଷା ମରିଯିବା ବରଂ ଭଲ।

ଜଜ ସାହେବ ପଚାରିଲେ-- ଦେଖ, ତୁମେ ତୁମ ସ୍ତ୍ରୀ ଦ୍ୱାରା କିପରି ଅତ୍ୟାଚରିତ ହେଲ ସେ ବିଷୟରେ ଯାହା ପଚରାଯିବ ତା କହିବ, ନିର୍ଦ୍ଦିଷ୍ଟ ଘଟଣା ବ୍ୟତୀତ ଅନ୍ୟ କିଛି କୋର୍ଟ ଗ୍ରହଣ କରିବେ ନାହିଁ କି ଲିପିବଦ୍ଧ କରିବେ ନାହିଁ। ଏବେ ମୁଁ ଯାହା ପଚାରିବି ତାର ସଠିକ ଉତ୍ତର ଦେବ।

> ଜଜ-- ମୁଁ ତୁମ ସ୍ତ୍ରୀ'ଙ୍କୁ ପ୍ରଶ୍ନ ପଚାରିଲାବେଳେ ତୁମେ କିଛି କହିବ ନାହିଁ ବୋଲି ମୂଳରୁ ମନା କରିଛି ଅଥଚ ତୁମେ ବାରମ୍ବାର କୋର୍ଟଙ୍କ କାର୍ଯ୍ୟରେ ବାଧା ଦେଇ ଅଶୋଭନୀୟ ପରିସ୍ଥିତି ସୃଷ୍ଟି କରୁଛ। ଏଥରକ ଛାଡ଼ିଦେଲି। ଆଉ ଏପରି କଲେ ତୁମକୁ କୋର୍ଟ ଅବମାନନା ଅଭିଯୋଗରେ ଦଣ୍ଡିତ ହେବାକୁ ପଡ଼ିପାରେ। ଆଛା, ମୁଁ ତୁମକୁ ଆଉ ଗୋଟିଏ ସୁଯୋଗ ଦେଉଛି। ତୁମ ପାଖରେ ସ୍ତ୍ରୀ ଛାଞ୍ଚୁଣିରେ ପ୍ରହାର କରିବା ପ୍ରମାଣ ସ୍ୱରୂପ କୌଣସି ଡାକ୍ତରଙ୍କ ରିପୋର୍ଟ ଆଣିଛ କି ?

ଜଜ-- ତୁମ ନାଁ କଣ ? ବୟସ କେତେ, ବାପାଙ୍କ ନାଁ କ'ଣ ଓ ତୁମ ଘର କେଉଁଠି ?

ଅଭିଯୋଗକାରୀ-- ନାମ ମୋର ରାମହରି ଦାସ। ବୟସ ମୋତେ ଅଣଚାଶ। ବାପ ନାଁ ମାଗୁ ଦାସ ଓ ଘର ଅଟେ ରାଜସ। ବେଉସା ମୋର ଚାଷବାସ।

ଜଜ-- ଦେଖ, ରାମହରି। ତୁମକୁ ଯେତିକି ପଚରାଯିବ ସେତିକି ଉତ୍ତର ଦେବ।

ରାମହରି-- ହଜୁର ଭୁଲ ହୋଇଗଲା, ଏଥର ଯାହା ପଚାରିବେ ତା କହିବି।

ଜଜ-- ତୁମ ସ୍ତ୍ରୀ'ଙ୍କ ନାଁ କଣ ? ବୟସ କେତେ ଓ କେତେଦିନ ହେବ ବାହାଘର ହୋଇଛି ?

ରାମହରି-- ମୋ ସ୍ତ୍ରୀ ନାମ ରମା। ବୟସ ଅଟେ ତିରିଶ ଜମା। ବାହାଘର ହେଲା ଦଶବରଷ ମଣିମା।

ଜଜ (ବିରକ୍ତ ହୋଇ)-- ଦେଖ, ତୁମେ ସବୁ ଉତ୍ତର କବିତାରେ

ଦେଉଛ। ଏହା କୋର୍ଟ, କବି ସମ୍ମିଳନୀ ନୁହେଁ। ରାମହରି-- ଆଜ୍ଞା, କ୍ଷମା କରନ୍ତୁ। ସ୍ତ୍ରୀ ଡରରେ କବିତା ରଚନା ହୋଇଯାଉଛି।

ଜଜ-- ହଁ, ବର୍ତ୍ତମାନ କୁହ କେଉଁଦିନ ସ୍ତ୍ରୀ ତୁମ ଉପରେ ଅତ୍ୟାଚାର କଲେ ?

ରାମହରି-- କେଉଁଦିନ କଣ ଆଜ୍ଞା ? ରୋଜ ସେ ମୋ ଉପରେ ଛାଞ୍ଚୁଣି ପ୍ରହାର କରେ। ସକାଳୁ ଉଠିଲା ମାତ୍ରେ ସବୁକାମ ମୋ ଉପରେ ପକାଇଦେଇ ସେ ବସି ଟି.ଭି. ଦେଖିବ। ଯଦି ମୁଁ ଟିକିଏ ହାଲିଆ ହୋଇ ବସିପଡ଼ିଲି, ସେ ମୋତେ ଛାଞ୍ଚୁଣିରେ ବାଡ଼େଇ ପକାଏ। ରୋଷାଇବାସଠାରୁ ବାସନମଜା, ବଜାର ସଉଦାଠାରୁ ଗୋଡ଼ମୋଡାଯାଏ ସବୁ ମୋତେ କରିବାକୁ ପଡେ। ସେଥିରେ ପୁଣି ମୋ ବୋପାଅଜା ଚଉଦ ପୁରୁଷ ଉପରେ ଗାଳି। ମୋ ଜୀବନ ନର୍କ ହୋଇଯାଇଛି ହଜୁର। ମୋତେ ମୋ ସ୍ତ୍ରୀ କବଳରୁ ଉଦ୍ଧାର କରନ୍ତୁ। ଛାଡ଼ପତ୍ର ଦରଖାସ୍ତ ମଞ୍ଜୁର କରନ୍ତୁ।

ଜଜ-- ତୁମର କେହି ସାକ୍ଷୀ ଅଛନ୍ତି ?

ରାମହରି-- ଆଜ୍ଞା, ଏ ଘଟଣା କାହାକୁ କହିବାକୁ ଲାଜ ମାଡୁଛି। ତେଣୁ ମୋର କେହି ସାକ୍ଷୀ ନାହାନ୍ତି।

ଜଜ-- ଆଜିପାଇଁ ଶୁଣାଣି ଏତିକି। କୋର୍ଟ ପୁଣି ଆସନ୍ତା ସୋମବାର ବସିବେ। (ଏତିକି କହି ଜଜସାହେବ ଚେମ୍ବରକୁ ଉଠିଗଲେ।)

x x x x

ସୋମବାର ଦିନ କଚେରୀ ଲୋକାରଣ୍ୟ।

ଜଜ ସାହେବ ଚେମ୍ବରରୁ କୋର୍ଟ ରୁମ ଭିତରକୁ ପଶିବା ମାତ୍ରେ ଉପସ୍ଥିତ ଜନତା ସମ୍ଭ୍ରମରେ ଛିଡ଼ାହେଲେ। ଜଜ ବସିବା ମାତ୍ରେ ସମସ୍ତେ ବସିଲେ। ଶୁଣାଣି ଆରମ୍ଭ ହେଲା। କୋର୍ଟ ପଚାରିଲେ:

ଜଜ-- ଆଚ୍ଛା, ରାମହରି ଦାସ। ତୁମ ସ୍ତ୍ରୀ କ'ଣ କରନ୍ତି ଓ କେଉଁଠି ତାଙ୍କ ପିତାଙ୍କ ଘର ?

ରାମହରି-- ସେ ପୁରୁଷ ସଙ୍ଗୀତ ଶିକ୍ଷା କେନ୍ଦ୍ରରେ ଗୀତ ମାଷ୍ଟ୍ରାଣୀ ଅଛନ୍ତି ଓ ମୋ ଘର ଯେଉଁଠି ତାଙ୍କ ଘର ସେଇଠି।

ଜଜ-- ଦେଖ, ପୁଣି ଥରେ ତୁମକୁ ତାଗିଦ କରାଯାଉଛି। ଯାହା ପଚରାଯିବ ତାର ନିର୍ଦ୍ଦିଷ୍ଟ ଉତ୍ତର ଦେବ।

ରାମହରି-- ଆଜ୍ଞା, ମୋ ସ୍ତ୍ରୀ ଘର ଜେମାଦେଇପୁର ଶାସନରେ। ମୁଁ ମଧ୍ୟ ସେଇଠି ରହେ।

ଜଜ-- ତୁମେ କିପରି ତୁମ ସ୍ତ୍ରୀ'ଙ୍କ ପାଖରେ ରହୁଛ ? ତୁମର କ'ଣ ନିଜର ଘର ନାହିଁ ?

ଜଜ-- ହଜୁର ଅଛି, ହେଲେ ଶ୍ୱଶୁର ଘରକୁ ମୁଁ ପରା ଘର ଜୋଇଁଆ ହୋଇ ଆସିଛି। ସେଥିପାଇଁ କହିଲି ମୋ ସ୍ତ୍ରୀ ଘର ଯେଉଁଠି ମୋ ଘର ମଧ୍ୟ ସେଇଠି।

ଜଜ-- ଠିକ ଅଛି। ତୁମେ ଯାଅ। ଆସନ୍ତାକାଲି ତୁମ ସ୍ତ୍ରୀ'ଙ୍କୁ ଧରି କୋର୍ଟକୁ ଆସିବ। ତାଙ୍କୁ କାଲି ପଚରାଯିବ। ଉଭୟ ପକ୍ଷଙ୍କୁ ଶୁଣିସାରିଲାପରେ କୋର୍ଟ ଯାହା କିଛି ନିଷ୍ପତ୍ତି ନେବେ।

ରାମହରି-- ହଜୁର ମୋ ସ୍ତ୍ରୀ'ଙ୍କୁ ଲୁଚି କୋର୍ଟକୁ ଆସିଛି। ଏ କଥା କହିଲେ ସେ ମୋତେ ଆଉ ରଖିବଟି ?

ଜଜ-- ଭୟ କରନାହିଁ। ଏ କାଗଜଟି ନେଇ ସ୍ତ୍ରୀଙ୍କୁ ଦେଖାଇ କହିବ କୋର୍ଟ ଡକାଇଛନ୍ତି।

(ଏହା କହି ଜଜ ଚେମ୍ବରକୁ ଉଠିଗଲେ)

x x x x

(ତହିଁ ଆରଦିନ - ଜଜ ରାମହରି ସ୍ତ୍ରୀ'ଙ୍କୁ ପଚାରିଲେ)

ଜଜ-- ତୁମ ନାଁ କଣ ?

ରାମହରି ସ୍ତ୍ରୀ-- ଆଜ୍ଞା, ମୋ ନାମ ରମା।

ଜଜ-- ତୁମ ସ୍ୱାମୀଙ୍କ ନାମ କ'ଣ ?

ରାମହରି ସ୍ତ୍ରୀ (ଜିଭ କାମୁଡ଼ି ପକାଇ)-- ହଜୁର ହିନ୍ଦୁ ସ୍ତ୍ରୀ ହୋଇ ସ୍ୱାମୀର ନାମ ଧରିବି କେମିତି ? ରାମାୟଣର ସତୀ ସୀତାଙ୍କ ପତିଙ୍କ ନାମ ଓ ଭକ୍ତ ପ୍ରହଲ୍ଲାଦର ଇଷ୍ଟଦେବଙ୍କ ନାମ ମିଶାଇଲେ ଯାହା ହେବ, ମୋ ସ୍ୱାମୀଙ୍କ ନାମ ସେଇଆ।

ଜଜ-- ହେଲା ହେଲା। ତୁମେ କଣ ତୁମ ସ୍ୱାମୀଙ୍କ ଉପରେ ଅତ୍ୟାଚାର କର ?

ରାମହରି ସ୍ତ୍ରୀ-- ଆଖି ଛୁଉଁଛି ଜଜ ସାହେବ। ମୁଁ ତ ମୁଁ, ମୋ ବାପା ବି କେବେହେଲେ ମୋ ସ୍ୱାମୀଙ୍କ ଉପରେ ହାତ ଉଠାଇ ନାହାନ୍ତି।

ଜଜ-- ମୁଁ ତୁମ ବାପାଙ୍କ କଥା ପଚାରୁ ନାହିଁ। ତୁମ ସ୍ୱାମୀଙ୍କ ବୟାନ ଅନୁଯାୟୀ ତୁମେ ସବୁଦିନେ ତାଙ୍କ ଉପରେ ଛାଞ୍ଚୁଣି ପ୍ରହାର କରୁଛ। ଘରର ଯାବତୀୟ କାର୍ଯ୍ୟ ତାଙ୍କ ଦ୍ୱାରା କରାଉଛ। ଏହା କଣ ସତ ?

ରାମହରି ସ୍ତ୍ରୀ-- ଧର୍ମାବତାର, କୌଣସି ସ୍ତ୍ରୀ କେବେହେଲେ ତା ନିଜ ସ୍ୱାମୀ ଉପରେ ଛାଞ୍ଚୁଣି ପ୍ରହାର କରିବା ଆପଣ ଶୁଣିଛନ୍ତି କି ? ହଁ, ଫକୀରମୋହନଙ୍କ ଗଳ୍ପରେ ଏହା ଲେଖାଅଛି ନିଶ୍ଚୟ। ମୁଁ ମୋ ସ୍ୱାମୀଙ୍କୁ ଯଥାଶକ୍ତି ସେବା କରିଆସିଛି।

ହଠାତ ରାମହରି କୋର୍ଟଙ୍କ କାର୍ଯ୍ୟରେ ବାଧାଦେଇ କହିଉଠିଲା-- ଜଜ ସାହେବ, ମୋ ସ୍ତ୍ରୀ ସଂପୂର୍ଣ୍ଣ ମିଛ କଥା କହୁଛି। ଆଜି ସକାଳେ ମଧ୍ୟ ସେ ମୋତେ ଛାଞ୍ଚୁଣିରେ ବାଡ଼େଇଛି। ଏଇ ! ଦେଖୁନାହାନ୍ତି ମୋ ପିଠିରେ ଦାଗ ରହିଛି। ରାମହରି ନିଜର ସାର୍ଟ ଖୋଲି ପିଠି ଦେଖାଇବାକୁ ଯାଉଥିବାବେଳେ ଜଜ ହସ୍ତକ୍ଷେପ କଲେ--

ଜଜ-- ମୁଁ ତୁମ ସ୍ତ୍ରୀ'ଙ୍କୁ ପ୍ରଶ୍ନ ପଚାରିଲାବେଳେ ତୁମେ କିଛି କହିବ ନାହିଁ ବୋଲି ମୂଳରୁ ମନା କରିଛି ଅଥଚ ତୁମେ ବାରମ୍ବାର କୋର୍ଟଙ୍କ କାର୍ଯ୍ୟରେ ବାଧା ଦେଇ ଅଶୋଭନୀୟ ପରିସ୍ଥିତି ସୃଷ୍ଟି କରୁଛ। ଏଥରକ ଛାଡ଼ିଦେଲି। ଆଉ ଏପରି କଲେ ତୁମକୁ କୋର୍ଟ ଅବମାନନା ଅଭିଯୋଗରେ ଦଣ୍ଡିତ ହେବାକୁ ପଡ଼ିପାରେ। ଆଚ୍ଛା, ମୁଁ ତୁମକୁ ଆଉ ଗୋଟିଏ ସୁଯୋଗ ଦେଉଛି। ତୁମ ପାଖରେ ସ୍ତ୍ରୀ ଛାଞ୍ଚୁଣିରେ ପ୍ରହାର କରିବା ପ୍ରମାଣ ସ୍ୱରୂପ କୌଣସି ଡାକ୍ତରଙ୍କ ରିପୋର୍ଟ ଆଣିଛ କି ?

ରାମହରି-- ହଜୁର, ମୁଁ ଯେତେଥର ଡାକ୍ତରଙ୍କ ପାଖକୁ ରିପୋର୍ଟ

ଆଣିବାକୁ ଯାଇଛି, ସବୁଥର ମୋ କଥା ଶୁଣି ସେ ହସରେ ଉଡ଼ାଇ ଦେଇଛନ୍ତି ।

ଜଜ-- ହେଉ, ତୁମେ ଅପେକ୍ଷା କର । ଆବଶ୍ୟକ ହେଲେ ମୁଁ ତୁମକୁ ପ୍ରଶ୍ନ ପଚାରିବି ।

ଜଜ (ରାମହରି ସ୍ତ୍ରୀକୁ)-- ତୁମେ କ'ଣ ତୁମ ସ୍ୱାମୀଙ୍କ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରୁଛ ?

ରାମହରି ସ୍ତ୍ରୀ-- ଆପଣ ଠିକ କହୁଛନ୍ତି ହଜୁର ବରଂ ମୋ ସ୍ୱାମୀ ଦ୍ୱିତୀୟ ବିବାହ କରିବା ପାଇଁ ମୋ ନାମରେ ମିଥ୍ୟା ମକଦ୍ଦମା କରି ମତେ ବଦନାମ କରିବାକୁ ଚାହୁଁଛନ୍ତି ।

ଜଜ-- ତୁମର କେହି ସାକ୍ଷୀ ଅଛନ୍ତି ?

ରାମହରି ସ୍ତ୍ରୀ-- ଆଜ୍ଞା ନାଁ, ମୋର କେହି ସାକ୍ଷୀ ନାହାନ୍ତି ।

ଜଜ-- ଆଜିପାଇଁ ଶୁଣାଣି ଏତିକି । ଆସନ୍ତାକାଲି ମକଦ୍ଦମାର ରାୟ ଶୁଣାଇ ଦିଆଯିବ ।

x x x x

ଆଜି ମକଦ୍ଦମାର ରାୟ ବାହାରିବ ବୋଲି କଚେରୀ ସଂପୂର୍ଣ୍ଣ ଲୋକାରଣ୍ୟ । ସମସ୍ତଙ୍କ ମନରେ ଉତ୍ସୁକତା । କଣ ରାୟ ବାହାରିବ ?

ଜଜ ସାହେବ ଆସି ପହଞ୍ଚିଲା ପରେ କୋର୍ଟ କାର୍ଯ୍ୟ ଆରମ୍ଭ ହେଲା । ରାମହରି ଓ ତାର ସ୍ତ୍ରୀ ଅଧୀର ଆଗ୍ରହରେ ଜଜଙ୍କୁ ଚାହିଁ ରହିଥାନ୍ତି ।

ଜଜ-- ମକଦ୍ଦମାର ସଂପୂର୍ଣ୍ଣ ବିବରଣୀ ପଢ଼ିସାରିଲା ପରେ ଓ ଦୁଇ ପକ୍ଷର ମତାମତ ଶୁଣିଲାପରେ ମୁଁ ଏଇ ନିଷ୍ପତ୍ତିରେ ପହଞ୍ଚିଛି ଯେ ଆମ ଆଇନରେ ସ୍ୱାମୀ ଉପରେ ସ୍ତ୍ରୀ'ର ଶାରୀରିକ କିମ୍ବା ମାନସିକ ଅତ୍ୟାଚାର ପାଇଁ କୌଣସି ଦଣ୍ଡର ବ୍ୟବସ୍ଥା ଏ ପର୍ଯ୍ୟନ୍ତ କରାଯାଇନାହିଁ ହଁ, ଯଦି ଅଭିଯୋଗକାରୀଙ୍କର ପ୍ରତିପକ୍ଷ (ତାଙ୍କର ସ୍ତ୍ରୀ) ଚାହିଁଲେ ସ୍ୱାମୀଙ୍କଠାରୁ ଅଲଗା ରହିପାରିବେ । ଦ୍ୱିତୀୟରେ, ଏ ମକଦ୍ଦମାରେ ଅଭିଯୋଗକାରୀ ନିଜ ସପକ୍ଷରେ କୌଣସି ପ୍ରମାଣ ଦେଇପାରିନାହାନ୍ତି । ବରଂ ସେ କୋର୍ଟଙ୍କୁ ବିଭ୍ରାନ୍ତ କରିବାପାଇଁ ଅପଚେଷ୍ଟା କରିଥିବାରୁ ତାଙ୍କୁ ଏକ ମାସ ଅଶ୍ରମ କାରାଦଣ୍ଡର ଆଦେଶ ଦିଆଗଲା । ତତ ସଙ୍ଗେ ସଙ୍ଗେ ଏକ ହଜାର ଟଙ୍କା ଜୋରିମାନା ମଧ୍ୟ ତାଙ୍କୁ କରାଗଲା । ଉଭୟ ଦଣ୍ଡ ଏକ ସଙ୍ଗରେ କାର୍ଯ୍ୟକାରୀ ହେବ । ଅଭିଯୋଗକାରୀଙ୍କୁ ଅପିଲ କରିବା ପାଇଁ ତିନିମାସ ସମୟ ଦିଆଗଲା ।

x x x x

ସେହିଦିନଠାରୁ ରାମହରିର ଆଉ ପତ୍ତା ମିଳିଲା ନାହିଁ । ଅନେକଦିନ ଧରି ଲୋକେ କୁହାକୁହି ହେଉଥିଲେ-- ବିଚରା ସ୍ତ୍ରୀ'ର ଅତ୍ୟାଚାରରେ ଅତିଷ୍ଠ ହୋଇ ବାବାଜୀ ହୋଇଗଲା ବୋଧେ ! !

*ପ୍ଲଟ୍ ନଂ-୧୧୦, ସହିଦ ନଗର, ଭୁବନେଶ୍ୱର-୭*
*ଦୂରଭାଷ: ୮୦୧୮୩୩୨୫୩୦*

## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ

**ଗଳ୍ପ ସଂକଳନ**

- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ
- ଶେଷ ସାକ୍ଷାତ

**ଉପନ୍ୟାସ**

- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

**ସଂପାଦନା**

- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ



9437163002

ତନ୍ମାତ୍ର




# ଓଡ଼ିଆ ଚଳଚ୍ଚିତ୍ର "ଆଫା"

### -: ଆଫା :-

ଦର୍ଶକୀୟ ଆଦୃତି ଲାଭ କରିଥିବା ଚଳଚ୍ଚିତ୍ର 'ମାଇ ସୁଇଟ୍ ହାଉସ୍ ୱାଇଫ୍' ପରେ ସମ୍ପୃକ୍ତ ପ୍ରଯୋଜନା ସଂସ୍ଥା ପକ୍ଷରୁ ପୁଣି ଥରେ ମୁକ୍ତିଲାଭ କରିବାକୁ ଯାଉଛି ଚଳଚ୍ଚିତ୍ର 'ଆଫା'। ପୂର୍ବୋକ୍ତ ଚଳଚ୍ଚିତ୍ର ଭଳି ଏଥିରେ ମଧ୍ୟ ମୁଖ୍ୟ ଚରିତ୍ରରେ ନଜର ଆସିବେ ନୈନା ଦାଶ ଓ ପ୍ରୀତିରାଜ ଶତପଥୀ। ନିକଟରେ ଏ ଫିଲ୍ମର ସଂଗୀତ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। 'ଆଫା' ରେ ରହିଛି ଏକ ସମ୍ବେଦନଶୀଳ ପାରିବାରିକ କାହାଣୀ, ଯାହାର କେନ୍ଦ୍ରୀୟ ଚରିତ୍ରରେ ଅଛନ୍ତି ମା', ଝିଅ, ବାପା ଓ ଜେଜେବାପା। ଏହି ଚାରିଜଣଙ୍କ ଜୀବନଧାରାକୁ ନେଇ ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହେଉଥିବାବେଳେ ହଠାତ୍ ପରିବାର ଉପରକୁ ଏକ ଅପ୍ରତ୍ୟାଶିତ ବିପଦ ମାଡ଼ିଆସେ। ଏହାକୁ ସେମାନେ ଚାଲେଞ୍ଜ ଭାବରେ ନିଅନ୍ତି ଓ ସେମାନଙ୍କ ଭିତରେ ଥିବା ସ୍ନେହ, ଭଲପାଇବାର ରଜ୍ଜୁ ପୂର୍ବାପେକ୍ଷା ଆହୁରି ଶକ୍ତ ହୁଏ। ପରିବାର ଉପରକୁ ଯେତେବେଳେ ବିପଦ ଆସେ ତା'ର ସଦସ୍ୟଙ୍କ ଭିତରେ ଥିବା ଭଲପାଇବା, ବିଶ୍ୱାସ ଆହୁରି ଦୃଢ଼ ହୁଏ। ମନେପକାନ୍ତୁ, ଯେତେବେଳେ ଆମେ ଛୋଟ ଥିଲେ, ଆମ ଆଖିରେ ହଠାତ୍ କିଛି ଧୂଳି ମଇଳା ପଡ଼ିଗଲେ ଆମ ବାପା, ମା' କ'ଣ କରୁଥିଲେ ପିନ୍ଧିଥିବା ଲୁଗାକାନି କିମ୍ବା ଖଣ୍ଡେ ରୁମାଲକୁ ମୁହଁ ପାଖକୁ ନେଇ ସେଥିରେ ଗରମ ନିଃଶ୍ୱାସ ଛାଡ଼ି ଆମ ଆଖି ଉପରେ ଚପିରଖି 'ଆଫା' ବୋଲି କହୁନଥିଲେ କି ? ଏଇ 'ଆଫା' ଥିଲା ଆମ ପାଇଁ ବାପା, ମା'ଙ୍କ ପକ୍ଷରୁ ଏକ ଆଶ୍ୱାସନା- ତୋର କିଛି ହେବନି। ଆମେ ଅଛୁ। 'ଆଫା' ର କାହାଣୀ ମଧ୍ୟ ପାରିବାରିକ ସ୍ନେହ, ଶ୍ରଦ୍ଧାର ଏକ ବଡ଼ ଆଶ୍ୱାସନା, ଯାହା ଦର୍ଶକଙ୍କୁ ଭଲ ଲାଗିବ ବୋଲି ଆଶା କରିଛି ପ୍ରଯୋଜନା ସଂସ୍ଥା।

ବ୍ୟାନର:- ମାଇଁଷ୍ଟିକ କ୍ଲ କ୍ଲାପସ୍, ପ୍ରଯୋଜନା:- ପ୍ରୀତିରାଜ ଶତପଥୀ ଓ ନୈନା ଦାଶ ତିୱାରୀ। ନିର୍ଦ୍ଦେଶନା:- ପ୍ରୀତିରାଜ ଶତପଥୀ, ସଙ୍ଗୀତ:- ପ୍ରେମ ଆନନ୍ଦ, ଭୂମିକାରେ: କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ସିଦ୍ଧାର୍ଥ ତିୱାରୀ, ମୀରା ଝଞ୍ଜା ଦାସ, ସ୍ୱସ୍ତିକ ଚୌଧୁରୀ, ରବି ମିଶ୍ର, ଧରିତ୍ରୀ ଖଣ୍ଡୁଆଳ, ରାକେଶ କୁମାର ବାରିକ, ଶ୍ରିୟା, ଶ୍ରାବଣୀ ପ୍ରମୁଖ। ଶିଶୁ କଳାକାର:- ଅନମୋଲ ପତି ଓ ମିଭାନ୍ ସିଦ୍ଧାର୍ଥ ତିୱାରୀ।

### -: ମୁରବୀ :-

ମେଣ୍ଟିସ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ 'ମୁରବୀ' ଚିତ୍ରରେ ଦେଖିବାକୁ ମିଳିବ ଗଭୀର ଭାବନାତ୍ମକ ଓ ପାରିବାରିକ କାହାଣୀ। ଏହି ଚଳଚ୍ଚିତ୍ର ପୀଢ଼ିଗତ ମୂଲ୍ୟବୋଧ, ନେତୃତ୍ୱ ଓ ପରିବାରର ଏକତାକୁ ବେଶ୍ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରୁଛି। ମୁରବୀ ହେଉଛନ୍ତି ପରିବାରର ମୁଖ୍ୟ। ଅର୍ଥାତ୍ ପରିବାରକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ସହିତ ଅନୁଶାସନର ପାଠ ପଢ଼ାଉଥିବା ଜଣେ ସମ୍ମାନାସ୍ପଦ ବ୍ୟକ୍ତି। ଏହି ଚଳଚ୍ଚିତ୍ର ସେପରି ଏକ କାହାଣୀ ଉପରେ ଆଧାରିତ। ଚଳଚ୍ଚିତ୍ରରେ ଦର୍ଶକ ଦେଖିବେ ଦୁଇଟି ପରିବାରର ମୁଖ୍ୟଙ୍କ କାହାଣୀ। ଜଣେ କଠୋର ଶାସନ ଓ ନିୟମରେ ବିଶ୍ୱାସ କରୁଥିବାବେଳେ ଅନ୍ୟ ଜଣେ ସ୍ନେହ, ମମତା ଓ ସ୍ୱାଧୀନତା ମାଧ୍ୟମରେ ପରିବାରକୁ ମଜବୁତ ଭାବେ ଗଢ଼ିଛନ୍ତି। ଦୁଇ ପରିବାରର ସଂଘର୍ଷ ମାଧ୍ୟମରେ ସଂପର୍କ ଓ ମୂଲ୍ୟବୋଧକୁ ନିଚ୍ଛକ ଭାବେ ଦର୍ଶାଯାଇଛି। 'ମୁରବୀ'ର ପ୍ରଯୋଜନା କରିଛନ୍ତି ବିଶାଳ ମୌର୍ଯ୍ୟ ଓ ଦେବୀ ପ୍ରସାଦ ଲେଙ୍କା। ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ସିଂହ ଓ ଶିଶିର କୁମାର ସାହୁ। ଗୀତ, ସଂଳାପ ଓ ଚିତ୍ରନାଟ୍ୟ- ପି. ସନ୍ତୋଷ, ସଙ୍ଗୀତ- ଅଗ୍ନିମିତା ବେହେରା। ଭୂମିକାରେ- କୁନା ତ୍ରିପାଠୀ, ଚୌଧୁରୀ ଜୟପ୍ରକାଶ ଦାସ, ବିଜୟନୀ ମିଶ୍ର, ଅଙ୍କିତା ମହାନ୍ତି, ବି. ଏମ୍. ବୈଶାଳୀ, ଉଦିତ ଗୁରୁ ଓ ପ୍ରସନ୍ନଜିତ ପ୍ରମୁଖ। ଚିତ୍ରଟି ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବ।

*ସୌଜନ୍ୟ- "ଚଳଚ୍ଚିତ୍ର ଜଗତ"*

ଖେଳ ଓ ଖେଳାଳୀ

# ଫୁଟ୍‌ବଲ ମହାକୁମ୍ଭ : ଫିଫା ବିଶ୍ୱକପ୍ ୨୦୨୬

ଆସନ୍ତା ଜୁନ୍ ୧୨ ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି ଫିଫା ବିଶ୍ୱକପ୍‌ର ୨୦୨୬ ସଂସ୍କରଣ। ୧୯୩୦ ରୁ ଆରମ୍ଭ ହୋଇଥିବା ଏଇ ପ୍ରତିଯୋଗିତା ୨୦୨୨ ମଧ୍ୟରେ ବାଇଶି ଥର ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ଥର ଖେଳିଥିବା ଏକମାତ୍ର ଦଳ ହେଲା ବ୍ରାଜିଲ ଯିଏ ୫ ଥର ବିଜୟୀ ହୋଇଛି। ବ୍ରାଜିଲକୁ ଛାଡ଼ିଦେଲେ ଜର୍ମାନୀ ଓ ଇଟାଲୀ ପ୍ରତ୍ୟେକ ଚାରିଥର ଲେଖାଏଁ, ଆର୍ଜେଣ୍ଟିନା ୩ ଥର, ଫ୍ରାନ୍ସ ଓ ବିଶ୍ୱକପ୍‌ର ପ୍ରଥମ ବିଜେତା ଉରୁଗୁଏ ଦୁଇଥର ଲେଖାଏଁ ଓ ଇଂଲଣ୍ଡ ଏବଂ ସ୍ପେନ୍ ଥରେ ଲେଖାଏଁ ବିଶ୍ୱକପ୍ ବିଜୟୀ ହୋଇଛନ୍ତି। ବିଶ୍ୱର ଏହି ସବୁଠାରୁ ମର୍ଯ୍ୟାଦାପୂର୍ଣ୍ଣ କ୍ରୀଡ଼ା ପ୍ରତିଯୋଗିତାକୁ ଗତ ୨୦୨୨ ରେ ପ୍ରାୟ ପାଞ୍ଚ ବିଲିୟନ ଦର୍ଶକ ଉପଭୋଗ କରିଥିଲେ ଏବଂ ଫ୍ରାନ୍ସ ଏବଂ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌କୁ ଉପଭୋଗ କରିଥିଲେ ୧.୫ ବିଲିୟନ ଦର୍ଶକ।

୨୦୧୭ ରେ ଫିଫାର ଅନୁମୋଦନ ପାଇଥିବା ଏବଂ ଫିଫାର ୨୦୨୩ ବୈଠକରେ ଗୃହୀତ ହୋଇଥିବା ପ୍ରସ୍ତାବ ଅନୁଯାୟୀ ଚଳିତ ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଛନ୍ତି ୪୮ଟି ଦଳ ଯେଉଁମାନେ କି ରାଉଣ୍ଡ ରବୀନ୍ ଲିଗ୍ ପର୍ଯ୍ୟାୟରେ ୧୨ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ଖେଳିବା ପରେ ପ୍ରତ୍ୟେକ ଗ୍ରୁପ୍‌ରୁ ଶ୍ରେଷ୍ଠ ଦୁଇଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏହି ଚବିଶଟି ଦଳ ସହ ଯୋଗଦେବେ ଗ୍ରୁପ୍‌ମାନଙ୍କରେ ୩ୟ ସ୍ଥାନ ହାସଲ କରିଥିବା ଅନ୍ୟ ୮ଟି ଶ୍ରେଷ୍ଠ ଦଳ। ଏହିଭଳି ୩୨ଟି ଦଳକୁ ନେଇ ନକ୍ ଆଉଟ୍ ଭିତ୍ତିରେ ଖେଳାଯିବ ପରବର୍ତ୍ତୀ ପର୍ଯ୍ୟାୟ। ଆମେରିକା, ମେକ୍ସିକୋ ଓ କାନାଡ଼ାରେ ଖେଳା ହେଉଥିବା ଏଇ ପ୍ରତିଯୋଗିତା ଅନୁଷ୍ଠିତ ହେବ ୧୬ଟି ସହରରେ ଏବଂ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ଆମେରିକାର ନ୍ୟୁ ଜର୍ସିଠାରେ।

ନିମ୍ନମତେ ପ୍ରତ୍ୟେକ ଜୋନରୁ ୪୮ଟି ଦେଶ ପ୍ରତିଯୋଗିତାରେ ଅନ୍ତର୍ଭୁକ୍ତ ହୋଇଛନ୍ତି।

**ଆମେରିକା ଜୋନ:-** କାନାଡ଼ା, ମେକ୍ସିକୋ, ଯୁକ୍ତରାଷ୍ଟ୍ର ଆମେରିକା (୩ଟି ଦଳ)

**ଏସିଆ ଜୋନ:-** ଅଷ୍ଟ୍ରେଲିଆ, ଇରାନ, ଜାପାନ, ଜୋର୍ଡନ, ଉତ୍ତର କୋରିଆ, କାତାର, ସାଉଦି ଆରବ, ଉଜବେକିସ୍ତାନ, ଇରାକ (୯ଟି ଦଳ)

**ଆଫ୍ରିକା ଜୋନ୍:-** ଆଲଜେରିଆ, କାବୋ ଭେର୍ଡେ, କଙ୍ଗୋ ରିପବ୍ଲିକ୍, କୋଟ ଡି ଭଏର, ଇଜିପ୍ଟ, ଘାନା, ମରକକୋ, ସେନେଗାଲ, ଦକ୍ଷିଣ ଆଫ୍ରିକା, ଟ୍ୟୁନିସିଆ (୧୦ଟି ଦଳ)

**କେନ୍ଦ୍ର ଉତ୍ତର ଆମେରିକା:-** କ୍ୟୁରକାଓ, ହାଇତି, ପାନାମ (୩ ଦଳ)

**ଦକ୍ଷିଣ ଆମେରିକା ଜୋନ୍:-** ଆର୍ଜେଣ୍ଟିନା, ବ୍ରାଜିଲ, କଲମ୍ବିଆ, ଇକ୍ୟୁଡେର, ପାରାଗୁଏ, ଉରୁଗୁଏ (୬ ଟି ଦଳ)

**ଓସିଆନିଆ ଜୋନ:-** ନ୍ୟୁଜିଲାଣ୍ଡ (ଗୋଟିଏ ଦଳ)

**ଇଉରୋପ ଜୋନ:-** ଅଷ୍ଟ୍ରିଆ, ବେଲଜିୟମ, ବୋସନିଆ-ହେର୍ଜୋଗୋଭିନା, କ୍ରୋଏସିଆ, ଚେକୋସ୍ଲୋଭାକିଆ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡସ, ନରୱେ, ପର୍ତ୍ତୁଗାଲ, ସ୍କଟଲାଣ୍ଡ, ସ୍ପେନ, ସ୍ୱିଜରଲାଣ୍ଡ, ତୁର୍କୀ (୧୬ଟି ଦଳ)

ଉପରୋକ୍ତ ୪୫ଟି ଦଳକୁ ବାଦ୍ ଦେଲେ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ୩ଟି ଦେଶ ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡ଼ା ମଧ୍ୟ ପ୍ରତିଯୋଗିତାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ପ୍ରଣିଧାନ ଯୋଗ୍ୟ ଯେ ୪ ଥର ବିଶ୍ୱକପ୍ ବିଜୟୀ ହୋଇଥିବା ଇଟାଲୀ ଦଳ ୨୦୨୨ ପରେ ଆଉ ଥରେ ଯୋଗ୍ୟତା ପର୍ଯ୍ୟାୟରେ ବିଫଳ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି। ଚଳିତ ପ୍ରତିଯୋଗିତାରେ ନିମ୍ନମତେ ଦଳମାନଙ୍କୁ ୧୨ଟି ଗ୍ରୁପ୍‌ରେ ସ୍ଥାନିତ କରାଯାଇଛି।

| (ଗ୍ରୁପ୍ -୧) | (ଗ୍ରୁପ୍-୨) | (ଗ୍ରୁପ୍-୩) |
|---|---|---|
| ମେକ୍ସିକୋ | କାନାଡ଼ା | ବ୍ରାଜିଲ |
| ଦକ୍ଷିଣ ଆଫ୍ରିକା | ବୋସନିଆ | ମରକ୍କୋ |
| ଦକ୍ଷିଣ କୋରିଆ | କାତାର | ହାଇତି |
| ଚେକୋସ୍ଲୋଭାକିଆ | ସ୍ୱିଜରଲାଣ୍ଡ | ସ୍କଟଲାଣ୍ଡ |

| (ଗ୍ରୁପ୍-୪) | (ଗ୍ରୁପ୍-୫) | (ଗ୍ରୁପ୍-୬) |
|---|---|---|
| ଆମେରିକା | ଜର୍ମାନୀ | ନେଦରଲାଣ୍ଡସ |
| ପାରାଗୁଏ | କୁରାକାଓ | ଜାପାନ |
| ଅଷ୍ଟ୍ରେଲିଆ | ଆଇଭରି କୋଷ୍ଟ | ସ୍ୱିଡେନ |
| ତୁର୍କୀ | ଇକ୍ୟୁଏଡର | ଟ୍ୟୁନିସିଆ |

| (ଗ୍ରୁପ୍ -୭) | (ଗ୍ରୁପ୍-୮) | (ଗ୍ରୁପ୍-୯) | (ଗ୍ରୁପ୍-୧୦) | (ଗ୍ରୁପ୍-୧୧) | (ଗ୍ରୁପ୍-୧୨) |
|---|---|---|---|---|---|
| ବେଲଜିୟମ | ସ୍ପେନ | ଫ୍ରାନ୍ସ | ଆର୍ଜେଣ୍ଟିନା | ପର୍ତ୍ତୁଗାଲ | ଇଂଲଣ୍ଡ |
| ଇଜିପ୍ଟ | କେପ ଭର୍ଦେ | ସେନେଗାଲ | ଆଲଜେରିଆ | କଙ୍ଗୋ | କ୍ରୋଏସିଏ |
| ଇରାନ | ସାଉଦି ଆରବ | ଇରାକ୍ | ଅଷ୍ଟ୍ରିଆ | ଉଜବେକିସ୍ତାନ | ଘାନା |
| ନ୍ୟୁଜିଲାଣ୍ଡ | ଉରୁଗୁଏ | ନରୱେ | ଜୋର୍ଡାନ | କଲମ୍ବିଆ | ପାନାମା |

ବାରଟି ଗ୍ରୁପରୁ ଆଶା କରାଯାଏ ଏଇ ଚବିଶଟି ଦଳ ପ୍ରତ୍ୟେକ ଗ୍ରୁପର ଶ୍ରେଷ୍ଠ ଦୁଇ ଦଳ ଭାବରେ ପ୍ରବେଶ କରିବେ ପରବର୍ତ୍ତୀ ପର୍ଯ୍ୟାୟରେ।

ମେକ୍ସିକୋ, ଦକ୍ଷିଣ ଆଫ୍ରିକା, କାତାର, ସ୍ୱିଜରଲାଣ୍ଡ, ବ୍ରାଜିଲ, ମରକୋ, ପାରାଗୁଏ, ତୁର୍କୀ, ଜର୍ମାନୀ, ଇକୁଏଡର, ନେଦରଲାଣ୍ଡ, ସ୍ୱିଡେନ, ବେଲଜିୟମ, ଇରାନ, ସ୍ପେନ, ଉରୁଗୁଏ, ଫ୍ରାନ୍ସ, ସେନେଗାଲ, ଆର୍ଜେଣ୍ଟିନା, ଆଲଜେରିଆ, ପର୍ତ୍ତୁଗାଲ, ଉତବେକିସ୍ତାନ, ଇଂଲଣ୍ଡ, କ୍ରୋଏସିଆ।

ତୃତୀୟ ସ୍ଥାନ ହାସଲ କରିଥିବା ନିମ୍ନୋକ୍ତ ଶ୍ରେଷ୍ଠ ୮ଟି ଦଳଙ୍କର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିବାର ସମ୍ଭାବନା ମଧ୍ୟ ଅଛି।

ଦକ୍ଷିଣ ଆଫ୍ରିକା, ସ୍କଟଲାଣ୍ଡ, ଆମେରିକା, ଜାପାନ, ଇଜିପ୍ଟ, ସାଉଦି ଆରବ, ଅଷ୍ଟ୍ରିଆ, ପାନା।

ନକ୍ ଆଉଟ୍ ପର୍ଯ୍ୟାୟରୁ କ୍ୱାର୍ଟର ଫାଇନାଲ ସ୍ତରକୁ ଉନ୍ନୀତ ହେବାକୁ ଥିବା ସମ୍ଭାବ୍ୟ ଦଳ ମଧ୍ୟ ନିମ୍ନମତେ ହୋଇପାରନ୍ତି-

ବ୍ରାଜିଲ, ଜର୍ମାନୀ, ଫ୍ରାନ୍ସ, ବେଲଜିୟମ, ସ୍ପେନ୍, ଆର୍ଜେଣ୍ଟିନା, ପର୍ତ୍ତୁଗାଲ, ଇଂଲଣ୍ଡ।

କ୍ରୋଏସିଆ, ଜାପାନ, ମରକୋ ଓ ସେନେଗାଲ ମଧ୍ୟ ଏହି ୮ ଜଣିଆ ଦୌଡ଼ରେ ସାମିଲ ହେବାର ସମ୍ଭାବନା ରହିଛି। ଯଦି ନକ୍ ଆଉଟ୍ ପର୍ଯ୍ୟାୟରେ କିଛି ଅପ୍ରତ୍ୟାଶିତ ବିଜୟ ପରାଜୟ ଘଟିଯାଏ। ଜର୍ମାନୀ ଦଳ ନବଗଠିତ ହୋଇଥିବାରୁ ଏହାଠାରୁ ବହୁତ କିଛି ଭଲ ଆଶା କରାଯାଏନାହିଁ।

ଉତ୍ସୁକତାର ସହିତ ସମସ୍ତେ ଅପେକ୍ଷା କରିଛନ୍ତି ପ୍ରତିଯୋଗିତାର ଉଦ୍‌ଘାଟନକୁ।


ପ୍ରକାଶ ପାଇଲା !

**ରବିନାରାୟଣ ନନ୍ଦ ଙ୍କ**

**ସଦ୍ୟ ରଚିତ ସଂକଳନ**







ପ୍ରକାଶକ:-

peninbooks

ଗଳ୍ପ ସଂକଳନ
ମୂଲ୍ୟ:- ୨୨୯/-

ପେନ୍ ଇନ୍ ବୁକ୍ସ
(ପୁସ୍ତକ ଦୁଇଟି ଆମାଜନ୍‌ରେ ଉପଲବ୍ଧ)

କବିତା ସଂକଳନ
ମୂଲ୍ୟ:- ୨୩୯/-

**The Samaroha** April - 2026, Vol. - 35, Issue - 7

Postal Regd. No. CK (C)/91/2024-2026

RNI Regd. No. : 034056/1981


# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


**₹ 20/-**

Date of Publication : 16.04.2026
Facebook: The Samaroha
E-mail: thesamaroha@gmail.com, Website: www.samaroha.in